# ଧରିତ୍ରୀ
DHARITRI

ବୁଧବାର, ମେ ୧୩/୨୦୨୦ (୨୦ ପୃଷ୍ଠା) | Wednesday, May 13/2020

୪୬ଶ ଭାଗ ୧୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**୨ ମାସ ପରେ ଘରୁ ବାହାରିଲେ ପ୍ରିୟଙ୍କା**

ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ଦୀର୍ଘ ୨ ମାସ ପରେ ଘରୁ ବାହାରିଛନ୍ତି। ମୁହଁରେ ମାସ୍କ ପିନ୍ଧିଥିବା ଏକ ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

୧୧ | ୨୦

**ଫେରାରି ଛାଡ଼ିବେ ଭେଟେଲ**

ଚାରିଥର ଫର୍ମୁଲା-୧ ବିଶ୍ୱ ଚାମ୍ପିୟନ ଜର୍ମାନୀର ସେବାଷ୍ଟିଆନ୍ ଭେଟେଲ ୨୦୨୦ ସିଜନ ଶେଷରେ ଫେରାରି ଟିମ୍ ଛାଡ଼ିବେ ବୋଲି କହିଛନ୍ତି।



## ପୋଲିସ କ୍ୟାଣ୍ଟିନ୍‌ରେ ବଳାତ୍କାର ଶିକାର ମହିଳାଙ୍କ ମୃତ୍ୟୁ

### ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ମାଲକାନଗିରି,୧୨।୫(ଡି.ଏନ୍.ଏ.):** ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପୋଲିସ କ୍ୟାଣ୍ଟିନ୍‌ରେ କାମ କରୁଥିବା ଜଣେ ଆଦିବାସୀ ମହିଳା ବଳାତ୍କାରର ଶିକାର ହୋଇଥିଲେ। ମଙ୍ଗଳବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ପ୍ରଥମେ ମାଲକାନଗିରି ଜିଲା ଚିକିତ୍ସାଳୟ ଓ ପରେ କୋରାପୁଟ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ରାତିରେ ତାଙ୍କୁ ବ୍ରହ୍ମପୁର ନେଉଥିବା ବେଳେ ରାୟଗଡ଼ା ନିକଟରେ ତାଙ୍କର ମୃତ୍ୟୁ ଘଟିଛି। ଖବରରୁ ଜଣାପଡ଼ିଛି ମହିଳା ଜଣକ ପୋଲିସ କ୍ୟାଣ୍ଟିନରେ ଦୀର୍ଘଦିନ ଧରି କାମ କରିଆସୁଥିଲେ। ଗତ ୭ରେ କ୍ୟାଣ୍ଟିନ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ମହିଳାଙ୍କ ଦେହ ଖରାପ ଥିବା ନେଇ ତାଙ୍କ ସ୍ୱାମୀଙ୍କୁ ଖବର ଦେଇଥିଲେ। ପରେ ପୀଡ଼ିତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ତ୍ରୀଙ୍କ ଶରୀରରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ବଳାତ୍କାର କରାଯାଇଥିବା ସେ ଆଶଙ୍କା କରୁଛନ୍ତି। ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଆଦର୍ଶ ଥାନା ଭାରପ୍ରାପ୍ତ ନିରୀକ୍ଷକ ରାମପ୍ରସାଦ ନାଗ କହିଛନ୍ତି। କୋରାପୁଟ ଡିଆଇଜି ସଫିନ୍ ଅହମ୍ମଦ ଏସମ୍ପର୍କରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଅସୁସ୍ଥ ଅବସ୍ଥାରେ ସମ୍ପୃକ୍ତା ମହିଳାଙ୍କୁ ଘରୁ ଉଦ୍ଧାର କରାଯାଇଥିଲା। ପୋଲିସ ଘଟଣାକୁ ଗୁରୁତର ସହ ନେଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସହ ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ କରୁଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) ଏହି ମାମଲାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ଜୁନ ୯ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ମାଲକାନଗିରି ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଦାଖଲ ହେବା ପରେ ପରବର୍ତ୍ତୀ ଶୁଣାଣି ହେବ। ସାମାଜିକ କର୍ମୀ ନମ୍ରତା ଚଢ଼ା ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି।


**ଆଜିର ସମ୍ପାଦକୀୟ**

ଖାଦ୍ୟ ବିପ୍ଳବ


## ଗ୍ରୀନ୍ ଜୋନ୍‌ରେ ଗଡ଼ିବ ବସ୍

### ଯାତ୍ରୀ ଦେବେ ଦୁଇଗୁଣା ଭଡ଼ା



- ଜରୁରୀ ଯାତ୍ରୀ ବର୍ଦ୍ଧିତ ଭଡ଼ା ଦେଇ ଯିବେ: ମନ୍ତ୍ରୀ
- ଗ୍ରୀନ୍‌ରୁ ରେଡ୍ ଜୋନ୍‌କୁ ବସ୍ ଚାଲିବା ନେଇ ସ୍ପଷ୍ଟ କରନ୍ତୁ ସରକାର: ସଂଘ
- ସରକାରୀ କର୍ମଚାରୀଙ୍କ ପାଇଁ ଆଜି ଠାରୁ କଟକ-ଭୁବନେଶ୍ୱର ଚାଲିବ ବସ୍
- ଭଡ଼ା ୩୦ ଟଙ୍କା

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

ଲକ୍‌ଡାଉନ୍ ଯୋଗୁ ଯାନବାହନ ଚଳାଚଳ ବନ୍ଦ ରହିଛି। ଲୋକମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆସିବା କରିପାରୁ ନାହାନ୍ତି। କଟକଣା କୋହଳ ହେବା ପରେ ରାଜ୍ୟ ସରକାର ଯାତ୍ରୀ ପରିବହନ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛନ୍ତି। କେବଳ ଗ୍ରୀନ୍ ଜୋନ୍‌ରେ ବସ୍ ଚଳାଚଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ବସ୍‌ଗୁଡ଼ିକ କିପରି ଚାଲିବ, ଭଡ଼ା କେତେ ହେବ ସେ ନେଇ ପରିବହନ ବିଭାଗ ପକ୍ଷରୁ ଏକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗ୍ରୀନ୍ ଜୋନ୍‌ରେ ଚାଲିବାକୁ ଥିବା ବସ୍ ଭଡ଼ା ଦ୍ୱିଗୁଣିତ କରାଯାଇଛି। ସାମାଜିକ ଦୂରତ୍ୱ ରକ୍ଷା କରି ବସ୍‌ରେ ଅଧା ଯାତ୍ରୀ ଯାତାୟାତ କରିବେ। ଏଥିଯୋଗୁ ଘରୋଇ ବସ୍ ମାଲିକମାନଙ୍କର କ୍ଷତି ହେବାର ଆଶଙ୍କା ରହିଛି। ସେମାନଙ୍କର ଯେପରି କ୍ଷତି ନ ହେବ ସେଥିପାଇଁ ଭଡ଼ାକୁ ଦୁଇଗୁଣ ବୃଦ୍ଧି କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ବେଳେ କେତେକ ଜିଲା ଗ୍ରୀନ୍ ଜୋନ୍‌ରେ ଥିବା ବେଳେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍‌ରେ ସେଗୁଡ଼ିକ ରେଡ୍ ଜୋନ୍ ପରିସରଭୁକ୍ତ ହୋଇଛି। ଏପରି ସ୍ଥଳେ ବସ୍ ଚଳାଚଳ କରିବା ନେଇ ବାଧା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ, ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଯେଉଁ ବସ୍ ମାଲିକମାନେ ଏହା ସହିତ ଏକମତ ହେବେ ସେମାନେ ବସ୍ ଚଲାଇବେ। ବସ୍‌ରେ କମ୍ ଯାତ୍ରୀ ଯିବା ଆସିବା କରୁଥିବାରୁ ଭଡ଼ାକୁ ଦ୍ୱିଗୁଣିତ କରାଯାଇଛି। ଯେଉଁମାନଙ୍କର ଜରୁରୀ କାମ ଥିବ ସେମାନେ ଏହି ଭଡ଼ା ଦେଇ ଯାତାୟାତ କରିପାରିବେ। ଗ୍ରୀନ୍ ☞ପୃଷ୍ଠା-୪

# ୨୦ ଲକ୍ଷ କୋଟିର ପ୍ୟାକେଜ

## ନୂଆ ନିୟମ ନେଇ ଆସିବ ଲକ୍‌ଡାଉନ୍ ୪

**ନୂଆଦିଲ୍ଲୀ,୧୨।୫(ପି.ଟି.)**

କରୋନା ଭାଇରସ୍ ସଂକ୍ରମଣର ମୁକାବିଲା ପାଇଁ ଜାରି ହୋଇଥିବା ଲକ୍‌ଡାଉନ୍ ଯୋଗୁ ଦେଶର ଅର୍ଥନୀତି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଅର୍ଥନୀତିକୁ ସଜାଡ଼ିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଏକ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜର ଘୋଷଣା କରିଛନ୍ତି। ପୂର୍ବ ଘୋଷିତ ପ୍ୟାକେଜଗୁଡ଼ିକୁ ମିଶାଇଲେ ଏହାର ପରିମାଣ ୨୦ ଲକ୍ଷ କୋଟି ଟଙ୍କା ହେବ, ଯାହାକି ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧୦% ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଭାରତକୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ଉଦ୍ଦିଷ୍ଟ ଏହି ପ୍ୟାକେଜର ବିସ୍ତୃତ ତଥ୍ୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବୁଧବାରଠାରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରଦାନ କରିବେ। ଏହି ପ୍ୟାକେଜ ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଏବଂ କ୍ଷୁଦ୍ର ବ୍ୟବସାୟୀ ତଥା ଦାଦନ ଶ୍ରମିକମାନଙ୍କ ସମସ୍ୟା ଦୂର କରିବ। ସେହିପରି ମେ ୧୮ରୁ ନୂଆ ଗାଇଡ୍‌ଲାଇନ୍ ସହ ଲକ୍‌ଡାଉନ୍ ୪ ଆରମ୍ଭ ହେବ। ଏହି ପର୍ଯ୍ୟାୟ ତାଲାବନ୍ଦରେ ଆହୁରି କେତେକ କଟକଣା କୋହଳ କରାଯିବ। ଏସମ୍ପର୍କିତ ତଥ୍ୟ ନେଇ ଦେଶବାସୀଙ୍କୁ ୧୮ ତାରିଖ ପୂର୍ବରୁ ଅବଗତ କରାଯିବ ବୋଲି ପ୍ରଧାନମନ୍ତ୍ରୀ ସଙ୍କେତ ଦେଇଛନ୍ତି।

### ଜାତି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା

- ମେ ୧୮ ପୂର୍ବରୁ ଦିଆଯିବ ସୂଚନା
- ନିୟମ ପାଳନ କରିବା ସହ ଆଗକୁ ବଢ଼ିବା
- ଆର୍ଥିକ ପ୍ୟାକେଜରେ ଉପକୃତ ହେବେ ବିଭିନ୍ନ ବର୍ଗ
- ଏହା ଭାରତର ବିକାଶ ଯାତ୍ରାକୁ ନୂଆ ଗତି ପ୍ରଦାନ କରିବ



ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ମେ ୧୭ରେ ଶେଷ ହେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆର୍ଥିକ ଗତିବିଧିକୁ ବଳ ଦେବା ନେଇ ଆଲୋଚନା କରିଥିଲେ। ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବା ପାଇଁ ଏହି ବାର୍ତ୍ତାରେ କିଛି ନୂଆ ଘୋଷଣା ହୋଇପାରେ ବୋଲି ଏଥିରୁ ଜଣାପଡୁଥିଲା। ସେ ମଙ୍ଗଳବାର ରାତି ୮ଟାରେ ଟେଲିଭିଜନ ଜରିଆରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି। କରୋନା ଭାଇରସ୍‌ର ମୁକାବିଲା ପାଇଁ ଜାତି ଉଦ୍ଦେଶ୍ୟରେ ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ପଞ୍ଚମ ବାର୍ତ୍ତା। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ୪ ମାସରୁ ଅଧିକ ସମୟ ଧରି ବିଶ୍ୱବାସୀ ଏକ ବିଚିତ୍ର ସମୟ ଦେଇ ଗତି କରୁଛନ୍ତି। କୋଭିଡ୍-୧୯ ଭାଇରସ୍ ବିଶ୍ୱର ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସଂକ୍ରମିତ କରିଥିବାବେଳେ ପ୍ରାୟ ୩ ଲକ୍ଷ ମୃତ୍ୟୁ ମୁଖକୁ ଠେଲିହୋଇ ଯାଇଛନ୍ତି। ଏଥିଯୋଗୁ ଭାରତର ଅନେକ ପରିବାର ନିଜ ଆତ୍ମୀୟସ୍ୱଜନଙ୍କୁ ହରାଇଛନ୍ତି। ସମସ୍ତଙ୍କ ପ୍ରତି ସମବେଦନା ଜଣାଇବା ସହ ସେ କହିଛନ୍ତି, ଗୋଟିଏ ଭାଇରସ୍ ବିଶ୍ୱର ଅନେକ କ୍ଷତି କରିସାରିଲାଣି। ସାରା ବିଶ୍ୱ ଜୀବନ ବଞ୍ଚାଇବା ପାଇଁ ଏକପ୍ରକାର ଯୁଦ୍ଧ ଲଢୁଛି। ଆମେ ଏପରି ସଙ୍କଟ କେବେ ଦେଖି ନ ଥିଲେ କି ଶୁଣି ନ ଥିଲେ। ସମଗ୍ର ମାନବ ଜାତି ପାଇଁ ଏହି ସଙ୍କଟ ଅକଳ୍ପନୀୟ ଓ ଅଭୂତପୂର୍ବ। କିନ୍ତୁ ଆମେ ହାରିଯିବା ନାହିଁ। ଏବେ ବଞ୍ଚିବାର ଅଛି ଓ ଆଗକୁ ବଢ଼ିବାର ଅଛି। ଏବେ ସଙ୍କଟ ବେଳେ ସଂକଳ୍ପକୁ ଦୃଢ଼ତର କରିବାକୁ ପଡ଼ିବ। ଆମେ ବିଗତ ଶତାବ୍ଦୀରୁ ଶୁଣିଆସିଛେ ଯେ, ଏକବିଂଶ ଶତାବ୍ଦୀ ଭାରତର। କରୋନା ଯୋଗୁ ବିଶ୍ୱକୁ ବ୍ୟାପକ ଭାବେ ଦେଖିବାର ସୁଯୋଗ ମିଳିଲା। ଭାରତୀୟ ଦୃଷ୍ଟିକୋଣରୁ ଦେଖିଲେ ଏକବିଂଶ ଶତାବ୍ଦୀ ଭାରତର ସ୍ୱପ୍ନକୁ ପୂରଣ କରିବା ସହ ଦେଶକୁ ଅଧିକ ଦାୟିତ୍ୱସମ୍ପନ୍ନ କରିବ। ଏହାର ମାର୍ଗ କେବଳ ଗୋଟିଏ। ତାହା ହେଉଛି ଆତ୍ମନିର୍ଭରଶୀଳ ଭାରତ। ଭାରତ ଏକ ରାଷ୍ଟ୍ର ଭାବେ ଛିଡ଼ାହୋଇ ଗୋଟିଏ ସନ୍ଦେଶ ଦେଇଆସିଛି। କରୋନା ସଙ୍କଟ ଆରମ୍ଭ ହେବାବେଳେ ଭାରତରେ ଗୋଟିଏ ବି ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) କିଟ୍ ଏବଂ ଏନ୍-୯୫ ମାସ୍କ ତିଆରି ହେଉ ନ ଥିଲା। ଏବେ ଦେଶରେ ଦୈନିକ ୨ ଲକ୍ଷ ଲେଖାଏ ପିପିଇ କିଟ୍ ଏବଂ ଏନ୍-୯୫ ମାସ୍କ ଉତ୍ପାଦନ ହେଉଛି।

ଆଜି ବିଶ୍ୱରେ ଆତ୍ମନିର୍ଭରଶୀଳତାର ପରିଭାଷା ବଦଳିଯାଇଛି। ଅର୍ଥକୈନ୍ଦ୍ରିକ ବୈଶ୍ୱୀକରଣର ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଭାରତର ☞ପୃଷ୍ଠା-୪




ଯନ୍ତାଗାଡ଼ରେ ତୁମ୍ବରେ ପଇ (ସିଙ୍ଗଡ଼ା ବାଡ଼ିଆ) ସଂଯୋଗ ପରେ ଭୋଇମାନେ ନବନିର୍ମିତ ଚକକୁ ମଙ୍ଗଳବାର ପୁରୀ ରଥଖଳାକୁ ନେଉଛନ୍ତି।

## 'ଲୋକଙ୍କୁ କାମ ଯୋଗାଇବାକୁ ଯୋଜନା କର'

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

ଲକ୍‌ଡାଉନ ଯୋଗୁ ଦେଢ଼ମାସରୁ ଊର୍ଦ୍ଧ୍ୱ କାଳ ଧରି ଲୋକମାନେ ଘରେ ବସି ରହିଛନ୍ତି। ଏଭଳିସ୍ଥିତିରେ ଲୋକମାନଙ୍କୁ ଯେପରି ଅଧିକରୁ ଅଧିକ କାମ ଯୋଗାଇ ଦିଆଯାଇପାରିବ ସେନେଇ ନିଜ ଅଧୀନରେ ଥିବା ବିଭାଗଗୁଡ଼ିକରେ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିରିକ୍ତ ମୁଖ୍ୟଶାସନ ସଚିବ, ବିଭାଗୀୟ ସଚିବ, ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଖୁବଶୀଘ୍ର ୩ଟି ଅଧ୍ୟାଦେଶ ଆଣିବେ। ଏଥିସହିତ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ପାଇଁ ଅଧିକ ପାଣ୍ଠି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଭିଡିଓ କନଫରେନ୍ସ ଜରିଆରେ ରାଜ୍ୟର କୋଭିଡ ନିୟନ୍ତ୍ରଣ ଓ ଅର୍ଥନୈତିକ ପୁନରୁଦ୍ଧାର କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା ବେଳେ କହିଛନ୍ତି।

ବହୁ ସଂଖ୍ୟାରେ ପ୍ରବାସୀ ଓଡ଼ିଆ ରାଜ୍ୟକୁ ଫେରୁଛନ୍ତି। ବିଭିନ୍ନ ☞ପୃଷ୍ଠା-୪

### ବରିଷ୍ଠ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

- ୬ ଜିଲାର କୋଭିଡ୍ କେୟାର ସେଣ୍ଟର ଶଯ୍ୟା ସଂଖ୍ୟା ବୃଦ୍ଧି ପାଇବ
- କୃଷି ଅର୍ଥନୀତି ସୁଦୃଢ଼ ପାଇଁ ଆସିବ ୩ ଅଧ୍ୟାଦେଶ
- ଗ୍ରାମ୍ୟ ଅର୍ଥନୀତି ପାଇଁ ମିଳିବ ଅଧିକ ପାଣ୍ଠି
- କୋଭିଡ୍ ସ୍ୱେଚ୍ଛାସେବୀଙ୍କ ପାଇଁ ସଂକ୍ଷିପ୍ତ ସାର୍ଟିଫିକେଟ କୋର୍ସ



## ଆଉ ୨୩ ସଂକ୍ରମିତ

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

- ବାଲେଶ୍ୱରରେ ସର୍ବାଧିକ ୧୫
- ରାଜ୍ୟରେ ମୋଟ ଆକ୍ରାନ୍ତ ୪୩୭
- ସୁସ୍ଥ ହେଲେ ୩୧

ରାଜ୍ୟରେ ମଙ୍ଗଳବାର ଆଉ ୨୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ବାଲେଶ୍ୱରରେ ସର୍ବାଧିକ ୧୫ଜଣ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଗଞ୍ଜାମରେ ୪, ଯାଜପୁରରେ ୩ ଓ ପୁରୀ ଜିଲାରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୪୩୭ରେ ପହଞ୍ଚିଛି। ବାଲେଶ୍ୱର ଜିଲାରେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୩ଜଣ ସୁରଟ ଫେରନ୍ତା ହୋଇଥିବାବେଳେ ଜଣେ ପଶ୍ଚିମବଙ୍ଗ ଫେରନ୍ତା। ଏହାକୁ ମିଶାଇ ବାଲେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୭ ଛୁଇଁଛି। ☞ପୃଷ୍ଠା-୪

## ଆସୁଛି ବାତ୍ୟା | ତାମିଲନାଡୁ ଉପକୂଳ ଆଡ଼େ ମୁହାଁଇପାରେ

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଏବଂ ଆଣ୍ଡାମାନ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପର ରୂପ ନେବ। ଆସନ୍ତା ୧୫ ତାରିଖରେ ଏହା ଅବପାତ (ଡିପ୍ରେଶନ)ରେ ପରିଣତ ହେବ। ୧୭ ତାରିଖ ବେଳକୁ ଏହା ଆହୁରି ବଳ ଯୋଗାଡ଼ କରି ଭୟଙ୍କର ସାମୁଦ୍ରିକ ଝଡ଼ର ରୂପ ନେବ। ପ୍ରାଥମିକ ଆକଳନ ଅନୁଯାୟୀ ବାତ୍ୟା ପ୍ରଥମେ ପଶ୍ଚିମ ଉତ୍ତର-ଉତ୍ତର-ପଶ୍ଚିମ ଦିଗ ଦେଇ ଗତି କରିବ। ଏହା ପରେ ଦିଗ ବଦଳାଇ ଉତ୍ତର ପୂର୍ବ ଦିଗକୁ ଗତି କରିବ। ଆସନ୍ତା ୧୯ ତାରିଖରେ ବାତ୍ୟା ତାମିଲନାଡୁ-ଆନ୍ଧ୍ର ଏବଂ ଓଡ଼ିଶା ଉପକୂଳ ଦେଇ ସମାନ୍ତରାଳ ରେଖାରେ ଗତି କରିବା ସମ୍ଭାବନା ରହିଛି। ମେ ୧୯ କିମ୍ବା ୨୦ ତାରିଖରେ ବାତ୍ୟା ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ବର୍ଷା ସହିତ ୪୦ରୁ ୫୦ କି.ମି. ☞ପୃଷ୍ଠା-୪

# ସମୟ ପୂର୍ବରୁ ମିଳିପାରେ କରୋନା ଟିକା

**ନୂଆଦିଲ୍ଲୀ,୧୨।୫**

### ସ୍ପଷ୍ଟ କଲା ଡବ୍ଲ୍ୟୁଏଚ୍‌ଓ

- ଟିକା ପ୍ରସ୍ତୁତି ପାଇଁ ୧୨-୧୮ ମାସ ଲାଗିପାରେ ବୋଲି ଅନୁମାନ କରାଯାଉଥିଲା
- ୮ ବିଲିୟନ ଡଲାର ସହାୟତା ପ୍ରତିଶ୍ରୁତି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି
- ୧୦୦ରୁ ଊର୍ଦ୍ଧ୍ୱ ଟିମ୍ ନିୟୋଜିତ
- ସଫଳତାର ନିକଟତର ହେଲେଣି ୮ ଟିମ୍




ସାରା ବିଶ୍ୱରେ ପ୍ରାୟ ୨ ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ନେଇଥିବା ଏବଂ ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସଂକ୍ରମିତ କରିଥିବା ମହାମାରୀ କରୋନା(କୋଭିଡ୍-୧୯) କବଳରୁ ମୁକ୍ତି ପାଇଁ ସବୁ ଦେଶ ଚାହୁଁଛନ୍ତି। ଏଥିପାଇଁ ସମସ୍ତେ ସଂଗ୍ରାମ ଚଳାଇଛନ୍ତି। ହେଲେ ବିନା ଟିକାରେ ଏହି ଲଢ଼େଇ ଦୁର୍ବଳ ହୋଇପଡ଼ିଛି। କିନ୍ତୁ ଏକ ଖୁସି ଖବର ଯେ, ଅନୁମାନ କରାଯାଉଥିବା ସମୟ ପୂର୍ବରୁ ପ୍ରସ୍ତୁତ ହୋଇଯିବ କରୋନା ନିରୋଧୀ ଟିକା। ଏଥିପାଇଁ ଦ୍ରୁତଗତିରେ କାର୍ଯ୍ୟ ଚାଲିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଡାନୋମ୍ ଗେବ୍ରେଏସ୍ କହିଛନ୍ତି। ୭ରୁ ୮ଟି ଟିମ୍ କୋଭିଡ୍-୧୯ ଟିକା ପ୍ରସ୍ତୁତ କରିବାରେ ଅତି ନିକଟତର ହୋଇଛନ୍ତି ବୋଲି ଟେଡ୍ରୋସ୍ କହିଛନ୍ତି।

ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦକୁ ସୂଚନା ଦେଇ ଟେଡ୍ରୋସ୍ କହିଛନ୍ତି ଯେ, ଟିକା ପ୍ରସ୍ତୁତି ପାଇଁ ୧୨ରୁ ୧୮ମାସ ସମୟ ଲାଗିପାରେ ବୋଲି ୨ ମାସ ପୂର୍ବେ ଅନୁମାନ କରାଯାଇଥିଲା। ହେଲେ ଅନୁସନ୍ଧାନ, ଚିକିତ୍ସା ଏବଂ ପରୀକ୍ଷଣ ପାଇଁ ୪୦ ଦେଶର ନେତା, ସଂଗଠନ ଓ ବ୍ୟାଙ୍କ ପକ୍ଷରୁ ଏକ ସପ୍ତାହ ପୂର୍ବରୁ ମିଳିଥିବା ୭.୪ ବିଲିୟନ ୟୁରୋ (୮ ବିଲିୟନ ଡଲାର) ସାହାଯ୍ୟର ପ୍ରତିଶ୍ରୁତି ଯୋଗୁ ଟିକା ପ୍ରସ୍ତୁତି ପାଇଁ ତ୍ୱରିତ ପ୍ରୟାସ ଚାଲିଛି। କିନ୍ତୁ ୮ ବିଲିୟନ ଡଲାର ପର୍ଯ୍ୟାପ୍ତ ହେବ ନାହିଁ। ଟିକା ପ୍ରସ୍ତୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଅତିରିକ୍ତ ପାଣ୍ଠି ଆବଶ୍ୟକ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପର୍ଯ୍ୟାପ୍ତ ପରିମାଣର ଟିକା ପ୍ରସ୍ତୁତି ଜରୁରୀ। ଫଳରେ ସମସ୍ତଙ୍କ ନିକଟରେ ଟିକା ପହଞ୍ଚିବା ନିଶ୍ଚିତ ହୋଇପାରିବ ଏବଂ କେହି ସେଥିରୁ ବଞ୍ଚିତ ହେବେ ନାହିଁ। ଟେଡ୍ରୋସ କହିଛନ୍ତି, ଟିକା ପ୍ରସ୍ତୁତି ପାଇଁ ୧୦୦ରୁ ଊର୍ଦ୍ଧ୍ୱ ଟିମ୍ ☞ପୃଷ୍ଠା-୪



**ଆମେରିକାରେ ଖାଦ୍ୟ ସଙ୍କଟ**

କରୋନା ସଂକ୍ରମଣ ଯୋଗୁ ଆମେରିକାରେ ଖାଦ୍ୟ ସଙ୍କଟ ଦେଖାଦେଇଛି। ଗତ ୨ ମାସ ଧରି ଏଠାରେ ଖାଦ୍ୟ ସଙ୍କଟ ଉତ୍କଟ ହେବାରେ ଲାଗିଛି। ସମ୍ପ୍ରତି ଆମେରିକାର ସାଢ଼େ ୫ କୋଟି ଲୋକଙ୍କ ପାଖରେ ଖାଇବା ପାଇଁ ଖାଦ୍ୟ ନାହିଁ। ସେଥିମଧ୍ୟରୁ କେବଳ କରୋନା ସଂକ୍ରମଣ ଯୋଗୁ କୋଟିଏ ୭୦ ଲକ୍ଷରୁ ଅଧିକ ଲୋକ ଖାଦ୍ୟ ଅଭାବରୁ ଭୋକିଲା ରହିବାକୁ ବାଧ ହେଉଛନ୍ତି। ଏଭଳି ଲୋକଙ୍କ ସଂଖ୍ୟା ବର୍ତ୍ତମାନ ୪୬ ପ୍ରତିଶତରେ ପହଞ୍ଚିଛି।

# ରୁଷିଆରେ ଭୟଙ୍କର ସ୍ଥିତି

ୱାଶିଂଟନ/ ମସ୍କୋ/ ଲଣ୍ଡନ, ୧୨।୫

- ଦିନକରେ ୧୧ ହଜାରରୁ ଊର୍ଦ୍ଧ୍ୱ ନୂଆ ମାମଲା
- ବିଶ୍ୱରେ ଆକ୍ରାନ୍ତଙ୍କ ସଂଖ୍ୟା ୪୨.୯୭ ଲକ୍ଷ
- ପ୍ରାଣ ହରାଇଲେଣି ୨.୮୯ ଲକ୍ଷରୁ ବେଶି
- ଆମେରିକାରେ ୮୨ ହଜାରରୁ ଅଧିକ ମୃତ

ପ୍ରାଣଘାତୀ କରୋନା ଭୂତାଣୁ ବିଶ୍ୱକୁ ଆତଙ୍କିତ କରି ରଖିଛି। ଏହି ମହାମାରୀ ଯୋଗୁ ବିଶ୍ୱରେ ୪୨.୯୭ ଲକ୍ଷ ଲୋକ ଭୂତାଣୁ ଆକ୍ରାନ୍ତ ହୋଇଥିବା ବେଳେ ୨.୮୯ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ମଙ୍ଗଳବାର ୪୫ ହଜାର ଲୋକ କରୋନା ସଂକ୍ରମିତ ହୋଇଥିବା ବେଳେ ୨ ହଜାରରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି। ସବୁଠାରୁ ବଡ଼ କଥା ହେଉଛି ରୁଷିଆରେ ସଂକ୍ରମଣର ଉଗ୍ର ସ୍ଥିତି। ଗୋଟିଏ ଦିନରେ ଏଠାରେ ୧୦ ହଜାରରୁ ଊର୍ଦ୍ଧ୍ୱ ମାମଲା ସାମ୍ନାକୁ ଆସିଛି। ଗତ ୨ ଦିନ ହେବ ଦିନକରେ ୧୧ ହଜାର ଲୋକ ସଂକ୍ରମିତ ହେଉଥିବା ଜଣାପଡ଼ିଛି। ଏବେ ରୁଷିଆ ସର୍ବାଧିକ ଆକ୍ରାନ୍ତ ତାଲିକାର ତୃତୀୟ ସ୍ଥାନରେ ଥିବା ବ୍ରିଟେନକୁ ଟପିଛି। ଏବେ ରୁଷିଆରେ ସଂକ୍ରମିତଙ୍କ ସଂଖ୍ୟା ୨ ଲକ୍ଷ ୩୨ ହଜାରରୁ ଅଧିକ ଥିବା ଜଣାପଡ଼ିଛି। ମାତ୍ର ୨,୧୧୬ ବ୍ୟକ୍ତି ଏହି ଦେଶରେ ପ୍ରାଣ ହରାଇଥିଲେ ହେଁ କରୋନା ଆକ୍ରାନ୍ତଙ୍କ ତାଲିକା ଭୟଙ୍କର ଭାବେ ବଢ଼ିଚାଲିଛି। ଆମେରିକା, ସ୍ପେନ୍ ପରେ ରୁଷିଆରେ ସର୍ବାଧିକ କରୋନା ରୋଗୀ ଅଛନ୍ତି। ଫଳରେ ଏହାକୁ ନେଇ ଲୋକମାନେ ସେଠାରେ ଆତଙ୍କିତ ହୋଇପଡ଼ିଛନ୍ତି।

ଆମେରିକାରେ ଅଦ୍ୟାବଧି ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ୧୩.୯୧ ଲକ୍ଷ ଥିବାବେଳେ ୮୨,୦୯୬ ଜଣ ପ୍ରାଣ ହରାଇଲେଣି। ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ୫ ହଜାର ନୂଆ ମାମଲା ସାମ୍ନାକୁ ଆସିଛି। ଦ୍ୱିତୀୟରେ ରହିଥିବା ସ୍ପେନ୍‌ର ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନାହିଁ। ଏଠାରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୨.୬୯ ଲକ୍ଷରୁ ଅଧିକ ଥିବାବେଳେ ୨୬,୯୨୦ ଲୋକ ପ୍ରାଣ ହରାଇଲେଣି। ଚତୁର୍ଥ ସର୍ବାଧିକ ସଂକ୍ରମଣକାରୀ ଥିବା ବ୍ରିଟେନରେ ୩୨,୬୯୨ ବ୍ୟକ୍ତିଙ୍କ ଜୀବନ ଗଲାଣି। ଏଠାରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୨.୨୬ ଲକ୍ଷରୁ ଊର୍ଦ୍ଧ୍ୱ ରହିଛି। ଫ୍ରାନ୍ସ, ଜର୍ମାନୀ, ବ୍ରାଜିଲ, ତୁର୍କୀ, ଇରାନରେ ଲକ୍ଷାଧିକ କରୋନା ରୋଗୀ ଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି। ଫ୍ରାନ୍ସରେ ୨୬,୬୪୩, ଜର୍ମାନୀରେ ୭,୬୪୭, ବ୍ରାଜିଲରେ ୧୧,୭୦୧, ତୁର୍କୀରେ ୩,୮୪୧, ଇରାନରେ ୬,୭୩୩, ଚାଇନାରେ ୪,୬୩୩, ଭାରତରେ ୨,୩୫୫, ବେଲଜିୟମରେ ୮,୭୬୧, ନେଦରଲାଣ୍ଡ୍ସରେ ୫,୫୧୦, ମେକ୍ସିକୋରେ ୩,୫୭୩, ସ୍ୱିଡେନରେ ୩,୩୧୩ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। କ୍ରମଶଃ ସ୍ଥିତି ଉଗ୍ରରୂପ ଧାରଣ କରୁଥିବା ବେଳେ ମହାମାରୀରୁ ମୁକୁଳିବାର ବାଟ ଦେଖାଯାଉନାହିଁ। ସମସ୍ତେ ଆତଙ୍କ ଭିତରେ ରହିଛନ୍ତି।



ପ୍ରୟାଗରାଜ: ଦାଦନ ଶ୍ରମିକମାନେ ନିଜ ଗାଁକୁ ଯିବା ପାଇଁ ଏକ ଟ୍ରକ୍‌ରେ ବସିଛନ୍ତି।

## ସଂକ୍ଷେପରେ

### 'ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରନ୍ତୁ ମୋଦି'



ନୂଆଦିଲ୍ଲୀ,୧୨।୫ (ଆଇଏଏନ୍ଏସ୍): ଦେଶର ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନିୟମିତ ଭାବେ ଭେଟି ଆଲୋଚନା କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଂଗ୍ରେସ ପକ୍ଷରୁ ପରାମର୍ଶ ଦିଆଯାଇଛି। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ତଥା ଏଆଇସିସି କୋଷାଧକ୍ଷ ଅହମଦ ପଟେଲ କହିଛନ୍ତି ଯେ, ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରୁଛନ୍ତି। ଏହା ଆମର ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବ। ଏହି ବ୍ୟବସ୍ଥା ମହାମାରୀ ପରେ ମଧ ଜାରି ରହିବା ଉଚିତ ବୋଲି ସେ ଟୁଇଟ୍ କରିଛନ୍ତି।

### କୋମାରେ ଅଜିତ୍ ଯୋଗୀ



ରାୟପୁର,୧୨।୫: ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ୍ ଯୋଗୀ ଦୀର୍ଘ ୭୦ ଘଣ୍ଟା ଧରି କୋମାରେ ରହିଛନ୍ତି। ରାୟପୁରସ୍ଥିତ ଶ୍ରୀ ନାରାୟଣ ହସ୍ପିଟାଲରେ ତାଙ୍କ ଚିକିତ୍ସା ଜାରି ରହିଛି। ତାଙ୍କ ବ୍ରେନ୍‌କୁ ଆକ୍ଟିଭ୍ କରିବା ପାଇଁ ମ୍ୟୁଜିକ୍ ଥେରାପିର ସାହାରା ନିଆଯାଉଛି। ମଙ୍ଗଳବାର ବିଶ୍ୱ ନର୍ସିଂ ଦିବସ ଅବସରରେ ତାଙ୍କ ପାଇଁ ହସ୍ପିଟାଲର ନର୍ସମାନେ ପ୍ରାର୍ଥନା କରିଛନ୍ତି। ପୂର୍ବାହ୍ନ ୧୦ରେ ହସ୍ପିଟାଲ ପକ୍ଷରୁ ଅଜିତ୍‌ଙ୍କ ହେଲଥ୍ ବୁଲେଟିନ୍ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଅଜିତ୍‌ଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ତାଙ୍କର ହାର୍ଟ ବିଟ୍, ୟୁରିନ୍ ଆଉଟ୍‌ପୁଟ୍ ଏବଂ ରକ୍ତଚାପକୁ ନିୟନ୍ତ୍ରିତ କରାଯାଇଛି। ତେବେ ନ୍ୟୁରୋଲୋଜିକାଲ୍ ସ୍ଥିତି ସ୍ୱାଭାବିକ ହୋଇ ପାରିନାହିଁ। ଡାକ୍ତରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଥିବା ବୁଲେଟିନ୍‌ରେ କୁହାଯାଇଛି। ଇତିମଧରେ ରାଜ୍ୟପାଳ ଅନୁସୂୟା ୟୁଇକେ ଯୋଗୀଙ୍କୁ ଦେଖିବାକୁ ହସ୍ପିଟାଲରେ ପହଞ୍ଚିଛନ୍ତି। ସେହିପରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଜିତ୍‌ଙ୍କ ପୁଅ ଅମିତ ଯୋଗୀଙ୍କ ସହିତ ଫୋନ୍‌ରେ କଥାବାର୍ତ୍ତା କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ସୀମାରେ ଉଡ଼ିଲା ଚାଇନା ହେଲିକପ୍ଟର

ନୂଆଦିଲ୍ଲୀ, ୧୨।୫



- ପୂର୍ବ ଲଦାଖରେ ମାରୁଛି ପଇଁତରା
- ମୁହାଁମୁହିଁ ହୋଇଥିଲେ ଦୁଇଦେଶର ସେନା

ଭାରତ-ଚାଇନା ସୀମାର ପୂର୍ବ ଲଦାଖ ନିକଟରେ ଚାଇନାର ସେନା ହେଲିକପ୍ଟର ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ଗତ ମଙ୍ଗଳବାର ଦୁଇଦେଶର ପ୍ରାୟ ୨୫୦ ସେନା ପଙ୍ଗଓଙ୍ଗ ହ୍ରଦ ନିକଟରେ ପରସ୍ପର ମୁହାଁମୁହିଁ ହେବା ସହ ମୁଥ ମରାମରି ହୋଇଥିଲେ। ଉଭୟ ପକ୍ଷରୁ ଏକାଧିକ ସୈନ୍ୟ ଆହତ ମଧ ହୋଇଥିଲେ। ପରେ ଯଦିଓ ଉଭୟ ପକ୍ଷ ମଧ୍ୟରେ ଏନେଇ ସମାଧାନ ହୋଇଥିଲା, ତଥାପି ସେବେଠାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲା। ମଙ୍ଗଳବାର ଚାଇନାର ଏକ ସେନା ହେଲିକପ୍ଟର ପ୍ରକୃତ ନିୟନ୍ତ୍ରଣରେଖା ନିକଟରେ ପଇଁତରା ମାରୁଥିବା ଦେଖାଯାଇଥିଲା। ଭାରତୀୟ ବାୟୁସେନା ପକ୍ଷରୁ ଏଭଳି ସୂଚନା ଦିଆଯାଇଛି। ଏନେଇ ସତର୍କ ଦୃଷ୍ଟି ରଖାଯାଇଥିବା ସେନା ପକ୍ଷରୁ କୁହାଯାଇଛି। ତେବେ ଚାଇନା ସେନା ହେଲିକପ୍ଟର ନିୟମିତ ଭାବେ ଏହା କରିଥାଏ ବୋଲି ଦର୍ଶାଯାଇଛି।

ଗତ ଶନିବାର ସିକିମ ସେକ୍ଟରର ନାକୁ ଲା ପାସ୍ ସୀମାରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଦୁଇଦେଶର ୧୦ ସୈନ୍ୟ ଏଥିରେ ଆହତ ହୋଇଥିଲେ। ୨୦୧୭ରେ ଡୋକଲାମରେ ଦୁଇଦେଶର ସେନା ମଧ୍ୟରେ ଦୀର୍ଘ ୭୩ ଦିନ ଉତ୍ତେଜନା ପରିସ୍ଥିତି ଦେଖା ଦେଇଥିଲା। ଏହା ଦୁଇ ପରମାଣୁ ରାଷ୍ଟ୍ର ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରିଥିଲା। ପରେ ଆପୋସ ଆଲୋଚନା ଦ୍ୱାରା ଏହାର ସରଳ ସମାଧାନ କରାଯାଇଥିଲା। ଭାରତ-ଚାଇନା ସୀମାର ୩,୪୮୮ କି.ମି. ଚିହ୍ନଟ କରାଯାଇ ନ ଥିବାବେଳେ ଏହାକୁ ନେଇ ବିଭିନ୍ନ ସମୟରେ ଦୁଇଦେଶ ମଧ୍ୟରେ ବିବାଦ ଉପୁଜୁଛି। ଚାଇନା ଅରୁଣାଚଳକୁ ନିଜର ବୋଲି ଦାବିକରୁଥିବା ବେଳେ ଭାରତ ବିରୋଧ କରିଆସୁଛି। ସୀମା ବିବାଦର ସମାଧାନ ଏପର୍ଯ୍ୟନ୍ତ ହୋଇପାରୁନି।

## ମନୋଜ ଆହୁଜା ସିବିଏସ୍ଇ ଅଧକ୍ଷ





ନୂଆଦିଲ୍ଲୀ, ୧୨।୫: ୧୯୯୦ ଓଡ଼ିଶା କ୍ୟାଡର୍‌ର ଆଇଏଏସ୍ ଅଫିସର ମନୋଜ ଆହୁଜା ସିବିଏସ୍ଇ ଅଧକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ପୂର୍ବରୁ ସେ ଲାଲ୍ ବାହାଦୁର ଶାସ୍ତ୍ରୀ ନ୍ୟାଶନାଲ ଏକାଡେମି ଅଫ୍ ଆଡ୍‌ମିନିଷ୍ଟ୍ରେଶନର ସ୍ୱତନ୍ତ୍ର ନିର୍ଦ୍ଦେଶକ ଥିଲେ। ସେହିଭଳି ତାଙ୍କ ସ୍ତ୍ରୀ ଆରତି ଆହୁଜା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ପୂର୍ବରୁ ସେ ଓଡ଼ିଶା ସ୍ୱାସ୍ଥ୍ୟ ସଚିବ ଭାବେ କାର୍ଯ୍ୟ କରିଥିଲେ। ସିବିଏସ୍ଇ ଅଧକ୍ଷ ପଦରେ ଥିବା ଅନୀତା କର୍‌ୱାଲଙ୍କୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଗଣଶିକ୍ଷା ଓ ସାକ୍ଷରତା ବିଭାଗର ସଚିବ ଭାବେ କିଛିଦିନ ପୂର୍ବରୁ ବଦଳି କରାଯାଇଥିଲା।

## ସମ୍ବିତ୍‌ଙ୍କ ନାଁରେ ମାନହାନି ମାମଲା

କଲ୍ୟାଣ,୧୨।୫



ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ରଙ୍କ ବିରୋଧରେ ମହାରାଷ୍ଟ୍ରର ଜଣେ କଂଗ୍ରେସ ନେତା ମାନହାନି ମାମଲା ଦାଏର କରିଛନ୍ତି। ସମ୍ବିତ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ରାଜୀବ ଗାନ୍ଧୀଙ୍କ ବିରୋଧରେ ଟୁଇଟର୍‌ରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ କଂଗ୍ରେସ ନେତା ବ୍ରଜକିଶୋର ଦତ୍ତ ମଙ୍ଗଳବାର କଲ୍ୟାଣସ୍ଥିତ ମହାତ୍ମା ଫୁଲେ ଥାନାରେ ଏତଲା ଦେଇଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ସମ୍ବିତ୍ ଉଦ୍ଦେଶ୍ୟମୂଳକ ଭାବେ ଦୁଇ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅପମାନଜନକ ଟୁଇଟ୍ କରିଥିଲେ।

ପ୍ରକାଶ ଯେ, ସମ୍ବିତ୍ ହିନ୍ଦୀରେ କରିଥିବା ତାଙ୍କର ସଦ୍ୟ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଯଦି କରୋନା ଭାଇରସ୍ କଂଗ୍ରେସ ସମୟରେ ଆସିଥାଆନ୍ତା ତେବେ ୫,୦୦୦ କୋଟି ଟଙ୍କାର ମାସ୍କ ଘୋଟାଲା, ୭,୦୦୦ କୋଟିର କରୋନା ଟେଷ୍ଟ କିଟ୍ ଦୁର୍ନୀତି, ୨୦,୦୦୦ କୋଟିର ଜବାହର ସାନିଟାଇଜର୍ ଭ୍ରଷ୍ଟାଚାର ଓ ୨୬,୦୦୦ କୋଟି ଟଙ୍କାର ରାଜୀବ ଗାନ୍ଧୀ ଭାଇରସ୍ ରିସର୍ଚ୍ଚ ଘୋଟାଲା ହୋଇଥାନ୍ତା। ବ୍ରଜକିଶୋରଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ଦାଏର କରିଛି। ଇତିମଧରେ ସମ୍ବିତ୍ ପୁଣି ଏକ ଟୁଇଟ୍ କରି କହିଛନ୍ତି, ରାଜୀବ ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ପାଇଁ ଦାୟୀ ଥିଲେ ବୋଲି କହିବା କ'ଣ ଅପମାନ ? ନା, ଏହା ଏକ ବାସ୍ତବତା। ଏବେ ଇନ୍ଦିରା ଗାନ୍ଧୀଙ୍କ ଜରୁରିକାଳୀନ ପରିସ୍ଥିତି ଚାଲିନାହିଁ। ତେଣୁ ଏଭଳି ଏଫ୍ଆଇଆର୍‌କୁ ନେଇ କିଛି ଘଟିବାକୁ ଯାଉନାହିଁ।

## ଗୁରୁବାରଠାରୁ ଘରେ ପହଞ୍ଚିବ ମଦ



ମୁମ୍ବାଇ, ୧୨।୫: ମହାମାରୀ କରୋନା ଭାଇରସ୍ ଯୋଗୁ ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି ରହିଛି। ଏହା ମଧ୍ୟରେ ମହାରାଷ୍ଟ୍ର ସରକାର ମଦ୍ୟପଙ୍କ ଲାଗି ମଦ ହୋମ୍ ଡେଲିଭରି କରିବା ପଦକ୍ଷେପ ଗ୍ରହଣ କରୁଛନ୍ତି। ଘରପାଖ ରିଟେଲ ଶପ୍‌ରୁ ଅନ୍‌ଲାଇନ୍‌ରେ ଯେକେହି ମଦ ମଗାଇ ପାରିବେ। ବର୍ତ୍ତମାନ ଫୋନ୍ ଦ୍ୱାରା ଏହାକୁ ଅର୍ଡର କରାଯାଇ ପାରିବ ବୋଲି ସରକାର କହିଛନ୍ତି। ମଦ ଅର୍ଡର କରିବାର ଦୁଇଦିନ ମଧ୍ୟରେ ଏହା ଗ୍ରାହକଙ୍କ ଘରେ ପହଞ୍ଚିବ। କାରଣ ଡେଲିଭରି ବୟ, ପ୍ରସ୍ତୁତି ସହ ଯୋଗାଇବା ଲାଗି କିଛି ସମୟ ଲାଗିବ ବୋଲି ଅବକାରୀ ବିଭାଗର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ମଙ୍ଗଳବାରଠାରୁ ରାଜ୍ୟ ଅବକାରୀ ବିଭାଗ ବିଭିନ୍ନ ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡ଼ିକୁ ଖୋଲିବା ସହ ଲୋକଙ୍କ ଅର୍ଡର ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାହକଙ୍କ ନାମ ଓ ଠିକଣା ରଖି ଏସବୁକୁ ହୋମ୍ ଡେଲିଭରି କରିବାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ବିଭାଗ ପକ୍ଷରୁ ଇ-ଟୋକନ ସିଷ୍ଟମ ଲାଗୁକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁମ୍ବାଇ, ପୁଣେ, ନାସିକ ଆଦି ସହରର ହୋଲ୍‌ସେଲରମାନେ ଫୋନ୍ ଓ ଆପ୍ ମାଧ୍ୟମରେ ଅର୍ଡର ରଖି ନିର୍ଦ୍ଧାରିତ ସମୟରେ ମଦର ହୋମ୍ ଡେଲିଭରୀ କରିବାକୁ କୁହାଯାଇଛି। ସନ୍ଧ୍ୟା ୬ଟାରେ ସମସ୍ତ ମଦ ଦୋକାନ ବନ୍ଦ ରଖିବା ଓ ବିନା ଲାଇସେନ୍ସଯୁକ୍ତ ଦୋକାନ ଏହି କାରବାର ନ କରିବାକୁ ନିର୍ଦ୍ଦେଶ ରହିଛି। ହୋମ୍ ଡେଲିଭରି କରୁଥିବା ବୟ ମୁହଁରେ ମାସ୍କ ପିନ୍ଧିବା, ହ୍ୟାଣ୍ଡ୍ ସାନିଟାଇଜର ବାରମ୍ବାର ବ୍ୟବହାର କରିବା ଓ ସାମାଜିକ ଦୂରତ୍ୱ ରକ୍ଷାକରିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ଏହି ବୟ ମେଡିକାଲରୁ ଡାକ୍ତରଙ୍କ ଦ୍ୱାରା ସ୍ୱୀକୃତ ଫିଟ୍‌ନେସ୍ ସାର୍ଟିଫିକେଟ ପାଇଥିବା ଜରୁରୀ। ମଦ ଦୋକାନ ମାଲିକ ଏସବୁର ଦାୟିତ୍ୱ ଗ୍ରହଣ କରି ବିଭିନ୍ନ ସ୍ଥିତିର ସମୀକ୍ଷା କରିବେ ବୋଲି କୁହାଯାଇଛି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଆସୋସିଏସନ ଅଫ୍ ପ୍ରୋଗ୍ରେସିଭ୍ ଲିକର ଭେଣ୍ଡର୍ସ ପକ୍ଷରୁ ସ୍ୱାଗତ କରାଯାଇଛି।

## ମୁକ୍ତି ପାଇଁ ୩ ମାସିଆ ଯୋଜନା ଦରକାର: ମମତା

କୋଲକାତା,୧୨।୫: ଦେଶରେ କୋଭିଡ୍-୧୯ ସଙ୍କଟରୁ ଖୁବ୍‌ଶୀଘ୍ର ମୁକ୍ତି ମିଳି ନ ପାରେ। ଏଥିଲାଗି ତିନିମାସିଆ ଯୋଜନା ଦରକାର ବୋଲି ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ମମତାଙ୍କ ମତରେ ମାର୍ଚ୍ଚ ୨୫ରେ ଲକ୍‌ଡାଉନ୍ ଜାରି ହେବା ପରଠୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲକ୍‌ଡାଉନ୍‌ର ଉଚିତ ପରିଚାଳନା କରାଯାଉ ନାହିଁ। ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ସହ ଏକ ବୈଠକରେ ସ୍ଥିତି ସମୀକ୍ଷା କରିବା ପରେ ମମତା ଏପରି ମତବ୍ୟକ୍ତ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ ହୋଇଥିବା ଆଲୋଚନାକୁ ନେଇ ସେ କହିଛନ୍ତି, ଏହି ମିଟିଂରୁ ପଶ୍ଚିମବଙ୍ଗକୁ କିଛି ମିଳିନାହିଁ। ତାଙ୍କୁ ଖାଲିହାତରେ ଫେରିବାକୁ ପଡ଼ିଛି। ରାଜ୍ୟକୁ ମିଳିବାକୁ ଥିବା ବକେୟା ରାଶିକୁ କେନ୍ଦ୍ର ସରକାର ଏଯାଏ ଦେଇନାହାନ୍ତି।

## ୨,୩୫୫ ଜୀବନ ନେଲାଣି ଭୂତାଣୁ

ନୂଆଦିଲ୍ଲୀ, ୧୨।୫

- ଦେଶରେ ଆକ୍ରାନ୍ତ ସଂଖ୍ୟା ୭୨,୯୫୫କୁ ବଢ଼ିଲା
- ମହାରାଷ୍ଟ୍ର, ତାମିଲନାଡୁରେ ଜଟିଳ ସ୍ଥିତି

ଭାରତରେ ଦ୍ରୁତଗତିରେ ବଢ଼ି ଚାଲିଛି କରୋନା ରୋଗୀଙ୍କ ସଂଖ୍ୟା। ମଙ୍ଗଳବାର ସୁଦ୍ଧା ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୭୨,୯୫୫ରେ ପହଞ୍ଚି ଥିବାବେଳେ ୨,୩୫୫ ଜଣଙ୍କ ଜୀବନ ଗଲାଣି। ମହାରାଷ୍ଟ୍ର ଓ ତାମିଲନାଡୁରେ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ମହାରାଷ୍ଟ୍ରରେ କରୋନା ରୋଗୀସଂଖ୍ୟା ୨୩, ୪୦୭କୁ ବୃଦ୍ଧି ପାଇଥିବା ବେଳେ ତାମିଲନାଡୁରେ ଏହା ୮, ୭୧୮କୁ ବୃଦ୍ଧି ପାଇଛି। ତାମିଲନାଡୁରେ ତୃତୀୟ ସର୍ବାଧିକ ଭୂତାଣୁ ଆକ୍ରାନ୍ତ ଥିବାବେଳେ ମଙ୍ଗଳବାର ୭୧୬ ନୂଆ ମାମଲା ସାମ୍ନାକୁ ଆସିଛି। ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୮, ୯୦୪ ରହିଛି। ମହାରାଷ୍ଟ୍ର, ଗୁଜରାଟ ଓ ତାମିଲନାଡୁରେ ଯଥାକ୍ରମେ ୮୬୮, ୫୩୭ ଓ ୬୧ ଜଣ ପ୍ରାଣ ହରାଇଲେଣି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୨,୧୮୬ ନୂଆ ମାମଲା ନଜରକୁ ଆସିଥିବା ବେଳେ ୬୧ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ମଧ ପରିସ୍ଥିତି ବିଗିଡ଼ିବାରେ ଲାଗିଛି। କେବଳ ଦିଲ୍ଲୀରେ ୭,୬୪୦ ରୋଗୀ ରହିଛନ୍ତି। ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ଦିଲ୍ଲୀରେ ୮୬, ମଧ୍ୟପ୍ରଦେଶରେ ୨୨୫, ରାଜସ୍ଥାନରେ ୧୧୫, ଉତ୍ତରପ୍ରଦେଶରେ ୮୦, ପଶ୍ଚିମବଙ୍ଗରେ ୧୯୮ ଅଛନ୍ତି। ଏହା ବ୍ୟତୀତ ଆନ୍ଧ୍ରପ୍ରଦେଶରେ ୪୬, ପଞ୍ଜାବରେ ୩୨, ତେଲଙ୍ଗାନାରେ ୩୦, କର୍ନାଟକରେ ୩୧ ଜଣ ପ୍ରାଣ ହରାଇଛନ୍ତି।

## ଫାଇଦା ଉଠାଉଛନ୍ତି ଅନ୍ତର୍ଜାତୀୟ ଡ୍ରଗ୍ ମାଫିଆ

ନୂଆଦିଲ୍ଲୀ,୧୨।୫(ଆଇଏଏନ୍ଏସ୍)

**ରାଜ୍ୟଗୁଡ଼ିକୁ ସତର୍କ କରାଇଲା ସିବିଆଇ**

ଅନ୍ତର୍ଜାତୀୟ ଡ୍ରଗ୍ ମାଫିଆମାନେ ନୋଭେଲ କରୋନା ଭାଇରସ୍ ସଙ୍କଟର ଫାଇଦା ଉଠାଇ ଅଧିକ ସକ୍ରିୟ ହୋଇଯାଇଛନ୍ତି ବୋଲି ମଙ୍ଗଳବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସତର୍କ କରିଦେଇଛି। ଏନେଇ ସିବିଆଇ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖି ଅବଗତ କରାଯାଇଛି।

ସାରା ବିଶ୍ୱରେ କୋଭିଡ୍-୧୯ର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଥିବାବେଳେ ଡ୍ରଗ୍ ଚାଲାଣ ମଧ ବୃଦ୍ଧି ପାଇଛି। ମାଫିଆମାନେ କରୋନା ପ୍ରୋଟେକ୍ଟିଭ୍ ଇକ୍ୱିପ୍‌ମେଣ୍ଟ ପରିବହନ ହେଉଥିବା ଜାହାଜ ଓ ଅନ୍ୟ ଯାନବାହନଗୁଡ଼ିକରେ ଡ୍ରଗ୍ ଚାଲାଣ କରୁଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଅନ୍ତର୍ଜାତୀୟ ଡ୍ରଗ୍ ମାଫିଆଙ୍କ କାରବାର ସମ୍ପର୍କରେ ଇଣ୍ଟରନ୍ୟାଶନାଲ ପୋଲିସ ଅର୍ଗାନାଇଜେଶନ (ଇଣ୍ଟରପୋଲ) ସିବିଆଇକୁ ସୂଚନା ଦେଇଛି। ଏହାକୁ ନେଇ ସିବିଆଇ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ଅନ୍ୟ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ଆଲର୍ଟ କରାଇଛି। କୌଣସି ପ୍ରକାର ସନ୍ଦେହଜନକ ଗତିବିଧି ପରିଲକ୍ଷିତ ହେଲେ ସିବିଆଇକୁ ତୁରନ୍ତ ଅବଗତ କରିବା ପାଇଁ ଏଥିରେ କୁହାଯାଇଛି।



ଅହମ୍ମଦାବାଦ: ରେଲୱେ ଷ୍ଟେଶନରେ ପହଞ୍ଚିବା ଲାଗି ବସ୍‌କୁ ଅପେକ୍ଷା କରିଥିବା ଦାଦନ ଶ୍ରମିକମାନଙ୍କ ଭିଡ଼କୁ ନିୟନ୍ତ୍ରଣ କରୁଛି ପୋଲିସ।

## ଉହାନ୍‌ରେ ହେବ ସମସ୍ତଙ୍କ କରୋନା ଟେଷ୍ଟ

ଉହାନ୍, ୧୨।୫

**ନୂଆ ସଂକ୍ରମଣ ପରେ ଚେତା ପଶିଲା**



ମହାମାରୀ କରୋନା ଏବେ ବିଶ୍ୱବାସୀଙ୍କୁ ଆତଙ୍କିତ କରି ରଖିଛି। ଚାଇନାରେ ଏହି ଭୂତାଣୁ କିଛିଟା ନିୟନ୍ତ୍ରଣକୁ ଆସିଥିଲେ ହେଁ ସମ୍ପୂର୍ଣ୍ଣ ଭାବେ ଏହାକୁ ଦୂର କରାଯାଇ ପାରିନାହିଁ। ଉହାନ୍ ସହରରେ କିଛି ସପ୍ତାହ ପରେ ପୁଣି ଏହି ଭୂତାଣୁ ଚିହ୍ନଟ ହୋଇଛି। ଫଳରେ ସମସ୍ତ ସହରବାସୀ(୧୧ ନିୟୁତ)ଙ୍କୁ କରୋନା ଟେଷ୍ଟ କରାଯିବା ଲାଗି ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି। ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ଅଧିକାରୀମାନେ ସେମାନଙ୍କ ରିପୋର୍ଟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଫଳରେ ସମସ୍ତ ସହରବାସୀଙ୍କ ନ୍ୟୁକ୍ଲିକ୍ ଏସିଡ୍ ଟେଷ୍ଟ କରାଯାଇପାରିବ। ଏହି ଟେଷ୍ଟ ଲାଗି ପ୍ରତ୍ୟେକ ଜିଲା ପ୍ରଶାସନ ୧୦ ଦିନ ମଧ୍ୟରେ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି। ତେବେ କେବେଠାରୁ ଏହି ଟେଷ୍ଟ କରାଯିବ, ସେ ନେଇ ସଠିକ୍ ଭାବେ କିଛି ଦର୍ଶାଯାଇ ନାହିଁ।

କରୋନା ଭୂତାଣୁର ଉତ୍ପତ୍ତିସ୍ଥଳ ବୋଲି କୁହାଯାଉଥିବା ଚାଇନାର ଉହାନ୍ ସହର ୭୬ ଦିନର ଲକ୍‌ଡାଉନ୍ ପରେ ଏପ୍ରିଲ ୮ରେ ଖୋଲିଥିଲା। କିଛିଦିନ ସ୍ଥିତି ସ୍ୱାଭାବିକ ରହିବା ସହ କୌଣସି ଭୂତାଣୁ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇ ନ ଥିଲା। କୌଣସି ନୂଆ ମାମଲା ନ ଥିବାବେଳେ ସହରବାସୀ ଆଶ୍ୱସ୍ତ ହୋଇଥିଲେ। ହେଲେ ଗତ ରବିବାରଠାରୁ ଡୋଙ୍ଗ୍‌ଜିହୁ ଜିଲାରେ ୬ ମାମଲା ନଜରକୁ ଆସିବା ପରେ ପୁଣି ଆତଙ୍କ ଖେଳିଯାଇଛି। ଏହା ଚିନ୍ତାର କାରଣ ହୋଇଥିଲେ ହେଁ ସମସ୍ତ ସହରବାସୀଙ୍କ କରୋନା ଟେଷ୍ଟ କରିବାର ଆବଶ୍ୟକତା ନାହିଁ ବୋଲି ଚାଇନିଜ୍ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନ୍‌ସନ୍ସର ମୁଖ୍ୟ ଇପିଡେମିଓଲୋଜିଷ୍ଟ ଓ୍ୱୁ ଜୁନ୍ୟୋଉ କହିଛନ୍ତି। ଚାଇନାରେ ଏବେ ମୋଟାମୋଟି ଭାବେ ଭୂତାଣୁ ନିୟନ୍ତ୍ରଣରେ ଅଛି। ଲକ୍‌ଡାଉନ୍ ହଟିବା ପରେ ପୁଣି ଭୂତାଣୁ ଫେରି ଲୋକଙ୍କୁ ସଂକ୍ରମିତ ହେବା କିଛି ନୂଆକଥା ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ରୁଷିଆ ସୀମାକୁ ଲାଗିଥିବା ଚାଇନାର ଉତ୍ତର-ପୂର୍ବ ରାଜ୍ୟ ଜିଲିନ୍ ଓ ହେିଲଙ୍ଗଜିଆଙ୍ଗରେ କେତେଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଏହା ଅଧିକ ମାରାତ୍ମକ ରୂପ ଧାରଣ କରିବା ପୂର୍ବରୁ ସମସ୍ତ ସହରବାସୀଙ୍କ କରୋନା ଟେଷ୍ଟ କରାଯିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ପ୍ରକାଶଥାଉ କି, କେବଳ ଉହାନ୍‌ରେ କରୋନା ଭୂତାଣୁ ୩,୮୬୯ ଲୋକଙ୍କ ଜୀବନ ନେଇଛି। ସର୍ବପ୍ରଥମେ ଗତ ଡିସେମ୍ବରରୁ ଭୂତାଣୁ ଏହିଠାରୁ ସଂକ୍ରମଣ ଆରମ୍ଭ କରିଥିଲା। ପ୍ରାଣୀଙ୍କଠାରୁ ମଣିଷକୁ ଏହି ଭୂତାଣୁ ଡେଇଁଥିବା ସନ୍ଦେହ କରାଯାଉଛି। ଉହାନ୍‌ର ଏକ ମାର୍କେଟରୁ ଏହି ଭୂତାଣୁ ଚାରିଆଡ଼େ ବ୍ୟାପିଥିବା ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି।

## ସଂକ୍ଷେପରେ

### ପ୍ରବୀଣ କୁମାର ଆଇଜି ପର୍ସୋନେଲ

**ଭୁବନେଶ୍ୱର, ୧୨ା୫(ବ୍ୟୁରୋ):** ୨୦୦୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ଏସ. ପ୍ରବୀଣ କୁମାରଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆଇଜି ପର୍ସୋନେଲ ଭାବେ ନିଯୁକ୍ତି ଦିଆଯାଇଛି। କେନ୍ଦ୍ରୀୟ ଡେପୁଟେଶନରୁ ଫେରିବା ପରେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ପ୍ରବୀଣ କୁମାର ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ)ରେ କାର୍ଯ୍ୟରତ ଥିଲେ। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

### ସଙ୍ଗରୋଧ ଗୃହରେ ସନ୍ତାନ ଜନ୍ମ

**ବେଗୁନିଆପଡ଼ା,୧୨ା୫(ଡି.ଏନ୍.ଏ.):** ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ ଗୃହରେ ରହିଥିବା ପ୍ରବାସୀ ଓଡ଼ିଆଙ୍କ ମଧ୍ୟରୁ ସନ୍ତୋଷିନୀ ପ୍ରଧାନଙ୍କର ମଙ୍ଗଳବାର ଅପରାହ୍ନରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି। ସନ୍ତୋଷିନୀ ଓ ତାଙ୍କ ସ୍ୱାମୀ ଗତ ୬ ତାରିଖରୁ ସୁରଟରୁ ଫେରି ଉକ୍ତ ସଙ୍ଗରୋଧ ଗୃହରେ ରହୁଥିଲେ। ମଙ୍ଗଳବାର ପ୍ରସବ ଯନ୍ତ୍ରଣା ହେବାରୁ ଡାକ୍ତର ସଞ୍ଜୟ କୁମାର ସାହୁ, ସ୍ୱାସ୍ଥ୍ୟ କର୍ମଚାରୀ ସୁରେନ୍ଦ୍ର କୁମାର ପ୍ରଧାନ, ଜୟନ୍ତୀ ମଲ୍ଲ ପହଞ୍ଚି ପ୍ରସବ କରାଇଥିଲେ। ସରପଞ୍ଚ ପ୍ରତିନିଧି ଦୀପ୍ତି ପ୍ରକାଶ ନାୟକ, ନୋଡାଲ ଅଫିସର ଦିଲୀପ କୁମାର ବେହେରା ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ ମା' ଓ ଶିଶୁ ସୁସ୍ଥ ଥିବାବେଳେ ଉକ୍ତ ସଙ୍ଗରୋଧ କେନ୍ଦ୍ରରେ ଅଛନ୍ତି।

### ଅଭିଯୁକ୍ତଙ୍କୁ ପିଟିପିଟି ହତ୍ୟା

**ଢେଙ୍କାନାଳ ଅଫିସ, ୧୨ା୫:** ଜଣେ ନାବାଳିକାକୁ ଅପହରଣ କରିନେବାକୁ ଉଦ୍ୟମ କରୁଥିବାବେଳେ ହତ୍ୟାର ଶିକାର ହୋଇଛନ୍ତି ଅଭିଯୁକ୍ତ। ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା କାଶୀପୁର ପଞ୍ଚାୟତର ଗମ୍ଭାରିଆ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ମୃତକ ହେଲେ ଗଁଦିଆ ଥାନା ଛାଟକୁମ୍ଭ ଗ୍ରାମର ମାନସ ସାମଲ (୩୦)। ସ୍ଥାନୀୟ ଖେଳପଡ଼ିଆରୁ ପୋଲିସ ତାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଛି। ପୋଲିସ ସୂଚନା ଅନୁଯାୟୀ, ମାନସ ଗମ୍ଭାରିଆ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରିବାକୁ ଉଦ୍ୟମ କରୁଥିବାବେଳେ ଧରାପଡ଼ିଥିଲେ। ଗ୍ରାମର କେତେଜଣ ତାଙ୍କୁ ଅଟକ ରଖି ଠେଙ୍ଗାରେ ପିଟିପିଟି ହତ୍ୟା କରିଛନ୍ତି। ଖବରପାଇ ଏସ୍‌ପି ଅନୁପମା ଜେମ୍ସ, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ନିହଲପ୍ରସାଦ ଥାନାଧିକାରୀ ରତ୍ନାକର ମଲ୍ଲିକ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଥିବା ଏସ୍‌ପି ସୂଚନା ଦେଇଛନ୍ତି।

### ଏନ୍‌ଟିପିସିରେ ଶତପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ

**ତାଳଚେର,୧୨ା୫(ନି.ପ୍ର.):** ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପ ଗତ ୯ ତାରିଖରେ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର୍ (ପିଏଲ୍‌ଏଫ୍)ର ଶତ ପ୍ରତିଶତ ହାସଲ କରିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ମଧ୍ୟପ୍ରଦେଶର ବିନ୍ଧ୍ୟାଞ୍ଚଳ (୪୭୬୦ ମେଗାୱାଟ), ଓଡ଼ିଶାର କଣିହାଁ ଏନ୍‌ଟିପିସି (୩୦୦୦ ମେଗାୱାଟ) ଏବଂ ଛତିଶଗଡ଼ସ୍ଥିତ ଏନ୍‌ଟିପିସି ସିପାଟ୍ (୨,୯୮୦ ମେଗାୱାଟ)ରେ ଶତ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ ହୋଇପାରିଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଏନ୍‌ଟିପିସି କଣିହାଁରେ ସର୍ବନିମ୍ନ ମାନବ ସମ୍ବଳ ବ୍ୟବହାର କରାଯାଉଥିବା ବେଳେ ଅପରେଶନ, ମେଣ୍ଟେନାନ୍ସ ବିଭାଗ କର୍ମଚାରୀ ଏବଂ ଶ୍ରମିକମାନଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି। ବିଦ୍ୟୁତ୍ ଉତ୍ପାଦନ ବ୍ୟତୀତ ଏନ୍‌ଟିପିସି କଣିହାଁ ପକ୍ଷରୁ କୋଭିଡ-୧୯ ପରିସ୍ଥିତିରେ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଜାରି ରଖାଯାଇଛି। ବିଶେଷକରି ଅବହେଳିତ ବର୍ଗ ଏବଂ ପ୍ରବାସୀ ଶ୍ରମିକମାନଙ୍କୁ ରାଶନ ସାମଗ୍ରୀ, ମାସ୍କ ଆଦି ଯୋଗାଇ ଦିଆଯାଉଛି। କୋଭିଡ-୧୯ ବିରୋଧରେ ଲଢ଼େଇ ଜାରି ରଖି ଏନ୍‌ଟିପିସି ଏହାର ଦେଶବ୍ୟାପୀ ସମସ୍ତ ପ୍ରତିଷ୍ଠାନ ଏବଂ ବିଦ୍ୟୁତ କେନ୍ଦ୍ରରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ସମସ୍ତ ନିୟମାବଳୀ କଡ଼ାକଡ଼ି ପାଳନ କରୁଛି ବୋଲି ପ୍ରକଳ୍ପ ପକ୍ଷରୁ ସୂଚନା ଦିଆଯାଇଛି।

### ଟ୍ରେଡ୍ ଲାଇସେନ୍ସ ନାଁରେ ଠକାମି

**ଭୁବନେଶ୍ୱର, ୧୨ା୫(ବ୍ୟୁରୋ):** ଲକ୍‌ଡାଉନ ସମୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଟ୍ରେଡ୍ ଲାଇସେନ୍ସ କରାଇଦେବା ନାମରେ ଲୋକଙ୍କ ଠାରୁ ଅର୍ଥ ଆଦାୟ କରି ଠକୁଥିବା ଏକ ଦଳକୁ ବିଏମ୍‌ସି ଠାବ କରିଛି। ବିଏମ୍‌ସି ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ଏକ ସଂସ୍ଥା ଏପରି ଠକେଇ କାର୍ଯ୍ୟ କରୁଥିବା ବିଏମ୍‌ସି ଜାଣିବାକୁ ପାଇଛି। ଜନୈକ ମହିଳା ଜାଗମରାସ୍ଥିତ ଏକ ରେଷ୍ଟୁରାଣ୍ଟ ମାଲିକଙ୍କୁ ନିଜକୁ ଲେଗାସୋର୍ସର କର୍ମଚାରୀ ଦର୍ଶାଇ ଓ ନିଜ ସଂସ୍ଥାକୁ ବିଏମ୍‌ସି ସହିତ ଟ୍ରେଡ୍ ଲାଇସେନ୍ସ କରାଇଦେବାର ଅନୁବନ୍ଧିତ ଥିବା କହି ଟଙ୍କା ନେଇଥିଲେ। ରେଷ୍ଟୁରାଣ୍ଟ ମାଲିକ ବିଏମ୍‌ସି ୱାର୍ଡ଼ ଅଫିସରଙ୍କ ସହ ଯୋଗାଯୋଗ କରିବା ପରେ ସମ୍ପୃକ୍ତ ମହିଳାଙ୍କ ଠାରୁ ଟଙ୍କା ଫେରିପାଇଛନ୍ତି।

# ଆଜିଠୁ ଦିଲ୍ଲୀକୁ ଗଡ଼ିବ ଟ୍ରେନ୍

- ସାନିଟାଇଜ୍ ହେଲା ଭୁବନେଶ୍ୱର ରେଳ ଷ୍ଟେଶନ
- ଷ୍ଟେଶନରେ ଫେରନ୍ତାଙ୍କ ପଞ୍ଜୀକରଣ କରିବ ବିଏମ୍‌ସି
- ୧୪ରୁ ଭୁବନେଶ୍ୱର ଅଭିମୁଖେ ଆସିବ ଟ୍ରେନ୍



ରେଳ କର୍ତ୍ତୃପକ୍ଷ, ପୋଲିସ ଓ ବିଏମ୍‌ସି ଅଧିକାରୀମାନେ ରେଳଷ୍ଟେଶନରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଭୁବନେଶ୍ୱର, ୧୨ା୫(ବ୍ୟୁରୋ)**

ବୁଧବାର ଭୁବନେଶ୍ୱରରୁ ଦିଲ୍ଲୀକୁ ଟ୍ରେନ୍ ଚଳାଚଳ ଆରମ୍ଭ ହେବ। ଏନେଇ ଭୁବନେଶ୍ୱର ରେଳ ଷ୍ଟେଶନ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ରେଳ ଷ୍ଟେଶନକୁ ପ୍ରବେଶ କରିବା ପୂର୍ବରୁ ଲୋକମାନେ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ଧାଡ଼ିରେ ଆସିବା ପାଇଁ ନିଷ୍ପତ୍ତି ହୋଇଛି। ବିନା ଧାଡ଼ିରେ ଯିଏ ରେଳ ଷ୍ଟେଶନ ଭିତରକୁ ଯିବାକୁ ଚେଷ୍ଟା କରିବ ତାଙ୍କୁ ଅଟକାଇ ଦିଆଯିବ। ବିଶେଷ କରି ଲୋକମାନେ କିପରି ଶୃଙ୍ଖଳିତ ଭାବେ ଯାତାୟତ କରିବେ, କେହି ଯେପରି ଅନ୍ୟ କାହାର ସଂସ୍ପର୍ଶରେ ନ ଆସିବେ ସେନେଇ ବ୍ୟବସ୍ଥା କରାଯାଇଥିବା ଭୁବନେଶ୍ୱର ରେଳଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ କହିଛନ୍ତି। ଷ୍ଟେଶନରେ ପ୍ରବେଶ ପୂର୍ବରୁ ସମସ୍ତଙ୍କ ଥର୍ମାଲ ସ୍କ୍ରିନିଂ କରାଯିବ। ସେମାନଙ୍କ ପରିଚୟ ପତ୍ର ସହ ବୁକ୍ ହୋଇଥିବା ରେଳ ଟିକେଟ୍ ଯାଞ୍ଚ କରାଯିବ। ପରେ ସେମାନଙ୍କ ହାତକୁ ସାନିଟାଇଜ୍ କରାଯିବ ଓ ପ୍ଲାଟ୍‌ଫର୍ମ ମଧ୍ୟକୁ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବ। ବିନା ମାସ୍କରେ ରେଳ ଷ୍ଟେଶନରେ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ମଙ୍ଗଳବାର ପୂର୍ବତଟ ରେଳପଥ ପକ୍ଷରୁ ନିଆଯାଇଥିବା ବୈଠକରେ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

ଅନ୍ୟପକ୍ଷେ ରାଜ୍ୟରୁ ବାହାରକୁ ଯାଉଥିବା ଜନସାଧାରଣଙ୍କ ଅପେକ୍ଷା ରାଜ୍ୟ ଫେରନ୍ତାଙ୍କ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ ଅଧିକ ଗୁରୁତ୍ୱ ଦେଇଛନ୍ତି। ୧୪ରୁ ଭୁବନେଶ୍ୱର ଅଭିମୁଖେ ଦିଲ୍ଲୀରୁ ଟ୍ରେନ୍ ଆସିବାକୁ ଥିବାବେଳେ ରାଜ୍ୟ ଫେରନ୍ତାଙ୍କ ପଞ୍ଜୀକରଣ ସହ ସେମାନଙ୍କ ଜିଲାକୁ ପଠାଇବା ପାଇଁ ବିଏମ୍‌ସି ଦାୟିତ୍ୱ ନେଇଛି। ଷ୍ଟେଶନରେ ରାଜ୍ୟ ଫେରନ୍ତାଙ୍କ ପାଇଁ ସ୍ୱତନ୍ତ୍ର ପଞ୍ଜୀକରଣ କେନ୍ଦ୍ର କରାଯିବା ସହ ଏକ ସ୍ୱାଗତ କେନ୍ଦ୍ର କରାଯିବ ବୋଲି ସ୍ଥିର କରାଯାଇଥିବା ଜଣାପଡ଼ିଛି। ବିଏମ୍‌ସି କମିଶନର ମଙ୍ଗଳବାର ଅପରାହ୍ନରେ ରେଳ ଷ୍ଟେଶନ ବୁଲି ଏନେଇ ସବିଶେଷ ଆଲୋଚନା କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ବାହାର ରାଜ୍ୟରୁ ଆସୁଥିବା ଟ୍ରେନ୍‌ରେ ଥିବା ଜନସାଧାରଣ ପର୍ଯ୍ୟାୟକ୍ରମେ ବାହାରକୁ ବାହାରିବେ। ଏକ ସମୟରେ ୫ ଜଣ ଲୋକ ବାହାରକୁ ବାହାରିବାକୁ ଥିବା ବେଳେ ସମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯିବା ପରେ ତାଙ୍କ ଲଗେଜ୍‌କୁ ମଧ୍ୟ ସାନିଟାଇଜ୍ କରାଯିବ। ସେଠାରୁ ସେମାନଙ୍କ ନିଜ ନିଜ ଜିଲା ଅଭିମୁଖେ ଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ତେବେ ଏହି ମର୍ମରେ ଭୁବନେଶ୍ୱର ରେଳ ଷ୍ଟେଶନକୁ ସାନିଟାଇଜ୍ କରାଯାଇଛି। ରେଳ କାରଖାନାରୁ ରେଳ ବଗିଗୁଡ଼ିକୁ ସାନଟାଇଜ୍ କରାଯାଇଥିବାବେଳେ ଆସନ୍ତାକାଲି ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ଜଣାପଡ଼ିଛି।

# କମିଛି ଆଣ୍ଟିବାୟୋଟିକ ବ୍ୟବହାର

**ଲଣ୍ଡନ**

କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଏ ପର୍ଯ୍ୟନ୍ତ କୌଣସି ସଫଳ ଔଷଧ ବାହାରି ନ ଥିବାରୁ ସଂକ୍ରମଣ ରୋକିବାକୁ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି। ଅଧିକାଂଶ ଲୋକେ ଏବେ ନିଜକୁ ସଫାସୁତୁରା ରଖିବାକୁ ବାରମ୍ବାର ହାତ ଧୋଇବା, ପରିବେଶ ପରିମଳ ରଖିବା, ମାସ୍କ ଆଦିର ବହୁଳ ବ୍ୟବହାର କରୁଛନ୍ତି। ଦୀର୍ଘଦିନ ଧରି ଏହି ଅଭ୍ୟାସ ଜାରିଥିବାରୁ ପୂର୍ବାପେକ୍ଷା ସାଧାରଣ ସଂକ୍ରମଣର ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇଛି। ଏଥିସହ ସଂକ୍ରମଣ ପ୍ରତିରୋଧ କରିବାକୁ ପୂର୍ବର ଆଣ୍ଟିବାୟୋଟିକ୍‌ର ବ୍ୟବହାର ମଧ୍ୟ କମିଥିବା କାର୍ଡିଫ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି।

ଆମେରିକାନ ଜର୍ନାଲ ଅଫ୍ ଇନ୍‌ଫେକ୍ସନ କଣ୍ଟ୍ରୋଲରେ ପ୍ରକାଶିତ ଏହି ରିପୋର୍ଟ ମୁତାବକ, ସାଧାରଣରେ ସଂକ୍ରମଣର ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ପୂର୍ବାପେକ୍ଷା ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇଛି। ସେହିପରି ପୂର୍ବ ତୁଳନାରେ ପ୍ରାୟ ୩୦ ପ୍ରତିଶତ କମ୍ ଆଣ୍ଟିବାୟୋଟିକ୍ ଡାକ୍ତର ପ୍ରେସ୍‌କ୍ରାଇବ କରୁଛନ୍ତି। ଶ୍ୱାସକ୍ରିୟା ଜନିତ ସଂକ୍ରମିତ ବ୍ୟକ୍ତି ନିଜକୁ ଅଧିକ ପରିଷ୍କାର ପରିଚ୍ଛନ୍ନ ରଖୁଥିବା ଯୋଗୁ ସେମାନଙ୍କ ଦ୍ୱାରା ଆଣ୍ଟିବାୟୋଟିକର ବ୍ୟବହାର ମଧ୍ୟ କମିଛି। ଗୋଷ୍ଠୀଗତ ସ୍ୱଚ୍ଛତାକୁ ଧ୍ୟାନଦେଇ ସ୍ଥାନୀୟ ସରକାରଙ୍କ ପକ୍ଷରୁ ଏହାକୁ ବଜାୟ ରଖାଯାଇପାରିଲେ ସଂକ୍ରମଣ ବହୁମାତ୍ରାରେ କମି ଲୋକେ ସୁସ୍ଥ ଜୀବନଯାପନ କରିପାରିବେ ବୋଲି ଅଧ୍ୟୟନରେ ଭାଗ ନେଇଥିବା ବିଶ୍ୱବିଦ୍ୟାଳୟର ଗବେଷକ ଜାନ୍-ୟେଭ୍ ମେଲାର୍ଡ କହିଛନ୍ତି। ଗୃହ ଏବଂ ସମ୍ପ୍ରଦାୟର ସ୍ୱଚ୍ଛତାକୁ ଗୁରୁତ୍ୱର ସହ ନେଇ ନୀତି ନିର୍ଦ୍ଧାରଣକାରୀମାନେ ଏହି ସମୟରେ ପଦକ୍ଷେପ ନେଇ ଆଣ୍ଟିବାୟୋଟିକ୍‌ର ଆବଶ୍ୟକତାକୁ ହ୍ରାସ କରିବା ଉଚିତ ବୋଲି ଅନୁସନ୍ଧାନକାରୀମାନେ ଦର୍ଶାଇଛନ୍ତି।



# ଅନ୍‌ଲାଇନ୍ ପାଠପଢ଼ାରୁ କେହି ବଞ୍ଚିତ ନ ହୁଅନ୍ତୁ

**ସ୍କୁଲ୍ ଫି' ବୃଦ୍ଧି ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ**

**କଟକ ଅଫିସ୍,୧୨ା୫**

ସ୍କୁଲ ଫି' ବୃଦ୍ଧି ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ବିଚାରକରି ହାଇକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଛାତ୍ରୀଛାତ୍ର ସ୍କୁଲ ଫି' ଦାଖଲ କରିଥାନ୍ତୁ କିମ୍ବା ନ କରିଥାନ୍ତୁ, ଅନ୍‌ଲାଇନ୍‌ରେ ପାଠପଢ଼ାରୁ କାହାରିକୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ସ୍କୁଲ୍ ଫି' ବୃଦ୍ଧିକୁ ଚ୍ୟାଲେଞ୍ଜ କରି ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଦାଏର ମାମଲାର ବିଚାରକରି ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ବିଚାରପତି ଜଷ୍ଟିସ୍ ଏସ୍.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ । ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ପାଠ ପଢ଼ିବା ପାଇଁ ଆଇଡି ଏବଂ ପାସ୍‌ୱାର୍ଡ଼ ପ୍ରଦାନ କରିବାକୁ ନିର୍ଦ୍ଦେଶ ଶୁଣାଇଛନ୍ତି। ଏହି ମାମଲାରେ ସିବିଏସ୍‌ଇ କର୍ତ୍ତୃପକ୍ଷ, ଆଇସିଏସ୍‌ଇ କର୍ତ୍ତୃପକ୍ଷ, ରାଜ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ନିର୍ଦ୍ଦେଶକଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରାଯାଇଛି। ଆସନ୍ତା ୨୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ମଙ୍ଗଳବାର ଏହି ମାମଲାରେ ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ୍ ଓନର୍ସ ଆସୋସିଏଶନ୍‌କୁ ମଧ୍ୟ ପକ୍ଷଭୁକ୍ତ କରାଯାଇଛି। ସ୍କୁଲ ଫି' ସମ୍ପର୍କରେ ପୂର୍ବରୁ ଦୁଇଟି ମାମଲା ଦାଖଲ ହୋଇଥିଲା। ଏହି ଦୁଇଟି ମାମଲାକୁ ଏଥିରେ ଯୋଡ଼ି ଶୁଣାଣି କରାଯିବ। ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ରୁଜୁ ମାମଲାରେ ନିବେଦନ କରାଯାଇଥିଲା ଯେ, ବର୍ତ୍ତମାନ ଲକ୍‌ଡାଉନ୍ ଯୋଗୁ ଲୋକମାନେ ରୋଜଗାର ହରାଇଛନ୍ତି। ତଥାପି ବିଭିନ୍ନ ଘରୋଇ ବିଦ୍ୟାଳୟ ପକ୍ଷରୁ ଅଭିଭାବକଙ୍କଠାରୁ ବିଭିନ୍ନ ଉପାୟରେ ଫି' ଆଦାୟ କରାଯାଉଛି। ଏପରିକି ବସ୍ ଚାଲୁ ନ ଥିଲେ ମଧ୍ୟ ଫି' ନିଆଯାଉଛି। ଏପ୍ରିଲ୍ ଠାରୁ ଜୁନ୍ ପର୍ଯ୍ୟନ୍ତ ତିନି ମାସର ସ୍କୁଲ ଫି' ଆଦାୟ ନ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। କିନ୍ତୁ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଫି' ଆଦାୟରେ ବ୍ୟସ୍ତ ଅଛନ୍ତି। ଏହାକୁ ବିରୋଧକରି ଅଭିଭାବକ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଯେଉଁମାନେ ସ୍କୁଲ ଫି' ଦେଇନାହାନ୍ତି, ସେମାନଙ୍କୁ ଅନ୍‌ଲାଇନ୍ କ୍ଲାସେସ୍ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ସୁଯୋଗ ଦେଉ ନଥିବା ଏତଲାରେ ଦର୍ଶାଯାଇଥିଲା। ଫି' ଦିଅନ୍ତୁ କି ନ ଦିଅନ୍ତୁ, କାହାରିକୁ ଅନ୍‌ଲାଇନ୍ ପାଠପଢ଼ାରୁ ବଞ୍ଚିତ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଭି. ନରସିଂହ ଏବଂ ବିଭୂତି ଭୂଷଣ ଚୌଧୁରୀ ମାମଲା ପରିଚାଳନା କରୁଥିଲେ।

# ହାଇକୋର୍ଟ ବିଚାରପତିଙ୍କୁ ମିଳିଲା ଜିଲା ଦାୟିତ୍ୱ

**କ୍ଷମତା ବିକେନ୍ଦ୍ରୀକରଣ ପାଇଁ ପଦକ୍ଷେପ**

**କଟକ ଅଫିସ୍,୧୨ା୫**

ବିଚାରବିଭାଗରେ କ୍ଷମତାର ବିକେନ୍ଦ୍ରୀକରଣ ଦିଗରେ ପଦକ୍ଷେପ ନିଆଯାଇଛି। ହାଇକୋର୍ଟ ବିଚାରପତିଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ପ୍ରଦାନ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ବିଚାରପତିଙ୍କୁ ବିଭିନ୍ନ ଜିଲାର ପ୍ରଶାସନିକ ବିଚାରପତି(ଆଡମିନିଷ୍ଟ୍ରେଟିଭ୍ ଜଜ୍) ଦାୟିତ୍ୱ ପ୍ରଦାନ କରିଛନ୍ତି। ମୁଖ୍ୟବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଅଧିକାରୀ(ସ୍ୱତନ୍ତ୍ର ସେଲ୍) ତରଫରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି।

ଜଷ୍ଟିସ୍ କୁମାରୀ ସଞ୍ଜୁ ପଣ୍ଡାଙ୍କୁ କଟକ ଏବଂ ଜଗତ୍‌ସିଂହପୁର ଜିଲାର ପ୍ରଶାସନିକ ବିଚାରପତି ଭାବେ ଦାୟିତ୍ୱ ଦିଆଯାଇଥିବାବେଳେ ଖୋର୍ଦ୍ଧା, ସୋନପୁର ଏବଂ ଦେବଗଡ଼ ଦାୟିତ୍ୱରେ ରହିବେ ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର। ପୁରୀ, ଢେଙ୍କାନାଳ ଏବଂ ବୌଦ୍ଧ ଜିଲା ପାଇଁ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ, ଗଞ୍ଜାମ ଜିଲା ଦାୟିତ୍ୱରେ ଜଷ୍ଟିସ୍ ବିଶ୍ୱଜିତ ମହାନ୍ତି ରହିବେ। ସେହିଭଳି ସମ୍ବଲପୁର ଏବଂ ଭଦ୍ରକ ଜିଲାର ଦାୟିତ୍ୱ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ସୁନ୍ଦରଗଡ଼ ଏବଂ ବରଗଡ଼ ଜିଲା ଦାୟିତ୍ୱ ଜଷ୍ଟିସ୍ ଦେବବ୍ରତ ଦାସଙ୍କୁ ପ୍ରଦାନ କରାଯାଇଛି। ବଲାଙ୍ଗୀର ଏବଂ କେନ୍ଦ୍ରାପଡ଼ା ଜିଲାର ଦାୟିତ୍ୱ ଜଷ୍ଟିସ୍ ଶତୃଘ୍ନ ପୂଜାରୀଙ୍କୁ ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଏବଂ ଯାଜପୁର ଜିଲାର ପ୍ରଶାସନିକ ବିଚାରପତି ଭାବେ ଜଷ୍ଟିସ୍ ବିଶ୍ୱନାଥ ରଥ, ବାଲେଶ୍ୱର ଏବଂ ମାଲକାନଗିରି ଜିଲା ଦାୟିତ୍ୱ ଜଷ୍ଟିସ୍ ସଙ୍ଗମ କୁମାର ସାହୁ, ଅନୁଗୋଳ ଏବଂ ନୟାଗଡ଼ ଜିଲା ଦାୟିତ୍ୱରେ ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ରହିବେ। ଜଷ୍ଟିସ୍ କୃଷ୍ଣରାମ ମହାପାତ୍ରଙ୍କୁ କୋରାପୁଟ ଏବଂ କନ୍ଧମାଳର ପ୍ରଶାସନିକ ବିଚାରପତି ଦାୟିତ୍ୱ ପ୍ରଦାନ କରାଯାଇଛି। ଜଷ୍ଟିସ୍ ଅକ୍ଷୟ କୁମାର ମିଶ୍ରଙ୍କୁ ନବରଙ୍ଗପୁର, ନୂଆପଡ଼ା ଏବଂ ଝାରସୁଗୁଡ଼ାର ପ୍ରଶାସନିକ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। କେନ୍ଦୁଝର ଏବଂ ରାୟଗଡ଼ା ଜିଲା ଦାୟିତ୍ୱରେ ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ ଏବଂ କଳାହାଣ୍ଡି ଓ ଗଜପତି ଜିଲାର ପ୍ରଶାସନିକ ବିଚାରପତି ଭାବେ ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଭିନ୍ନ ଜିଲାର ପ୍ରଶାସନିକ ବିଚାରପତି ଭାବେ ହାଇକୋର୍ଟ ବିଚାରପତିଙ୍କ ଦାୟିତ୍ୱ ସହ କାର୍ଯ୍ୟ ମଧ୍ୟ ସ୍ଥିର ହୋଇଛି। ଜିଲାରେ କେଉଁ ମାମଲାର ତଦନ୍ତ କେତେ ଦୂର ଗଲାଣି, ଶୁଣାଣିରେ ଦେଖାଦେଉଥିବା ସମସ୍ୟା, ବିଭିନ୍ନ ମାମଲାର ସ୍ଥିତି, ତଦନ୍ତରେ ବିଳମ୍ବର କାରଣ ବିଷୟରେ ବିଚାରପତିମାନେ ସମୀକ୍ଷା କରିବେ। ଜିଲାଜଜ୍‌ଙ୍କଠାରୁ ଆରମ୍ଭ କରି ଅନ୍ୟ ଜଜ୍‌ମାନଙ୍କ ସହ ଆଲୋଚନା କରି ସୁବିଧା ଅସୁବିଧା ବୁଝିବେ। ବିଚାର ପ୍ରକ୍ରିୟା କେମିତି ଅଧିକ କ୍ରୀୟାଶୀଳ ହୋଇପାରିବ ସେନେଇ ରୂପରେଖ ପ୍ରସ୍ତୁତ କରାଯିବ। ଏଥିସହ ବିଭିନ୍ନ ବିଷୟର ଯାଞ୍ଚ ମଧ୍ୟ ହେବ। କେନ୍ଦ୍ର/ରାଜ୍ୟ ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ୍‌ସ ବ୍ୟତୀତ ଅନ୍ୟ ସମସ୍ତ ଟ୍ରିବୁନାଲ୍‌ର ଦାୟିତ୍ୱରେ ଏହି ପ୍ରଶାସନିକ ବିଚାରପତିମାନେ ରହିବେ ।

# ଜୁନ୍ ୨୨ ସୁଦ୍ଧା ରଥ ନିର୍ମାଣ କାମ ସାର: ହାଇକୋର୍ଟ

**କଟକ ଅଫିସ୍,୧୨ା୫**

ଆସନ୍ତା ଜୁନ୍ ୨୨ତାରିଖ ସୁଦ୍ଧା ରଥ ନିର୍ମାଣ କାମ ସାରିବାକୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ଜଷ୍ଟିସ୍ ଏସ୍.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ। ଆବେଦନକାରୀ ଜୟନ୍ତ କୁମାର ବଳଙ୍କ ପକ୍ଷରୁ ଆବେଦନରେ ଉଲ୍ଲେଖ କରାଯାଇଥିଲା ଯେ, ଜୁନ୍ ୨୩ରେ ରଥଯାତ୍ରା । କରୋନା ଭୂତାଣୁର ସଂକ୍ରମଣ କମିଲେ କିମ୍ବା ଲକ୍‌ଡାଉନ୍ ହଟିବା ପରେ ରଥଯାତ୍ରା ଆୟୋଜନ ହୋଇପାରିବ। ହେଲେ ବିଧି ଅନୁଯାୟୀ, ଯାତ୍ରା ପୂର୍ବରୁ ରଥ ନିର୍ମାଣ ସରିବା ଆବଶ୍ୟକ। ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଲେ ଯାତ୍ରା ପୂର୍ବରୁ ସରିବ ନାହିଁ। ଏଣୁ ତୁରନ୍ତ ଏନେଇ ନିର୍ଦ୍ଦେଶ ଦେବାକୁ ସେ ଆବେଦନ କରିଥିଲେ। ମାମଲାରେ ରାଜ୍ୟ ସରକାର, ଆଇନ୍ ସଚିବ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ ଜିଲାପାଳ ଏବଂ ପୁରୀ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଶୁଣାଣିବେଳେ ରାଜ୍ୟ ସରକାରଙ୍କ ତରଫରୁ ଆଡଭୋକେଟ୍ ଜେନେରାଲ୍ ଅବଗତ କରାଇଥିଲେ ଯେ, ବିଳମ୍ବରେ ରଥ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ କାମ ଜୋର୍‌ସୋର୍‌ରେ ଚାଲିଛି । ଯାତ୍ରା ପୂର୍ବରୁ ରଥ ନିର୍ମାଣ ଶେଷ ହୋଇଯିବ। କରୋନା ଭୂତାଣୁର ସଂକ୍ରମଣକୁ ଦୃଷ୍ଟିରେ ରଖି ନିର୍ମାଣ ସ୍ଥଳରେ ସାମାଜିକ ଦୂରତା ଏବଂ ବିଶୋଧନ ସହ ଅନ୍ୟାନ୍ୟ ପଦକ୍ଷେପ ନିଆଯାଇଥିବା ଏଜିଙ୍କ ତରଫରୁ ଅବଗତ କରାଯାଇଥିଲା ।



# ମାନବିକତା ପାଇଁ ଶୁଭଶ୍ରୀଙ୍କୁ ସାବାସୀ

**ଭିଡିଓ କନ୍‌ଫରେନ୍ସରେ କଥା ହେଲେ ଅଭିନେତା ଚିରଞ୍ଜୀବୀ**

**ମାଲକାନଗିରି/ ଭୁବନେଶ୍ୱର, ୧୨ା୫ (ଡି.ଏନ୍.ଏ./ବ୍ୟୁରୋ)**


ଜଣେ ଅସହାୟା ମହିଳାଙ୍କୁ ପୋଲିସ୍ ଏସ୍‌ଆଇ ଶୁଭଶ୍ରୀ ନାୟକ ଖାଦ୍ୟ ଖୁଆଇ ଦେଉଛନ୍ତି।

ମାଲକାନଗିରି ଆଦର୍ଶ ଥାନାରେ କାର୍ଯ୍ୟରତ ଟ୍ରେନି ପୋଲିସ ଏସ୍‌ଆଇ ଶୁଭଶ୍ରୀ ନାୟକ ଏବେ ଚର୍ଚ୍ଚାରେ। ନିଜ ମାନବିକତା ପାଇଁ ଏହି ମହିଳା ପୋଲିସ ଅଧିକାରୀଙ୍କୁ ତେଲୁଗୁ ଅଭିନେତା ତଥା ଦକ୍ଷିଣ ଭାରତୀୟ ସୁପରଷ୍ଟାର୍ ଚିରଞ୍ଜୀବୀ ପ୍ରଶଂସା କରିଛନ୍ତି। ସୋମବାର ଟୁଇଟରରେ ସେ ଶୁଭଶ୍ରୀଙ୍କ ପ୍ରଶଂସା କରିବା ପରେ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସରେ ତାଙ୍କ ସହ କଥା ହୋଇ ଭଲମନ୍ଦ ପଚାରି ବୁଝିଥିଲେ। କରୋନା ଭଳି ମହାମାରୀକୁ ନେଇ ସାରା ବିଶ୍ୱ ଭୟଭୀତ ହୋଇ ପଡ଼ିଥିବାବେଳେ ଶୁଭଶ୍ରୀଙ୍କ ମାନବିକତାଧର୍ମୀ କାର୍ଯ୍ୟ ବେଶ୍ ପ୍ରଶଂସନୀୟ। ନିଜ କର୍ତ୍ତବ୍ୟ ସମୟରେ ସେ ଯେପରି ସବୁ ଭୁଲି ଜଣେ ଅସହାୟା ଓ ମାନସିକ ବିକାରଗ୍ରସ୍ତ ରୋଗୀଙ୍କୁ ଖାଦ୍ୟ ଖୁଆଇ ସେବା କଲେ ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ଚିରଞ୍ଜୀବୀ କହିଥିଲେ। ଏହି ଭିଡିଓ କନ୍‌ଫରେନ୍ସରେ ଶୁଭଶ୍ରୀ ମଧ୍ୟ ଚିରଞ୍ଜୀବୀଙ୍କ ଅଭିନୟ ଜୀବନ ସହ ରାଜନୈତିକ ନେତୃତ୍ୱର ପ୍ରଶଂସା କରିଥିଲେ।

ମାଲକାନଗିରି-ଜୟପୁର ମୁଖ୍ୟରାସ୍ତାର ପଦ୍ମଗିରି ଛକ ନିକଟରେ ଜଣେ ଅସହାୟା ଓ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଶୁଭଶ୍ରୀ ନିଜ ପାଇଁ ଆଣିଥିବା ଖାଦ୍ୟ ଖୁଆଇ ମାନବିକତା ଦେଖାଇଥିଲେ। ତାଙ୍କର ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚାରିଆଡ୍ରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଥିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଟୁଇଟ୍ କରି ତାଙ୍କୁ ପ୍ରଶଂସା କରିଥିଲେ। ମାତୃତ୍ୱ ଦିବସ ଅବସରରେ ଚିରଞ୍ଜୀବୀ ଶୁଭଶ୍ରୀଙ୍କୁ ଅସହାୟଙ୍କର ମା' ଭାବେ ବର୍ଣ୍ଣନା କରି ଶୁଭେଚ୍ଛା ଜଣାଇଥିଲେ। ଅନ୍ୟପକ୍ଷରେ ଏ ନେଇ ଶୁଭଶ୍ରୀ କହିଛନ୍ତି ଯେ, ପିଲାଟି ବେଳୁ ତାଙ୍କ ମାଆ ବାପା ତାଙ୍କୁ ମାନବ ସେବା ହିଁ ମାଧବ ସେବା ବୋଲି ଶିକ୍ଷା ଦେଇଛନ୍ତି। ତାଙ୍କ ମାଆ ବାପା ଶିକ୍ଷକତା କରନ୍ତି। ସେମାନଙ୍କ ଆଦର୍ଶ ଓ ସଂସ୍କାର ତାଙ୍କୁ ସେବା କରିବାକୁ ପ୍ରେରଣା ଦେଇଛି।

# ଏଥର ଆସିବ ୧୪ଟି ରଥ ଟଣା ଦଉଡ଼ି

**ପୁରୀ ଅଫିସ,୧୨ା୫**

ଜୁନ୍ ୨୩ରେ ରଥଯାତ୍ରା। ଏଥିପାଇଁ ଆରମ୍ଭ ହୋଇଗଲାଣି ପ୍ରଶାସନିକ ପ୍ରସ୍ତୁତି। ରଥଖଳାରେ ତିନିରଥ ନିର୍ମାଣ ଆଗେଇ ଚାଲିଥିବାବେଳେ ରଥ ଦଉଡ଼ି ପାଇଁ ଓଡ଼ିଶା କତା ନିଗମ ସହ ଆଲୋଚନା କରିଛି ଶ୍ରୀମନ୍ଦିର ପ୍ରଶାସନ। ମଙ୍ଗଳବାର ଓଡ଼ିଶା କତା ନିଗମର ଅଧିକାରୀ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ସହ ଆଲୋଚନା କରିଛନ୍ତି। ମନ୍ଦିର ପକ୍ଷରୁ ଏଥର ୧୨ଲକ୍ଷ ଟଙ୍କାରେ ୨୦ଟି ଦଉଡ଼ି ପାଇଁ ନିଗମକୁ ଅର୍ଡର ଦିଆଯାଇଛି। ଏଥିମଧ୍ୟରେ ୧୪ଟି ରଥ ଟଣା ଦଉଡ଼ି ଏବଂ ୬ଟି କର୍ଢ଼ନ (ଘେର) ଦଉଡ଼ି ରହିଥିବା ଜଣାପଡିଛି। ବୁଧବାରଠାରୁ ଚନ୍ଦନପୁର ନିକଟସ୍ଥ ବୀରପ୍ରତାପପୁରଠାରେ ଥିବା ଓଡ଼ିଶା କତା ନିଗମ ଫ୍ୟାକ୍ଟ୍ରିରେ ଏହି ଦଉଡ଼ି ତିଆରି ଆରମ୍ଭ ହେବ। ୧୫ଜଣ କର୍ମଚାରୀ ଶୁଦ୍ଧପୁତ ଭାବେ ମୁହଁରେ ମାସ୍କ ଏବଂ ସାନିଟାଇଜର ବ୍ୟବହାର କରି ଦଉଡ଼ି ତିଆରି କରିବେ। ସ୍ନାନ ପୂର୍ଣ୍ଣିମା ପୂର୍ବରୁ ଦଉଡ଼ିଗୁଡ଼ିକ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯିବ ବୋଲି ନିଗମର ଅଧିକାରୀ କହିଛନ୍ତି।

**ଆଜିର ମନ୍ତବ୍ୟ**

"ପିଏସି ଲକ୍‌ଡାଉନ୍‌ର ଅର୍ଥନୈତିକ ପ୍ରଭାବ ଯାଞ୍ଚ କରିବା ସହ ଆର୍‌ବିଆଇ ଗଭର୍ନରଙ୍କୁ ସମନ କରିପାରେ।"
–ଅଧୀର ରଞ୍ଜନ ଚୌଧୁରୀ, ପବ୍ଲିକ୍ ଆକାଉଣ୍ଟସ କମିଟି ଅଧ୍ୟକ୍ଷ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଦିଗମ୍ବର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ଅରାଜି ଅଭିଭାବକ

**ମୁମ୍ବାଇ:** କରୋନା ସଂକ୍ରମଣ ରୋକିବାକୁ ସାରା ଦେଶରେ ଲକ୍‌ଡାଉନ ଜାରିରହିଛି। କଟକଣା ହଟିବା ପରେ ଜୁନ/ଜୁଲାଇ ସୁଦ୍ଧା ସ୍କୁଲ ଖୋଲିବା ପାଇଁ ସରକାର ଚିନ୍ତା କରୁଛନ୍ତି। ହେଲେ ସ୍କୁଲ ଖୋଲିବା ପରେ ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟ ଛାଡ଼ିବାକୁ ରାଜି ନ ଥିବା ଏକ ସର୍ଭେରୁ ଜଣାପଡ଼ିଛି। ପ୍ୟାରେଣ୍ଟ ସର୍କଲ ଦ୍ୱାରା ପରିଚାଳିତ ଏକ ଦେଶବ୍ୟାପୀ ସର୍ଭେରେ ପ୍ରାୟ ୧୨ ହଜାର ଅଭିଭାବକ ଭାଗ ନେଇ ସେମାନଙ୍କ ମତାମତ ରଖିଥିଲେ। ସେମାନଙ୍କ ମଧ୍ୟରୁ ୫୪ ପ୍ରତିଶତ ଅଭିଭାବକ ସ୍କୁଲ ପୁନର୍ବାର ଖୋଲିବା ପରେ ଅତି କମ୍‌ରେ ମାସେ ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲ ଛାଡିବାକୁ ରାଜି ନ ଥିବା ଦର୍ଶାଇଛନ୍ତି। ସେମାନେ ମାସେ ଯାଏ କୋଭିଡ୍-୧୯ ପରିସ୍ଥିତି ଉପରେ ନଜର ରଖିବେ ବୋଲି କହିଛନ୍ତି। ସେହିପରି ୨୪ ପ୍ରତିଶତ ଅଭିଭାବକ ସ୍କୁଲ ଖୋଲିବାର ୬ ମାସ ପର୍ଯ୍ୟନ୍ତ ପିଲାଙ୍କୁ ଛାଡିବାକୁ ଉଚିତ ଭାବୁ ନ ଥିବା କହିଛନ୍ତି। କିଛି ହାତଗଣତି ସକ୍ରିୟ କରୋନା ମାମଲା ମଧ୍ୟ ବିପଦକୁ ଡାକିଆଣିବ ବୋଲି ସେମାନେ ଆଶଙ୍କା କରୁଛନ୍ତି। ଏହାର ମୁକାବିଲା ପାଇଁ ସରକାର ରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କେତେଜଣ ଅଭିଭାବକ ମତ ରଖିଛନ୍ତି। ସେହିପରି ଲକ୍‌ଡାଉନ ଉଠିବା ପରେ ପିଲାମାନଙ୍କୁ ବାହାରକୁ ଖେଳ କିମ୍ବା ଅନ୍ୟାନ୍ୟ ସମାବେଶ ପାଇଁ ଅଭିଭାବକ କେତେ ପସନ୍ଦ କରିବେ ବୋଲି ମଧ୍ୟ ପ୍ରଶ୍ନ କରାଯାଇଥିଲା। ୪୩ ପ୍ରତିଶତ ଅଭିଭାବକ ଅନ୍ତତଃ ପକ୍ଷେ ଆସନ୍ତା ୬ ମାସ ପର୍ଯ୍ୟନ୍ତ କୌଣସି କ୍ରୀଡ଼ା କାର୍ଯ୍ୟକଳାପ ପାଇଁ ପିଲାମାନଙ୍କୁ ବାହାରକୁ ପଠାଇବେ ନାହିଁ ବୋଲି କହିଥିଲେ। ଏପରିକି ସମାନ ସଂଖ୍ୟକ ଅଭିଭାବକ ଚଳିତବର୍ଷ କୌଣସି ମଲ୍ କିମ୍ବା ସିନେମା ହଲ୍ ମଧ୍ୟ ଯିବେନାହିଁ ବୋଲି ମତ ରଖିଥିଲେ। ପ୍ୟାରେଣ୍ଟ ସର୍କଲର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ନାଲିନା ରାମଲକ୍ଷ୍ମୀ କହିଛନ୍ତି, ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ନେଇ ଚିନ୍ତିତ ଅଛନ୍ତି। ସେମାନେ କୌଣସି ପ୍ରକାରର ରିସ୍କ ନେବାକୁ ଚାହୁଁନାହାନ୍ତି। ସ୍କୁଲ ଖୋଲିବା ପରେ ସେଠାରେ ପିଲାଙ୍କ ସୁରକ୍ଷା ବ୍ୟବସ୍ଥା, ସାମାଜିକ ଦୂରତା ରକ୍ଷା ନିୟମ ଆଦି ଉପଯୁକ୍ତ ଭାବେ ପାଳନ ହେଉଥିବା ନେଇ ଅଭିଭାବକମାନେ ନିଶ୍ଚିତ ହେବାକୁ ଚାହୁଁଥିବା ସେ କହିଛନ୍ତି।



## ବିମାନ ଚଳାଚଳ କ୍ଷେତ୍ର ପାଇଁ ଆସିଲା ଏସ୍‌ଓପି

**ନୂଆଦିଲ୍ଲୀ,୧୨।୫:** ଲକ୍‌ଡାଉନ ପରେ ବିମାନ ଚଳାଚଳକୁ ସୁରକ୍ଷିତ କରିବା ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ନେବାକୁ ଯୋଜନା କରାଯାଇଛି। ଏଥିଲାଗି ମନ୍ତ୍ରଣାଳୟ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେଜ୍ୟୁର(ଏସ୍‌ଓପି) ଜାରି କରାଯାଇଛି। ଏଥିରେ କଡ଼ାକଡ଼ି ଭାବେ ନିୟମ ପାଳନ କରିବାକୁ ପ୍ରସ୍ତାବ ରହିଛି। ସ୍କ୍ରିନିଂ ପ୍ରକ୍ରିୟା, କୋଭିଡ୍-୧୯ ସହ ଜଡିତ ପ୍ରଶ୍ନ ଉତ୍ତର ଫର୍ମ ଭରିବା, କ୍ୟାବିନକୁ ବ୍ୟାଗ୍ ନ ନେବା, ଅତି କମ୍‌ରେ ୨ ଘଣ୍ଟା ଆଗରୁ ବିମାନ ବନ୍ଦରରେ ପହଞ୍ଚିବା ଏବଂ ଆରୋଗ୍ୟ ସେତୁ ଆପ୍ଲିକେଶନର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି।

## ଚାଇନା ଛାଡୁଥିବା କମ୍ପାନୀଙ୍କ ନେଇ ମତ ରଖିଲେ ଅଭିଜିତ

**ନୂଆଦିଲ୍ଲୀ,୧୨।୫:** ଚାଇନା ଛାଡୁଥିବା କମ୍ପାନୀ ଭାରତ ଆସିଲେ ଏହାର ଲାଭ ଭାରତକୁ ହେବ କି ନାହିଁ ସେ ନେଇ ନିଶ୍ଚିତ ନୁହେଁ ବୋଲି ନୋବେଲ ବିଜେତା ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ କହିଛନ୍ତି। କରୋନା ଯୋଗୁ ବର୍ତ୍ତମାନ ସ୍ଥିତି ବିଗିଡିଛି। ଏଭଳି ସମୟରେ କମ୍ପାନୀ ଭାରତ ଆସିଲେ ତା'ର ଲାଭ ଯେ ମିଳିବ ସେ ସମ୍ପର୍କରେ କିଛି ସ୍ପଷ୍ଟ କହିହେବ ନାହିଁ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ଚାଇନା ଛାଡୁଥିବା କମ୍ପାନୀ ଭାରତ ଲାଗି ଲାଭକାରୀ ହେବ ବୋଲି ମଧ୍ୟ ଲୋକମାନେ କହୁଛନ୍ତି। ମାତ୍ର ଏହା ସତ ନୁହେଁ ବୋଲି ସେ ମତ ଦେଇଛନ୍ତି।

## ଯାଜପୁରର ୩୧ ସଂକ୍ରମିତ ଆରୋଗ୍ୟ

**ଯାଜପୁର ଅଫିସ,୧୨।୫:** ଯାଜପୁର ଜିଲାର କୋଭିଡ୍-୧୯ ଭୂତାଣୁ ସଂକ୍ରମିତଙ୍କ ମଧ୍ୟରୁ ମଙ୍ଗଳବାର ୩୧ ଜଣ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ସମ୍ ହସପିଟାଲରୁ ୧୪ ଜଣ ଓ ଡୁବୁରୀସ୍ଥିତ କୋଭିଡ୍-୧୯ ହସ୍ପିଟାଲରୁ ୧୭ ଜଣ ବ୍ୟକ୍ତି ସୁସ୍ଥ ହୋଇ ଫେରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି। ଜିଲାପାଳ ଦାସ କହିଛନ୍ତି, ସମ୍ପୃକ୍ତ ୩୧ ଜଣଙ୍କ ମଧ୍ୟରେ ୨୨ ଜଣ ପୁରୁଷ ଓ ୯ ଜଣ ମହିଳା ଅଛନ୍ତି। ଯାଜପୁର ବ୍ଲକ ବେହେରାପାଟଣା ଗ୍ରାମର ୨୮ ବର୍ଷୀୟ ଜଣେ ପୁରୁଷ, ବାସୁଦେବପୁର ଗ୍ରାମର ୬୪, ୫୮, ୨୧ ଓ ୩୪ ବର୍ଷୀୟ ପୁରୁଷ ଏବଂ ୪୮ ଓ ୮୦ ବର୍ଷୀୟା ମହିଳା, ଦଶରଥପୁର ବ୍ଲକ ବିରଜାପୁର ପଞ୍ଚାୟତ କୋଦେଇବାଟିର ୩୨ ଓ ୫୦ ବର୍ଷୀୟ ପୁରୁଷ ଓ ୭୦ ବର୍ଷୀୟା ମହିଳା, କଟିକଟା ବିହିପୁରର ୫୨, ୫୩, ୨୩, ୪୯, ୨୯, ୫୮, ୩୪, ୩, ୧୨, ୨୯, ୬୨, ୩୫ ବର୍ଷୀୟ ପୁରୁଷ ଓ ୨୦,୪୦, ୩୬, ୩, ୮୫ ଓ ୫୨ ବର୍ଷୟ ମହିଳା ଥିବା ବେଳେ ମଲ୍ଲିକାପୁର ପଞ୍ଚାୟତ ମହାନ୍ତିପାଟଣାର ୩୯ ବର୍ଷୀୟ ଜଣେ ପୁରୁଷ, ଅକରପଡ଼ାର ୩୭ ବର୍ଷୀୟ ଏବଂ କୋରେଇ ବ୍ଲକ ମୁକୁନ୍ଦପୁରର ୫୦ ବର୍ଷୀୟ ଜଣେ ପୁରୁଷ ସୁସ୍ଥ ହୋଇଛନ୍ତି। ପୂର୍ବରୁ ରସୁଲପୁର ବ୍ଲକର ଜଣେ ଓ ସାନ ତ୍ରିଲୋଚନପୁରର ଜଣେ ପୁରୁଷ ସୁସ୍ଥ ହୋଇ ଫେରିଛନ୍ତି। ଜିଲାର ମୋଟ ୩୩ ଜଣ ଏଯାଏ ଆରୋଗ୍ୟ ହୋଇ ଫେରିଛନ୍ତି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଶା ଦେଇଚୁ ନାଇ ବୁଲୁଚୁ**
**ଆଶା କରିଥିଲି ଧନ**
**ଆଶା ଦେଇକରି ନିରାଶ କଲେ ଲୋ**
**ଛି ଛି ଲାଗଇ ମନ।**

ସାଧାରଣତଃ ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରି ଦେଇଥାଏ। ପ୍ରେମ ଅନେକ ସମୟରେ ଛଳନାମୟ ହୋଇଯାଏ। ଏପରି ସ୍ଥଳେ ଆଶା ଦେଖାଇ ନିରାଶା ଭୋଗିଲେ ପ୍ରେମୀ ହତୋତ୍ସାହିତ ହୋଇପଡ଼ିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆକଟ କାମକୁ ଥିଇରି ଚାଲି**
**ତାକୁ ଜାଣିବ ପର**
**ହାଇ ଘନ ଘନ କେଶ ମୁକୁଳା**
**ତାକୁ ଜାଣିବ ଜର।**

ଯିଏ କାମରେ ଆକଟ କରେ, ଯାହାଠାରେ ତତ୍ପରତା ନ ଥାଏ, ଧୀରେ ସୁସ୍ଥେ ପରିଚାଳିତ ହୁଏ ସିଏ ପର ହୋଇଥାଏ। ସେହିପରି ହାଇ ଆସିବା ସହ ଆଳସ୍ୟ ଭାବ ଦେଖାଦେଲେ ଜ୍ୱର ଆସିବାର ଏହା ଏକ ଲକ୍ଷଣ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ


## Classified




**GROOM WANTED**

Extremly beautiful Bania girl 1992, 5'5", MBA serving Bangalore 7.5lakhs require professional (caste no bar) Barsha 9338229705, 7749883585. D-69312

46 ବୟସ୍କା ତେଲି ଜାତିର ଅବିବାହିତା Government ଚାକିରିଆ ଅନାଥ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 9658674636. D-67940

Now Matrimonial ads. only on Wednesday & Sunday Book 1 Get 1 FREE




**SALE**

Earthquake proof 2BHK Flat in apartment Avantika near Gokul Kunj Apartment on Rasulgarh GGP Pandara Road for immediate sale. Contact– 8280066916, 8763935874, 9437396718 during office hour. D-68078

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

### ୨୦ ଲକ୍ଷ...

ଚିନ୍ତନ, ସଂସ୍କୃତି ଓ ସଂସ୍କାର ଯେଉଁ ଆତ୍ମନିର୍ଭରଶୀଳତାର କଥା କହେ ତାହା ହେଲା 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍ ସାରା ବିଶ୍ୱ ହେଉଛି ଗୋଟିଏ ପରିବାର। ଭାରତର ଆତ୍ମନିର୍ଭରଶୀଳତାରେ ସଂସ୍କାର, ସୁଖ ଓ ଶାନ୍ତିର ବିଚାର ରହିଥାଏ। ପୃଥିବୀକୁ ମା' ବୋଲି ମାନୁଥିବା ଭାରତ ଭୂଇଁ ଆତ୍ମନିର୍ଭରଶୀଳ ହୋଇ ବିଶ୍ୱ ପ୍ରଗତିର ବାର୍ତ୍ତା ଦେଇଥାଏ। ଯକ୍ଷ୍ମା, କୁପୋଷଣ, ପୋଲିଓ ସବୁକ୍ଷେତ୍ରରେ ସମାଧାନ ନେଇ ଭାରତର ସଫଳତାର ପ୍ରଭାବ ବିଶ୍ୱରେ ପଡ଼ିଛି। ଏଥିପାଇଁ ବିଶ୍ୱରେ ଭାରତକୁ ପ୍ରଶଂସା କରାଯାଉଛି। ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ମାନବ ଜାତିର ଭଲ କରିପାରିବ ବୋଲି ବିଶ୍ୱବାସୀଙ୍କର ବିଶ୍ୱାସ ରହିଛି। ସମୃଦ୍ଧ ଭାରତକୁ ପୂର୍ବରୁ ସୁନାର ପକ୍ଷୀ ବୋଲି କୁହାଯାଉଥିଲା। ସମୟ ବଦଳିବା ସହ ଦେଶ ପରାଧୀନ ହେଲା। ହେଲେ ଏବେ ଭାରତ ବିକାଶ ଆଡ଼କୁ ପାଦ ବଢ଼ାଉଛି। ୱାଇଟୁକେ ସଙ୍କଟରୁ ବିଶ୍ୱକୁ ଭାରତ ହିଁ ମୁକ୍ତ କରିଥିଲା। ଏବେ ଆମ ପାଖରେ ଶକ୍ତି, ସାଧନ ଓ ମେଧାଶକ୍ତି ଭରପୂର ରହିଛି। ତେଣୁ କରୋନାରୁ ମୁକ୍ତି ପାଇଁ ସର୍ବୋତ୍ତମ ଗୁଣବତ୍ତାର ଉତ୍ପାଦ ପ୍ରସ୍ତୁତ କରିବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୋଦି କଚ୍ଛ ଭୂକମ୍ପ ବେଳର କଥାକୁ ସ୍ମରଣ କରିଛନ୍ତି। ଏହି ଭୂକମ୍ପ ବେଳେ ସବୁଠି ଧ୍ୱଂସର ଚିତ୍ର ଦେଖିବାକୁ ମିଳିଥିଲା। ସ୍ଥିତି ସୁଧୁରିବ ବୋଲି କେହି ଭାବିପାରୁ ନ ଥିଲେ। ହେଲେ ଦେଖୁଦେଖୁ ସ୍ଥିତିରେ ଉନ୍ନତି ଆସିଲା। ଆମେ ଦୃଢ଼ ହେଲେ କୌଣସି ରାସ୍ତା କଠିନ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କରୋନା ମୁକାବିଲା ପାଇଁ ପ୍ରୟାସ ଜାରି ରଖିବା ଉଦ୍ଦେଶ୍ୟରେ ଦେଶବାସୀଙ୍କୁ ଉତ୍ସାହିତ କରିଛନ୍ତି। କରୋନା ମାଡ଼ରେ ବଡ଼ବଡ଼ ଶକ୍ତି ଦୋହଲିଯାଇଥିବାବେଳେ ଆମେ ଭାରତର ସଂଘର୍ଷ ଶକ୍ତିକୁ ଦେଖିଲେ। ନିକଟରେ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ କେତେକ ପଦକ୍ଷେପ ସ୍ୱରୂପ ଆର୍ଥିକ ପ୍ୟାକେଜ ଘୋଷଣା କରାଯାଇଥିଲା। ସେଗୁଡ଼ିକୁ ମିଶାଇ ଏବେ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ବିଭିନ୍ନ ବର୍ଗର ଲୋକଙ୍କୁ ସମ୍ବଳ ପ୍ରଦାନ କରିବା ସହ ଦେଶର ବିକାଶ ଯାତ୍ରାକୁ ନୂଆ ଗତି ପ୍ରଦାନ କରିବ। ଭାରତର ଆତ୍ମନିର୍ଭରଶୀଳତା ୫ଟି ସ୍ତମ୍ଭ ଉପରେ ଛିଡ଼ା ହେବ। ସେଗୁଡ଼ିକ ହେଲା- ଅର୍ଥନୀତି, ଭିତ୍ତିଭୂମି, ବ୍ୟବସ୍ଥା, ଜନସଂଖ୍ୟାର ପରିସଂଖ୍ୟାନ ଓ ଚାହିଦା। ଭାରତ ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବ ଏବଂ ବୈଶ୍ୱିକ ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବ। ଏହା ସମୟର ଆବଶ୍ୟକତା ବୋଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ପ୍ରକାଶ ଯେ, ମାର୍ଚ୍ଚ ୧୯ରେ ପ୍ରଧାନମନ୍ତ୍ରୀ ୨୨ ତାରିଖରେ 'ଜନତା କର୍ଫ୍ୟୁ' ପାଳନ କରାଯିବ ବୋଲି ଘୋଷଣା କରିଥିଲେ। ସେହିପରି ୨୪ ତାରିଖରେ ଦେଶବ୍ୟାପୀ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଥିଲେ। ଏପ୍ରିଲ ୧୪ରେ ଲକ୍‌ଡାଉନ୍ ଅବଧିକୁ ମେ ୩ ପର୍ଯ୍ୟନ୍ତ ବଢ଼ାଇଥିଲେ। ଏପ୍ରିଲ ୩ରେ ମୋଦି କରୋନା ଯୋଦ୍ଧାଙ୍କ ସମ୍ମାନରେ ୫ ତାରିଖରେ ଦୀପ ଜାଳିବା ପାଇଁ ଦେଶବାସୀଙ୍କୁ ଏକ ଭିଡିଓ ମେସେଜ୍‌ରେ ଅନୁରୋଧ କରିଥିଲେ।

### ଗ୍ରୀନ୍ ଜୋନ୍‌ରେ...

ଜୋନ୍‌ରୁ ରେଡ୍ ଜୋନ୍‌କୁ ବସ୍ ଚାଲିବ କି ନାହିଁ ସେ ନେଇ ଦିନେ ଦୁଇଦିନ ମଧ୍ୟରେ ନିଷ୍ପତ୍ତି ହେବ ବୋଲି ମନ୍ତ୍ରୀ କହିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ନାପସନ୍ଦ କରିଛି। ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି ଯେ, ସରକାର ତାଙ୍କ ନିଷ୍ପତ୍ତି ସ୍ପଷ୍ଟ କରନ୍ତୁ। ଭଡ଼ା ବଢ଼ାଇ ଦେଲେ ବସ୍ କିପରି ଚାଲିବ। ଗ୍ରୀନ୍ ଜୋନ୍‌ରୁ ରେଡ୍ ଜୋନ୍‌କୁ ବସ୍ ଚାଲିବ କି ନାହିଁ ତାହା ସ୍ପଷ୍ଟ କରାଯାଉ। ରାଜ୍ୟର ବିଭିନ୍ନ ଘରୋଇ ବସ୍ ମାଲିକ ସଂଘ ସହିତ ଆଲୋଚନା କରିବା ପରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ବୁଧବାର କଟକ ଓ ଭୁବନେଶ୍ୱର ମଧ୍ୟରେ ଗୋଟିଏ ଓଡ଼ିଶା ରାଜ୍ୟ ସଡ଼କ ପରିବହନ(ଓଏସ୍‌ଆରଟିସି) ବସ୍ ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି। କଟକ ଓ ଭୁବନେଶ୍ୱର ପାଇଁ ତାହା ଅଫିସ ସମୟରେ ଚାଲି ପାରିବ। ଏଥିପାଇଁ ୩୦ ଟଙ୍କା ଭଡ଼ା ରଖାଯାଇଛି। ଏହାଦ୍ୱାରା ସରକାରୀ କର୍ମଚାରୀମାନେ ଦୁଇଟି ସହର ମଧ୍ୟରେ ଯିବା ଆସିବା କରିପାରିବେ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି।

### 'ଲୋକଙ୍କୁ କାମ...

ଅଞ୍ଚଳରେ ନିର୍ମିତ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରଗୁଡ଼ିକର ପରିଚାଳନା ଓ ଲୋକମାନଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ ଅର୍ଥନୀତିକୁ ଚଳଚଞ୍ଚଳ କରିବାକୁ ହେବ। ଏଥିପାଇଁ ମାନବିକତା ଏବଂ ବୃତ୍ତିଗତ ଦକ୍ଷତା ସହ କଠିନ ପରିସ୍ଥିତିର ମୁକାବିଲା କରିବାକୁ ପଡ଼ିବ। କରୋନା ଲଢ଼େଇ ଏକ ଲମ୍ବା ଯୁଦ୍ଧ। କୋଭିଡ୍ ମୁକାବିଲାରେ ସମାଜର ସକ୍ରିୟ ଅଂଶ ଗ୍ରହଣ ସହିତ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ବର୍ତ୍ତମାନ ପରିସ୍ଥିତିରେ ଅଧିକ ସଶକ୍ତ କରିବାର ଆବଶ୍ୟକ ରହିଛି ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଗଞ୍ଜାମ ଭଳି ଅନ୍ୟ ଜିଲାରେ ଥିବା ଅସ୍ଥାୟୀ ଶିବିରଗୁଡ଼ିକର ଅନ୍ତେବାସୀଙ୍କୁ କୋଭିଡ୍ ରୋଗ ସମ୍ପର୍କରେ ତାଲିମ ଦିଆଯିବା ଦରକାର। ଯେପରି କି ସଙ୍ଗରୋଧରୁ ବାହାରିବା ପରେ ସେମାନେ କୋଭିଡ୍ ସ୍ୱେଚ୍ଛାସେବୀଭାବେ ସମାଜକୁ ସେବା ଯୋଗାଇ ଦେଇ ପାରିବେ। ଏଥିପାଇଁ ଏକ ସଂକ୍ଷିପ୍ତ ସାର୍ଟିଫିକେଟ କୋର୍ସ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଗଞ୍ଜାମ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ ବଲାଙ୍ଗୀରରେ କୋଭିଡ୍ କେୟାର ସେଣ୍ଟର ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ। ବର୍ତ୍ତମାନ ସମୟରେ ଗର୍ଭବତୀ ମହିଳା, ପ୍ରସୂତି, ଶିଶୁ ଭିନ୍ନକ୍ଷମ ଓ ବୟସ୍କ ଲୋକଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଏବଂ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସ୍ୱାସ୍ଥ୍ୟ ସେବାରେ ନିୟୋଜିତ କର୍ମଚାରୀଙ୍କ ପାଇଁ ବ୍ୟକ୍ତିଗତ ସୁରକ୍ଷା ସରଞ୍ଜାମ(ପିପିଇ) ଏବଂ ଅନ୍ୟାନ୍ୟ ମେଡିକାଲ ଉପକରଣ ଯୋଗାଣକୁ ସୁନିଶ୍ଚିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବର୍ତ୍ତମାନ ରବି ଧାନ ଅମଳ ଆରମ୍ଭ ହୋଇଛି। ସାର, ବିହନ ଓ ଅନ୍ୟାନ୍ୟ ଜରୁରୀ କୃଷି ଉପକରଣ ଯୋଗାଣ ମଧ୍ୟ ଆରମ୍ଭ ହୋଇଛି। ଚାଷୀଙ୍କ ପାଇଁ ହେଲ୍‌ପ ଲାଇନ କାର୍ଯ୍ୟ କରୁଛି। ମତ୍ସ୍ୟ, କୁକୁଡ଼ା, ଉଦ୍ୟାନ କୃଷି କାର୍ଯ୍ୟକ୍ରମ ସନ୍ତୋଷଜନକ ରହିଛି। ସ୍ୱୟଂ ସହାୟକ ଗୋଷ୍ଠୀ କୋଭିଡ୍ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମିଶନ ଶକ୍ତି ନିର୍ଦ୍ଦେଶିକା କହିଥିଲେ। ମିଶନ ଶକ୍ତିର ମହିଳାମାନେ ୫୦ଲକ୍ଷରୁ ଅଧିକ ମାସ୍କ ପ୍ରସ୍ତୁତ କରିଥିବାବେଳେ ସେଥିରୁ ୪୨ ଲକ୍ଷ ବଣ୍ଟନ କରାଯାଇଛି। ସେହିପରି ମାଗଣା ରନ୍ଧାଖାଦ୍ୟ କାର୍ଯ୍ୟକ୍ରମରେ ୧.୬କୋଟି ମିଲ୍ ଯୋଗାଇଛନ୍ତି। ଏଥିସହିତ ସେମାନେ ହସ୍ପିଟାଲ ଖାଦ୍ୟ ଯୋଗାଣ, ମାଛ ଚାଷ, କୃଷି, ପରିବାରଗୁଡ଼ିକୁ ସିଧା ସଳଖ ରାଶନ ଯୋଗାଣ ଆଦି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୩୦୦କୋଟି ଟଙ୍କା ବିନା ସୁଧରେ ଦିଆଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଶ୍ରମଭିତ୍ତିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ସୂଚନା ଦିଆଯାଇଛି। ଆଗାମୀ ୧ ମାସ ମଧ୍ୟରେ ଦିନକୁ ୧ଲକ୍ଷ ଲୋକଙ୍କୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ କରାଯିବ। ଲକ୍‌ଡାଉନ ସମୟରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୋଲିସ ମହାନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା, ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟଶାସନ ସଚିବ ଓ ବିଭିନ୍ନ ବିଭାଗର ସଚିବମାନେ ଯୋଗ ଦେଇଥିଲେ।

### ଆଉ ୨୩...

ସେହିପରି ଯାଜପୁର ଜିଲାରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତ ପଶ୍ଚିମବଙ୍ଗରୁ ଫେରିଥିବା ଜଣାପଡ଼ିଛି। ଏମାନଙ୍କୁ ମିଶାଇ ଯାଜପୁର ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୪ରେ ପହଞ୍ଚିଛି। ଗଞ୍ଜାମ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୮ ଓ ପୁରୀରେ ୪ ହୋଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଆଉ ୩୧ଜଣ ସୁସ୍ଥ ହୋଇଛନ୍ତି। ଯାହା ରାଜ୍ୟବାସୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ଗୋଟିଏ ଦିନରେ ସର୍ବାଧିକ ୩୧ଜଣ ସୁସ୍ଥ ହେବା ଖୁସି ଖବର। ସୁସ୍ଥ ହୋଇଥିବା ଏହି ସମସ୍ତ ରୋଗୀ ଯାଜପୁର ଜିଲାର ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯାଜପୁର ଜିଲାରେ ମୋଟ ୩୩ଜଣ ସୁସ୍ଥ ହେଲେଣି। ସେହିପରି ରାଜ୍ୟରେ ବର୍ତ୍ତମାନ ସୁସ୍ଥ ଆକ୍ରାନ୍ତଙ୍କ ସଂଖ୍ୟା ୧୧୬ରେ ପହଞ୍ଚିଛି ଓ ୩୧୮ଜଣ ସକ୍ରିୟ ରୋଗୀ ରହିଛନ୍ତି। ରାଜ୍ୟରେ ଏଣିକି ଭୁବନେଶ୍ୱରସ୍ଥ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲରେ କରୋନା ପରୀକ୍ଷଣ ହୋଇପାରିବ। ଏଥିଲାଗି ଉକ୍ତ ହସ୍ପିଟାଲକୁ ଅନୁମତି ମିଳିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି।

### ସମୟ ପୂର୍ବରୁ...

କାର୍ଯ୍ୟ କରୁଛନ୍ତି। ସେଥିମଧ୍ୟରୁ ୭/୮ଟି ଶୀର୍ଷରେ ରହିଛନ୍ତି। ଆମେ କେତେକ ଟିମ୍ ଉପରେ ଧ୍ୟାନ ଦେଉଛି, ଯେଉଁମାନେ କି ଉତ୍ତମ ଫଳାଫଳ ଆଣିପାରନ୍ତି। କିନ୍ତୁ ଏଯାଏ ଟିକା ପ୍ରସ୍ତୁତକାରୀ ଶ୍ରେଷ୍ଠ ଟିମ୍ ଚିହ୍ନଟ ହୋଇନାହିଁ ବୋଲି ଟେଡ୍ରୋସ କହିଛନ୍ତି।

ଟେଡ୍ରୋସ୍ କହିଛନ୍ତି ଯେ, ଗତ ଜାନୁୟାରୀରୁ ଆମେ ବିଶ୍ୱର ହଜାର ହଜାର ଅନୁସନ୍ଧାନକାରୀଙ୍କ ସହ କାର୍ଯ୍ୟ କରୁଛୁ। ପ୍ରାଣୀ ଉପରେ ଅଧିକାଂଶ ଟିକାର ପ୍ରୟୋଗ କରାଯାଇଥିବାବେଳେ କେତେକର ମାନବ ପରୀକ୍ଷା ଆରମ୍ଭ ହୋଇଛି। ପ୍ରାୟ ୪୦୦ ବୈଜ୍ଞାନିକଙ୍କ ଏକ ଟିମ୍ ଏହି ସମଗ୍ର କାର୍ଯ୍ୟ ଉପରେ ନଜର ରଖିଛି। କରୋନା ସଂକ୍ରମଣ ଅତ୍ୟନ୍ତ ବିପଜ୍ଜନକ। ପଶ୍ଚିମ ୟୁରୋପରେ ନୂଆ ମାମଲା ହ୍ରାସ ପାଉଥିବାବେଳେ ପୂର୍ବ ୟୁରୋପ, ଆଫ୍ରିକା, ଦକ୍ଷିଣ ପୂର୍ବ ଏସିଆ, ପୂର୍ବ ଭୂମଧ୍ୟସାଗର ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଏହା ବୃଦ୍ଧିପାଉଛି। ଏହି ମହାମାରୀ ଆମକୁ ଅନେକ ଯନ୍ତ୍ରଣାଦାୟକ ଶିକ୍ଷା ଦେଉଛି। ବିଶେଷକରି ସୁଦୃଢ଼ ଜାତୀୟ ଓ ଆଞ୍ଚଳିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ବହୁ ଗୁରୁତ୍ୱ ରହିଛି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ୨୦୩୦ ସୁଦ୍ଧା ୫ ବିଲିୟନରୁ ଅଧିକ ଲୋକ ଅତ୍ୟାବଶ୍ୟକ ସେବା ପାଇପାରିବେ ନାହିଁ। କରୋନାର ପ୍ରକୋପ ଜାରି ରହିଥିବାବେଳେ ଦେଶଗୁଡ଼ିକ ଏକ ସୁସ୍ଥ, ନିରାପଦ ବିଶ୍ୱ ପାଇଁ ମୂଳଦୁଆ ପକାଇବାକୁ ପଡ଼ିବ। ସାରା ପୃଥିବୀରେ ପ୍ରତିବର୍ଷ ସ୍ୱାସ୍ଥ୍ୟସେବା ପାଇଁ ପ୍ରାୟ ୭.୫ ଟ୍ରିଲିୟନ୍ ଡଲାର ଖର୍ଚ୍ଚ ହୁଏ, ଯାହା ବିଶ୍ୱ ଜିଡିପିର ପ୍ରାୟ ୧୦ ପ୍ରତିଶତ। କିନ୍ତୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରୋତ୍ସାହନ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା ସ୍ତରରେ ରୋଗ ପ୍ରତିରୋଧ ନିମନ୍ତେ ଅର୍ଥ ବିନିଯୋଗ କରିବା ହେଉଛି ସର୍ବୋତ୍ତମ। କାରଣ ଏହାଦ୍ୱାରା ଜୀବନ ରକ୍ଷା ଏବଂ ଅର୍ଥ ସଞ୍ଚୟ ହୋଇପାରିବ ବୋଲି ଟେଡ୍ରୋସ୍ କହିଛନ୍ତି।

### ଆସୁଛି ବାତ୍ୟା...

ବେଗରେ ପବନ ବହିବା ସମ୍ଭାବନା ରହିଛି। ତେବେ କେତେକ ପାଣିପାଗ ମଡେଲ ଏହା ବାଂଲାଦେଶ ଆଡ଼କୁ ଯିବ ବୋଲି ପୂର୍ବାନୁମାନ କରିଛନ୍ତି। ଆସନ୍ତା ୧୫ ତାରିଖ ବେଳକୁ ବାତ୍ୟାର ରୂପରେଖ କିପରି ହେବ ଓ କେଉଁ ଆଡ଼କୁ ଗତି କରିବ ସେ ନେଇ ସ୍ପଷ୍ଟ କରାଯାଇ ପାରିବ ବୋଲି ଅବସରପ୍ରାପ୍ତ ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଶରତ କୁମାର ସାହୁ କହିଛନ୍ତି।

ବାତ୍ୟା ପାଇଁ ପାଗ ଅନୁକୂଳ ରହିଛି। ସ୍ଥଳଭାଗରେ ଗରମ ବାୟୁ ପ୍ରବାହ ହେବା ସହିତ ସାମୁଦ୍ରିକ ଜଳର ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ ପାଖାପାଖି ରହୁଛି। ବାୟୁମଣ୍ଡଳର ଉପରିଭାଗରେ ଅର୍ଥାତ୍ ସମୁଦ୍ର ପତ୍ତନରୁ ୧୨ କି.ମି. ଉପରେ ପବନର ବେଗ ଅଧିକ ଥିବାବେଳେ ତଳ ଭାଗରେ ଗତି କମ୍ ରହୁଛି। ବାତ୍ୟା ପ୍ରଭାବରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଗମନ ସୁଗମ ହେବ। ନିର୍ଦ୍ଧାରିତ ସମୟରେ ଅର୍ଥାତ୍ ଆସନ୍ତା ୧୬ କିମ୍ବା ୧୭ ତାରିଖରେ ମୌସୁମୀ ଆଣ୍ଡାମାନ ଉପକୂଳକୁ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ବାତ୍ୟା ସମ୍ପର୍କରେ ପାଣିପାଗ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ବାତ୍ୟା ଦାନା ବାନ୍ଧୁଥିବାରୁ ରାଜ୍ୟରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଇବ। ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ବଢ଼ିବ। ପାରଦ ୪୫ ଡିଗ୍ରୀକୁ ଛୁଇଁବ ବୋଲି ଅନୁମାନ କରାଯାଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କୋରାପୁଟ, ମାଲକାନଗିରି ଏବଂ ରାଜ୍ୟର ଅନ୍ୟାନ୍ୟ ଭାଗରେ ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହି ସମୟରେ ସୁନ୍ଦରଗଡ଼, ଦେବଗଡ଼, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନବରଙ୍ଗପୁର ଏବଂ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କୃତ୍ତିକାସ୍ଥ ରବି ହେତୁ ପ୍ରତ୍ୟେକ କାମ ଅତି ସହଜରେ ସମ୍ପନ୍ନ ହୋଇପାରିବ। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବ୍ୟବସାୟ, ଶିଳ୍ପ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ।

**ବୃଷ**
ମଙ୍ଗଳ ନକ୍ଷତ୍ରରେ ଶୁକ୍ର ଯୋଗୁ ସ୍ୱାସ୍ଥ୍ୟ ଓ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ହଜିଯିବାର ସମ୍ଭାବନା ରହିଛି।

**ମିଥୁନ**
ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନ ବଳାଇ କର୍ମମୁଖର ହେବେ। କଳା, ସାହିତ୍ୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ**
ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡିପାରେ।

**ସିଂହ**
ଦେହ ଭଲ ରହିବ, ମାତ୍ର କର୍ମକ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। ପ୍ରତ୍ୟେକ ପ୍ରକାରର ପ୍ରତିଦ୍ୱନ୍ଦ୍ୱିତା,ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅଫିସ୍‌ରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ ହେବେ।

**କନ୍ୟା**
କୌଣସି କାମ କରିବା ସକାଶେ ମନ ବଳାଇବେ। ଯାତ୍ରା କାଳରେ କୌଣସି ଖଳ ଲୋକମାନଙ୍କ କଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ହଇରାଣ ହେବାକୁ ପଡିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମାଲିମକଦ୍ଦମା ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**
ପରିବାରରେ ବିରକ୍ତି ପ୍ରକାଶ କରି ବିଭିନ୍ନ ପ୍ରକାରର କଥା କହିବା କାରଣରୁ ବିବାଦ ବଢ଼ିପାରେ। ବନ୍ଧୁଙ୍କ ସହ ପୂର୍ବର ମତାନ୍ତରଜନିତ କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ସହଯୋଗ ପାଇବେ ନାହିଁ। ସାମାଜିକ ଓ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା**
ମଙ୍ଗଳ ଉଚ୍ଚସ୍ଥ ଯୋଗୁ ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି।

**ଧନୁ**
କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଭଲ ସମ୍ପର୍କଥିବା ବନ୍ଧୁଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ପାଖ ପଡୋଶୀମାନେ କିମ୍ବା ଈର୍ଷା ପରାୟଣ ବ୍ୟକ୍ତିମାନେ ପରୋକ୍ଷ ଶତ୍ରୁତା କରିପାରନ୍ତି।

**ମକର**
ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**କୁମ୍ଭ**
ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ବନ୍ଧୁଙ୍କ ମାଧ୍ୟମରେ ତାହା ଅତି ସୁବିଧାରେ ପାଇଯିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନଙ୍କ ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବି ଚିନ୍ତି କାମ କରିବା ଭଲ ହେବ।

**ମୀନ**
ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିବାର ଆଶଙ୍କା ରହିଛି। ପରିବାରର ଖର୍ଚ୍ଚ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ସପ୍ତମୀ ବୁଧବାର, ମାସାନ୍ତ, ମେ ୧୩ ତାରିଖ,ରାଷ୍ଟ୍ରୀୟ ଏକତା ଦିବସ, ରାଶି ନକ୍ଷତ୍ର-ଶ୍ରବଣା। ମକର, ସିଂହ ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ.୦୫.୧୫ମି. ଗତେ ଘ.୦୬.୫୮ମି. ମଧ୍ୟେ, ଦିବା ଘ.୦୯.୩୩ ମି. ଗତେ ଘ.୧୧.୧୭ମି. ମଧ୍ୟେ, ଘ.୦୩.୩୫ମି. ଗତେ ଘ.୦୫.୧୯ମି. ମଧ୍ୟେ, ସନ୍ଧ୍ୟା ଘ. ୦୬.୫୫ମି. ଗତେ ଘ.୦୯.୦୭ମି. ମଧ୍ୟେ, ରାତ୍ରି ଘ.୦୧.୩୩ମି. ଗତେ ଘ.୦୫.୧୫ମି. ମଧ୍ୟେ ଅମୃତ ବେଳା। ଦିବା ଘ. ୦୧.୫୨ମି. ଗତେ ଘ.୦୩.୩୫ମି. ମଧ୍ୟେ, ରାତ୍ରି ଘ.୦୯.୦୭ମି. ଗତେ ଘ.୧୦.୩୭ମି. ମଧ୍ୟେ ମାହେନ୍ଦ୍ରବେଳା।ଦିବାଘ.୧୧.୪୩ମି.ଗତେଘ.୦୧.୨୦ମି.ମଧ୍ୟେରାହୁକାଳ।

# ସିଲ୍ ହେଲା ବାପୁଜୀନଗର

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଏବେ ରେଡ୍ ଜୋନ୍‌ରେ ରହିଛି। ଏହାସତ୍ତ୍ୱେ ବ୍ୟବସାୟକୁ ସ୍ୱାଭାବିକ କରିବା ପାଇଁ କଟକଣାକୁ କିଛିମାତ୍ରାରେ କୋହଳ କରାଯାଇଛି। ସକାଳ ସାଢ଼େ ୬ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବାକୁ ଅନୁମତି ଦିଆଯାଇଛି। ସାମାଜିକ ଦୂରତା ରକ୍ଷା କରି ଦୋକାନ ଖୋଲିବା ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। ହେଲେ ଏହି ନିର୍ଦ୍ଦେଶନାମାର ଅନୁପାଳନ ଠିକ୍‌ଭାବେ ହେଉ ନ ଥିବା ଦେଖିବାକୁ ମିଳୁଛି। ଭୁବନେଶ୍ୱରର ପ୍ରମୁଖ ମାର୍କେଟ ଅଞ୍ଚଳ କୁହାଯାଉଥିବା ବାପୁଜୀନଗରରେ ବିଏମ୍‌ସି ନିର୍ଦ୍ଦେଶନାମାର ଖୋଲାଖୋଲି ଉଲ୍ଲଂଘନ ହେଉଛି। ଦୋକାନଗୁଡ଼ିକରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଥିବାବେଳେ ସାମାଜିକ ଦୂରତା ରକ୍ଷା କରାଯାଉନାହିଁ। ଏହାକୁ ଅନୁଭବ କରିବା ପରେ ମଙ୍ଗଳବାର ବିଏମ୍‌ସି ପକ୍ଷରୁ ବାପୁଜୀନଗରକୁ ସିଲ୍ କରାଯାଇଛି। ଅତ୍ୟାବଶ୍ୟକ ଓ ଜରୁରୀ ସାମଗ୍ରୀ ଦୋକାନ ଛାଡ଼ି ବାକି ସବୁ ଦୋକାନ ବନ୍ଦ ରହିବ ବୋଲି ବିଏମ୍‌ସି ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି। ବାପୁଜୀ ନଗର ଅଞ୍ଚଳର ବ୍ୟବସାୟୀମାନେ ନିଜ ନିଜ ଦୋକାନରେ ସାମାଜିକ ଦୂରତ୍ୱ ନିୟମ ପାଳନ କରୁନାହାନ୍ତି। ଫଳରେ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍ ସ୍କ୍ୱାଡ୍ ବାପୁଜୀ ନଗରରେ ଥିବା ଦୋକାନଗୁଡ଼ିକୁ ବନ୍ଦ କରିଛନ୍ତି ବୋଲି ରଥ କହିଛନ୍ତି।

ବିଏମ୍‌ସିର ଗାଇଡଲାଇନ୍ ଅନୁସାରେ ଗୋଟିଏ ବିଲ୍ଡିଂରେ ୫ରୁ ଊର୍ଦ୍ଧ୍ୱ ଦୋକାନ ଥିଲେ ବ୍ୟବସାୟୀମାନେ ଦୋକାନ ଖୋଲିପାରିବେ ନାହିଁ। ହେଲେ ବାପୁଜୀନଗରର ବ୍ୟବସାୟୀମାନେ ଏହି ନିୟମ ପାଳନ କରି ନଥିଲେ। ଅନୁମତି ନ ନେଇ ବ୍ୟବସାୟୀମାନେ ଦୋକାନ ଖୋଲିଥିଲେ।





ବାପୁଜୀନଗରରେ ବିଏମ୍‌ସି ପକ୍ଷରୁ ଦୋକାନ ବନ୍ଦ କରିବା ପାଇଁ ପ୍ରଚାର କରାଯାଉଛି। ଅଧିକାରୀମାନେ ଏକ ଦୋକାନ ସିଲ୍ କରୁଛନ୍ତି।

- ଖୋଲା ରହିବ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ
- ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରିଥିବାରୁ ହେଲା ସିଲ୍

ବାପୁଜୀନଗରର ଗୋଟିଏ ଗୋଟିଏ ବିଲ୍ଡିଂରେ ୧୦ରୁ ୧୫ ଦୋକାନ ଥିବାବେଳେ ସମସ୍ତ ଦୋକାନ ଖୋଲାଥିବା ଜୋନାଲ ସ୍କ୍ୱାଡ୍‌ର ନଜରକୁ ଆସିଥିଲା। ଏଠାରେ ସାମାଜିକ ଦୂରତ୍ୱ ନିୟମ ପାଳନ ହେଉ ନ ଥିବା ନେଇ ଜନସାଧାରଣ ଅଭିଯୋଗ ମଧ୍ୟ କରିଥିଲେ। ଫଳରେ ବାପୁଜୀ ନଗରରେ ଥିବା ୧୨ଶହ ଦୋକାନରୁ ୧ ହଜାରରୁ ଊର୍ଦ୍ଧ୍ୱ ଦୋକାନକୁ ବିଏମ୍‌ସି ବନ୍ଦ କରିବା ସହ ଦୋକାନ ସମ୍ମୁଖରେ ପୋଷ୍ଟର ମାରିଥିବା ଜଣାପଡ଼ିଛି। ମାତ୍ର ୧୫୦ ଅତ୍ୟାବଶ୍ୟକ ଦୋକାନ ଓ ଜରୁରୀ ସାମଗ୍ରୀ ଦୋକାନ ଖୋଲା ରହିବ ବୋଲି ଜଣାପଡ଼ିଛି। ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ହେବାପରେ ଦୋକାନ ଖୋଲିବାକୁ ନେଇ କେନ୍ଦ୍ର ସରକାର ପରିବର୍ତ୍ତିତ ନିର୍ଦ୍ଦେଶନାମା ଜାରି କରିବା ପରେ ବାପୁଜୀ ନଗରର ଦୋକାନୀମାନେ ନିଜ ନିଜ ଦୋକାନ ଖୋଲିଥିଲେ। ହେଲେ ବ୍ୟବସାୟୀମାନେ ବିଏମ୍‌ସିର ବିନା ଅନୁମତିରେ ଦୋକାନ ଖୋଲିଥିଲେ। ଏବେ ଦୋକାନ ଖୋଲିବାକୁ ଚାହୁଁଥିବା ବ୍ୟବସାୟୀମାନେ ବିଏମ୍‌ସିକୁ ଅନୁମତି ମାଗନ୍ତୁ, ବିଏମ୍‌ସିର କ୍ଷେତ୍ରୀୟ ଅଧିକାରୀ ସମ୍ପୃକ୍ତ ବ୍ୟବସାୟୀଙ୍କ ଦୋକାନ ସ୍ଥଳକୁ ଯାଇ ଯାଞ୍ଚ କରିବା ପରେ ବ୍ୟବସାୟୀ ଜଣକ ଦୋକାନ ଖୋଲିପାରିବେ କି ନାହିଁ ସେନେଇ ଅନୁମତି ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି। ତେବେ ସନ୍ଧ୍ୟାରେ ବାପୁଜୀନଗର ବଜାର କମିଟି ସହ ଜୋନାଲ୍ ଡେପୁଟୀ କମିଶନର ରଥଙ୍କର ଆଲୋଚନା ହୋଇଛି। ବିଏମ୍‌ସି ଦ୍ୱାରା ଦୋକାନ ଖୋଲିବା ନେଇ ଏସ୍‌ଓପି ଜାରି କରାଯିବ ଓ ପର୍ଯ୍ୟାୟକ୍ରମେ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ରଥଯାତ୍ରା ବନ୍ଦ ହେଲେ ଅଶୁଭ

ପୁରୀ ଅଫିସ,୧୨।୫: ରଥଯାତ୍ରା ପାଇଁ ରଥଖଳାରେ ତିନିରଥ ନିର୍ମାଣ କାମ ଆଗେଇ ଚାଲିଛି। ହେଲେ କରୋନାର ଭୟାବହତା ଭିତରେ ରଥଯାତ୍ରାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି। କେନ୍ଦ୍ର ସରକାର ରଥ ନିର୍ମାଣ ଲାଗି ସର୍ତ୍ତମୂଳକ ଅନୁମତି ଦେଇଥିଲେ ମଧ୍ୟ ରଥଯାତ୍ରା ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛାଡିଛନ୍ତି। ସ୍ଥିତି ଦେଖି ରାଜ୍ୟ ସରକାର ରଥଯାତ୍ରା ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ କିଛି ସ୍ପଷ୍ଟ ହୋଇ ନ ଥିବାବେଳେ ରଥଯାତ୍ରାକୁ ନେଇ ମତ ରଖିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର (ଜଗୁନି)। ରଥଯାତ୍ରା ବନ୍ଦ ହେଲେ ଅଶୁଭ ବୋଲି ସେ କହିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ଜଗୁନି କହିଛନ୍ତି, ରଥଯାତ୍ରା ବନ୍ଦ ହେଲେ ଏହା ସଂସାର ପାଇଁ ଅଶୁଭ। ରାଜ୍ୟ ସରକାର ରଥଯାତ୍ରା ବନ୍ଦ କଲେ ବହୁତ ଅସୁବିଧା ହେବ। ମହାପ୍ରଭୁଙ୍କ ରଥଯାତ୍ରା ଯେପରି ସୁରୁଖୁରରେ ହେବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଦରକାର। ଏ ବର୍ଷ କେହି ପୁରୀ ନ ଆସି ଘରେ ରହି ଟିଭିରେ ରଥଯାତ୍ରା ଦେଖନ୍ତୁ। କରୋନା ପାଇଁ ରାଜ୍ୟ ସରକାର ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ତାହାକୁ ସମସ୍ତେ ମାନିବା, ସାମାଜିକ ଦୂରତ୍ୱ ରକ୍ଷା କରିବା ଆବଶ୍ୟକ। ଯେଉଁଠି ଶହେ ସେବକ ଦରକାର ସେଠି ୫୦ଜଣଙ୍କୁ ନେଇ କାମ ହେଉ। ଯେଉଁମାନଙ୍କର ସେବା ରହିଛି ସେମାନେ ଆସନ୍ତୁ, ଅନ୍ୟମାନେ ଘରେ ରୁହନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ବାହାରକୁ ଆସିଲେ ସବୁ କରୋନା ଭୟ ଚାଲିଯିବ ବୋଲି ଜଗୁନି କହିଛନ୍ତି।

# ମାଟ୍ରିକ ଖାତା ଦେଖିବା ପାଇଁ ଶିକ୍ଷକ ନାରାଜ

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

- ମୂଲ୍ୟାୟନକାରୀଙ୍କ ପାଇଁ ୫୦ ଲକ୍ଷ ଟଙ୍କାର ବୀମା ଦାବି
- ଆଜି ଶିକ୍ଷକ ସଂଘର ବୈଠକ

କରୋନା ପାଇଁ ମାଟ୍ରିକ୍ ଖାତା ଦେଖାରେ ବିଳମ୍ବ ହୋଇଛି। ତେଣୁ ସାମାଜିକ ଦୂରତ୍ୱକୁ ନଜରରେ ରଖି ରାଜ୍ୟ ସରକାର ଏଥିଲାଗି ଅଧିକ ୬ହଜାର ମୂଲ୍ୟାୟନକାରୀଙ୍କୁ ନିୟୋଜିତ କରିଛନ୍ତି। ଆସନ୍ତା ୨୦ରୁ ଖାତା ଦେଖା ଆରମ୍ଭ ହେବ। ସେପଟେ କିନ୍ତୁ ଖାତା ମୂଲ୍ୟାୟନ ପାଇଁ ଶିକ୍ଷକମାନେ ରାଜି ନାହାନ୍ତି। ପରୀକ୍ଷା କେନ୍ଦ୍ରରେ ବସି ଖାତା ଦେଖିଲେ କରୋନା ଭୂତାଣୁ ସଂକ୍ରମଣର ଭୟ ରହିଛି ବୋଲି କହିଛନ୍ତି ମୂଲ୍ୟାୟନକାରୀ। ବର୍ତ୍ତମାନ ସାମାଜିକ ଦୂରତ୍ୱ ରକ୍ଷା କରିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା ସାଜିଛି। ଏପରି ସ୍ଥଳେ ଗୋଟିଏ ମୂଲ୍ୟାୟନ କେନ୍ଦ୍ରରେ ବିଭିନ୍ନ ବିଷୟରେ ଶତାଧିକ ଶିକ୍ଷକ ଏକ ସମୟରେ ଖାତା ଦେଖିବାବେଳେ ସାମାଜିକ ଦୂରତ୍ୱ ରକ୍ଷା ବାସ୍ତବରେ ସମ୍ଭବ ହୋଇପାରିବ ନାହିଁ। ସେହିପରି ଗୋଟିଏ ଖାତାକୁ ପାଞ୍ଚଜଣ ପରୀକ୍ଷକ ମୂଲ୍ୟାୟନ କରିବା ନୀତି ଆଜିର ସ୍ଥିତିରେ ବିପଜ୍ଜନକ ହୋଇପାରେ। ତେଣୁ ମୂଲ୍ୟାୟନ କାର୍ଯ୍ୟ ଢାଞ୍ଚାରେ ପରିବର୍ତ୍ତନ କରାଯିବା ଜରୁରୀ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ସମ୍ପାଦକ ପ୍ରକାଶ ମହାନ୍ତି କହିଛନ୍ତି।

ପରୀକ୍ଷା ଖାତା ମୂଲ୍ୟାୟନ କରୁଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ 'କରୋନା' ଯୋଦ୍ଧା ଭାବେ ଘୋଷଣା ସହ ୫୦ ଲକ୍ଷ ଟଙ୍କାର ବୀମା କରିବା ପାଇଁ ଓଷ୍ଟା ପକ୍ଷରୁ ଦାବି କରାଯାଇଛି। ଓଷ୍ଟା ସମ୍ପାଦକ ମହାନ୍ତି କହିଛନ୍ତି ଯେ, କେନ୍ଦ୍ର ସରକାର ଏହାର ସ୍ଥାୟୀ ସମାଧାନ ରାସ୍ତା ବାହାର କରି ନ ପାରି ସିବିଏସ୍‌ଇ ଖାତା ଘରେ ମୂଲ୍ୟାୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ହେଲେ ରାଜ୍ୟ ସରକାର ଏଥିପ୍ରତି ନଜର ଦେଉନାହାନ୍ତି। ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଅସୁବିଧା ଦୃଷ୍ଟିରୁ ପ୍ରତି ଦୁଇଟି ବ୍ଲକକୁ ନେଇ ଗୋଟିଏ ପରୀକ୍ଷା କେନ୍ଦ୍ର କରିବାକୁ ସେ ଦାବି କରିଛନ୍ତି। ପୂର୍ବରୁ ୧୦୦ ମାର୍କର ଖାତାକୁ ଜଣେ ଶିକ୍ଷକ ଦେଖୁଥିଲେ। ଚଳିତବର୍ଷ ସେହିଭଳି ଖାତା ଦେଖାଯାଉ। ୨ବର୍ଷ ତଳୁ ଆରମ୍ଭ ହୋଇଥିବା ବ୍ୟବସ୍ଥାରେ ଜଣେ ଶିକ୍ଷକ ଗୋଟିଏ ଲେଖାଏ ସେଟ୍ ଦେଖିବେ। ଏହି ବ୍ୟବସ୍ଥାରେ ଗୋଟିଏ ଖାତା ୫ଜଣ ଶିକ୍ଷକଙ୍କ ହାତକୁ ଯିବ। ଯେଉଁଥିରେ କରୋନା ସଂକ୍ରମଣର ଆଶଙ୍କା ରହିଛି। ତେଣୁ ପ୍ରତି ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ୫୦ ଲକ୍ଷ ଟଙ୍କାର ବୀମାଭୁକ୍ତ କରାଯାଉ ବୋଲି ସେ ଦାବି ରଖିଛନ୍ତି। ଅନ୍ୟପକ୍ଷେ ମାଟ୍ରିକ୍ ଖାତା ଦେଖିବା ପାଇଁ ଶିକ୍ଷକ ସଂଘ କିଛି ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦେଇଥିଲେ। କିନ୍ତୁ ସରକାର ଏଥିପ୍ରତି ନୀରବଦ୍ରଷ୍ଟା ସାଜିଛନ୍ତି। ଏ ନେଇ ବୁଧବାର ଶିକ୍ଷକ ସଂଘର ବୈଠକ ବସିବ। ଏହାପରେ ଖାତା ମୂଲ୍ୟାୟନ ନେଇ ନିଷ୍ପତ୍ତି ନିଆଯିବ ବୋଲି ଓଷ୍ଟା ସମ୍ପାଦକ ମହାନ୍ତି ସୂଚନା ଦେଇଛନ୍ତି।

# ଏଥର ହେବ ନାହିଁ ଦ୍ୱିତୀୟ ଓଜେଇଇ

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

ଚଳିତ ବର୍ଷ ଦ୍ୱିତୀୟ ଓଜେଇଇ (ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ) ହେବ ନାହିଁ। କରୋନାକୁ ଦୃଷ୍ଟିରେ ରଖି ଓଜେଇଇ ପକ୍ଷରୁ ଏବର୍ଷ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏଥର ବିଟେକ୍ ପାଇଁ ସ୍ୱତନ୍ତ୍ର ଏଣ୍ଟ୍ରାନ୍ସ ହେବ। ସ୍ୱତନ୍ତ୍ର ଓଜେଇଇ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଆଡ଼ମିଶନ୍ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ମଙ୍ଗଳବାର ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହା ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଛାତ୍ରୀଛାତ୍ରମାନେ ଆସନ୍ତା ଜୁନ୍ ୫ ତାରିଖରେ ଫି' ପେମେଣ୍ଟ କରିବେ। ପ୍ରଥମ ଥର ଲାଗି ଏଣ୍ଟ୍ରାନ୍ସ ଓ ଆଡ଼ମିଶନ୍ କମ୍ପ୍ୟୁଟର୍ ବେସ୍‌ରେ କରାଯିବ। କରୋନା ବ୍ୟାପିଥିବାରୁ ଛାତ୍ରୀଛାତ୍ର ଯେପରି ଏକତ୍ରିତ ହେବେ ନାହିଁ ସେଥିପ୍ରତି ଧ୍ୟାନ ଦିଆଯାଇଛି। ଯେଉଁମାନେ ଜେଇଇ ମେନ୍ ଦେଇ ନ ଥିବେ ସେମାନେ ଏହି ସ୍ୱତନ୍ତ୍ର ପ୍ରବେଶିକା ପରୀକ୍ଷା ଦେବେ। ସରକାରୀ ଓ ବେସରକାରୀ କଲେଜରେ ଖାଲି ଥିବା ସିଟ୍‌ରେ ଛାତ୍ରୀଛାତ୍ର ଆଡ଼ମିଶନ୍ ପାଇପାରିବେ ବୋଲି ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ କହିଛନ୍ତି। ଜୁନ୍ ୧୭ ପରେ ପରିସ୍ଥିତି ଦେଖି ଆଡ଼ମିଟ କାର୍ଡ ଓ ପରୀକ୍ଷା ତାରିଖ ଧାର୍ଯ୍ୟ କରାଯିବ ବୋଲି ଚାନ୍ଦ ସୂଚନା ଦେଇଛନ୍ତି।

# ଚନ୍ଦ୍ରଭାଗା କୂଳରେ ପହଞ୍ଚିଲେ ୧୬ ମତ୍ସ୍ୟଜୀବୀ

ପୁରୀ ଅଫିସ/କୋଣାର୍କ (ଡି.ଏନ୍.ଏ)୧୨।୫

ବିଶାଖାପାଟଣାରୁ ସାମୁଦ୍ରିକ ପଥରେ ଏକ ଦେଶୀ ଡଙ୍ଗାରେ ୧୬ଜଣ ମତ୍ସ୍ୟଜୀବୀ ଆସି ମଙ୍ଗଳବାର ସକାଳେ ଚନ୍ଦ୍ରଭାଗା କୂଳରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ଚନ୍ଦ୍ରଭାଗା ତେଲୁଗୁ ବସ୍ତିର ୧୧ ଓ ପୁରୀ ପେଣ୍ଠକଟାର ୫ ମତ୍ସ୍ୟଜୀବୀ ଅଛନ୍ତି। ସେମାନେ ଲକଡାଉନ ପୂର୍ବରୁ ବିଶାଖାପାଟଣା ଯାଇ ଆଉ ଆସିପାରି ନଥିଲେ। ଲକ୍‌ଡାଉନ ସମୟସୀମା ବୃଦ୍ଧି ପାଇବା ସହ ସେମାନେ ସେଠାରେ କିଛି ଖାଇବାକୁ ପାଇ ନ ଥିଲେ। ବହୁ ଅସୁବିଧା ମଧ୍ୟରେ କିଛି ଦିନ ବିତାଇବା ପରେ ଶେଷରେ ରବିବାର ଏକ ଦେଶୀ ଡଙ୍ଗାରେ ବିଶାଖାପାଟଣାରୁ ସମୁଦ୍ର ପଥରେ ୫ଶହରୁ ଅଧିକ କିଲୋମିଟର ଯାତ୍ରା କରି ଚନ୍ଦ୍ରଭାଗାରେ ପହଞ୍ଚିଛନ୍ତି।

ସମୁଦ୍ରପଥରେ ମତ୍ସ୍ୟଜୀବୀ ଚନ୍ଦ୍ରଭାଗାକୁ ଆସୁଥିବା ଖବର ପାଇଁ ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଏମ.ଶ୍ରୀନିବାସ, କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକ ଏବଂ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାଧିକାରୀ ନିଳିମା ପଟ୍ଟନାୟକ ପ୍ରମୁଖ ଚନ୍ଦ୍ରଭାଗାରେ ଉପସ୍ଥିତରହି ସେମାନଙ୍କୁ କୋଣାର୍କ ଶିଶୁ ଓ ମାତୃ ମଙ୍ଗଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିର୍ମିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ସଙ୍ଗରୋଧ ଗୃହରେ ରଖିଥିଲେ। ଏଠାରେ ଏମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସ୍କ୍ରିନିଂ ପରେ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯିବ। ସରକାରୀ ନିୟମ ଅନୁଯାୟୀ ୨୧ ଦିନ ସଙ୍ଗରୋଧ ଗୃହରେ ରହିବାପରେ ସେମାନଙ୍କୁ ଛାଡ଼ି ଦିଆଯିବ। ପୂର୍ବରୁ ୨ୟ ପର୍ଯ୍ୟାୟ ଲକ୍‌ଡାଉନ ସମୟରେ ୫ଜଣ ମତ୍ସ୍ୟଜୀବୀ ସରକାରଙ୍କ ନିର୍ଦ୍ଦେଶନାମାକୁ ଅବମାନନା କରି ଏକ ଡଙ୍ଗା ସାହାଯ୍ୟରେ ସମୁଦ୍ରପଥରେ ୩ଦିନ ଯାତ୍ରା କରିବା ପରେ ଏପ୍ରିଲ ମାସ ୧୬ ତାରିଖରେ ଚନ୍ଦ୍ରଭାଗରେ ପହଞ୍ଚିଥିଲେ। ସ୍ଥାନୀୟ ପ୍ରଶାସନ ସେମାନଙ୍କୁ କୋଣାର୍କ ଡାକ୍ତରଖାନା ପରିସରରେ ନିର୍ମାଣ ହୋଇଥିବା ଆଇସୋଲେଶନ ସେଣ୍ଟରରେ ରଖିଥିଲେ। ସ୍ୱାବ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିବା ପରେ ସୋମନଙ୍କୁ ଛାଡ଼ି ଦିଆଯାଇଥିଲା।



ଚନ୍ଦ୍ରଭାଗା କୂଳରେ ଆସି ପହଞ୍ଚିଥିବା ୧୬ ମତ୍ସ୍ୟଜୀବୀ।

**ସମସ୍ତଙ୍କୁ ସଙ୍ଗରୋଧ ଗୃହରେ ରଖାଗଲା**

# ଅନ୍‌ଲାଇନ୍‌ରେ ଅତ୍ୟାବଶ୍ୟକ ସାମଗ୍ରୀ

ଭୁବନେଶ୍ୱର,୧୨।୫

ଅନ୍‌ଲାଇନରେ ଲୋକଙ୍କ ନିକଟରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ପାଇଁ ବିଏମ୍‌ସି ପକ୍ଷରୁ ସହରବାସୀଙ୍କ ପାଇଁ ଏକ ଅଭିନବ ବ୍ୟବସ୍ଥା କରାଯାଇଛି। ଲୋକମାନଙ୍କୁ କରୋନା ସଂକମଣରୁ ସୁରକ୍ଷା ପ୍ରଦାନ ପାଇଁ ଡବ୍ଲ୍ୟୁ ଡବ୍ଲ୍ୟୁ ଡବ୍ଲ୍ୟୁ ଡଟ୍ ୟୁନିଟ୧ ମାର୍କେଟ ଡଟ୍ କମ୍ ନାମରେ ଏକ ୱେବସାଇଟ ଡିଜାଇନ କରାଯାଇଛି। ଏହାକୁ ଲଗ୍ ଇନ କରି ଲୋକମାନେ ଆବଶ୍ୟକ ସାମଗ୍ରୀ ମଗାଇ ପାରିବେ। ସ୍ଥାନୀୟ ୟୁନିଟ-୧ ହାଟରୁ ବିଭିନ୍ନ ପ୍ରକାରର ପନିପରିବା, ଫଳମୂଳ, ସଉଦା ସହ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଅର୍ଡର ଦେଇ ପାରିବେ। ସେହିଭଳି ହ୍ୱାଟ୍ସ ଆପ୍ ନମ୍ବର +୯୧ ୬୩୭୨୮୯୩୦୦୫ ମାଧ୍ୟମରେ ମଧ୍ୟ ମେସେଜ ପଠାଇ ସାମଗ୍ରୀ ଅର୍ଡର କରି ପାରିବେ।

# କ୍ୱାରାଣ୍ଟାଇନ୍‌ରେ ରହିବେ ସବୁ ସେବକ

ପୁରୀ ଅଫିସ,୧୨।୫

- ସ୍ନାନଯାତ୍ରା, ରଥଯାତ୍ରା ପାଇଁ ବୈଠକ
- ଆଜିଠୁ ରଥ ନିର୍ମାଣକାରୀଙ୍କ ହେବ କରୋନା ଟେଷ୍ଟ

ଜୁନ୍ ୨୩ରେ ରଥଯାତ୍ରା। ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଯଦି ମହାମାରୀ କରୋନାର ସ୍ଥିତି ନିୟନ୍ତ୍ରଣରେ ଥାଏ ତେବେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ରଥଯାତ୍ରା କରାଯିବ। ତେଣୁ ଆଗୁଆ ସତର୍କତା ଅବଲମ୍ବନ କରି ଶ୍ରୀମନ୍ଦିର ପ୍ରଶାସନ ମଙ୍ଗଳବାର ଦଇତାପତି ନିଯୋଗ ସହ ଆଲୋଚନା କରିଛି। ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ନାନଯାତ୍ରା ଏବଂ ରଥଯାତ୍ରା ସହ ସମ୍ପୃକ୍ତ ସମସ୍ତ ସେବକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କ୍ୱାରାଣ୍ଟାଇନରେ ରଖାଯିବ। ତେବେ ହୋମ୍ କ୍ୱାରାଣ୍ଟାଇନରେ ନା ଇନ୍‌ଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନରେ ସେମାନେ ରହିବେ ସେଥିଲାଗି ନିଷ୍ପତ୍ତି ନେଇ ଜଣାଇବାକୁ ଦଇତାପତିମାନଙ୍କୁ ପରାମର୍ଶ ଦିଆଯାଇଛି। ଆସନ୍ତା ୧୮ ତାରିଖରେ ହେବାକୁ ଥିବା ପରିଚାଳନା କମିଟି ବୈଠକରେ ଜଣାଇବା ଲାଗି ସେମାନଙ୍କୁ କୁହାଯାଇଛି।

କେନ୍ଦ୍ର ସରକାରଙ୍କ ସର୍ତ୍ତମୂଳକ ଅନୁମତି ପରେ ରଥ ନିର୍ମାଣ କାର୍ଯ୍ୟ ଚାଲିଛି। ତେଣୁ ସ୍ନାନଯାତ୍ରା ଏବଂ ରଥଯାତ୍ରାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ଲକ୍‌ଡାଉନ ଗାଇଡ୍‌ଲାଇନ ବିଷୟରେ ସେବାୟତଙ୍କୁ ଜଣାଇବା ସହ ସେମାନଙ୍କୁ କିପରି କରୋନା ସଂକ୍ରମଣରୁ ଦୂରେଇ ରଖାଯିବ ପ୍ରକ୍ରିୟା ଆରମ୍ଭ କରିଛି। ପ୍ରତି ନିଯୋଗର ସଦସ୍ୟଙ୍କୁ କୋଭିଡ୍ ଗାଇଡ୍‌ଲାଇନ ସଂକ୍ରାନ୍ତରେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ବିଶେଷଜ୍ଞ ଅବଗତ କରାଇବେ ବୋଲି ନିଷ୍ପତ୍ତି ହୋଇଛି।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି, ଏବେଠାରୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଲାଗି ଦଇତାପତି ସେବକଙ୍କୁ ପରାମର୍ଶ ଦିଆଯାଇଛି। ସରକାରଙ୍କ ଗାଇଡ୍‌ଲାଇନ ମୁତାବକ ପ୍ରାୟ ୮୦ଟି ଦଇତାପତି ପରିବାରଙ୍କୁ କ୍ୱାରାଣ୍ଟାଇନରେ ରଖାଯିବ। ରଥ ତିଆରିରେ କରୋନା ଭାଇରସ୍ ସଂକ୍ରମଣ ଆମ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ସେହିପରି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ସବୁ ସେବାୟତଙ୍କୁ ହୋମ୍ ଏବଂ ଇନ୍‌ଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନର ପଲିସି କ'ଣ ରହିଛି ତାହା ସ୍ୱାସ୍ଥ୍ୟ ଅଧିକାରୀମାନେ ବୁଝାଇବେ। ରଥ ନିର୍ମାଣରେ ନିୟୋଜିତ ମହାରଣା, ଭୋଇ, ରୂପକାର ଏବଂ କମାର ସେବକଙ୍କ କରୋନା ଟେଷ୍ଟ କରାଯିବ। ବୁଧବାରଠାରୁ ଏହି ଟେଷ୍ଟ ଆରମ୍ଭ ହୋଇ ୨/୩ ଦିନ ମଧ୍ୟରେ ଶେଷ ହେବ। ପ୍ରାୟ ୧୬୦ ଜଣ ରଥ ନିର୍ମାଣକାରୀଙ୍କୁ ଇନ୍‌ଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନରେ ରଖାଯାଇଛି। ସେମାନଙ୍କର ପ୍ରତିଦିନ ମେଡିକାଲ ସ୍କ୍ରିନିଂ କରାଯାଉଛି। ଅନ୍ୟପକ୍ଷରେ ଲକ୍‌ଡାଉନର ନିର୍ଦ୍ଦେଶନାମା ଯଦି ଠିକଣା ସମୟକୁ ସହମତି ଦେବ ତେବେ ନିଶ୍ଚିତ ସ୍ନାନ ପୂର୍ଣ୍ଣିମା ଏବଂ ରଥଯାତ୍ରା ହୋଇପାରିବ। ମାତ୍ର ଯଦି ସ୍ଥିତି ଭଲ ନ ଥିବ ତେବେ ଠିକ ସମୟରେ ବିକଳ୍ପ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ କହିଛନ୍ତି। ବୈଠକରେ ଏସ୍‌ପି ଉମାଶଙ୍କର ଦାଶଙ୍କ ସମେତ ଦଇତାପତି ନିଯୋଗର ସମସ୍ତ ସଦସ୍ୟ, ବାଡ଼ଗ୍ରାହୀ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Galaxy Tower Company Pvt. Ltd.
କଂମ୍ପାନୀ ସହିତ ସିଧା ସିଧା ଯୋଡି ହୋଇକି ଖାଲିଥିବା ଜମି ଓ ଛାତ ଉପରେ 4G/5G Tower ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Email: galaxytower1999@gmail.com
WhatsApp: 9479667248

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

GANPATI FINANCE
(Regd Company)
Ganpati ଋଣ ଭରସାର ପ୍ରତିକ
ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
50% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Plot No-7, Knowledge City, Navi Mumbai
7088208559

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଟ୍ଟା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ବ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

WANTED
Looking for sales coordinator for Aelite Logistics & Marketing Pvt. Ltd with 3 yrs. exp. in agriculture field, qualification B.Sc. Agri/ MBA (Graduates can also apply).
Cont.: 9553869938

ଆବଶ୍ୟକ
ଅତ୍ୟନ୍ତ ଲାଭଦାୟକ ସୁଯୋଗ!! ଏକ ଡିଜିଟାଲ ପେମେଣ୍ଟ କମ୍ପାନୀର ବିତରକ ହୋଇ ମାସିକ ଟ.୨୦,୦୦୦ରୁ ଟ.୨୫,୦୦୦ ପର୍ଯ୍ୟନ୍ତ ଆୟ କରିପାରିବେ।*
* ନ୍ୟୁନତମ ନିବେଶ।
କଲ୍ କରନ୍ତୁ ଅମିତ୍‌ଙ୍କୁ @ 9178020613

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ବୈଦ୍ୟୁତିକ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି
ଟେଣ୍ଡର ନଂ.: ୧୧-ଟେଣ୍ଡର-ଇଏଲ୍-ସିଓଏନ୍-ଏସ୍‌ଇସିଆର୍-ବିଏସ୍‌ପି-୨୦୨୦, ତାରିଖ ୦୬।୦୫।୨୦୨୦ କାର୍ଯ୍ୟର ନାମ: "ଏସ୍.ଇ.ସି. ରେଳପଥର ବିଳାସପୁର ଡିଭିଜନରେ ଆର୍‌ଆଇଜି-ଜେଏସ୍‌ଜି ସେକ୍ସନ ମଧ୍ୟରେ ବୈଦ୍ୟୁତିକ ସାଧାରଣ ସେବା କାର୍ଯ୍ୟ ସମେତ ଆର୍‌ଆଇଜି-ଜେଏସ୍‌ଜି ୪ର୍ଥ ଲାଇନ୍ ସେକ୍ସନ ମଧ୍ୟରେ ପାୱାର ଲାଇନ୍ କ୍ରସିଂର ସଂଶୋଧନ ଓ ୟାର୍ଡରେ ଏଲଟି/ଏଚ୍‌ଟି ଇନ୍‌ଫ୍ରିଞ୍ଜମେଣ୍ଟ ହଟାଇବା ତଥା ଅନ୍ୟାନ୍ୟ ବୈଦ୍ୟୁତିକ କାର୍ଯ୍ୟ।" ଟେଣ୍ଡର ମୂଲ୍ୟ: ₹୨,୪୦,୨୦,୯୯୬/- (ଦୁଇ କୋଟି ଚାଳିଶ ଲକ୍ଷ କୋଡ଼ିଏ ହଜାର ନଅଶହ ଛୟାନବେ ଟଙ୍କା ମାତ୍ର)। ଇଏମ୍‌ଡି: ₹୨,୭୦,୧୦୦/- (ଦୁଇଲକ୍ଷ ସତୁରି ହଜାର ଶହେ ଟଙ୍କା ମାତ୍ର)। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୧।୦୬।୨୦୨୦ରିଖ ୧୫.୩୦ ଘଟିକାରେ। ସମାପ୍ତି ତାରିଖ: ୨୪ (ଚବିଶ) ମାସ। ୱେବ୍‌ସାଇଟ୍ ବିବରଣୀ ଓ ନୋଟିସ ବୋର୍ଡ ଅବସ୍ଥିତି: ଅଧିକ ବିବରଣୀ/ଇ-ଟେଣ୍ଡର କାଗଜପତ୍ର, ଯୋଗ୍ୟତା ମାନଦଣ୍ଡ ଓ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।
ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ନିର୍ମାଣ)
CPR/10/52 ଏସ୍.ଇ.ସି. ରେଳପଥ/ବିଳାସପୁର
South East Central Railway @Secrail

## ODISHA JOINT ENTRANCE EXAMINATION - 2020 (OJEE - 2020)

No: OJEE2020/132 — Date: 12.05.2020

**NOTICE FOR SPECIAL OJEE FOR B.TECH.**

In view of the COVID -19 (Coronavirus) pandemic situation, there have been modifications in the scheduling of entrance examinations and also in the academic calendar for 2020-21. As it is not feasible to conduct the 2nd / Special OJEE in this session because of time constraint, it has been decided to conduct, as an integral part of OJEE – 2020, **a Special Entrance Examination for admission into 1st year B.Tech. courses of all Government and Private Engineering Colleges of Odisha against the vacancy seats left out after 1st phase OJEE counseling only for those students, who have not been / are not able to appear in the JEE (Main) - 2020 examination due to some reason or other.**

Candidates, who have already appeared or are going to appear in JEE MAIN 2020 for B.Tech. admission are not required to appear the Special OJEE 2020 for B.Tech.

**Schedule:**
1. **Online Application Starts : 12.05.2020**
2. **Last Date of Application : 31.05.2020**
3. **Last Date of Fee Payment : 05.06.2020**

Detailed instructions and terms and conditions for online application will be like other forms as per the Information Brochure available in the website, i.e., **www.ojee.nic.in.**

The Entrance Examination for the B.Tech. will be done through CBT (Computer Based Test).

The detailed schedule regarding revised dates of downloading of Admit Cards and of the Examination will be notified in due course of time, on assessment of the situation after **17.05.2020** only.

The counseling for this merit list will be done for the vacant seats left over after 1st phase counseling (using JEE MAIN merit list). Detailed modalities will be published during OJEE counseling.

**For details, please login to www.ojee.nic.in**

Sd/-
CHAIRMAN, OJEE, ODISHA

> ଦୁଇ ବିପରୀତ ଦିଗରୁ ଆସନ୍ନ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତ ପରସ୍ପର ମିଳିତ ହେବ ଏବଂ ପରସ୍ପର ମଧ୍ୟରେ ଲୟପ୍ରାପ୍ତ ହେବ – ଯାହା ଫଳରେ କି ସମ୍ମିଳିତ ମାନବଜାତିର ଜୀବନରେ ଏକ ସର୍ବସାଧାରଣ ଜଗତ–ସଂସ୍କୃତିର ପ୍ରତିଷ୍ଠା ହେବ। –ଶ୍ରୀଅରବିନ୍ଦ



# ଖାଦ୍ୟ ବିପ୍ଳବ

ବିଶ୍ୱରେ ୧୯୧୮–୧୯ରେ ସ୍ପାନିସ୍ ଫ୍ଲୁ ବେଳେ ଯେଉଁସବୁ ଦେଶରେ ମୃତ୍ୟୁ ଘଟିଥିଲା, ତା'ର ସ୍ପଷ୍ଟ ତଥ୍ୟ ଇତିହାସରେ ଲିପିବଦ୍ଧ ହୋଇ ରହିଛି। ସେତେବେଳେ ଭାରତରେ ୧ କୋଟି ୨୦ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା ବୋଲି ବ୍ରିଟିଶ ସରକାର ଚରିତ୍ରଗତ ଭାବେ ସତ୍ୟ ପ୍ରକାଶ କରିଥିଲେ। ଏବେ କୋଭିଡ୍–୧୯ ସଂକ୍ରମଣରେ ଭାରତର ବାସ୍ତବ ତଥ୍ୟ ପାଇବା ଅସମ୍ଭବ ହୋଇପଡ଼ିଲାଣି। ପ୍ରଥମେ କୁହାଗଲା ଚାଇନାର ଉହାନ ଅଞ୍ଚଳରେ ଘଟୁଥିବା ମୃତ୍ୟୁକୁ ସେହି ଦେଶର ଏକଛତ୍ରବାଦୀ ସରକାର ସବୁଆଡ଼ୁ ଲୁକ୍କାୟିତ ରଖିଲେ। ପରିସ୍ଥିତି ଅସମ୍ଭାଳ ହେଲାରୁ କିଛି ତଥ୍ୟ ପ୍ରକାଶ ପାଇଲା। ଅନୁରୂପ ଭାବେ ଏବେ ରୁଷିଆରେ ସଂକ୍ରମଣ ସ୍ତର ବୃଦ୍ଧିପାଇବା ସହିତ ଏଇ ସମୟ ମଧ୍ୟରେ ମୃତ୍ୟୁହାର ଅନେକ ପରିମାଣରେ ବଢ଼ିଯାଇଛି। 'ନ୍ୟୁୟର୍କ ଟାଇମ୍ସ' ଖବରକାଗଜ ଅନୁଯାୟୀ କେବଳ ରାଜଧାନୀ ମସ୍କୋରେ ଅନ୍ୟ ସମୟ ତୁଳନାରେ ଏହି ସମୟରେ ୧୭ ଶହ ଅଧିକ ମୃତ୍ୟୁ ଘଟିଛି। ଏହା ଗୋଟିଏ ମାତ୍ର ସହରର ତଥ୍ୟ। ସେହିଭଳି ଭାରତରେ ପ୍ରକୃତ ତଥ୍ୟ ପାଇବା ଏକ ଅସମ୍ଭବ ବ୍ୟାପାର ହୋଇପଡ଼ିଲାଣି। ପୂର୍ବରୁ ଶୁଣାଯାଇଥିଲା ଜିଡିପି ହାର, ବେକାରି ସଂଖ୍ୟା ଏବଂ ସରକାରଙ୍କ ଅନ୍ୟ ତଥ୍ୟ ସବୁ ଗୋଳମାଳିଆ କରି ରଖାଯାଇଛି, ଯଦ୍ଦ୍ୱାରା ଦେଶବାସୀ ବାସ୍ତବ ଚିତ୍ର ଜାଣିପାରିବେ ନାହିଁ। ତଥ୍ୟ ଏବଂ ପରିସଂଖ୍ୟାନ ଉପରେ ଗବେଷଣା କରୁଥିବା ସରକାରୀ କର୍ତ୍ତୃପକ୍ଷ ସତ କହିକରି ଚାକିରିରୁ ବିଦା ହେବାର ଉଦାହରଣ ମଧ୍ୟ ରହିଛି।

ଷ୍ଟାଟିଷ୍ଟିକା ଡଟ୍ କମ୍ ସାଇଟ୍ ଅନୁଯାୟୀ ସର୍ବାଧିକ କୋଭିଡ୍–୧୯ ପରୀକ୍ଷା ସ୍ପେନ୍, ପର୍ତ୍ତୁଗାଲ ଏବଂ ବେଲ୍‌ଜିୟମ୍‌ରେ ହେଉଛି, ଯେଉଁଥିରେ ସେହିସବୁ ଦେଶର ଜନସଂଖ୍ୟାର ପ୍ରତି ନିୟୁତ ପିଛା ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟେଷ୍ଟିଂ କରାଯାଉଛି। ଅନ୍ୟପଟେ ମେକ୍ସିକୋ, ଭାରତ ଏବଂ ପାକିସ୍ତାନରେ ଏକ ନିୟୁତ ଜନସଂଖ୍ୟାରେ ମାତ୍ର ହଜାରେ ଟେଷ୍ଟିଂ କରାଯାଉଛି। ଏହିଭଳି ତଥ୍ୟକୁ ଭିତ୍ତିକରି ଆମ ସରକାର ଯେଉଁସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହା ପ୍ରକୃତ ପରିସ୍ଥିତି ଉପରେ ଆଧାରିତ ହେଉନାହିଁ। ସେଥିପାଇଁ ଧାରଣା ସୃଷ୍ଟି ହେଉଛି ଯେ, ସବୁ ପଦକ୍ଷେପ ଭୁଲ୍ ହୋଇଯାଉଛି।

ଏଠାରେ ଭାରତର ଆଭିମୁଖ୍ୟ କେଉଁଭଳି ତ୍ରୁଟିପୂର୍ଣ୍ଣ ତାହା ବିଚାରଯୋଗ୍ୟ। ୧୨ ମେ' ରାତି ୮ଟା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବା ବେଳେ ୪.୦ ଲକ୍‌ଡାଉନ୍ ସମ୍ପର୍କରେ ସଂକେତ ଦେଇଛନ୍ତି। ୧୮ ମେ'ରୁ ନୂଆ ଗାଇଡ୍‌ଲାଇନ ସହ ଲକ୍‌ଡାଉନ୍ ୪ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ଆହୁରି କେତେକ କଟକଣା କୋହଳ କରାଯିବ। ଏ ସମ୍ପର୍କିତ ତଥ୍ୟ ନେଇ ଦେଶବାସୀଙ୍କୁ ୧୮ ମେ' ପୂର୍ବରୁ ଅବଗତ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ତେବେ ଏହି ଘୋଷଣା କଲାବେଳେ ମନେହେଉଥିଲା ସତେ ଯେପରି ସମ୍ପୂର୍ଣ୍ଣ ଭାବେ ଧନୀ ଶିଳ୍ପପତିଙ୍କ ପାଖକୁ ଏହା ଯାଇପାରେ। ଗରିବଙ୍କ ସକାଶେ କିଛି ଦିନର ଖାଦ୍ୟ ବ୍ୟବସ୍ଥା ସେଥିରେ ରହିଥାଇପାରେ। କୁହାଗଲା ଦେଶର ପରବର୍ତ୍ତୀ ସମୟ ପାଇଁ ରୋଡ୍‌ମ୍ୟାପ୍ ଦେବେ ପ୍ରଧାନମନ୍ତ୍ରୀ। କିନ୍ତୁ ସେହି ନକ୍ସା ଦେଶବାସୀ ତାଙ୍କ ଭାଷଣରୁ ପାଇପାରିଲେ ବୋଲି ବିଶ୍ୱାସ ହେଉନାହିଁ। ତେବେ ଅପେକ୍ଷା ରହିଲା ସୁଫଳ ପାଇବାକୁ।

ବିନା ଦ୍ୱନ୍ଦ୍ୱରେ କହିହେବ ଯେ, ୨୪ ମାର୍ଚ୍ଚରୁ ଆରମ୍ଭ ହୋଇଥିବା ଲକ୍‌ଡାଉନ ଇତିମଧ୍ୟରେ ଭାରତର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇ ସାରିଲାଣି। 'ମେକ୍ ଇନ୍ ଇଣ୍ଡିଆ' ଭଳି ସରକାରୀ ଯୋଜନା କେବଳ ବାହୁସ୍ଫୋଟରେ ରହିଗଲା ବୋଲି ଆମର କର୍ପୋରେଟ ଜଗତ ଦୋକାନୀ ହେବା ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ଉତ୍ପାଦନ କରିବାର କ୍ଷମତା ରଖିନାହିଁ। ସବୁ ଶିଳ୍ପପତି ଏବଂ ଦୋକାନୀ ଚିନ୍ତିତ ଯେ, ଏବେ ଚାଇନାରୁ ସାମଗ୍ରୀ ଆସିବା ବନ୍ଦ ହୋଇଯାଇଥିବାରୁ ସେମାନଙ୍କର ବ୍ୟବସାୟ ଚାଲିବ କିପରି। ଅର୍ଥାତ୍ ଚାଇନା ଉପରେ ଭାରତର ବ୍ୟବସାୟିକ ଗୋଷ୍ଠୀ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ। ସେହି ଅକର୍ମା ଭାରତୀୟ ବ୍ୟବସାୟୀ ଗୋଷ୍ଠୀ ପାଇଁ ସରକାର ନୀତି ସୃଷ୍ଟି କରିବା ସକାଶେ ବ୍ୟସ୍ତ ଥିବା ବେଳେ କରୋନା ଭାଇରସ୍‌ର ଦ୍ୱିତୀୟ ପର୍ଯ୍ୟାୟ ଆସିବାର ସବୁ ଆଶଙ୍କା ରହିଛି। ସେଭଳି ପରିସ୍ଥିତି ଘଟିଲେ ଭାରତରେ ମୃତ୍ୟୁ ସଂଖ୍ୟା ବଢ଼ିବାର ସମ୍ଭାବନା ମଧ୍ୟ ସୃଷ୍ଟି ହେଲାଣି।

ଅନ୍ୟ ଏକ ଚିନ୍ତା ମନକୁ ଆସୁଛି। ଭାରତୀୟ ବ୍ୟବସାୟୀମାନେ ଡିମାଣ୍ଡ–ସପ୍ଲାଏ ବା ଚାହିଦା–ଯୋଗାଣ ବ୍ୟବସ୍ଥାରେ ନିଜର ବ୍ୟବସାୟ ବୃଦ୍ଧି କରିଆସୁଛନ୍ତି। ସରକାର ସେହି ଗୋଷ୍ଠୀର ବୋଲକରା ହୋଇ ରହିଥିବା ବେଳେ କୃଷିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିରଖିଛି। ଯଦି କୃଷକ ତା'ର ଉତ୍ପାଦ ବିକ୍ରି କରିବାରେ ଅସଫଳ ହୋଇ ମନସ୍ଥ କରିନେବ ଯେ ଡିମାଣ୍ଡ ବା ଚାହିଦା ହ୍ରାସ ପାଉଥିବାରୁ ସପ୍ଲାଏ ବା ଯୋଗାଣ ମଧ୍ୟ କମ୍ କରିଦେବ, ତେବେ ଦେଶର ପରିସ୍ଥିତି କେତେ ଭୟଙ୍କର ହେବ ବୁଝାପଡୁଛି। ଯେତେବେଳେ ବିଦ୍ୟୁତ୍ ଶକ୍ତି ଉତ୍ପାଦକମାନେ ସେମାନଙ୍କ ଉତ୍ପାଦନ ହ୍ରାସ କରିଦେଇଛନ୍ତି, କାରଣ ଶିଳ୍ପ ଚାଲୁ ନ ଥିବାରୁ ଚାହିଦା କମିଛି, ସେତେବେଳେ ସରକାର ସେହି ବିଦ୍ୟୁତ୍ ଉତ୍ପାଦକମାନଙ୍କ ଚାପରେ ଅନେକ କିଛି ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ଚିନ୍ତା କରୁଛନ୍ତି। ସେଭଳି ପରିସ୍ଥିତି କୃଷକମାନେ ଖାଦ୍ୟ ସାମଗ୍ରୀ ପାଇଁ ସୃଷ୍ଟି କରିପାରିଲେ, ସରକାରଙ୍କ ବେକ ମୋଡ଼ି ହେବ ଓ ସେମାନଙ୍କ କଥା ଶୁଣିବାକୁ ସରକାର ବାଧ୍ୟ ହେବେ।

# କରୋନା ମୁକାବିଲାରେ ଭାରତୀୟ ଡାକ



ବୃହସ୍ପତି ସାମଲ

ଭାରି ବ୍ୟସ୍ତ ଲାଗୁଥାଏ ସଂଜିତ୍ ହାଲଦାରଙ୍କୁ। ଶନିବାର କାମ ସାରି ନିଜର କର୍ମସ୍ଥଳୀ ନଦିଆ ଜିଲାର ଦେବଗ୍ରାମ ଉପଡାକଘରୁ ୧୬୦ କି.ମି. ଦୂର ନିଜଘର ଦକ୍ଷିଣ ୨୪ ପ୍ରଗଣାର ଗରିଆକୁ ଚାଲିଆସିଥିଲେ ପରିବାରର ଭଲମନ୍ଦ ବୁଝି ପୁଣି ଫେରିଯିବାକୁ। ହେଲେ ୨୨ ମାର୍ଚ୍ଚର ଜନତା କର୍ଫ୍ୟୁ ଏବଂ ତତ୍ ପରବର୍ତ୍ତୀ ତାଲାବନ୍ଦୀ କଟକଣାରେ ସେ ସବୁକିଛି ଓଲଟପାଲଟ ହୋଇଯିବ ଏ କଥା ଭାବି ପାରି ନ ଥିଲେ। ଏପ୍ରିଲ ମାସ ଯେତିକି ପାଖେଇ ଆସୁଥାଏ, ମନଟା ସେତିକି ଆଉଟୁ ପାଉଟୁ ହେଉଥାଏ। ଚିନ୍ତା ବଢ଼ିଯାଇଥାଏ ତାଙ୍କ ଡାକଘର ଉପରେ ନିର୍ଭରଶୀଳ ଗରିବ, ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଗ୍ରାହକମାନଙ୍କ ପାଇଁ, ଥୁରୁଥୁରୁ ହାତ ପାଦରେ ମାସ ଆରମ୍ଭରେ ଆସୁଥିବା ବରିଷ୍ଠ ନାଗରିକ, ଜୀବନର ସାୟାହ୍ନରେ ପରିବାରର ବୋଝ ମୁଣ୍ଡେଇଥିବା ପେନ୍‌ସନ୍‌ଭୋଗୀ ଏବଂ ମାସିକ ସଞ୍ଚୟ ଯୋଜନାରୁ ଟଙ୍କା ଉଠାଣ କରି ଗୁଜୁରାଣ ମେଣ୍ଟାଉଥିବା ନିୟମିତ ଗ୍ରାହକମାନଙ୍କ ପାଇଁ। ଗ୍ରାହକମାନଙ୍କ ସୁଖଦୁଃଖକୁ ଜଣେ ପରିବାରର ସଦସ୍ୟ ଭଳି ବାଣ୍ଟି ନେଇଥିବା ସଂଜିତ୍ ସବୁମତେ ଚେଷ୍ଟାକଲେ କର୍ମସ୍ଥଳୀକୁ ଫେରିଆସିବାକୁ। ଘରୋଇ ଉଡ଼ାଯାନର ଭାରି ପାଉଣା ଦେବା ଜଣେ ଡାକପାଳ ପକ୍ଷରେ ସମ୍ଭବ ନ ଥିବାରୁ କର୍ମର ଡାକରାରେ ନିଜ ସ୍ୱାସ୍ଥ୍ୟ ତଥା ପରିବାରର ଭଲମନ୍ଦକୁ ପଛରେ ପକେଇ, ଦୁଇ ପ୍ୟାକେଟ୍ ବିସ୍କୁଟ୍ ଏବଂ ଗୋଟିଏ ପାଣି ବୋତଲକୁ ପାଥେୟ କରି ନିଜ ଝିଅର ସାଇକେଲ ଧରି ୧୬୦ କି.ମି. ଯିବାକୁ ଅଣ୍ଟା ଭିଡ଼ିଲେ ସଂଜିତ୍। କାଳି ଅନ୍ଧାରରୁ ଘରୁ ବାହାରି ଗାଁ, ସହର ଏବଂ ଘଞ୍ଚ ଜଙ୍ଗଲର ନିଛାଟିଆ ରାସ୍ତା ଦେଇ ଦେବଗ୍ରାମରେ ପହଞ୍ଚିଲେ ରାତି ୯ଟାରେ।

ଡାକସେବାକୁ ଜନସେବାର ମୂଳମନ୍ତ୍ର ଭାବେ ଗ୍ରହଣ କରିଥିବା ସଂଜିତ୍ ହାଲଦାରଙ୍କ ଭଳି ନିଷ୍ଠାପର, କର୍ମତତ୍ପର, ଉତ୍ସର୍ଗୀକୃତ, ସୁଦକ୍ଷ ପାଞ୍ଚଲକ୍ଷ କର୍ମଚାରୀ ମଣ୍ଡଳୀକୁ ନେଇ ଗ୍ରାମାଞ୍ଚଳର ୧୩୦୦୦୦ ଡାକଘର ସହ ମୋଟ ୧୫୫୦୦୦ ଡାକଘର ସାହାଯ୍ୟରେ ଭାରତୀୟ ଡାକ କରୋନା ମହାମାରୀର ମୁକାବିଲା ପାଇଁ ଜାରିଥିବା ତାଲାବନ୍ଦୀ ସମୟରେ ନିଜ ଚିରାଚରିତ ଡାକ ଓ ଆର୍ଥିକ ସେବା ସହ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସେବା ପ୍ରଦାନ ପାଇଁ ସରକାର, ପ୍ରଶାସନ ଓ ସାଧାରଣ ଜନତା ସହ ଯୋଡ଼ି ହୋଇଯାଇଛି। ଭାରତର ଏଭଳି ଘୋର ସଂକଟମୟ ପରିସ୍ଥିତିରେ ଯେଉଁ କେତୋଟି ସରକାରୀ ସଂସ୍ଥା କାର୍ଯ୍ୟରତ, ତା'ମଧ୍ୟରେ ବିଶ୍ୱର ଏହି ସର୍ବବୃହତ୍ ଡାକସଂସ୍ଥା ଅନ୍ୟତମ। ତାଲାବନ୍ଦୀ କାରଣରୁ ସାଧାରଣ ଜୀବନଯାତ୍ରା ଢେର ବାଧାପ୍ରାପ୍ତ ହେଉଥିବା ବେଳେ ଭାରତୀୟ ଡାକ, ନାଗରିକମାନଙ୍କ ଅହର୍ନିଶ ସେବା ପ୍ରଦାନ ପାଇଁ ପ୍ରତିବଦ୍ଧ।

କରୋନା ମହାମାରୀର ଘୋର ସଂକଟମୟ ପରିସ୍ଥିତିରେ ସମାଜର ମୁଖ୍ୟ ସ୍ରୋତରୁ ଦୂରେଇ ରହିଥିବା ଅପହଞ୍ଚ ଅଞ୍ଚଳର ଗରିବ, ନିଷ୍ପେଷିତ ଶ୍ରମିକ ଶ୍ରେଣୀ ଓ ବସ୍ତି ବାସିନ୍ଦାଙ୍କ ମୁହଁରେ ହସ ଫୁଟାଇ ସେମାନଙ୍କର ଜୀବନଯାତ୍ରାକୁ ସହଜ ଓ ସରଳ କରିବା ଉଦ୍ଦେଶ୍ୟରେ ଭାରତୀୟ ଡାକ ବିଭାଗର ୨୩ଟି ଡାକ ପରିମଣ୍ଡଳ ତାଲାବନ୍ଦୀ ସମୟରେ ସେମାନଙ୍କ ପାଖରେ ରନ୍ଧା ଓ ଶୁଖିଲା ଖାଦ୍ୟ, ରାଶନ ଏବଂ ବିଭିନ୍ନ ସୁରକ୍ଷା ସାମଗ୍ରୀ ପହଞ୍ଚାଇବା ପାଇଁ ପ୍ରତିବଦ୍ଧ। ପଞ୍ଜାବ ଡାକ ପରିମଣ୍ଡଳ 'ଫୁଡ଼ସ୍ ଅନ୍ ହୁଇଲସ୍' କାର୍ଯ୍ୟକ୍ରମ ଜରିଆରେ ନିର୍ମାଣ ଓ ପ୍ରବାସୀ ଶ୍ରମିକ, ବୁଲା ବିକାଳି, ରିକ୍ସା ଚାଳକ ଓ ରୋଗୀଙ୍କ ପରିଚାରକମାନଙ୍କୁ ଦିନକୁ ୨ଥର ରନ୍ଧାଖାଦ୍ୟ ପରିବେଷଣ କରୁଛି। ଉତ୍ତର ପ୍ରଦେଶ ଡାକ ପରିମଣ୍ଡଳ ନଏଡ଼ା, ଗାଜିଆବାଦ ଓ ପ୍ରୟାଗରାଜ ଅଞ୍ଚଳରେ ଥଇଥାନ ହୋଇଥିବା ପ୍ରବାସୀ ଓ ନିର୍ମାଣ ଶ୍ରମିକମାନଙ୍କ ସହ ଅସୁବିଧାରେ ଥିବା ଦୀନଦୁଃଖୀଙ୍କୁ ଶୁଖିଲା ଖାଦ୍ୟ ଓ ରାଶନ ସାମଗ୍ରୀ ପୁଡ଼ିଆ ବିତରଣ କରୁଛି। ସେହିଭଳି ଓଡ଼ିଶା, ବିହାର, ତେଲଙ୍ଗାନା ସମେତ ଅନ୍ୟ ସମସ୍ତ ଡାକ ପରିମଣ୍ଡଳ ଡାକଘର ଲାଲ ମୋଟର ଯାନରେ ଲକ୍ଷାଧିକ ଖାଦ୍ୟ ପୁଡ଼ିଆ ସହ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଓ ଅତ୍ୟାବଶ୍ୟକୀୟ ଜିନିଷପତ୍ର ଏପରି କି ପନିପରିବା ମଧ୍ୟ ପ୍ରତ୍ୟେକ ଦିନ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ସତେ ଯେମିତି ଡାକ ବିଭାଗର ଲାଲ ମୋଟର ଯାନ ବର୍ତ୍ତମାନ ଦେଶର ଏ ଦୁର୍ଦ୍ଦିନରେ ବାସହୀନ ଭୋକିଲା ଜନତାଙ୍କର ଆଶା ଭରସା ସାଜି ଉଭା ହୋଇଛି। ତାଲାବନ୍ଦୀ ସମୟରେ ଜୀବନ ରକ୍ଷାକାରୀ ଔଷଧ, କୋଭିଡ–୧୯ ପରୀକ୍ଷଣ ସରଞ୍ଜାମ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସ୍ୱାସ୍ଥ୍ୟ ଉପକରଣ ପ୍ରେରଣ କରିବାରେ ଭାରତୀୟ ଡାକର ସ୍ପିଡ଼ପୋଷ୍ଟ ସେବାର ଯୋଗଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ପାହାଡ଼ ପର୍ବତଘେରା ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନ୍‌ର ୨୪୦ କି.ମି. ଦୂର ସାତଟି ପାହାଡ଼ର ମଧ୍ୟସ୍ଥଳୀରେ ସମୁଦ୍ର ପତନଠାରୁ ୨୬୨୦ଫୁଟ୍ ଉଚ୍ଚତାରେ ଅବସ୍ଥିତ ଚାମୋଲି ଜିଲା ଅନ୍ତର୍ଗତ ଗୌଚରରେ ରହୁଥିବା ଭାରତୀୟ ଆର୍ମି ଅଧିକାରୀ ସୁଶୀଲ ଯୋଶୀଙ୍କର ବୃଦ୍ଧ ପିତା ଏମ୍.ପି. ଯୋଶୀଙ୍କୁ ଠିକ୍ ସମୟରେ ଜୀବନ ରକ୍ଷାକାରୀ ଔଷଧ ପ୍ରଦାନ କରିବା ଭାରତୀୟ ଡାକର ନିଷ୍ଠା ଓ ପ୍ରତିବଦ୍ଧତାକୁ ପ୍ରମାଣିତ କରେ, ଯାହା କୌଣସି ଘରୋଇ କୋରିୟର ସଂସ୍ଥା ପକ୍ଷେ ସମ୍ପୂର୍ଣ୍ଣ ଅସମ୍ଭବ। ମାଇଁ ଲ୍ୟାବ୍‌ର ଅନୁରୋଧକ୍ରମେ ୧୩ ଏପ୍ରିଲ ୧୧ଟା ସମୟରେ କୋଭିଡ୍–୧୯ ପରୀକ୍ଷଣ ସରଞ୍ଜାମ ନେଇ ୧୪ ଏପ୍ରିଲ ସକାଳେ ୪୯୦କି.ମି. ଦୂର ଗୁଜରାଟର ଅଙ୍କଲେଶ୍ୱରରେ ପହଞ୍ଚାଇବା, ୩୬ଘଣ୍ଟା ମଧ୍ୟରେ ଚେନାଇରୁ ୪୦ଟି ଡିଫ୍ରିବିଲେଟର ଆଣି ଲକ୍ଷ୍ନୌଠାରେ ଉତ୍ତରପ୍ରଦେଶ ମେଡିକାଲ ସପ୍ଲାଇଜ କର୍ପୋରେଶନ୍‌କୁ ପ୍ରଦାନ କରିବା, ପୁଡୁଚେରୀରୁ ଭେଣ୍ଟିଲେଟର ଓ ଡାୟାଲିସିସ୍ କିଟ୍ ଆଣି ଓଡ଼ିଶା ଏବଂ ଗୁଜରାଟର ବିଭିନ୍ନ ପ୍ରାନ୍ତରେ ଅବସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମେଡିକାଲ କଲେଜମାନଙ୍କରେ ଯଥାସମୟରେ ପହଞ୍ଚେଇବା, କୋଲକାତାରୁ ସଡ଼କ ପଥରେ ରାଞ୍ଚି ଏବଂ ସିଲିଗୁଡ଼ିରୁ ଟନ୍ ଟନ୍ ଔଷଧ ଓ ସ୍ୱାସ୍ଥ୍ୟ ଉପକରଣ ପଠାଇବା, କ୍ୟାନ୍‌ସର ପୀଡ଼ିତା ଉନ୍ନା (ହିମାଚଳ ପ୍ରଦେଶ) ର ୮ବର୍ଷୀୟା ନିରୀହା କିଶୋରୀର ଜୀବନ ବଞ୍ଚାଇବାକୁ ପଞ୍ଜାବ, ହରିୟାଣା, ଦିଲ୍ଲୀ ଓ ହିମାଚଳ ପ୍ରଦେଶ ଡାକ ପରିମଣ୍ଡଳ ମିଳିତ ଭାବେ ଯୋଗାଯୋଗ ରକ୍ଷାକରି କାର୍ଯ୍ୟ କରିବା ଏବଂ ତାଲାବନ୍ଦୀର କଟକଣା ସତ୍ତ୍ୱେ ପଞ୍ଜାବରୁ ଉନ୍ନା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଡାକଗାଡ଼ିର ବ୍ୟବସ୍ଥା କରି ଜୀବନ ରକ୍ଷାକାରୀ କ୍ୟାନ୍‌ସର ଔଷଧ ପହଞ୍ଚାଇବା ଆଦି କେତୋଟି ନିର୍ଦ୍ଦିଷ୍ଟ ଘଟଣାବଳୀ ଭାରତୀୟ ଡାକର ଉତ୍ତରଦାୟିତ୍ୱ, ନିଷ୍ଠା ଓ ଉତ୍ସର୍ଗୀକୃତ ସେବାର ସ୍ପଷ୍ଟ ଉଦାହରଣ।

ଗୃହ ମନ୍ତ୍ରଣାଳୟର ଆକଳନ ଅନୁସାରେ ଭାରତୀୟ ଡାକ ତାଲାବନ୍ଦୀ ସମୟରେ ୧୦୦ଟନ୍‌ରୁ ଊର୍ଦ୍ଧ୍ୱ ଔଷଧପତ୍ର, କୋଭିଡ୍–୧୯ ପରୀକ୍ଷଣ ଯନ୍ତ୍ରପାତି, ଭେଣ୍ଟିଲେଟର ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଉପକରଣ ଦେଶର କୋଣେ ଅନୁକୋଣେ ପହଞ୍ଚାଇବାରେ ସମର୍ଥ ହୋଇଛି। ଏତଦ୍‌ଭିନ୍ନ, ଡାକଘର ସ୍ୱଳ୍ପ ସଞ୍ଚୟ ଯୋଜନାରେ ନିବେଶ, ସଞ୍ଚୟ ଖାତାରୁ ନଗଦ ଅର୍ଥ ଉଠାଣ, ମନରେଗା, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା, ସାମାଜିକ ସୁରକ୍ଷା ପେନ୍‌ସନ୍ ଓ ପ୍ରତ୍ୟକ୍ଷ ଲାଭାନ୍ତରଣ ରାଶି ପ୍ରଦାନକୁ ତାଲାବନ୍ଦୀ ସମୟରେ ଭାରତୀୟ ଡାକ ଜନହିତରେ ବେଶ୍ ତ୍ୱରାନ୍ୱିତ କରିପାରିଛି। ଆଧାରଭୁକ୍ତ ଅର୍ଥପ୍ରଦାନ ପ୍ରଣାଳୀ ଦ୍ୱାରା ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ଜରିଆରେ ଗ୍ରାହକମାନଙ୍କୁ ଯେକୌଣସି ବ୍ୟାଙ୍କରୁ ଟଙ୍କା ଉଠାଣର ସୁବିଧା ଉପଲବ୍ଧ କରାଇପାରିଛି। କେବଳ ୧୩ ଏପ୍ରିଲରେ ୧.୦୯ଲକ୍ଷ ରେକର୍ଡ ସଂଖ୍ୟକ ନେଣଦେଣ ସହ ୨୨.୮୨ କୋଟି ଟଙ୍କାର କାରବାର କରିପାରିଛି। ଜମ୍ମୁକଶ୍ମୀର, ଲେହ୍, ଗୁଜରାଟ, ତେଲଙ୍ଗାନା, କର୍ନାଟକ, ଝାଡ଼ଖଣ୍ଡ, ବିହାର, ମଧ୍ୟପ୍ରଦେଶର ଅପହଞ୍ଚ ଆଦିବାସୀ ଅଞ୍ଚଳର ବିଧବା, ଭିନ୍ନକ୍ଷମ, ବୟସ୍କ ପେନ୍‌ସନ୍‌ଭୋଗୀଙ୍କ ଦୁଆରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ରିଲିଫ ପ୍ରଦାନକୁ ସୁନିଶ୍ଚିତ କରି ବିପଦ ସମୟରେ ସାଧାରଣ ଜନତାର ପ୍ରକୃତ ବନ୍ଧୁ ବୋଲି ଭାରତୀୟ ଡାକ ନିଜକୁ ପ୍ରମାଣିତ କରିଛି। ପ୍ରଥମ ଦଫା ତାଲାବନ୍ଦୀ ସମୟରେ ୩୧ମାର୍ଚ୍ଚ ସୁଦ୍ଧା ୩୪ଲକ୍ଷ ସଂଖ୍ୟକ ଡାକଘର ସ୍ୱଳ୍ପ ସଞ୍ଚୟ ଯୋଜନା ଏବଂ ୬.୫ଲକ୍ଷ ସଂଖ୍ୟକ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ କାରବାର ହୋଇଛି।

ସମ୍ପୂର୍ଣ୍ଣ ତାଲାବନ୍ଦୀ ସମୟରେ ଓଡ଼ିଶା ଡାକ ପରିମଣ୍ଡଳ ୨୦ ଏପ୍ରିଲ ସୁଦ୍ଧା ୨୭୦୧୯ ସଂଖ୍ୟକ କାରବାର କରି ମୋଟ ୧୧୪୮.୯୫ କୋଟି ଟଙ୍କା ହିତାଧିକାରୀ ଓ ଗ୍ରାହକମାନଙ୍କୁ ପ୍ରଦାନ କରିପାରିଛି। ଏକପାଦ ଆଗକୁ ଯାଇ ଡାକ ବିଭାଗର ସମସ୍ତ କର୍ମଚାରୀ ଗୋଟିଏ ଦିନର ଦରମା ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡକୁ ଦାନ କରି ସାରିଛନ୍ତି, ଯେଉଁଥିରେ ଓଡ଼ିଶା ପରିମଣ୍ଡଳର ୧.୪୨ କୋଟି ଟଙ୍କା ଯୋଗଦାନ ରହିଛି। ଦେଶର ଏ ଘୋର ଦୁର୍ଦ୍ଦିନରେ ନିଷ୍ଠା ଓ ପ୍ରତିବଦ୍ଧତାର ସହ ଭାରତୀୟ ଡାକ ଓ ତା'ର କର୍ମଚାରୀମାନେ ଯାହା କରିଚାଲିଛନ୍ତି ତାହା ହୁଏତ ଅନ୍ୟ କୌଣସି ସଂସ୍ଥା ଦ୍ୱାରା ସମ୍ଭବ ନୁହେଁ। ଏଥିପାଇଁ ଲର୍ଡ ଡେଲ୍‌ହାଉସି ୩୦ ଡିସେମ୍ବର ୧୮୫୧ ମସିହାରେ ତାଙ୍କ ଦିନଲିପିରେ ସ୍ପଷ୍ଟ ଉଲ୍ଲେଖ କରିଯାଇଛନ୍ତି, "It makes the Post Office what under any other system it can never be the unrestricted means of diffusing knowledge, extendig commerce and promoting in every way the social and intellectual improvement of the people." ଭାରତୀୟ ଡାକର ସୁଦକ୍ଷ କରୋନା ଯୋଦ୍ଧାଙ୍କୁ ଶତଶତ ପ୍ରଣାମ।

ଅଧ୍ୟକ୍ଷ, ଡାକ କର୍ମଚାରୀ ରାଷ୍ଟ୍ରୀୟ ମହାସଂଘ
ଓଡ଼ିଶା ସମନ୍ୱୟ ସମିତି, ଭୁବନେଶ୍ୱର
ଇମେଲ: aipeugroupcodisha@gmail.com

# ଆସ, ଘରକୁ ଯିବା



ସୁଧାକର ଦାସ

ବନମାଳୀର ଚା' ଦୋକାନ ବନ୍ଦ ହେବା ଆଜିକୁ ୪୮ ଦିନ ହେଇଗଲା। ଚା' ଛଡା ବିସ୍କୁଟ, କେକ୍, ଗୁଟ୍‌ଖା, ସିଗାରେଟ୍ ମିଶେଇଲେ ଟଙ୍କା ୩୦୦୦ ଭଳିଆ ବେପାର କରୁଥିଲା। ଦିନକୁ ଲାଭ ୫୦୦ ଥୁଆ। ରାତି ୮ଟା ବେଳକୁ ଭଙ୍ଗା ବିସ୍କୁଟ ଆଉ ଫିମ୍ପିମରା କେକ୍‌ଗୁଡା ତା' ଦୋକାନ ସାମ୍ନାରେ ନିୟମିତ ଗ୍ରାହକମାନଙ୍କ ଅପେକ୍ଷାରେ ରହୁଥିବା ତିନି ଚାରୋଟି କୁକୁରଙ୍କୁ ବାଣ୍ଟି ଦିଏ ସେ। କେଟ୍‌ଲି, ଗ୍ଲାସ୍, ଚା' କପ୍ ସବୁ ଗୋଟେ ଜରି ବସ୍ତାରେ ବାନ୍ଧି ଦୋକାନ ବନ୍ଦ କରି ହ୍ୱିଶିଲ୍ ମାରି ସାଇକେଲ ଗଡ଼ାଏ ଘର ଆଡେ। ବନମାଳୀ ଘରେ ପହଞ୍ଚିବା ବେଳକୁ ଭଜା ସନ୍ତୁଳା ଯାହା ଟିକେ କରିଦେଇ ଥାଏ ସୁଶୀଳା। ବନମାଳୀ ଘରେ ପହଞ୍ଚି କୋଳ ଛୁଆଟାକୁ ପାଖକୁ ନେଲେ ଗରମ ଗରମ ରୁଟି ବନାଏ ସୁଶୀଳା। କୋଳରେ କୁନି ପୁଅର ଗୁଲୁରୁ ଗୁଲୁରୁ ହସ, ଗରମ ରୁଟି ସାଙ୍ଗକୁ କଞ୍ଚା ପିଆଜ ଓ ଲଙ୍କାର ସ୍ୱାଦ, ଆଖି ଆଗରେ ବିନ୍ଦୁ ବିନ୍ଦୁ ଝାଳରେ ଚିକ୍‌ମିକ୍ କରୁଥିବା ସୁଶୀଳାର କମକୁଟ ମୁହଁ, ତା' ଭିତରେ ବନମାଳୀର ରାତି କେମିତି ଗୋଟାଏ ମିଠା ଭୁରୁ ଭୁରୁ ମହକରେ ବାସୁ ବାସୁ ସକାଳ ହେଇଯାଏ। ସହରତଳି ବସ୍ତିରେ ବଖରାଏ ଟିଣ ଛପର ଘରେ ବନମାଳୀର ସଂସାର। ନିଜ ପରିବାରର ଖର୍ଚ୍ଚବାର୍ଚ୍ଚ ତୁଲେଇ, ଗାଁରେ ରହୁଥିବା ବିଧବା ମା' ଆଉ ଅଭିଆଡୀ ଭଉଣୀ ପାଇଁ ମାସକୁ ମାସ କିଛି ପଇସା ବି ପଠାଏ ବନମାଳୀ। ସୁଶୀଳା ବନମାଳୀକୁ ବଦଖର୍ଚ୍ଚୀ ବୋଲି ଅପବାଦ ଦିଏ। ଦିନେ ଦିନେ ବନମାଳୀ ଘରକୁ ଫେରିବାବେଳେ ଢାବାରୁ କୁକୁଡା ଝୋଳ ଆଣି ଆସେ, ସେଦିନ ତା' ପାଟିଟା କେମିତି ଫୁରକୁଟିଆ ଫୁରକୁଟିଆ ବାସୁଥାଏ। ଖଣ୍ଡେ ଲୁଗା ଆଣିବାକୁ କହିଲେ ତିନି ଖଣ୍ଡ ଧରି ପହଞ୍ଚେ। ପୂଜାପାର୍ବଣରେ କେବେ କେମିତି ଗାଁକୁ ଗଲେ ବୋଉ ପାଇଁ ଗୁଆ, ଗୁଣ୍ଡି, ଗୁଡାଖୁଠୁ ନେଇ ଭଉଣୀ ପାଇଁ ହେୟାର କ୍ଲିପ୍, ବାସନା ତେଲ, କ୍ରୀମ୍, ପାଉଡର ଯାଏ ଗୋଟେ ଗଣ୍ଠିଲି ବାନ୍ଧେ ସେ। ଏଗୁଡା ଜମାରୁ ସୁଶୀଳାର ଦେହରେ ଯାଏନି। କୋଳରେ ଛୁଆଟା, କାଲି ସକାଳେ ଦେହପା' ଭଲମନ୍ଦ ଅଛି, ଦି ପଇସା ସଞ୍ଚି ରଖନ୍ତା ହେଲେ! ସୁଶୀଳାର ହଜାରେ ନେହୁରାକୁ ଫୁଁ' କରି ବନମାଳୀ କହେ ଯେତେଦିନ ମୋ ହାତ ଚାଲୁଥିବ ତମ ମା'ଛୁଆଙ୍କର କିଛି ଅସୁବିଧା ହବନି, ବାକି କଥାରେ ତୁ ମାଇପି ଲୋକ ମୁଣ୍ଡ ପୂରାନା।

ହେଲେ ଏଇ ୪୮ ଦିନ ଭିତରେ କେମିତି ବଦଳିଯାଇଛି ବନମାଳୀ। ମୁହଁରେ ସେ ଠୋ ଫଟକା କଥା ନାହିଁ, ଚେହେରାରେ ଦମ୍ଭ ନାହିଁ। କୋଳ ଛୁଆଟାର ଗୁଲୁରୁ ଗୁଲୁରୁ ହସରେ ଫାଟି ପଡୁନି ତା' ଟିଣଛପର ଭଡାଘରର ଚାରି କାନ୍ଥ, ସୁଶୀଳାର ମୁହଁଟା ଥମ୍ ଥମ୍, କମକୁଟ ମୁହଁରୁ ତା'ର ଉଭାନ ହେଇଯାଇଛି ଝଲମଲ କାନ୍ତି। ଘରେ ଚାଉଳ, ଅଟା, ଡାଲି ଡବା ସବୁ ଫାଙ୍କା। ପରିବା ଡାଲାରେ ପଡି ରହିଥିବା କିଛି ପିଆଜ ରସୁଣ ଚୋପା ଯେମିତି ପରିହାସ କରୁଛନ୍ତି ବନମାଳୀର ପାରିବାପଣିଆକୁ! କାହାକୁ ଗୋଟେ ଫୋନ୍ କରି ପଇସା ଧାର ମାଗିବ ବୋଲି ବନମାଳୀ, ମୋବାଇଲଟା ହାତକୁ ନେଇ ଆସିବା ପରେ ହଠାତ୍ ତା'ର ମନେପଡିଲା କଲ୍ କରିବାକୁ ସେଥିରେ ବି ପଇସା ନାହିଁ। ଧେତ୍...! ଚିତ୍କାର କରି ଫୋନ୍‌ଟାକୁ ଖୁବ୍ ଜୋରରେ କାନ୍ଥ ଉପରକୁ ଫିଙ୍ଗିଦେଲା ବନମାଳୀ। ତିନି ଚାରି ଖଣ୍ଡ ହେଇ ଭାଙ୍ଗିଯାଇ ପଡି ରହିଲା ଲକ୍‌ଡାଉନ୍ ସମୟର ଏକମାତ୍ର ଯୋଗାଯୋଗର ମାଧ୍ୟମଟି। ବସିବା ଜାଗାରୁ ଗର୍ଜନ କରି ଉଠିଆସିଲା ସୁଶୀଳା, "କାହିଁକି ଭାଙ୍ଗିଦେଲୁ ତାକୁ? ମୁଁ ଗୁପଚୁପ୍ ବେପାରୀ ନରିଆ ସ୍ତ୍ରୀକୁ କହିଥିଲି, ସେ ଏଇ ମୋବାଇଲ ଫୋନ୍‌କୁ ନେଇ ହଜାରେ ଟଙ୍କା ଦେଇଥାନ୍ତା। ସେଇ ପଇସାରେ ଡାଲି, ଚାଉଳ, ଅଟା, ଛୁଆର ଔଷଦ ଆସିଥାନ୍ତା। ବାଡିପଡ଼ା, ନିଜେ ତ ଭୋକଉପାସରେ ମରିବୁ, ଆମ ମା'ଛୁଆଙ୍କୁ ବି ମାରିବୁ ବସିଛୁ! ଏତିକି କଥାରେ ପିତ୍ତ ଉଠିଗଲା ବନମାଳୀ ମୁଣ୍ଡକୁ। ଉଠିଯାଇ ଭିଡି ଧରିଲା ସୁଶୀଳାର ଚୁଟିକୁ। ରାଗରେ କାଣ୍ଡଜ୍ଞାନ ହରାଇଥିବା ବନମାଳୀ ସୁଶୀଳାର ମୁଣ୍ଡକୁ ଖୁବ୍ ଜୋରରେ ଆଣି ପିଟିଦେଲା କାନ୍ଥରେ। ମା' ଠାଏ, ଛୁଆ ଠାଏ। ସୁଶୀଳା ମୁଣ୍ଡରୁ ଧାର ଧାର ଛୁଟୁଛି ରକ୍ତ, ଛୁଆଟି କାନ୍ଦୁଛି ହାଉଳିଖାଇ। ଏତିକିବେଳେ ଲକ୍‌ଡାଉନ୍ ପାଟ୍ରୋଲିଙ୍ଗ୍‌ରେ ଯାଉଥିବା ପୁଲିସ ଭ୍ୟାନ୍ ଅଟକିଗଲା ବନମାଳୀ ଘର ସାମ୍ନାରେ। ପୁଲିସ କଲ୍‌ରେ ଆମ୍ବୁଲାନ୍ସ ଆସି ହସ୍ପିଟାଲକୁ ନେଇଗଲା ସୁଶୀଳାକୁ। ପୁଲିସ ବନମାଳୀକୁ ନେଇଗଲା ଥାନାକୁ।

ଆଠଦିନ ପରେ ଆଜି ହାଜତରୁ ବାହାରିଛି ବନମାଳୀ। ସଞ୍ଜ ନଇଁ ଆସୁଛି। ମନେ ପଡୁଛି ସୁଶୀଳାର ରକ୍ତଧୁଆ ମୁହଁ, ଛୁଆର ଛାତିଫଟା ବିକଳ କାନ୍ଦଣା। ଆଖି ଆଗରେ ନାଚିଯାଉଛି ଲକ୍‌ଡାଉନ୍ ତୋଫାନରେ ମାଟିକାମୁଡି ପଡିଥିବା ତା' ହସଖୁସିର ସଂସାର। ଚାଲୁ ଚାଲୁ ନିଜ ଅଜାଣତରେ ବନମାଳୀ କେତେବେଳେ ଆସି ତା' ଚା' ଦୋକାନ ପାଖରେ ପହଞ୍ଚି ଯାଇଛି ସେ ନିଜେ ବି ଜାଣିପାରିନି। ଦୋକାନ ଆଗରେ ପଡିଥିବା ବେଞ୍ଚ ଉପରେ ବସି ପଡିଲା ବନମାଳୀ। କୋଉଠି ଥିଲେ କେଜାଣି, ତା' ଦୋକାନ ଆଗରେ ସବୁବେଳେ ଘୂରି ବୁଲୁଥିବା ଚାରିଟାଯାକ କୁକୁର ତାକୁ ଆସି ଘେରିଗଲେ। କିଏ ଚାଟି ପକାଇଲାଣି ତ, କିଏ ଶୁଙ୍ଘି ପକାଇଲାଣି, ପୁଣି କିଏ ଆଗ ଦୁଇଗୋଡ ଟେକି ଥୋଇଲାଣି ବନମାଳୀର ଆଣ୍ଠୁ ଉପରେ। ବନମାଳୀ କାହାର ବି ମୁହଁ ଦେହ ଅନ୍ଧାରରେ ଦେଖିପାରୁ ନ ଥିଲେ ମଧ୍ୟ ସେମାନଙ୍କ ଦେହରେ ହାତ ବୁଲେଇ ଜାଣିପାରୁଥିଲା ପଶୁଗୁଡା ଏତେ ଦିନ ହେଲା ଖାଇବାକୁ ନ ପାଇ କଙ୍କାଳସାର ହେଇଗଲେଣି। ହେଲେ ନାଚାର ଥିଲା ବନମାଳୀ। ଏତିକିବେଳେ କାନରେ ପଡିଲା ଚାଲି ଚାଲି ଯାଉଥିବା ଦୁଇ ଜଣ ଲୋକଙ୍କ କଥା। ଜଣେ ପଚାରୁଥିଲା, ବିଚରା ବନମାଳୀର ଚା' ଦୋକାନ ପୁଣି ଫିଟିବ କେବେ, କେମିତି ଚଳୁଥିବ ସେ? ଆର ଜଣକ କହୁଥିଲା, ତମେ ଜାଣିନ କି, ସେ ପରା ଏବେ ଘରୋଇ ହିଂସା କେସ୍‌ରେ ହାଜତରେ। ବନମାଳୀର ମୁଣ୍ଡ ଉପରଦେଇ ଏଇ ଘରୋଇ ହିଂସା କଥାଟା ଅନ୍ଧାରରେ ମିଶିଗଲା। କିନ୍ତୁ ତା' ମୁଣ୍ଡରେ ଯେତିକି ବୁଦ୍ଧି ସେତିକିରେ ସେ କ'ଣ ବୁଝିଲା କେଜାଣି, ଗୋଟାଏ କୁକୁରକୁ କୁଣ୍ଢେଇ ପକେଇ କୋହ ଉଠେଇ କହିଲା ମୋ ପାଖରେ ନାହିଁ ବୋଲି ମୁଁ ତୁମକୁ କିଛି ଖାଇବାକୁ ଦେଇପାରୁନି, ହେଲେ ମୁଁ କ'ଣ ତୁମକୁ ହିଂସା କରେ? ଏତିକିବେଳେ ଅଚାନକ ତା' କାନ୍ଧ ଉପରେ କାହା ହାତର ଛୁଆଁରେ ବନମାଳୀ ବୁଲିପଡି ଦେଖିଲା, ସୁଶୀଳା ଛୁଆକୁ କାଖେଇ ଠିଆହେଇ କରୁଣ କଣ୍ଠରେ କହୁଛି– ଆସ, ଘରକୁ ଯିବା।

ସ୍ୱାହା, କେନାଲ ରୋଡ୍, ଛତ୍ର ବଜାର, କଟକ,
ମୋ– ୯୪୩୭୨୭୪୮୫୭

## ଏଇ ଭାରତରେ

ଉତ୍ତରାଖଣ୍ଡ ପାହାଡ଼ିଆ ଅଞ୍ଚଳର ଦୁର୍ଗମ ଗାଁଗୁଡିକରେ ଲକ୍‌ଡାଉନ୍‌ରେ ଔଷଧ ପହଞ୍ଚାଉଛନ୍ତି ମନୀଷ ପନ୍ଥ। ମୁଖ୍ୟତଃ ପକ୍ଷାଘାତ, ଉଚ୍ଚରକ୍ତଚାପ ଏବଂ ଅନ୍ୟ ଜୀବନଶୈଳୀ ସମ୍ବନ୍ଧିତ ରୋଗରେ ପୀଡ଼ିତ ଲୋକମାନଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି ମନୀଷ ସେମାନଙ୍କୁ ସହଯୋଗ କରୁଛନ୍ତି। ୩୦ ବର୍ଷୀୟ ମନୀଷ ଉତ୍ତରାଖଣ୍ଡ ଅଗ୍ନିଶମ ବିଭାଗରେ ଫାୟାରମ୍ୟାନ୍ ଭାବେ କାର୍ଯ୍ୟକରନ୍ତି। ସେ ପୌରି ସହରର ବାସିନ୍ଦା। ଲକ୍‌ଡାଉନ୍‌ରେ ଡେରାଡୁନ୍, ଆଲମୋରା, ଚାମୋଲି, ପିଥୋରଗଡ, ରୁଦ୍ରପ୍ରୟାଗ, ଉତ୍ତରାକାଶୀ ଓ ଅନ୍ୟ ସହରରେ ମାର୍ଚ୍ଚ ୨୨ ଜନତା କର୍ଫ୍ୟୁଠାରୁ ଏପର୍ଯ୍ୟନ୍ତ ସେ ବରିଷ୍ଠ ନାଗରିକ, ଗର୍ଭବତୀ ଓ ପିଲାମାନଙ୍କୁ ଏହି ସେବା ଯୋଗାଇଆସୁଛନ୍ତି। ସେ ଦିନବେଳା ଡ୍ୟୁଟିକୁ ଯାଉଛନ୍ତି ଓ ରାତିରେ ରୋଗୀମାନଙ୍କ ନିକଟରେ ଔଷଧ ପହଞ୍ଚାଉଛନ୍ତି। 'ଅପରେଶନ୍ ସଞ୍ଜିବନୀ' ମାଧ୍ୟମରେ ଏହି ସେବା ଜାରି ରଖିଛନ୍ତି। ଏଥିପାଇଁ ଲୋକେ ତାଙ୍କୁ 'ଫାୟାରମ୍ୟାନ୍' ବଦଳରେ 'ମେଡିସିନ ମ୍ୟାନ୍' ବୋଲି ସମ୍ବୋଧନ କରୁଛନ୍ତି। ଯେଉଁମାନଙ୍କର ଔଷଧ ଆବଶ୍ୟକ ସେମାନେ ଫେସ୍‌ବୁକରେ ଜଣାଇବା ସହ ସେମାନଙ୍କ ଠିକଣା ଓ ଡାକ୍ତରଙ୍କ ପ୍ରେସ୍କ୍ରିପ୍ସନର ଫଟୋ ପୋଷ୍ଟ କରିବା ଲାଗି ଅନୁରୋଧ କରୁଛନ୍ତି। ଏ ସବୁ ତଥ୍ୟ ପାଇବା ପରେ ସେ ରାତିରେ ଔଷଧ ଧରି ସେମାନଙ୍କ ଘର ଅଭିମୁଖେ ବାହାରିଯାଉଛନ୍ତି। ମନୀଷ ଏଥିପାଇଁ ତାଙ୍କ ଘର ପାଖରୁ ୧୦୦ କି.ମି ଦୂରରେ ଥିବା ଲୋକଙ୍କ ପାଖରେ ପହଞ୍ଚି ଯାଉଛନ୍ତି। ପ୍ରତିକୂଳ ପରିବେଶରେ ହିମାଳୟର ବିପଦପୂର୍ଣ୍ଣ ପାହାଡ଼ିଆ ରାସ୍ତାରେ ସେ ବାଇକ୍‌ରେ ଯାଉଛନ୍ତି। ବିଭିନ୍ନ ଅଞ୍ଚଳର ଦୁର୍ଗମ ଗାଁରେ ପହଞ୍ଚିବା ପାଇଁ ତାଙ୍କ ସାଙ୍ଗମାନେ ସହଯୋଗ କରୁଛନ୍ତି। ସେ ଏଥିପାଇଁ ନିଜ ପକେଟ୍‌ରୁ ଅଧିକ ଖର୍ଚ୍ଚ କରୁଛନ୍ତି, କିନ୍ତୁ ପାଉଛନ୍ତି କମ୍। ଯେଉଁମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣିପାରୁନାହାନ୍ତି ସେମାନଙ୍କୁ ବି ମନୀଷ ସାହାଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ମେ ୧୯୯୫**

- ଭାରତର ତୁଟିକୋରିନ ଓ କଲମ୍ବୋ ମଧ୍ୟରେ ଚଳାଚଳ କରୁଥିବା ନୌଭେଳାଗୁଡିକୁ କଲମ୍ବୋ ବନ୍ଦରରେ ପ୍ରବେଶ ଉପରେ ଶ୍ରୀଲଙ୍କା ନୌସେନା ପକ୍ଷରୁ ନିଷେଧାଜ୍ଞା ଜାରି କରାଯାଇଛି।
- ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ବିରୋଧରେ ମକଦ୍ଦମା କରିବା ପାଇଁ ରାଜ୍ୟପାଳ ଡ. ଚେନ୍ନା ରେଡ୍ଡୀ ଜନତା ପାର୍ଟିର ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କୁ ଦେଇଥିବା ଅନୁମତି ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି।
- ଜାତୀୟ କ୍ରିକେଟ ଦଳ ଉପଅଧିନାୟକ ସଚିନ ତେନ୍ଦୁଲକର ମାତୃଭୂମି ପ୍ରିମିୟର ସ୍ପୋର୍ଟ୍ସ ଇଣ୍ଡିଆନ ସ୍ପୋର୍ଟ୍ସ ଷ୍ଟାର (୧୯୯୪)ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | E | A | B | | | | | 6 | | | | |
| 7 | 1 | 8 | | | | | A | | | | | 0 | C | 9 |
| | | 0 | | | 7 | 2 | | | D | A | | | | |
| | | 3 | | | | | | 4 | | | 2 | B | 5 | |
| | | | 6 | | | | | 0 | 3 | C | | | 2 | |
| 8 | 4 | | | 7 | | 9 | | | | | | | | |
| | | C | | D | | E | | | 5 | 1 | 6 | | 4 | |
| E | 5 | | 9 | 4 | A | 0 | | | 7 | | | | B | |
| | | B | C | E | | | | 5 | | 2 | 9 | 6 | | D |
| | | | B | | | C | | | | | | | 8 | |
| 1 | | | 7 | 0 | | B | | | | 5 | | D | | |
| | | 5 | | 6 | | | | 8 | | | 3 | | | |
| | 3 | 2 | | | | | 9 | 6 | | | | 1 | | C |
| | E | D | 5 | | 3 | 7 | | 2 | | | | | 9 | |
| B | 0 | | 4 | | | | | E | | 7 | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 2 | E | 6 | 5 | B | 7 | 3 | D | 0 | 4 | C | 9 | 8 | 1 |
| 3 | 9 | 4 | 8 | 0 | 1 | A | E | 2 | 7 | 6 | 5 | C | D | B |
| 1 | B | C | 2 | 3 | 9 | 0 | 6 | 8 | A | E | D | 4 | 5 | 7 |
| 6 | 7 | 5 | A | C | D | 1 | B | 4 | 8 | 3 | 9 | 0 | E | 2 |
| 0 | 8 | D | E | 7 | 4 | C | 5 | 9 | 1 | B | 2 | 6 | 3 | A |
| 8 | C | B | 9 | 1 | 7 | D | 2 | 0 | 3 | A | 4 | 5 | 6 | E |
| 2 | E | 3 | 5 | A | 6 | B | 4 | 7 | D | 0 | 8 | 1 | 9 | C |
| 4 | D | 9 | C | E | 3 | 5 | 8 | 1 | B | 7 | 6 | 2 | A | 0 |
| 7 | 1 | A | D | 2 | 0 | 6 | 9 | 3 | C | 5 | E | B | 4 | 8 |
| 5 | 6 | 0 | B | 4 | 8 | E | A | C | 9 | 2 | 1 | 3 | 7 | D |
| E | 0 | 6 | 3 | 8 | C | 9 | 7 | B | 5 | 1 | A | D | 2 | 4 |
| 9 | 5 | 8 | 4 | D | A | 2 | 0 | E | 6 | C | B | 7 | 1 | 3 |
| C | 3 | 1 | 7 | 6 | 2 | 4 | D | 5 | E | 8 | 0 | A | B | 9 |
| D | A | 2 | 1 | B | E | 3 | C | 6 | 4 | 9 | 7 | 8 | 0 | 5 |
| B | 4 | 7 | 0 | 9 | 5 | 8 | 1 | A | 2 | D | 3 | E | C | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭାତହାଣ୍ଡିରୁ ଗୋଟିଏ

ମହାଶୟ,

ବିଭିନ୍ନ ବିଭାଗରେ ଭିଜିଲାନ୍ସ ଧରପଗଡ କିଛି ନୂଆ ନୁହେଁ, ତେବେ ଜନଜୀବନରେ ଏହା ସାମାନ୍ୟ ଚାଞ୍ଚଲ୍ୟ ସୃଷ୍ଟି କରେ ତା' ପରେ ସବୁ ଚୁପ୍‌ଚାପ୍। ପ୍ରଶାସନର କେତେକ ବିଭାଗରେ ନେଣଦେଣ ଭିତ୍ତିରେ ସବୁ କାମ ଚାଲିଛି। ବର୍ଷ ବର୍ଷ ଧରି କରିତ୍‌କର୍ମାମାନେ ସମାଜରେ ଦୁର୍ନୀତି ପ୍ରସାରଣରେ ନିଜକୁ ସାମିଲ କରି ଅଜସ୍ର ଅର୍ଥର ଅଧିକାରୀ ହେଉଛନ୍ତି। ଦୁର୍ନୀତି ଚାରାଗଛ ତା'ର କାୟା ବିସ୍ତାର କରି ଦ୍ରୁମରେ ପରିଣତ ହେବା ପର୍ଯ୍ୟନ୍ତ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ଅବଶ୍ୟ ବନଶୀରେ ବଡମାଛ ପଡିଲେ ଧରାଳି ସୂତା ଛାଡି ଦିଏ କିଛି ବାଟ ପର୍ଯ୍ୟନ୍ତ, ତା'ପରେ ଧୀରେ ଧୀରେ ଆୟତ୍ତକୁ ଆଣିଥାଏ। ତେବେ ଦୁର୍ନୀତିଗ୍ରସ୍ତ ଅଧିକାରୀ ତ ବିଭାଗରେ ଯାହାକୁ ଯେତେ। ଯେଉଁଠି ଭିଜିଲାନ୍ସ ହାତ ମାରିବ ସେ ପଡିବେ। ତେବେ ଏପରି ଧୁରନ୍ଧରମାନେ ଆତଯାତ ହେଉଥିଲେ ମଧ୍ୟ ବେଳେବେଳେ ଜଣେ ଅଧେ ବନଶୀ କଣ୍ଟାର ଶିକାର ହୁଅନ୍ତି ଓ ଛେଉକା ପଣରେ ଖସିଯାଆନ୍ତି। ଯେପରି ଭାତହାଣ୍ଡିରୁ ଗୋଟିଏ ଚିପିଲେ ହେଲାଣି କି ନାହିଁ ଜଣାପଡେ, ଏହା ହେଉଛି ସେପରି କଥା। ରୁଟିନ୍ ଚଢଉ ବେଳେ ବେଳେ ହେଲେ ଅନ୍ୟମାନେ ସତର୍କ ହୋଇଯିବା ଅତି ସାଧାରଣ କଥା।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପୀରତି ବ୍ୟଥାରେ ଅଙ୍ଗ ଅବଶ
ନିବିଡ଼ ଧିଆନେ ଆଖି ମଦାଳସ
ଚନ୍ଦନସମ ଗନ୍ଧ ବିତରି ଯାଅ ପୁଣି
ଅପସରି
ଚମ୍ପକ ଚାରୁ ହାସ ହସିଦିଅ
ଆଗୋ ଗୋରଚନା–ଗୋରି!
(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ବୁଧବାର, ୧୩ ମେ, ୨୦୨୦



# କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ଖରିଫ ଋଣ ଦେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ମୂଲ୍ୟ ସହାୟକ ଯୋଜନାରେ ରବିଧାନ, ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ପ୍ରାୟ ୯୦ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଖରିଫଚାଷ ନିମନ୍ତେ ଋଣ ଯୋଗାଇଦେବା ଦିଗରେ ସମବାୟ ବ୍ୟାଙ୍କ ଏବଂ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକ ତତ୍ପରତା ପ୍ରକାଶ କରନ୍ତୁ ବୋଲି ମନ୍ତ୍ରୀ ସ୍ୱାଇଁ ଭିଡିଓ କନ୍‌ଫରେନ୍ସ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ରାଜ୍ୟ ସମବାୟ ବ୍ୟାଙ୍କ ପରିସରରେ ଭିଡିଓ କନ୍‌ଫରେନ୍ସ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ତ୍ରୀ ସ୍ୱାଇଁ ଖରିଫ ଋଣ ଯୋଗାଣ, ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ରବିଧାନ, ଡାଲି ଓ ତୈଳବୀଜ ସଂଗ୍ରହ ଏବଂ ପ୍ୟାକ୍ସଗୁଡ଼ିକରେ ପର୍ଯ୍ୟାପ୍ତ ସାର ମହଜୁଦ ନେଇ ସମୀକ୍ଷା କରିଥିଲେ। ରାଜ୍ୟରେ ଖାଦ୍ୟ ନିରାପତ୍ତା, କୃଷି କାର୍ଯ୍ୟ ଏବଂ ଶସ୍ୟ ସଂଗ୍ରହ ଉପରେ ପ୍ରାଥମିକତା ଦିଆଯାଉଛି। ମୂଲ୍ୟ ସହାୟକ ଯୋଜନାରେ ବିରି, ମୁଗ, ଚିନାବାଦାମ ଏବଂ ସୂର୍ଯ୍ୟମୁଖୀ ମଞ୍ଜି ସଂଗ୍ରହ ଗତ ୭ ତାରିଖରୁ ଆରମ୍ଭ ହୋଇଛି। କିଭଳି ଅଧିକ ଚାଷୀଙ୍କ ନାମ ପଞ୍ଜୀକରଣ କରିହେବ ସେଥିପ୍ରତି ପଦକ୍ଷେପ ନେବା ଦରକାର। କ୍ଷେତ୍ର ଅଧିକାରୀମାନେ ଆସନ୍ତା ୩ଦିନ ମଧ୍ୟରେ ସମସ୍ତ ପ୍ୟାକ୍ସ, ଲ୍ୟାମ୍ପ୍ସ ଏବଂ ଶସ୍ୟ ସଂଗ୍ରହ କେନ୍ଦ୍ର ପରିଦର୍ଶନ କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଚଳିତ ଖରିଫରେ ସମବାୟ ସମିତି ଓ ସମବାୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ୭୫୦୦ କୋଟି ଟଙ୍କା ଫସଲ ଋଣ ଆକାରରେ ପ୍ରଦାନର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ମାସ ଶେଷ ସୁଦ୍ଧା ୨ ହଜାର କୋଟି ଟଙ୍କାର ଫସଲ ଋଣ ଯୋଗାଇଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକରୁ ଅଧିକ ଯୁଗ୍ମଦେୟ ଗୋଷ୍ଠୀ ଯେପରି ଫସଲ ଋଣର ସୁବିଧା ପାଇପାରିବେ ସେଥିପ୍ରତି ପଦକ୍ଷେପ ନିଆଯିବ। ମତ୍ସ୍ୟଚାଷ ଓ ଆନୁଷଙ୍ଗିକ କ୍ଷେତ୍ର ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍ୱଳ୍ପକାଳୀନ ଋଣ ପ୍ରଦାନ ଉପରେ ପଦକ୍ଷେପ ନେବାକୁ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ଅର୍ଥନୈତିକ ପୁନରୁଦ୍ଧାର ଲାଗି ପ୍ରସ୍ତାବ ଦେଲେ ନିରଞ୍ଜନ

ଭୁବନେଶ୍ୱର,୧୨।୫(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସୋମବାର ହୋଇଥିବା ଆଲୋଚନାକୁ ନେଇ ମୁହଁ ଖୋଲିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ସାରା ଦେଶ ପାଇଁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରାଯାଇଛି । ଏ ସମ୍ପର୍କରେ ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ସେ ଅନୁରୋଧ କରିଥିଲେ। ସେହିପରି ସଂକ୍ରମିତ ଅଞ୍ଚଳକୁ ରେଡ୍, ଅରେଞ୍ଜ ଓ ଗ୍ରୀନ୍ ଜୋନ୍‌ରେ ବିଭକ୍ତକରି କାର୍ଯ୍ୟ କରାଯିବା ନିହାତି ଆବଶ୍ୟକ। କିନ୍ତୁ ଏସ୍‌ଓପି କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଭିନ୍ନ। ଏଠାରେ ଅର୍ଥନୈତିକ ପୁନରୁଦ୍ଧାର ପାଇଁ ବିସ୍ତୃତଭାବେ ଏକ ବ୍ଲୁପ୍ରିଣ୍ଟ ମୁଖ୍ୟମନ୍ତ୍ରୀ ପ୍ରସ୍ତୁତ କରନ୍ତୁ। ଯଦି ତାହା ନ କରାଯିବ ଭବିଷ୍ୟତରେ ଏଥିପାଇଁ ଆମକୁ ବହୁ ମୂଲ୍ୟ ଦେବାକୁ ପଡିବ ଏବଂ ଅବସ୍ଥା ଅସମ୍ଭାଳ ହୋଇଯିବ। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବା ପୂର୍ବାବସ୍ଥାକୁ ଫେରି ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଗୋଟିଏ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରନ୍ତୁ। ଦ୍ୱିତୀୟରେ ଗଞ୍ଜାମ ଜିଲାରେ ପରିସ୍ଥିତି ଅସମ୍ଭାଳ ହେବାକୁ ଯାଉଛି। ଯେଉଁ ଜିଲାଗୁଡିକରେ ଅଧିକରୁ ଅଧିକ ସଂକ୍ରମିତ ହେଉଛନ୍ତି ବା ସଂକ୍ରମିତ ହେବାର ସମ୍ଭାବନା ଅଛି ସେହି କ୍ଷେତ୍ରରେ ଉଚିତ ପଦକ୍ଷେପ ନିଆଯାଉ। କାରଣ ବଲାଙ୍ଗୀର ଜିଲାକୁ ଆସିବେ ବୋଲି ୧ ଲକ୍ଷ ଲୋକ ପଞ୍ଜୀକରଣ କରିଛନ୍ତି। ଏବେ ଯାହା ଗଞ୍ଜାମର ସ୍ଥିତି ଅଛି ତାହା ଉପରେ ସ୍ୱତନ୍ତ୍ର ଦୃଷ୍ଟିଦେବା ପାଇଁ ନିରଞ୍ଜନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ୪ ଜିଲା ଲାଗି ୧୫ ଓଏଏସ୍‌ଙ୍କୁ ଦାୟିତ୍ୱ

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

**କରୋନା ପରିଚାଳନା**

ପ୍ରବାସୀ ଓଡ଼ିଆଙ୍କ ଘରବାହୁଡ଼ା ଯୋଗୁ କରୋନା ସଂକ୍ରମିତଙ୍କ ସଂଖ୍ୟା ରାଜ୍ୟରେ ବଢ଼ି ଚାଲିଛି। ଏହାକୁ ଲକ୍ଷ୍ୟକରି ରାଜ୍ୟ ସରକାର ମଙ୍ଗଳବାର ୪ ଜିଲାରେ କରୋନା ପରିଚାଳନା ଦାୟିତ୍ୱରେ ୧୫ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦେଇଛନ୍ତି। ଯୁଗ୍ମ ସଚିବ ଓ ଉପସଚିବ ପାହ୍ୟାର ଅଫିସରଙ୍କୁ ତୁରନ୍ତ ନିଜ କାର୍ଯ୍ୟରୁ ରିଲିଭ୍ ହୋଇ ଆବଣ୍ଟିତ ଜିଲାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି।



ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ, ଯାଜପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାର କୋଭିଡ୍ ପରିଚାଳନା ଦାୟିତ୍ୱରେ ଏହି ଅଫିସରଙ୍କୁ ନିୟୋଜିତ କରାଯାଇଛି। ଭଦ୍ରକ ଜିଲା ଦାୟିତ୍ୱରେ ସର୍ବାଧିକ ୫ ଜଣ ଅଫିସର ତଥା, ନିଗମାନନ୍ଦ ପଣ୍ଡା, ଅଶୋକ କୁମାର ବେହୁରିଆ, ସୁରେନ୍ଦ୍ର କୁମାର ପଣ୍ଡା, ବିକାଶ ଚନ୍ଦ୍ର ବାଇନ ଓ ଅଶ୍ୱିନୀ କୁମାର ମେହେରଙ୍କୁ ଦାୟିତ୍ୱ ମିଳିଛି। ସେହିପରି କେନ୍ଦ୍ରାପଡ଼ା ଜିଲା ପାଇଁ ମନୋରଞ୍ଜନ ମଲିକ, ସନ୍ତୋଷ କୁମାର ଦାଶ, ଦୀପକ ରାଉତରାଏ ଓ ଶୈଳେନ୍ଦ୍ର କୁମାର ଜେନାଙ୍କୁ ଦାୟିତ୍ୱ ଦିଆଯାଇଛି। ଯାଜପୁର ଜିଲା ଲାଗି ରାଜସ୍ୱ ଓ ବିପର୍ଯ୍ୟ ପରିଚାଳନା ବିଭାଗ ଯୁଗ୍ମ ସଚିବ ଦିଲୀପ କୁମାର ସାହୁ, ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ବିରେନ୍ଦ୍ର କୋରକୋରା, କେବିକେ ଯୁଗ୍ମ ପ୍ରଶାସନିକ ଅଧିକାରୀ ନୃପରାଜ ସାହୁ, ପୁରୀ-କୋଣାର୍କ ଡେଭଲପମେଣ୍ଟ ଅଥରିଟି ସଚିବ ଲଲାଟେନ୍ଦୁ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ବାଲେଶ୍ୱର ଜିଲା ପାଇଁ ଇଡ୍‌କୋ ଲ୍ୟାଣ୍ଡ ଅଫିସର ଲକ୍ଷ୍ମଣ ମଲିକ, ଷ୍ଟାଫ ସିଲେକ୍ସନ କମିଶନର ଯୁଗ୍ମ ସଚିବ ମନୋରଞ୍ଜନ ମଲିକଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅଫିସରମାନେ ସମ୍ପୃକ୍ତ ଜିଲାଗୁଡ଼ିକର ଜିଲାପାଳଙ୍କ ଅଧୀନରେ କାର୍ଯ୍ୟ କରିବେ ଓ ସିଧାସଳଖ ତାଙ୍କୁ ରିପୋର୍ଟ କରିବେ। ସୂଚନାଯୋଗ୍ୟ, ରାଜ୍ୟ ସରକାର ଗତ ସପ୍ତାହରେ ଗଞ୍ଜାମ ଜିଲା ପାଇଁ ୫ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ନିୟୋଜିତ କରିଛନ୍ତି। ଏହି ଅଫିସରମାନେ ସମ୍ପୃକ୍ତ ଜିଲାଗୁଡ଼ିକରେ କରୋନା ପରିଚାଳନା କାର୍ଯ୍ୟରେ ଜିଲା ପ୍ରଶାସନ ଓ ସେଠାରେ ନିଯୁକ୍ତ ପର୍ଯ୍ୟବେକ୍ଷକ (ଆଇଏଏସ୍ ଅଫିସର)ଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି।

# କେନ୍ଦ୍ର, ରାଜ୍ୟର ବ୍ୟବସ୍ଥା ସତ୍ତ୍ୱେ ହଇରାଣ ହେଉଛନ୍ତି ଗରିବ

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି**

ଲକ୍‌ଡାଉନ ଯୋଗୁ ଦେଶର ବହୁ ଗରିବ ଲୋକ ହଇରାଣ ହେଉଛନ୍ତି। କରୋନା ମୁକାବିଲାକୁ ସଫଳ କରିବା ପାଇଁ ଅଧିକ ସକ୍ରିୟ ଏବଂ ସଜାଗ ରହିବାକୁ ପଡିବ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ମଙ୍ଗଳବାର ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଛନ୍ତି । ନାଏକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ପ୍ରତି ଗରିବ ପରିବାରକୁ ଏହି ସମୟରେ ଖାଦ୍ୟ ସହାୟତା ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ୟମ କରୁଛନ୍ତି। ଗରିବଙ୍କ ଲାଗି କେନ୍ଦ୍ର ପକ୍ଷରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରାଯାଇଛି। ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଭତ୍ତା ଯୋଗାଇ ଦିଆଯାଉଛି। ସେହିପରି ରାଜ୍ୟ ସରକାର ମଧ୍ୟ ସାହାଯ୍ୟ ଓ ସହଯୋଗ କରୁଛନ୍ତି। ଏହାପରେ ବି ରାଜ୍ୟର ଅନେକ ଗରିବ ଲୋକ ହଇରାଣ ହେଉଛନ୍ତି। ଏହି ବିପଦ ସମୟରେ ସେମାନଙ୍କୁ ସାହାଯ୍ୟ କରିବାକୁ କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶ ସରକାରଙ୍କ ପରି ନୂଆନୂଆ ସୁବିଧା ଯୋଗାଇ ଦିଆଯାଉ । କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶ ସରକାର ତାଙ୍କ ରାଜ୍ୟର ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ବିଜୁଳି ବିଲ୍ ପୈଠ କରିପାରି ନ ଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ କଟାଯିବ ନାହିଁ ବୋଲି କର୍ଣ୍ଣାଟକ ସରକାର ଘୋଷଣା କରିଛନ୍ତି । ମଧ୍ୟପ୍ରଦେଶ ସରକାର ମଧ୍ୟ ସେହିଭଳି ଅନେକ ନୂତନ ବ୍ୟବସ୍ଥା କରିଛନ୍ତି। ଏହି ଦୁଇ ରାଜ୍ୟ ଭଳି ଓଡ଼ିଶା ସରକାର ସମାଜର ଗରିବ, ଚାଷୀ, ଛୋଟ ବ୍ୟବସାୟୀମାନଙ୍କ ପାଇଁ ପଦକ୍ଷେପ ନେବା ଉଚିତ୍ । ଏହାସହ ରାଜ୍ୟର ଅର୍ଥନୀତି ମଧ୍ୟ ସୁଦୃଢ଼ ହୋଇପାରିବ ଏବଂ ଆମେ କରୋନା ଲଢ଼େଇ ଜିତିପାରିବା ବୋଲି ସେ କହିଛନ୍ତି।


**ODISHA LIVELIHOODS MISSION**
**PANCHAYATI RAJ & DRINKING WATER DEPARTMENT**
**GOVERNMENT OF ODISHA**

No.603 Date 12.05.2020

**Cancellation of the Recruitment Notice to Advertisement No.2951, dated: 24.08.2018 and Corrigendum advertisment No.129, dated 11.01.2019**

No.i-02:- Referring to the Recruitment Notice no. 2951, dtd. 24.08.2018 and Corrigendum No.129, dated 11.01.2019 were published in different esteemed dailies of Odisha for recruitment of contractual engagement for DPC (30 Nos.) and BPC (60 Nos.) under Azim Premji Philanthropic Initiative (APPI) Project have been cancelled.

**Sd./- State Mission Director-cum-CEO**

**SIRD & PR Campus, Unit VIII, Bhubaneswar-751012, Odisha**
**Tel:0674- 2560166, 2560126, Mail: smmu.olm@gmail.com**

OIPR-19018/11/0001/2021

**ODISHA LIFT IRRIGATION CORPORATION LTD.**
**(A Govt. of Odisha undertaking)**
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, JAJPUR ROAD**
**E-mail Id- eeli.jajpurroad@gmail.com**

**CORRIGENDUM NOTICE-IV**

**OLIC No.630** **Date:11.05.2020**

No.: CAD-16: The tender Call notice No.445/ OLIC(JPR)/Dt.03.03.2020 and e_tender reference No.445_03_03_2020 is hereby extended up to 26.05.2020 as time for end of submission for all 30 Nos. bid due to lock down in force.

**Sd./- Executive Engineer,**
**L.I.Division,Jajpur Road**

OIPR-32146/11/0001/2021

**OFFICE OF THE MUNICIPAL COUNCIL, KEONJHARGARH**
**e-mail: keonjharm.hud@rediffmail.com**

**Invitation for Bids (IFB) 'e' Procurement NOTICE**

**Bid Identification No. KGM-02/2020-21**

**Letter No.: 2758/KGM** **Date: 12.05.2020**

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites Online Bid in Single Cover System through e-Procurement.

1. Nature of Work : Civil Work
2. No. of Work : 3 Nos.
3. Value of Works : Rs.10,00,000/- to 20,00,000/-
4. Date & Time of availability of bid document in the portal : From 14.05.2020 at 11.00 A.M. upto 26.05.2020 at 5.00 P.M.
5. Last date & time of submission of bid in portal : Upto 5 P.M. of 26.05.2020
6. Date of opening of bid in portal : 28.05.2020 at 11.00 A.M.
7. Name and address of the Officer Inviting Bid : EO, Keonjhargarh Municipality

Further details can be seen from website: **www.tendersorissa.gov.in**.

**Sd./- Executive Officer**
**Keonjhargarh Municipality**

**COLLECTORATE, JAJPUR**
**Ph.06728-222001(O), 222330 (R), Fax- 222087**
**E-mail: dm-jajpur@nic.in, website: www.jajpur.nic.in**
**(Social Welfare Section)**

**Short Notice Inviting Tender**

**No.665/Date 11.05.2020**

Sealed tenders in the prescribed form are invited from the intending firms/individuals/companies/cooperation for undertaking transportation of food stuff under SNP programme for the year 2020-21. Tender documents are available in the district website i.e. www.jajpur.nic.in. For further details the interested applicants may access the same from the website.

**Sd./- Collector & District Magistrate**
**Jajpur**
**Date-10.05.2020**

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES**
**CORPORATION LTD., SUBARNAPUR**
**E-mail: sonepurcso@gmail.com**

**No.: 1354/2020** **Date: 10.05.20**

**E-TENDER CALL NOTICE**

No.: CAD-15: District Manager, Odisha State Civil Supplies Corporation Ltd., Subarnapur invites tender in Double Cover System through Online Mode only for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of foodgrains from FSD, FCI to RRCs at the RRCs in Subarnapur district. |
| 2 | Availability of bid document in the portal | From Dt.13.05.2020 |
| 3 | Last Date/Time for receipt of bids in the portal | Dt.28.05.2020 upto 5.00 P.M. |
| 4 | Date/Time of opening of Technical Bid | Dt.29.05.2020 at 11.00 A.M. |
| 5 | Date/Time of opening of Financial Bid | Dt.30.05.2020 at 11.00 A.M. |
| 6 | Name and address of the Officer Inviting Tender | District Manager, OSCSC Ltd., Subarnapur |

Tender documents & other details can be seen from the e-procurement portal **www.oscsc.in**, **www.foododisha.in**, **www.tenderodisha.gov.in** and district website **www.boudh.nic.in**. Amendments / Corrigendum / Cancellation/re-tenders etc. if any shall be published only in above website.

**Sd./- District Manager**
**OSCSC Ltd., Subarnapur**

OIPR-07030/11/0001/2021

**OFFICE OF THE PANCHAYAT SAMITI, THAKURMUNDA, DIST.- MAYURBHANJ**

**No.: 002/TMD/2019-20** **Date: 12.05.2020**

**TENDER CALL NOTICE**

No.: i-01: 1. The Block Development Officer, Thakurmunda on behalf of Government of Odisha invites percentage rate bids under the scheme Shyama Prasad Mukherji National Rurban Mission (NRuM) in sealed cover in conformity with Detailed Tender Call Notice No. 02/TMD/2019-20, for the execution of work detailed in the table below from the intending and eligible Class of Contractors mentioned against the work registered with the State Government and contractor of equivalent Grade/ Class registered with Central Government/M.E.S./Railways for execution of Civil works on production of definite proof from the appropriate authority.

| Sl. No. | Name of Work | Value of Work (Approx.) (In Rs.) | Security/ EMD @ 1% EC (In Rs.) | Cost of Documents (In Rs.) | Period of Completion | Class of Contractor |
|---|---|---|---|---|---|---|
| 1 | Construction of Digital Enabled Classroom and Library at Thakurmunda Govt. Girls High School, Thakurmunda GP. | 11,64,044/- | 11,640/- | 6000/- | 03 (Three) Calendar Months | 'D' & 'C' |
| 2 | Construction of Digital enabled Classroom and Library at Thakurmunda Govt. High School, Thakurmunda GP. | 11,64,044/- | 11,640/- | 6000/- | 03 (Three) Calendar Months | 'D' & 'C' |
| 3 | Construction of Digital Enabled Classroom and Library at Digdhar New Govt. High School, Digdhar GP. | 11,64,044/- | 11,640/- | 6000/- | 03 (Three) Calendar Months | 'D' & 'C' |
| 4 | Construction of Digital Enabled Classroom and Library at Handifuta MCS High School, Taramara GP. | 11,60,120/- | 11,601/- | 6000/- | 03 (Three) Calendar Months | 'D' & 'C' |
| 5 | Construction of Mini Stadium near Thakurmunda ME School, Thakurmunda GP | 18,81,368/- | 18,814/- | 6000/- | 03 (Three) Calendar Months | 'D' & 'C' |
| 6 | Construction of Hata Pindies with Overhead Shed at Bentkarpada Hata, Digdhar GP. | 11,62,690/- | 11,627/- | 6000/- | 03 (Three) Calendar Months | 'D' & 'C' |

The full tender call notice along with detailed terms and conditions will be available in the website: **www.mayurbhanj.nic.in** from 12.05.2020 to 28.05.2020 upto 1.00 P.M. The bidder can get the detail information within the due date and time. The last date of receipt of seal tender is 28.05.2020.

**Block Development Officer, Thakurmunda Block**

OIPR-24148/11/0001/2021


| 1 କ୍ର.ନଂ. | 2 ଖାତା ନଂ. | 3 ରେକର୍ଡ଼ଭୁକ୍ତ ଥିବା ଓ ଆବେଦନ କାରି | 4 ପ୍ଲଟ୍ ନଂ. | 5 ପ୍ରଭାବିତ ଅଞ୍ଚଳ ଓ ଅଧିକୃତ ଜମି | 6 ଜମିର ମୂଲ୍ୟ | 7 ଘର ଓ ଘର ମୂଲ୍ୟ | 8 ଜମି, ଘର ଓ ଗଛ ସର୍ବମୋଟ ମୂଲ୍ୟ | 9 24% ସୁଧ | 10 ସୋଲାଟିୟମ 100% | 11 ସର୍ବମୋଟ |
|---|---|---|---|---|---|---|---|---|---|---|
| 18 | 263/480 | Chandra Mani Prusti S/o-Phaga Prusti Caste - Kuber Teli | 1212/2451 | 0.300 | 750000 | 0 | 750000 | 180000 | 750000 | 1680000 |
| 19 | 263/559 | Bijaya Kumar Barei S/o. Durga Prasad Barei, Caste-Panhara | 109/1948 /2541 | 0.390 | 1808265 | 0 | 1808265 | 433983.60 | 1808265 | 4050513.60 |
| 20 | 263/187 | Hari Narayan Jain S/o-Basudeb Jain/ Ashok Kumar Jain, Sujan Kumar Jain, Manoj Kumar Jain, Rajesh Kumar Jain S/o-Hari Narayan Jain Caste-Agrawala | 262/2110 | 0.020 | 50000 | 0 | 50000 | 12000 | 50000 | 112000 |
| | | | 263/2119 | 0.480 | 1200000 | 0 | 1200000 | 288000 | 1200000 | 2688000 |
| | | | 1191/2120 | 0.970 | 4497481 | 0 | 4497481 | 1079395.44 | 4497481 | 10074357.44 |
| 21 | 162 | Mahana Chandan S/o-Kirtan Chandan/ Rebati Chandan W/o-Kirtan Chandan/ Pata Chandan, W/o-Drusti Chandan/ Gulapi Chandan, W/o-Kachari Chandan/ Bilanti Chandan, W/o-Gangasagar Chandan Caste-Gauda | 1206 | 0.080 | 370926 | 0 | 370926 | 89022.24 | 370926 | 830874.24 |
| 22 | 236/664 | Sumanta Seth S/o-Prasanna Kumar Seth Caste - Dhoba | 76 | 0.100 | 250000 | 0 | 250000 | 60000 | 250000 | 560000 |
| 23 | 263/281 | Dhruba Kumar Jain, S/o-Kasmiri Jain Caste-Bania | 1209/1986 | 0.010 | 46366 | 0 | 46366 | 11127.84 | 46366 | 103859.84 |
| | | | 1210 | 0.220 | 1020047 | 0 | 1020047 | 244811.28 | 1020047 | 2284905.28 |
| 24 | 263/607 | Subarna Sahu, S/o-Ujjal Sahu Caste-Teli | 109/2609 | 0.670 | 3106507 | 0 | 3106507 | 745561.68 | 3106507 | 6958575.68 |
| | | **Name of Village - Bijakhaman** | **PS - Balangir** | **PS No. 150** | | **District-Balangir** | | | | |
| 1 | 57 | Kirati Tandi, S/o-Parameswar Tandi Caste-Ganda | 1654 | 0.064 | 448000 | 0 | 448000 | 107520 | 448000 | 1003520 |
| 2 | 649/2072 | Bipin Tandi, S/o-Hruda Tandi, Caste-Ganda | 1653/4778 | 0.030 | 210000 | 0 | 210000 | 50400 | 210000 | 470400 |
| 3 | 649/2039 | Aiban Chhatria, Jitendra Kumar Chhatria, S/o-Markanda Chhatria, Caste-Ganda | 1654/4743 | 0.023 | 161000 | 0 | 161000 | 38640 | 161000 | 360640 |
| 4 | 649/1788 | Bhabani Shankar Chhatria S/o-Dhruba Charan Chhatria, Caste-Ganda | 1652/4542 | 0.040 | 280000 | 0 | 280000 | 67200 | 280000 | 627200 |
| 5 | 649/2053 | Rasbihari Taria, S/o-Baishnaba Taria/ Bamana Chandra Taria, Subash Chandra Taria, Prakash Chandra Taria, Sebati Taria, Jasobanti Taria, S/o-Rasbihari Taria, Caste-Keuta | 1650 | 1.130 | 7910000 | 0 | 7910000 | 1898400 | 7910000 | 17718400 |
| | | | 1651 | 0.332 | 2324000 | 3814 | 2327814 | 558675.36 | 2327814 | 5214303.36 |
| 6 | 649/1854 | Kalinga Suna, S/o. Rajkumar Suna, Caste - Ganda | 1653/4594 | 0.010 | 70000 | 0 | 70000 | 16800 | 70000 | 156800 |
| | | | 1654/45954 | 0.023 | 161000 | 0 | 161000 | 38640 | 161000 | 360640 |
| 7 | 649/1855 | Sudam Charan Chhatria, S/o-Dhruba Charan Chhatria, Caste-Ganda | 1653/4596 | 0.020 | 140000 | 0 | 140000 | 33600 | 140000 | 313600 |
| 8 | 649/2007 | Nabin Rana, S/o-Archhu Rana Caste - Kumbhar | 1431/4718 | 0.069 | 483000 | 0 | 483000 | 115920 | 483000 | 1081920 |
| 9 | 649/1897 | Mamina Padhan, W/o-Kailash Chandra Padhan, Caste-Kulta | 1431/4635 | 0.092 | 644000 | 0 | 644000 | 154560 | 644000 | 1442560 |
| 10 | 649/1973 | Jyotirmaya Panda, S/o-Kalakanhu Panda Caste-Brahmin | 1431/4694 | 0.048 | 336000 | 0 | 336000 | 80640 | 336000 | 752640 |
| 11 | 216 | Pabitra Jued S/o-Gopala Jued Caste-Gauda | 1431 | 0.191 | 1337000 | 0 | 1337000 | 320880 | 1337000 | 2994880 |
| 12 | 216 | Pabitra Jued, S/o-Gopala Jued, Caste-Gauda/Gayatri Mishra, W/o-Prafulla Kumar Ratha, Caste-Brahmin | 1431 | 0.116 | 812000 | 0 | 812000 | 194880 | 812000 | 1818880 |
| 13 | 649/1887 | Arati Sahu, W/o-Nityananda Sahu Caste-Kulta | 1431/4624 | 0.084 | 588000 | 3387 | 591387 | 141932.88 | 591387 | 1324706.88 |
| 14 | 649/1845 | Premraj Purohit S/o-Dinabandhu Purohit, Caste-Brahmin | 1431/4586 | 0.046 | 322000 | 0 | 322000 | 77280 | 322000 | 721280 |
| 15 | 649/1571 | Pankajini Mahapatra, W/o-Janmajaya Mahapatra, Caste-Brahmin | 1553/4307 | 0.090 | 630000 | 0 | 630000 | 151200 | 630000 | 1411200 |
| 16 | 318 | Manbodh Jued, Anu Jued S/o-Mansuram Jued/Ichha Jued W/o-Upendra Jued/ Prasanta Jued, Babita Jued S/o. Gokul Jued, Rasa Jued, W/o-Gokula Jued/Ram Chandra Udurkulia, S/o. Subhadra/Suruguna Jued, Chandantula Jued, S/o-Dhanu Jued, Caste-Gauda | 1552 | 0.010 | 70000 | 4346 | 74346 | 17843.04 | 74346 | 166535.04 |
| 17 | 649/2016 | Sushil Kumar Nanda, Anil Kumar Nanda S/o-Braja Sundar Nanda, Caste-Brahmin | 1530 | 0.220 | 1672000 | 0 | 1672000 | 401280 | 1672000 | 3745280 |
| | | | 1532/4725 | 0.365 | 2555000 | 0 | 2555000 | 613200 | 2555000 | 5723200 |
| | | | 1532/4726 | 0.150 | 1050000 | 4814 | 1054814 | 253155.36 | 1054814 | 2362783.36 |
| 18 | 649/910 | Prakash Chandra Taria, S/o-Rahasa Taria Caste-Keuta | 1526 | 0.360 | 2520000 | 1417 | 2521417 | 605140.08 | 2521417 | 5647974.08 |
| 19 | 415 | Sartika Jued S/o-Satya Jued/Karamtula Jued W/o-Haribandhu Jued / Netrananda Jued S/o. Haribandhu Jued / Jagabandhu Jued S/o-Sartika Jued / Nura Mahakhur W/o. Sadhu Mahakur / Surekha Sandh W/o. Amaresh Sandh Caste-Gauda | 1428 | 0.075 | 570000 | 0 | 570000 | 136800 | 570000 | 1276800 |
| | | | 1429 | 1.220 | 8540000 | 1167 | 8541167 | 2049880.08 | 8541167 | 19132214.08 |
| 20 | 649/1932 | Subash Chand Jain, S/o-Gyanchand Jain, Caste-Oswal | 1566/4666 | 0.052 | 364000 | 0 | 364000 | 87360 | 364000 | 815360 |
| | | | 1566/2158/ 4665 | 0.041 | 287000 | 0 | 287000 | 68880 | 287000 | 642880 |
| 21 | 208 | Harikanti Bhue W/o. Gunu Bhue Caste-Kulta | 1566 | 0.047 | 329000 | 0 | 329000 | 78960 | 329000 | 736960 |
| | 415 | | 1566/2158 | 0.026 | 182000 | 10260 | 192260 | 46142.4 | 192260 | 430662.4 |
| 22 | 208 | Renuka Sahu W/o. Girija Sankar Panigrahi, Caste-Brahmin | 1566 | 0.023 | 161000 | 0 | 161000 | 38640 | 161000 | 360640 |
| | 415 | | 1566/2158 | 0.020 | 140000 | 0 | 140000 | 33600 | 140000 | 313600 |
| 23 | 649/1866 649/1626 | Ashok Kumar Padhi S/o. Padmamukha Padhi, Caste-Brahmin | 1566/2158 /4606 | 0.065 | 455000 | 0 | 455000 | 109200 | 455000 | 1019200 |
| | 208 | | 1566/4657 | 0.130 | 910000 | 0 | 910000 | 218400 | 910000 | 2038400 |
| | | | 1566 | 0.033 | 231000 | 0 | 231000 | 55440 | 231000 | 517440 |
| 24 | 649/2003 | Prajesh Kumar Panigrahi, S/o-Kishor Chandra Panigrahi, Caste-Brahmin | 1566/4716 | 0.068 | 476000 | 0 | 476000 | 114240 | 476000 | 1066240 |
| 25 | 208 | Bharati Meher, W/o. Sudhansu Bhusan Meher, Caste-Bhulia | 1566 | 0.046 | 322000 | 0 | 322000 | 77280 | 322000 | 721280 |
| 26 | 649/1896 | Madhubhuban Sahu, S/o. Shyam Sundar Sahu, Caste-Hatua | 1566/4634 | 0.010 | 70000 | 0 | 70000 | 16800 | 70000 | 156800 |
| 27 | 208 | Nandi Kishor Samal, Upendra Samal S/o-Kasta Samal, Caste-Kulta | 1566 | 0.047 | 329000 | 0 | 329000 | 78960 | 329000 | 436960 |
| 28 | 649/1889 | Prasanta Kumar Sahu, S/o-Jugal Kishor Sahu, Caste-Teli | 1566/4625 | 0.030 | 210000 | 0 | 210000 | 50400 | 210000 | 470400 |
| 29 | 649/1890 | Gobardhan Sahu, S/o-Arakhit Sahu Caste-Teli | 1566/4626 | 0.070 | 490000 | 0 | 490000 | 117600 | 490000 | 1097600 |
| 30 | 649/1890 | Tikeswar Rana, S/o-Minaketan Rana, Caste-Kumbhar | 1566/4627 | 0.049 | 343000 | 0 | 343000 | 82320 | 343000 | 768320 |
| 31 | 649/1836 | Tapan Bihari Pattnaik, S/o-Debendra Pattanaik, Caste-Karan | 1566/4577 | 0.067 | 469000 | 0 | 469000 | 112560 | 469000 | 1050560 |
| 32 | 649/1726 | Santosh Kumar Mishra S/o Banamali Mishra Caste - Brahmin | 1566/4071 | 0.092 | 644000 | 0 | 644000 | 154560 | 644000 | 1442560 |
| 33 | 649/1843 | Jadumani Bag S/o - Anta Bag Caste-Gauda | 1566/4584 | 0.048 | 336000 | 0 | 336000 | 80640 | 336000 | 752640 |
| 34 | 649/1919 | Bhabani Mishra S/o - Ganesh Mishra Caste - Brahmin | 1566/4650 | 0.138 | 966000 | 0 | 966000 | 231840 | 966000 | 2163840 |
| 35 | 649/1823 | Daitari Sahu S/o-Arakhita Sahu Caste-Gudia | 1566/4571 | 0.062 | 434000 | 0 | 434000 | 104160 | 434000 | 972160 |
| 36 | 649/1876 | Rashmi Ranjan Pattnaik S/o - Lalit Mohan Pattnaik Caste - Karan | 1566/4616 | 0.028 | 196000 | 0 | 196000 | 47040 | 196000 | 439040 |
| 37 | 649/1809 | Rajashree Panda W/o - Netrabhanu Panda Caste - Brahmin | 1566/4562 | 0.070 | 490000 | 0 | 490000 | 117600 | 490000 | 1097600 |
| 38 | 649/2034 | Rita Biswal W/o - Mahendra Kumar Biswal Caste - Kulta | 1566/4740 | 0.035 | 245000 | 0 | 245000 | 58800 | 245000 | 548800 |
| 39 | 649/1911 | Swagat Jain S/o - Ananda Kumar Jain Caste - Terapanthi | 1566/4645 | 0.055 | 385000 | 0 | 385000 | 92400 | 385000 | 862400 |
| 40 | 649/1933 | Sunita Sarangi W/o - Surendra Sarangi Caste - Brahmin | 1566/4667 | 0.051 | 357000 | 0 | 357000 | 85680 | 357000 | 799680 |

OIPR–24186/11/0002/2021




ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନଙ୍କ ଅଭିନୀତ ଫିଲ୍ମ 'ଡନ୍'କୁ ପୂରିଛି ୪୨ ବର୍ଷ। ଏହି ଅବସରରେ ପୁରୁଣା ସ୍ମୃତିକୁ ମନେପକାଇଛନ୍ତି ବିଗ୍ ବି। ୭୭ ବର୍ଷୀୟ ଏହି ଅଭିନେତା ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି। ଅଭିନେତ୍ରୀ ନୁତନଙ୍କ ସହ ଅମିତାଭ ଫିଲ୍ମ ଫେୟାର ଆୱାର୍ଡ ଗ୍ରହଣ କରୁଥିବାର ଏକ ଫଟୋ ଶେୟାର କରିଛନ୍ତି। ଏହି ଆକ୍ସନ ଡ୍ରାମା ଫିଲ୍ମ ଅମିତାଭଙ୍କ କ୍ୟାରିୟର ବିଗେଷ୍ଟ ବ୍ଲକବଷ୍ଟର ହିଟ୍ ଫିଲ୍ମ।

# ମାସ୍କ ଲଗାଇ ବାହାରିଲେ ପ୍ରିୟଙ୍କା



**ମୁମ୍ବାଇ:** କରୋନା ଭାଇରସ୍ ସଂକ୍ରମଣ ପାଇଁ ସାରା ବିଶ୍ୱର ବିଭିନ୍ନ ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଥିବା ବେଳେ ଅଧିକାଂଶ ଲୋକେ ଘରେ ବନ୍ଦ ହୋଇ ରହୁଛନ୍ତି। ତେବେ ସବୁବେଳେ ବ୍ୟସ୍ତ ରହୁଥିବା ବଲିଉଡ୍ ସେଲିବ୍ରିଟିମାନେ ମଧ୍ୟ ଶୁଟିଂ ନ ଥିବାରୁ ଘରେ ପରିବାର ସହ କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରୁଛନ୍ତି। ଏହାସହ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ ମଧ୍ୟ ରହୁଛନ୍ତି ଏମାନେ। ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ବି ଏଥିରୁ ବାଦ୍ ପଡିନାହାନ୍ତି। ଏବେ ସେ ତାଙ୍କ ଶାଶୁଘରେ ଲସ୍ ଆଞ୍ଜେଲସରେ ଥିବା ବେଳେ ସ୍ୱାମୀ ନିକ୍ ଜୋନସଙ୍କ ସହ କିଛି କିଛି ଫଟୋ ମଝିରେ ମଝିରେ ସୋସିଆଲ ମିଡିଆରେ ଅପ୍‌ଲୋଡ କରୁଥିବା ଦେଖିବାକୁ ମିଳିଛି। ତେବେ ଦୀର୍ଘ ୨ ମାସ ପରେ ସେ ପୁଣିଥରେ ବାହାରକୁ ବାହାରିଛନ୍ତି ବୋଲି କହିଛନ୍ତି। ମୁହଁରେ ମାସ୍କ ପିନ୍ଧିଥିବା ଏକ ଫଟୋ ଶେୟାର କରି ପ୍ରିୟଙ୍କା ଏହା କହିଛନ୍ତି। ହେଲେ ସେ କାହିଁକି ବାହାରକୁ ବାହାରିଛନ୍ତି ତାହା ସ୍ପଷ୍ଟ କରି ନାହାନ୍ତି। ତାଙ୍କର ମାସ୍କପିନ୍ଧା ଫଟୋ ଦେଖିବା ପରେ ଅନେକ ଲୋକ ଏହାକୁ ନେଇ ଭିନ୍ନଭିନ୍ନ କମେଣ୍ଟ ଦେଇଛନ୍ତି। ସେ ଯାହା ହେଉ ପ୍ରିୟଙ୍କା ଯେ ଏକ ଜରୁରୀ କାମରେ ବାହାରିଛନ୍ତି ତାହା ଅନୁମାନ କରାଯାଉଛି।

# ଆଖି ଦ୍ୱାରା ବି ବ୍ୟାପେ କରୋନା



**ୱାଶିଂଟନ:** କରୋନା ସଂକ୍ରମଣରୁ ଦୂରେଇ ରହିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କେତେକ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିରେ ଲୋକଙ୍କୁ ମାସ୍କ ପିନ୍ଧିବା ଲାଗି ପରାମର୍ଶ ଦିଆଯାଇଛି। ତେବେ ଆଖି ଦ୍ୱାରା ମଧ୍ୟ ସହଜରେ କରୋନା ସଂକ୍ରମଣ ହୋଇପାରିଥାଏ। ଏନେଇ ଆମେରିକାର ଜନ୍ ହାପକିନ୍ସ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ସଂକ୍ରମିତ ବ୍ୟକ୍ତି କାଶିବା ଅବା ଛିଙ୍କିବା ସମୟରେ ତାଙ୍କଠାରୁ କ୍ଷୁଦ୍ର ଜଳକଣା ପବନରେ ଉଡ଼ିବୁଲି ସୁସ୍ଥ ଲୋକଙ୍କ ଆଖିର ଏସ୍-୨ ରିସେପ୍ଟରରେ ଲାଗି ଯାଇଥାଏ। ଫଳରେ ଆଖି ଲାଲ୍ ପଡ଼ିଯାଇଥାଏ। ଏହାପରେ କରୋନା ସଂକ୍ରମଣ ଆଖିରୁ ଶରୀରରେ ବ୍ୟାପିବାକୁ ଲାଗିବାର ଆଶଙ୍କା ରହିଥାଏ। ଲୁହ ଦ୍ୱାରା କରୋନା ଭୂତାଣୁ ଧୀରେ ଧୀରେ ସାରା ଶରୀରକୁ ସଂକ୍ରମିତ ହୋଇଥାଏ। ଏନେଇ ଚକ୍ଷୁରୋଗ ବିଶେଷଜ୍ଞ ଡ. ଲିଙ୍ଗ୍ ଝୋହୁ କହିଛନ୍ତି ଯେ, କରୋନା ସଂକ୍ରମିତ ୧୦ଜଣ ମୃତକଙ୍କ ମୃତଦେହ ବ୍ୟବଚ୍ଛେଦ ସମୟରେ ଏହା ଜଣାପଡ଼ିଛି। ଯେଉଁ ଲୋକଙ୍କ ଆଖିରେ ଏସ୍-୨ ରିସେପ୍ଟର ଅଧିକ ଥାଏ, ସେମାନଙ୍କ କ୍ଷେତ୍ରରେ ଭୂତାଣୁ ସଂକ୍ରମଣର ଆଶଙ୍କା ବେଶି ରହିଥାଏ। ଏସ୍-୨ ରିସେପ୍ଟର ଦ୍ୱାରା ସଂକ୍ରମଣ ସିଧାସଳଖ ରକ୍ତରେ ହୋଇଥାଏ। ନାକ ଏବଂ ଆଖି ମଧ୍ୟରେ ସଂଯୋଗ ଥିବାରୁ ଭୂତାଣୁ ସହଜରେ ଶ୍ୱାସନଳୀରେ ମଧ୍ୟ ସଂକ୍ରମଣ ଆରମ୍ଭ କରିଥାଏ ବୋଲି ଲଣ୍ଡନର ଇମ୍ପାରିଆଲ୍ କଲେଜ ଭୂତାଣୁ ବିଶେଷଜ୍ଞ ପ୍ରଫେସର ପଲ୍ କେଲମ୍ କହିଛନ୍ତି। ଆଖି ଦ୍ୱାରା ୩୦ ପ୍ରତିଶତ ଲୋକଙ୍କ କ୍ଷେତ୍ରରେ କରୋନା ସଂକ୍ରମଣର ଆଶଙ୍କା ରହିଥାଏ। ତେଣୁ ଆଖିକୁ ମଧ୍ୟ ଢ଼ାଙ୍କିବାର ଆବଶ୍ୟକତା ରହିଥିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

**ଏସ୍-୨ ରିସେପ୍ଟର ଦ୍ୱାରା ହୋଇପାରେ ସଂକ୍ରମଣ**

# ଅଟୋମେଟିକ୍ ସାନିଟାଇଜ ହେବ ମୋବାଇଲ, ନୋଟ୍

**ନୂଆଦିଲ୍ଲୀ:** ମହାମାରୀ କରୋନା ବିରୋଧରେ ଲଢ଼େଇ ଜାରି ରହିଛି। ଏହି ଭୂତାଣୁ ସାଧାରଣ ଜୀବନଯାତ୍ରାକୁ ବେଶ୍ ପ୍ରଭାବିତ କରିଛି। ବୈଦ୍ୟୁତିକ ଉପକରଣ, ମୋବାଇଲ ଫୋନ୍, କରେନ୍ସି ନୋଟ୍ ଦ୍ୱାରା ମଧ୍ୟ ଏହି ଭୂତାଣୁ ସଂକ୍ରମଣ ହେବା ଆଶଙ୍କା ରହିଥିବା କୁହାଯାଉଛି। ଏଭଳି ପରିସ୍ଥିତିରେ ଡିଆର୍‌ଡିଓ(ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ) ପକ୍ଷରୁ ଏକ ସ୍ୱତନ୍ତ୍ର 'ଅଲ୍‌ଟ୍ରା ଭାୟୋଲେଟ୍(ୟୁଭି) ସାନିଟାଇଜେଶନ' କ୍ୟାବିନେଟ୍ ବିକଶିତ କରାଯାଇଛି। ଏହି ଅଟୋମେଟିକ୍ ମେଶିନ ଦ୍ୱାରା ମୋବାଇଲ, ଆଇପଡ୍, ଲାପ୍‌ଟପ୍ ଆଦି ବୈଦ୍ୟୁତିକ ଉପକରଣ ସମେତ ନୋଟ୍, ପାସ୍‌ବୁକ୍, ଚେକ୍, ଲଫାପା, କାଗଜ ଆଦି ସାନିଟାଇଜ୍ କରାଯାଇପାରିବ। ଅଲ୍‌ଟ୍ରା ଭାୟୋଲେଟ୍ ସାନିଟାଇଜର ପ୍ରଣାଳି ଏହି କ୍ୟାବିନେଟ୍‌ରେ ରଖାଯାଇଥିବା ଜିନିଷ ଉପରେ ୩୬୦ଡିଗ୍ରୀରେ ଅତି ବାଇଗଣି ରଶ୍ମି ପକାଇ ଜିନିଷଗୁଡ଼ିକୁ ସାନିଟାଇଜ କରିଥାଏ। ଏହି ପ୍ରକ୍ରିୟା ସ୍ୱୟଂଚାଳିତ ହୋଇଥିବାରୁ ଜିନିଷ ସାନିଟାଇଜ ହେବା ପରେ କ୍ୟାବିନେଟ୍ ଆପେ ଆପେ ବନ୍ଦ ହୋଇଯାଇଥାଏ। ଏଥିପାଇଁ ମେଶିନ୍ ନିକଟରେ ଅପେକ୍ଷା କରିବା ମଧ୍ୟ ଆବଶ୍ୟକ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କୌଣସି ସମ୍ପର୍କରେ ନ ଆସି ଏହାଦ୍ୱାରା କାର୍ଯ୍ୟ ହୋଇଥାଏ। ତେଣୁ ସଂକ୍ରମଣ ବ୍ୟାପିବା ଆଶଙ୍କା ମଧ୍ୟ ନ ଥାଏ। ଉଲ୍ଲେଖଯୋଗ୍ୟ, ଡିଆର୍‌ଡିଓ ରିସର୍ଚ୍ଚ ସେଣ୍ଟର ଇମାରତ୍ ପକ୍ଷରୁ ଏହି କ୍ୟାବିନେଟ ବିକଶିତ କରାଯାଇଛି।

**ଡିଆର୍‌ଡିଓର ସ୍ୱତନ୍ତ୍ର ୟୁଭି ସିଷ୍ଟମ**



## କୃଷି ଜୀବନ

# ଚାଷ ପାଇଁ ଛାଡ଼ିଲେ ଚାକିରି



ପ୍ରକାଶ ରଞ୍ଜନ ନାୟକ

ପିଲାଟି ଦିନରୁ ତାଙ୍କର ଚାଷ ପ୍ରତି ଥିଲା ଅହେତୁକ ଆଗ୍ରହ। ହେଲେ ଇଞ୍ଜିନିୟରିଂ ପାଠ ପଢ଼ି ସେ ଟେଲିକମ୍ ବିଭାଗରେ ପାଇଲେ ଚାକିରି। କିନ୍ତୁ କେଜାଣି କାହିଁକି ପୁଣି ଚାଷକୁ ନେଇ ତାଙ୍କର ସ୍ୱପ୍ନ ବଢ଼ିଗଲା। ୧୫ ବର୍ଷର ଇଞ୍ଜିନିୟରିଂ ଚାକିରି ଛାଡ଼ି ସେ ଫେରିଆସିଲେ ଗାଁକୁ। ସ୍ୱପ୍ନକୁ ସାକାର ରୂପ ଦେବାକୁ ପ୍ରସ୍ତୁତ କଲେ ଯୋଜନା। ନୂତନ ଜ୍ଞାନକୌଶଳ ତଥା ବୈଜ୍ଞାନିକ ପଦ୍ଧତିକୁ ଅନୁସରଣ କରି ଆରମ୍ଭ କଲେ ଚାଷ। ଅଳ୍ପ ଦିନ ମଧ୍ୟରେ ତାଙ୍କର ସ୍ୱପ୍ନ ବାସ୍ତବ ରୂପ ନେବା ଆରମ୍ଭ କରିଛି। ଆଉ ଏହା ତାଙ୍କୁ ସ୍ଥାନୀୟ ଅଞ୍ଚଳରେ କରିଛି ଚର୍ଚ୍ଚିତ। ସେହି ବ୍ୟକ୍ତି ହେଲେ ପ୍ରକାଶ ରଞ୍ଜନ ନାୟକ (ମୋ: ୯୬୯୨୮୬୬୬)। ଘର ବରଗଡ଼ ଜିଲା ଅତାବିରା ବ୍ଲକ୍ ବନହର ଗ୍ରାମରେ। ମା' ଗାୟତ୍ରୀ ଓ ବାପାଙ୍କ ନାମ ବିନୋଦ ନାୟକ।

ପ୍ରକାଶ ଚାକିରି ଛାଡ଼ି ଗାଁକୁ ଫେରିବା ପରେ ଅର୍ଥାତ୍ ଗତ ୬ମାସ ହେଲା କୃଷିକ୍ଷେତ୍ରରେ ପାଦ ଦେଇଛନ୍ତି। ଆଧୁନିକ ଜ୍ଞାନକୌଶଳ ତଥା ବୈଜ୍ଞାନିକ ପଦ୍ଧତିକୁ ଆପଣାଇଛନ୍ତି। ୧୮ଲକ୍ଷ ଟଙ୍କା ବିନିଯୋଗ କରି ପ୍ରାୟ ୩୦ ଡେସିମିଲ ଜମିରେ ଏକ ପଲି ହାଉସ୍ ନିର୍ମାଣ କରିଛନ୍ତି। ଆଉ ପ୍ରଥମ ପରୀକ୍ଷଣ ଭାବେ ସେଥିରେ କ୍ୟାପ୍‌ସିକମ୍(ସିମଳା ଲଙ୍କା) ଚାଷ କରିଛନ୍ତି ସେ। ଫସଲ ବି ଭଲ ହୋଇଛି। ଗତ ୩ମାସ ଭିତରେ ସେଥିରୁ ସେ ପ୍ରାୟ ୬ଟନ୍ କ୍ୟାପ୍‌ସିକମ୍ ଉତ୍ପାଦନ କରିଥିବା କହିଛନ୍ତି। କ୍ୟାପ୍‌ସିକମ୍ ଚାଷକୁ ସେ କେବଳ ପରୀକ୍ଷଣଭାବେ ଆରମ୍ଭ କରିଛନ୍ତି। ଆଗକୁ ଅନ୍ୟ କିସମର ପରିବା ଚାଷ ମଧ୍ୟ ଏଭଳି ପଲି ହାଉସ୍‌ରେ କରିବାକୁ ତାଙ୍କର ଲକ୍ଷ୍ୟ ରହିଛି। ଏହି ପଦ୍ଧତିରେ ଚାଷ କଲେ କମ୍ ଜାଗାରେ ଉତ୍ତମ ମାନର ଅଧିକ ଫସଲ ଉତ୍ପାଦନ ହୋଇପାରିବ। ସାଧାରଣ ପ୍ରଣାଳୀର ଚାଷ ଅପେକ୍ଷା ଏଥିରେ ବହୁତ କମ୍ ଅର୍ଥାତ୍ ପ୍ରାୟ ୧୦ ପ୍ରତିଶତ ସାର, କୀଟନାଶକ ଦରକାର ପଡୁଥିବା କୁହନ୍ତି ସେ। ତେବେ ଇଞ୍ଜିନିୟରିଂ ଚାକିରି ଛାଡ଼ି କୃଷିକ୍ଷେତ୍ରକୁ ଆସିବା ପ୍ରସଙ୍ଗରେ ପ୍ରକାଶ କୁହନ୍ତି, 'ଚାଷ ପ୍ରତି ଆଗରୁ ଆଗ୍ରହ ଥିଲା। ଜାପାନ, ଇସ୍ରାଏଲ, ଚାଇନା ଭଳି ଦେଶରେ ଲୋକେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଚାଷକାର୍ଯ୍ୟରେ ବେଶ୍ ସଫଳ ହେଉଛନ୍ତି। ତେଣୁ ସେଭଳି ଅତ୍ୟାଧୁନିକ ଜ୍ଞାନକୌଶଳକୁ ଅବଲମ୍ବନ କରି ଚାଷ ଲାଗି ମନ ବଳିଲା। ଏଥିସହିତ ଏଭଳି କୌଶଳରେ ଚାଷ କରି ନିଜେ ସଫଳ ହେବା ପରେ ଏହି ସଫଳତାର ବାର୍ତ୍ତା ଲୋକଙ୍କ ପାଖକୁ ପହଞ୍ଚାଇବା ହିଁ ଉଦ୍ଦେଶ୍ୟ ଥିଲା।' ଏହି ପଦ୍ଧତିରେ କମ୍ ଜମିରେ ଅଧିକ ଉନ୍ନତ ଓ ଗୁଣମାନର ଉତ୍ପାଦନ ହୋଇପାରୁଛି ବୋଲି ସେ କହିଛନ୍ତି। ତେବେ ଲୋକଙ୍କୁ ଏଦିଗରେ ସଚେତନ କରାଇବା ସହ ସେମାନଙ୍କର ଆର୍ଥିକ ମାନଦଣ୍ଡ ସୁଦୃଢ଼ ଲାଗି ଲକ୍ଷ୍ୟ ରଖିଛନ୍ତି ପ୍ରକାଶ।



ପ୍ରକାଶଙ୍କ ପଲ୍ଲୀ ହାଉସରେ ଉତ୍ପାଦିତ କ୍ୟାପ୍‌ସିକମ ତୋଳି ନେଉଛନ୍ତି ଜଣେ ବ୍ୟକ୍ତି।

–ପ୍ରେମାନନ୍ଦ ଖମାରୀ

# ଏ ମାସର କୃଷି ସୂଚନା

**ଡାଲୁଅ ଧାନ :** ଡାଲୁଅ ଧାନର ୮୦ରୁ ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟନ୍ତୁ। ଧାନ କାଟିବା ଆଗରୁ ଶେଷ ଥର ପାଇଁ ବିଲରେ ଥିବା ମିଶା ଧାନ ବାଛି ଦିଅନ୍ତୁ। ଧାନ କାଟିବାର ୭ଦିନ ପୂର୍ବରୁ କିଆରିରୁ ପାଣି ଶୁଖାନ୍ତୁ। ଅମଳ ପରେ ୩-୪ଟି ଟାଣ ଖରାରେ ଧାନକୁ ଶୁଖାଇ ସାଇତି ରଖନ୍ତୁ। ଜମିର କିସମ ଅନୁସାରେ ଖରିଫ୍ ଧାନଚାଷ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଧାନବିହନ ସଂଗ୍ରହ କରନ୍ତୁ।

– କଟା ହୋଇ ନ ଥିବା ଡାଲୁଅ ଧାନରେ ଯେଉଁ ଅଞ୍ଚଳରେ ମାଟିଆଗୁଣ୍ଡି ବା ଚକଡ଼ା ପୋକ ଆକ୍ରମଣ ଦେଖାଯାଉଛି, ସେହି ସ୍ଥାନରେ ଆକ୍ରାନ୍ତ କ୍ଷେତରୁ ପାଣି କାଟି ଶୁଖାଇ ଦିଅନ୍ତୁ। ପ୍ରତି ୬ଫୁଟ ବ୍ୟବଧାନରେ ପୂର୍ବ-ପଶ୍ଚିମ କରି ଧାନ ଗଛକୁ ଦୁଇପଟକୁ ଆଡ଼େଇ ଦେଇ ପାଖି କାଟନ୍ତୁ। ଗଛ ମୂଳକୁ ଲକ୍ଷ୍ୟ କରି ହେକ୍ଟର ପ୍ରତି ଫ୍ଲୋନିକାମିଡ୍ ୧୫୦ଗ୍ରାମ୍ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ କିମ୍ବା ପାଇମେଟ୍ରୋଜିନ୍ ୩୦୦ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଡାଲି :** ମୁଗ ଓ ବିରି ଫସଲରେ ଛୁଇଁ ୮୦ରୁ ୮୫ ଭାଗ ପାକଳ ହୋଇଥିଲେ ଅମଳ କରନ୍ତୁ । ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ। ଖରାଟିଆ ବିରି ଓ ମୁଗ ଫୁଲଫଳ ଅବସ୍ଥାରେ ଥିଲେ ହାଲୁକା ଜଳସେଚନ କରନ୍ତୁ।

**ନଳିତା :** ଏପ୍ରିଲ ମାସରେ ବୁଣାଯାଇଥିବା ନଳିତା ୧୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛନ୍ତୁ ଓ ଗଛ ବହଳିଆ ହୋଇଥିଲେ ଗଛକୁ ଗଛ ୮ସେ.ମି.ରୁ ୧୦ସେ.ମି. ରଖି ପତଳା କରିଦିଅନ୍ତୁ। ନଳିତା ଗଛ ୧୧-୨୦ ଦିନ ହୋଇଗଲେ ଏକ ବୀଜପତ୍ର ଘାସକୁ ନିୟନ୍ତ୍ରଣ କରିବା ପାଇଁ ଫସଲକୁ ୧୫-୨୦ ଦିନ ସମୟରେ ଟର୍ଗାସୁପର ତୃଣନାଶକ ୨ ମି.ଲି. + ଧନୁଭିଟ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଆଖୁ :** ଜଳସେଚନର ସୁବିଧା ଥିଲେ ଜମିକୁ କୋଡ଼ାଖୁସା କରି ହୁଡ଼ା ଟେକା ପୂର୍ବରୁ ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର (୬୫ କି.ଗ୍ରା./ହେକ୍ଟର) ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ନ ଥିଲେ ପ୍ରଥମ ବର୍ଷା ପରେ ଏହି ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକିଦିଅନ୍ତୁ।

**ତୈଳବୀଜ ଫସଲ :**

**ରାଶି–** ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ। ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ। ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ।

**ଚିନାବାଦାମ–** ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ।

**ମାଛଚାଷ :** ପୋଖରୀର ପାଣି ସ୍ତର କମିଗଲେ ପାଣି ଭର୍ତ୍ତି କରନ୍ତୁ। ଏକ ଏକର ବିଶିଷ୍ଟ ମାଛଚାଷ ପୋଖରୀରେ ପ୍ରତ୍ୟେକ ଦିନ ୩କି.ଗ୍ରା. ୫୦୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୫୦୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶ୍ରଣକୁ ପ୍ରୟୋଗ କରନ୍ତୁ। ବର୍ଷକିଆ ଯାଆଁଳ ଚାଷ ପାଇଁ ଆଗ୍ରହୀ ଚାଷୀମାନେ ପୋଖରୀକୁ ଶୁଖାଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ।



## ସୂର୍ଯ୍ୟମୁଖୀ

ସୂର୍ଯ୍ୟମୁଖୀରେ କଳଙ୍କିରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ରରେ ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ବି ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ।

–ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପରଅକ୍ସିକ୍ଲୋରାଇଡ୍ / ଥିୟୋଫ୍ୟାନେଟ୍ ମିଥାଇଲ୍ ୧.୫ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ।

## ଗୋପାଳନ

ଅଂଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ। ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ। ଗୁହାଳକୁ ଥଣ୍ଡା ରଖିବା ସହିତ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ। ଖାଦ୍ୟରେ ୩୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ। ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଜୁନ୍ ମାସରେ ବର୍ଷା ଆସିଯିବ ଏବଂ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ। ଦାନାକୁ ଯଥା ସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ।



## ପନିପରିବା ଚାଷ

ଖରାଟିଆ ପନିପରିବା ଫସଲରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଅନ୍ତୁ।

– ଶାଗ ଫସଲରୁ ଅଧିକ ଅମଳ ପାଇଁ ଜିଆଖତ ବ୍ୟବହାର କରି ମାଟିର ବତର ଅନୁସାରେ ଜଳସେଚନ କରନ୍ତୁ।

– ତରଭୁଜ ଅମଳ ପରେ ଜଳସେଚନର ସୁବିଧା ଥିଲେ ସେହି ଜମିରେ ଶାଗ, ପୋଇ, ବାଇଗଣ, ଗୁଆଁର, ଲଙ୍କା, ଭେଣ୍ଡି ଇତ୍ୟାଦି ଚାଷ କରନ୍ତୁ। ବର୍ଷାଦିନରେ ବାଇଗଣ ଓ ଲଙ୍କାଚାଷ କରିବା ପାଇଁ ଚାରା ପକାନ୍ତୁ। ବାଇଗଣ ଓ ଲଙ୍କାଚାରାର ଚେରକୁ ମିଶ୍ରିତ ଔଷଧ ଦ୍ରବଣରେ ୩୦ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ବିଶୋଧନ କରି ଲଗାନ୍ତୁ (ମିଶ୍ରିତ ଔଷଧ ଦ୍ରବଣରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧.୫ ଗ୍ରାମ୍ ଏବଂ କାର୍ବେଣ୍ଡାଜିମ୍ ୨୦ ଗ୍ରାମ୍ ୧୦ ଲିଟର ପାଣିରେ ମିଶାଇବେ)।

– କଲରା, କାକୁଡ଼ି, ଜହ୍ନି, ପୋଟଳ, ଲାଉ ଫସଲରେ ପତ୍ର ହଳଦିଆ ଦେଖାଦେଲେ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରନ୍ତୁ।



## କୁକୁଡ଼ା ଓ ବତକ ପାଳନ

କୁକୁଡ଼ା ଓ ବତକ ଘରକୁ ଶୁଖିଲା, ଥଣ୍ଡା ରଖନ୍ତୁ ଓ ମୁକ୍ତ ପବନ ଯିବା ଆସିବାର ସୁବିଧା କରନ୍ତୁ। ସନ୍ତୁଳିତ ଦାନା ତଥା ନିର୍ମଳ ଥଣ୍ଡା ପାଣି ଅଧିକ ପରିମାଣରେ ପିଇବାକୁ ଦିଅନ୍ତୁ। ଦିନକୁ ୨ରୁ ୩ଥର ପାଣି ବଦଳାନ୍ତୁ। ଦିନ ୧୧ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ା ଘର ଜାଲିରେ ଓଦାଅଖା ଟାଣନ୍ତୁ। ଦୁଇ ମାସରୁ ଅଧିକ ସବୁ କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ।

**ଛେଳି ଓ ମେଣ୍ଢା ପାଳନ :** ଛେଳି ଓ ମେଣ୍ଢାଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ। ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ। ପି.ପି.ଆର୍. ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ। ପ୍ରତ୍ୟେକ ଦିନ ୫ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ। ଛେଳି ଓ ମେଣ୍ଢା ଦିନସାରା ଚରିଲେ ମଧ୍ୟ ଚଳିତ ମେ' ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ରୁ ୨୦୦ ଗ୍ରାମ୍ ଦାନା ଦେବା ବ୍ୟବସ୍ଥା କରନ୍ତୁ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ସଂକ୍ଷେପରେ

### ମାଗଣା ଡାଲି, ଚାଉଳ ନ ମିଳିଲେ ଧାରଣା

**କଣ୍ଟାପଡା, ୧୨।୫(ଡି.ଏନ.ଏ):** ମହାମାରୀ କାରୋନାରେ ଜୀବନ ଜୀବିକା ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଗରିବଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ଯୋଜନାରେ ରାଶନ କାର୍ଡଧାରୀଙ୍କୁ ଆଗୁଆ ମୁଣ୍ଡପିଛା ୫ କିଲୋ ଚାଉଳ ଓ ୧ କିଲୋ ଡାଲି ୩ ମାସର ଆଗୁଆ ଦେବାପାଇଁ ବ୍ୟବସ୍ଥା କରିଥିଲେ। କିନ୍ତୁ କଣ୍ଟାପଡ଼ା ବ୍ଲକରେ ଏପର୍ଯ୍ୟନ୍ତ ରାସନ କାର୍ଡଧାରୀଙ୍କୁ ଏହା ଦିଆଯାଇ ନାହିଁ। ଚଳିତମାସ ୨୮ ତାରିଖ ସୁଦ୍ଧା ହିତାଧିକାରୀଙ୍କୁ ଏହା ନ ମିଳିଲେ ଏହାର ପ୍ରତିବାଦରେ ସାମାଜିକ କର୍ମୀ ମାଧବ ଭୋଇ ଓ ଶରତ ପରିଡା ବ୍ଲକ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସେମାନେ ସୋମବାର କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣ୍ଟାପଡ଼ା ବିଡିଓଙ୍କୁ ଡାକ ଯୋଗେ ପ୍ରଦାନ କରିଛନ୍ତି। ଏ ନେଇ କଣ୍ଟାପଡ଼ା ଯୋଗାଣ ଅଧିକାରୀ ନସିମା ବେଗମ କୁହନ୍ତି ଷ୍ଟୋରରେ ଡାଲି ମହଜୁଦ ନ ଥିବାରୁ ବଣ୍ଟନରେ ବିଳମ୍ବ ହେଉଛି। ଏହାସତ୍ତ୍ୱେ ଝାରପଡ଼ା ଓ ବ୍ରାହ୍ମଣସାଇଲୋ ପଞ୍ଚାୟତରେ ୨ଦିନ ତଳେ ଡାଲି ବଣ୍ଟାଯାଇଛି ବୋଲି ସେ କହିଛନ୍ତି।

### ତାମିଲନାଡୁରୁ ଆସିଥିବା ବସ୍ ଗ୍ରାମ ପ୍ରବେଶକୁ ବାରଣ

**ପିପିଲି, ୧୨।୫(ସ୍ୱ.ପ୍ର.):** ଲକ୍‌ଡାଉନ ସତ୍ତ୍ୱେ ପ୍ରବାସୀ ଓଡ଼ିଆ ନିଜ ଗ୍ରାମ ଅଭିମୁଖେ ଆସିବା ବୃଦ୍ଧି ପାଇବାରେ ଲାଗିଛି। ତେବେ ମଙ୍ଗଳବାର ତାମିଲନାଡରୁ ୨୫ଜଣ ପ୍ରବାସୀ ପୁରୀ ଜିଲା ଡେଲାଙ୍ଗ ଗ୍ରାମକୁ ଫେରିଥିବା ବେଳେ ଗ୍ରାମବାସୀ ବାରଣ କରିଥିଲେ। ପରେ ସ୍ଥାନୀୟ ତହସିଲଦାର ସେମାନଙ୍କୁ ପିପିଲି ବ୍ଲକଠାରେ ଥିବା କୃପାଜଳ ଇଞ୍ଜିନିୟରିଂ କଲେଜରେ ହୋଇଥିବା ଜିଲା ଅଭ୍ୟର୍ଥନା କକ୍ଷକୁ ପଠାଇଛନ୍ତି। ସୂଚନାଯୋଗ୍ୟ, ତାମିଲନାଡୁରୁ ୨ଟି ବସ ଯୋଗେ ୨୫ଜଣ ପ୍ରବାସୀ ସିଧାସଳଖ ଗ୍ରାମକୁ ପ୍ରବେଶ କରିବା ପାଇଁ ଚାହିଁଥିଲେ। ଗ୍ରାମବାସୀ ଜାଣିବା ପରେ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ବସକୁ ଇନ୍ଦ୍ରପୁର ବଜାର ନିକଟରେ ଅଟକାଇବା ସହ ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର ଆଚାରିଆଙ୍କୁ ଜଣାଇଥିଲେ। ଖବରପାଇ ଘଟଣାସ୍ଥଳେ ତହସିଲଦାର ପହଞ୍ଚି ଗ୍ରାମବାସୀ ଓ ପ୍ରବାସୀଙ୍କ ସହ ଆଲୋଚନା କରିବା ପରେ ସରକାରଙ୍କ ନିୟମ ଅନୁଯାୟୀ ଜିଲା ଅଭ୍ୟର୍ଥନା କେନ୍ଦ୍ରକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଡେଲାଙ୍ଗ ବ୍ଲକ ଅଧୀନସ୍ଥ ୨୧ଜଣ ଥିବାବେଳେ ଅନ୍ୟ ବ୍ଲକର ୪ଜଣ ରହିଛନ୍ତି। ଗ୍ରାମବାସୀଙ୍କ ଏଭଳି ସଚେତନା କାର୍ଯ୍ୟକୁ ତହସିଲଦାର ଆଚାରିଆ ବେଶ ପ୍ରଶଂସା କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

ଭୁବନେଶ୍ୱର, ୧୨।୫(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଉପକଣ୍ଠରେ ଥିବା ବିଭିନ୍ନ ବ୍ଲକ୍ ଅଧିନରେ କାର୍ଯ୍ୟରତ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଜର ଗୋଟିଏ ଦିନର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ମଙ୍ଗଳବାର ଶିକ୍ଷକ ସଂଘର ସମସ୍ତ କର୍ମକର୍ତ୍ତା କରୋନା ମୁକାବିଲା ପାଇଁ ୧୫ ଲକ୍ଷ ୧୧ ହଜାର ୭ ଟଙ୍କାର ଏକ ଚେକ୍ ବିଇଓଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟ ପାଇଁ ଭୁବନେଶ୍ୱର ବ୍ଲକ୍ ଶିକ୍ଷା ଅଧିକାରୀ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୨୫୦୦ ପୃଷ୍ଠାର ବିରଳ ଚିତ୍ରପୁସ୍ତକ

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

### ସୃଜନଶୀଳତା ଆଗରେ ହାର୍ ମାନିଛି ଦାରିଦ୍ର୍ୟ



ଦୃଢ଼ ଇଚ୍ଛାଶକ୍ତି ଆଗରେ ସବୁକିଛି ସମ୍ଭବ। ଆଉ ଏହାକୁ ପ୍ରମାଣିତ କରିଛନ୍ତି ଚିତ୍ରଶିଳ୍ପୀ ସୁଶୀଲ କୁମାର ରାଉତ। ପୁରୁଣା ଭୁବନେଶ୍ୱରସ୍ଥିତ ମନ୍ଦିର ରୋଡ୍‌ର ଏହି ଶିଳ୍ପୀ ନିଜର ଅଭାବ ଅନଟନ ଆଗରେ କେବେ ବି ନିଜ ପ୍ରତିଭା ଓ ସୃଜନଶୀଳତାକୁ ହାର୍ ମାନିବାକୁ ଦେଇନାହାନ୍ତି। ପିଲାବେଳୁ ପୁସ୍ତକ ଓ ଚିତ୍ରକଳା ପ୍ରତି ଦୁର୍ବଳତା ରହିଥିବାରୁ ଏହାର ସମ୍ମିଶ୍ରଣରେ ଆଜି ସୃଷ୍ଟି କରିଛନ୍ତି ବିରଳ କଳାକୃତି। ଚିତ୍ରକଳା ମାଧ୍ୟମରେ ଭାରତମାତାଙ୍କ ପ୍ରତି ଥିବା ଅନାବିଳ ପ୍ରେମ ଓ ଦେଶପ୍ରେମକୁ ଦର୍ଶାଇଛନ୍ତି। ୨୫୦୦ ପୃଷ୍ଠାର ଏକ ବିଶାଳ ଚିତ୍ର ପୁସ୍ତକ 'ଇଣ୍ଡିଆନ୍ ବ୍ଲଡ୍ ବୁକ୍ ଅଫ୍ ଫିଲୋସଫି' ପ୍ରସ୍ତୁତ କରି ନିଜ ନିଆରା ପ୍ରତିଭାର ପରିଚୟ ଦେଇଛନ୍ତି।

ଡିବିରି ଦୁନିଆରୁ ଚାଇନା ଲାଇଟ୍ ପର୍ଯ୍ୟନ୍ତ, ଇଂରେଜଙ୍କ ନିର୍ଯାତନାରୁ ଆରମ୍ଭକରି ଭାରତର ସ୍ୱାଧୀନତା ସଂଗ୍ରାମ ପର୍ଯ୍ୟନ୍ତ। ଏହାସାଙ୍ଗକୁ ଭାରତ ଉପରେ ମୋଗଲ ଶାସନର ପ୍ରଭାବ। ଭାରତର ପ୍ରାଚୀନ ଇତିହାସରୁ ଅଧୁନା ସମୟ ପର୍ଯ୍ୟନ୍ତ, ସବୁକିଛି ପ୍ରତିଫଳିତ ହୋଇଛି ଗୋଟିଏ ପୁସ୍ତକରେ। ତାହାପୁଣି କାନ୍‌ଭାସ୍ ଓ ରଙ୍ଗତୂଳୀ ମାଧ୍ୟମରେ। ଦୀର୍ଘ ୧୮ବର୍ଷର କଠିନ ପରଶ୍ରମର ଫଳସ୍ୱରୂପ ସୃଷ୍ଟିହୋଇଛି ୨୫୦୦ ପୃଷ୍ଠା ସମ୍ବଳିତ 'ଇଣ୍ଡିଆନ୍ ବ୍ଲଡ୍ ବୁକ୍ ଅଫ୍ ଫିଲୋସଫି' ପୁସ୍ତକ, ଯାହାକୁ ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିବା ଅସମ୍ଭବ। ସୀମାରେ ଭାରତକୁ ଯବାନମାନେ ସୁରକ୍ଷା ଦେବାଭଳି ଭାରତମାତାଙ୍କ ଉପରେ ଆଧାରିତ ଏହି ପୁସ୍ତକକୁ ତାରଜାଲି ଦେଇ ତାଲା ପକାଇଛନ୍ତି ସୁଶୀଲ। ଅଢ଼େଇ ଫୁଟ ଜାଗାରେ ବହିଟିକୁ ରଖି ଏଥିରେ ୭୦ଟି ତାଲା ପକାଇଛନ୍ତି। ବର୍ତ୍ତମାନ ଯେପରି ଭାରତ ଲକ୍‌ଡାଉନ ପାଇଁ ସୁରକ୍ଷିତ ରହିଛି ସେହିଭଳି ଏହି ପୁସ୍ତକ ମଧ୍ୟ ଲକ୍‌ଡାଉନ୍‌ରେ ସୁରକ୍ଷିତ ରହିଛି ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଏହାକୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉପହାର ଦେବେ ବୋଲି କହିଛନ୍ତି। ଭାରତୀୟ ଦର୍ଶନଶାସ୍ତ୍ର ଉପରେ ଏବେ ୫ହଜାର ପୃଷ୍ଠାର ପୁସ୍ତକ ଚିତ୍ରିତ କରୁଥିବା ସୁଶୀଲ ନିଜର ବରଳ ସୃଷ୍ଟି ପାଇଁ କେବେ ସହାୟତା ପାଇନାହାନ୍ତି କି ପ୍ରଶଂସିତ ମଧ୍ୟ ହୋଇନାହାନ୍ତି। ଚିତ୍ରଶିଳ୍ପୀଭାବେ ତାଙ୍କୁ କେବେ ପୁରସ୍କାରଟିଏ ବି ମିଳିନି। ୱାର୍ଲଡ ରେକର୍ଡସରେ ସ୍ଥାନ ପାଇବାର ସମକକ୍ଷ ହୋଇଥିଲେ ମଧ୍ୟ କେବେ ସେଥିପାଇଁ ଆବେଦନ କରିନାହାନ୍ତି। ଅଭାବ ଅନଟନ ମଧ୍ୟରେ ରହି ପରଦା ପଛର ନାୟକ ଭଳି ସଂଘର୍ଷ କରିଚାଲିଛନ୍ତି। ବର୍ଷେ ତଳେ ଲିଙ୍ଗରାଜ ମନ୍ଦିର ସାମ୍ନାରେ ଫଟୋଚିତ୍ର ଦୋକାନ କରିଥିଲେ। ହେଲେ ମନ୍ଦିର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ପାଇଁ ବିଏମ୍‌ସି ପକ୍ଷରୁ ତାଙ୍କ ଦୋକାନକୁ ଉଚ୍ଛେଦ କରିଦିଆଗଲା। ଏବେ ପଟଚିତ୍ର ବିକି ଏବେ ଅତିବେଶିରେ ମାସକୁ ହଜାରେ ଦୁଇହଜାର ଟଙ୍କା ରୋଜଗାର କରୁଛନ୍ତି। ଭୁବନେଶ୍ୱରରେ ଏତିକି ଟଙ୍କାରେ ଚଳିବା କାଠିକର ପାଠ ହୋଇଥିଲେ ବି ସେ ତାଙ୍କ ସଂଘର୍ଷ ଜାରି ରଖିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇପାରିନାହାନ୍ତି ବୋଲି ଅବସୋସ

୮ଫୁଟ୍ ଲମ୍ୱ ଓ ୪ଫୁଟ୍ ଓସାର ବିଶିଷ୍ଟ ଏକ ବିଶାଳ ପଟଚିତ୍ର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉପହାର ଦେବାକୁ ଭାବିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଏହାକୁ ପହଞ୍ଚାଇବାକୁ ବହୁ ନେତା, ମନ୍ତ୍ରୀଙ୍କୁ ଗୁହାରି ହେଲେ। ହେଲେ କେହି ଶୁଣିଲେନି। ଏଥିପାଇଁ ଆଜି ବି ତାଙ୍କର ଅବସୋସ ରହିଛି। ଏନେଇ ସେ କହିଛନ୍ତି, ଯଦି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ମୋ ଉପହାରକୁ ଗ୍ରହଣ କରନ୍ତି ତାହେଲେ ବହୁ ଉପକୃତ ହେବି। ପୁରସ୍କାର କି ରେକର୍ଡ ପାଇଁ କେବେ ଆଶା କରିନି। ଅର୍ଥାଭାବ ଯୋଗୁ ବନ୍ଧୁମାନଙ୍କଠାରୁ ଧାର ଉଧାର କରି ପୁସ୍ତକ କରୁଛି। ଯଦି ସରକାରୀ ସହାୟତା ମିଳନ୍ତା ତାହେଲେ ଆଉକିଛି ମଧ୍ୟ କରିପାରନ୍ତି ବୋଲି ସୁଶୀଲ୍ କହିଛନ୍ତି।

# +୨ ମୂଲ୍ୟାୟନ ଜୁନ୍ ୧୭ରେ କରିବାକୁ ଦାବି

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

ବର୍ତ୍ତମାନ ମହାମାରୀ କରୋନା ଭଳି ବିପଦ ସମୟରେ +୨ ମୂଲ୍ୟାୟନ କାର୍ଯ୍ୟ ଆରମ୍ଭ କଲେ ଏହା ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀଙ୍କ ପାଇଁ ଘାତକ ସାଜିବ ବୋଲି ଶିକ୍ଷକ ସଂଘ ପକ୍ଷରୁ କୁହାଯାଇଛି। ମାର୍ଚ୍ଚ ୨୩ତାରିଖରୁ ହେବାକୁ ଥିବା ସମସ୍ତ ବିଷୟର ପରୀକ୍ଷାକୁ ସରକାର ସ୍ଥଗିତ ରଖିଥିବାବେଳେ ଏଗୁଡିକ କେବେ ଅନୁଷ୍ଠିତ ହେବ ତାହା ସ୍ପଷ୍ଟ ହୋଇନାହିଁ। ଯଦି ଏହି ପରୀକ୍ଷା ଜୁଲାଇ ମାସରେ କରିବା ପାଇଁ ଚିନ୍ତା କରୁଛନ୍ତି, ତେବେ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମୂଲ୍ୟାୟନ ପାଇଁ ତରବର ହେବାର କୌଣସି ଯଥାର୍ଥତା ନାହିଁ ବୋଲି ସଂଘ ପକ୍ଷରୁ ପ୍ରକାଶ ପାଇଛି। ସାଧାରଣତଃ ମୂଲ୍ୟାୟନ କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ମୋଟ କୋଡ଼ିଏ ଦିନରେ ହୋଇଥାଏ। ଏହା ଯଦି ଜୁନ ୧୭ରେ ଆରମ୍ଭ କରାଯାଏ ତେବେ ଜୁଲାଇ ୧୬ ତାରିଖ ସୁଦ୍ଧା ମୂଲ୍ୟାଙ୍କନ କାର୍ଯ୍ୟ ସରିଯିବ ବୋଲି ସଂଘ କହିଛି। ମୂଲ୍ୟାଙ୍କନ ସରିଲେ ଅଗଷ୍ଟ ପ୍ରଥମ ସପ୍ତାହରେ ଫଳ ପ୍ରକାଶ କରାଯାଇ ପାରିବ। ଏହାଦ୍ୱାରା ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀଶିକ୍ଷକମାନେ ଏହି ଭୟାବହ ବିପଦରୁ ରକ୍ଷା ପାଇପାରିବେ ବୋଲି ସଂଘ ପକ୍ଷରୁ ପ୍ରକାଶ ପାଇଛି।

# ସଚ୍ଚି ରାଉତରାୟଙ୍କ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

ଆଧୁନିକ ଓଡ଼ିଆ ସାହିତ୍ୟରେ ନବଦିଗନ୍ତର ଉନ୍ମୋଚକଥିଲେ କବିଡ. ସଚ୍ଚିରାଉତରାୟ। ୧୯୧୬ ମସିହା ମେ' ୧୩ ତାରିଖରେ ଖୋର୍ଦ୍ଧାର ଗୁରୁଜଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିବା ରାଉତରାୟ ଓଡ଼ିଆ କାବ୍ୟ ସାହିତ୍ୟରେ ପ୍ରଗତିବାଦୀ ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା ଭାବେ ସ୍ୱୀକୃତି ଲାଭ କରିଥିଲେ। ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରଭାବଶାଳୀ ପ୍ରାବନ୍ଧିକ ଏବଂ ସମାଲୋଚକ ଭାବରେ ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟକୁ ସେ ମହିମାମଣ୍ଡିତ କରିଯାଇଛନ୍ତି। ମଙ୍ଗଳବାର ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ସଚ୍ଚି ରାଉତରାୟ ଜୟନ୍ତୀ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ଏହା ମତବ୍ୟକ୍ତ କରିଛନ୍ତି। କରୋନା କଟକଣା ଦୃଷ୍ଟିରୁ ଏକାଡେମୀ ଡିଜିଟାଲ ପ୍ଲାଟ୍‌ଫର୍ମରେ ଏହି ଉତ୍ସବ ପାଳନ ହୋଇଥିଲା। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଏକାଡେମୀ ସଭାପତି ହରିହର ମିଶ୍ର, ଏକାଡେମୀ ସଚିବ ସୁଚିସ୍ମିତା ମନ୍ତ୍ରୀ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ରେ ଦୁବାଇରୁ ଆସିବ ସ୍ୱତନ୍ତ୍ର ବିମାନ

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

ଆସନ୍ତା ୧୪ତାରିଖରେ ଦୁବାଇରୁ ୧୭୯ ଯାତ୍ରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ବିମାନ ସିଧା ଭୁବନେଶ୍ୱର ଆସିବ। ପ୍ରବାସୀ ଭାରତୀୟ ଓ ସଂଯୁକ୍ତ ଆରବ ଏମିରେଟ୍ସସ୍ଥିତ ଓଡ଼ିଶା ସମାଜ ପ୍ରୟାସରେ ଏହି ଯାତ୍ରୀଙ୍କୁ ଓଡ଼ିଶା ଫେରାଇ ଆଣିବାକୁ ବ୍ୟବସ୍ଥା ହୋଇଛି। ଏନେଇ ସଂଯୁକ୍ତ ଆରବ ଏମିରେଟ୍ସର ଏକ ଗଣମାଧ୍ୟମ ସଂସ୍ଥା ଖଲିଜ ଟାଇମ୍ସର ୱେବସାଇଟରେ ଖବର ପ୍ରକାଶ ପାଇଛି। ତେବେ ଏ ସମ୍ପର୍କରେ ରାଜ୍ୟ ସରକାର କିମ୍ବା ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି ସୂଚନା ମିଳିନାହିଁ। ଦୁବାଇରେ ଥିବା ଓଡ଼ିଆ ଘରକୁ ଫେରିବାକୁ ଚାହୁଁଥିବାରୁ ଭାରତ ସରକାରଙ୍କ ପକ୍ଷରୁ ବନ୍ଦେ ଭାରତ ମିଶନରେ ଏଭଳି ବ୍ୟବସ୍ଥା କରାଯାଇଛି।

# ପ୍ରଥମ ରୋଗୀଙ୍କୁ ସେବା ଦେବା ପୂର୍ବରୁ ଆତଙ୍କିତ ଥିଲୁ

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

ବିଶ୍ୱ ନର୍ସ ବା ସେବିକା ଦିବସ ଅବସରରେ ରାଜ୍ୟର ପ୍ରଥମ କରୋନା ପଜିଟିଭ୍ ଆକ୍ରାନ୍ତଙ୍କୁ ସେବା ଯୋଗାଇଥିବା ନର୍ସ ସ୍ୱର୍ଣ୍ଣପ୍ରଭା ନାୟକ ନିଜର ଅନୁଭୂତି ବଖାଣିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନିୟମିତ କୋଭିଡ୍ ଉପରେ ତଥ୍ୟ ଦିଆଯାଉଥିବା ବେଳେ ମଙ୍ଗଳବାର ବିଶ୍ୱ ନର୍ସ ଦିବସ ଥିବାରୁ ରାଜ୍ୟ ସରକାରଙ୍କ ଦ୍ୱାରା ଏହିଦିନଟିକୁ ନର୍ସମାନଙ୍କ ପ୍ରତିଉତ୍ସର୍ଗ କରାଯାଇ ସ୍ୱର୍ଣ୍ଣପ୍ରଭାଙ୍କୁ ଖବରଦାତା ସମ୍ମିଳନୀକୁ ଆମନ୍ତ୍ରିତ କରାଯାଇଥିଲା। ଛୋଟବେଳୁ ସ୍ୱର୍ଣ୍ଣପ୍ରଭାଙ୍କ ବାପା ତାଙ୍କୁ ସେବା କରିବା ପାଇଁ ପ୍ରେରଣା ଦେଇଥିବା ସେ କହିଥିବାବେଳେ ରାଜ୍ୟର ପ୍ରଥମ କରୋନା ରୋଗୀଙ୍କୁ ସେବା ଯୋଗାଇବା ସମୟରେ ଥିବା ନିଜର ଅନୁଭୂତିବାଣ୍ଟିଛନ୍ତି।

ସେ କହିଛନ୍ତି, ଯେବେ ପ୍ରଥମ କୋଭିଡ୍ ରୋଗୀ ମେଡିକାଲ୍‌କୁ ଆସିଥିଲେ ଆମେ ମଧ୍ୟ ଆତଙ୍କିତ ହୋଇଯାଇଥିଲୁ। ଆଖିର ଆଖିଏ ଲୁହ ନେଇ ଆମେ ଗୋଟିଏ ମିନିଟ୍ ପାଇଁ ଭାଙ୍ଗିପଡ଼ିଥିଲୁ। କିନ୍ତୁ ସେ ସବୁକୁ ପଛରେ ପକାଇ ଆମେ ତାଙ୍କର ଚିକିତ୍ସା ପାଇଁ ଜଣେ ଯୋଦ୍ଧା ହିସାବରେ ଆଗେଇ ଆସିଥିଲୁ ବୋଲି ସେ କହିଛନ୍ତି।

ସେ ଆହୁରିବିକହିଛନ୍ତି, ମୋର ପ୍ରଥମ ଆଦର୍ଶ ହେଉଛନ୍ତି ବାପା ଓ ମା'। ଛୋଟ ବେଳୁ ଆଜି ପର୍ଯ୍ୟନ୍ତ ସେମାନେ ମୋର କୌଣସି କଥାକୁ ଏଡ଼ାଇ ଦେଇନାହାନ୍ତି। ସେ ଦୁହେଁ ମୋର ପ୍ରେରଣାର ଉତ୍ସ। ଯଦି ଦେଶ ବଞ୍ଚିବ, ତେବେ ତୁ ବଞ୍ଚିବୁ, ତତେ ବଞ୍ଚାଇବାକୁ କେବଳ ଭଗବାନ ଅଛନ୍ତି ବୋଲି ସବୁବେଳେ ବାପା କୁହନ୍ତି। ତାଙ୍କରି ଆଶୀର୍ବାଦରେ ମୁଁ ଆଜି ଏଠି ଛିଡ଼ା ହୋଇପାରିଛି ବୋଲି ସ୍ୱର୍ଣ୍ଣପ୍ରଭା କହିଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟର ପ୍ରଥମ କରୋନା ରୋଗୀ ଚିହ୍ନଟ ହେବା ପରେ ତାଙ୍କୁ ଭୁବନେଶ୍ୱରର କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ସେଠାରୁ ସେ ସୁସ୍ଥ ହୋଇ ଫେରିଥିଲେ। ସେବା କରୁଥିବା ନର୍ସଟିମ୍‌ର ସ୍ୱର୍ଣ୍ଣପ୍ରଭା ନେତୃତ୍ୱ ନେଇଥିଲେ।

# ଖାଇବାକୁ ନ ପାଇ ବିହାର ବାହାରିଛନ୍ତି ୪୯ ଶ୍ରମିକ

### ଡିସିପି ଅଫିସ ନିକଟରେ ଅଟକାଇଲା ପୋଲିସ

ଭୁବନେଶ୍ୱର, ୧୨।୫ (ବ୍ୟୁରୋ)

ଲକ୍‌ଡାଉନ୍ ସମୟରେ ଫସିରହିଥିବା ଶ୍ରମିକଙ୍କ ପାଇଁ ଖାଇବାର ବ୍ୟବସ୍ଥା କରିବା ଲାଗି ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ଭୁବନେଶ୍ୱରରେ ରହୁଥିବା ଏକାଧିକ ଶ୍ରମିକ ଖାଇବାକୁ ନପାଇ ଚାଲି ଚାଲି ଯାଉଥିବା ଦୃଶ୍ୟ ମଙ୍ଗଳବାର ଦେଖିବାକୁ ମିଳିଛି। ସତ୍ୟନଗର ଅଞ୍ଚଳରେ ରହୁଥିବା ବିହାର, ଝାଡ଼ଖଣ୍ଡ ଅଞ୍ଚଳର ୪୦ରୁ ଉର୍ଦ୍ଧ୍ୱ ଶ୍ରମିକ ଖାଇବାକୁ ନ ପାଇ ଚାଲିଚାଲି ଘରକୁ ଫେରିଯାଉଥିଲେ। ଡିସିପି ଅଫିସ ସମ୍ମୁଖରେ ସେମାନେ ଯାଉଥିବାବେଳେ ପୋଲିସ କର୍ମଚାରୀମାନେ ସେମାନଙ୍କୁ ଅଟକାଇଥିଲେ। ଦୀର୍ଘ ସମୟ ଧରି ସେମାନେ ରାସ୍ତା କଡ଼ରେ ବସି ରହିଲେ। ଶହୀଦନଗର ପୋଲିସ ଖାରବେଳନଗର ପୋଲିସକୁ ଜଣାଇବା ପରେ ସେମାନଙ୍କୁ ଫେରାଇ ଅଣାଯାଇଥିଲା। ଏନେଇ ସୂରଜ ମହତ୍ୱ ନାମକ ଜଣେ ଶ୍ରମିକ କହିଛନ୍ତି ଯେ, ସତ୍ୟନଗର ଅଞ୍ଚଳରେ ବିଏମ୍‌ସିର କୋଠା ନିର୍ମାଣ କରାଯାଉଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ରାଜ୍ୟ ବାହାରର ଶ୍ରମିକ କାର୍ଯ୍ୟ କରୁଥିଲେ। ଏଥିରେ ବିହାର ଏବଂ ଝାଡ଼ଖଣ୍ଡର କାଠ ମିସ୍ତ୍ରି ଏବଂ ଚଟାଣ ମିସ୍ତ୍ରି ରହିଛନ୍ତି। ଠିକାଦାର ଏହି ମିସ୍ତ୍ରିମାନଙ୍କୁ ଆଣି କାମ କରାଯାଉଛନ୍ତି। ଲକ୍‌ଡାଉନ୍ ଯୋଗୁ ଶ୍ରମିକ ଫସିଯାଇଥିଲେ। ମାସକ ଭିତରେ ମାତ୍ର ୩ ଦିନର ମଜୁରି ମିଳିଛି। ପାଖରେ ଯାହା ଟଙ୍କା ଥିଲା ତାହା ଶେଷ ହୋଇ ଗଲାଣି। ତେଣୁ ବାଧ ହୋଇ ଘରକୁ ଯିବା ପାଇଁ ବାହାରିଥିବା ସେ କହିଛନ୍ତି।

# ୨୯ବର୍ଷ ଧରି ଗରିବଙ୍କ ସେବାରେ ଉଷାରାଣୀ

ଗୋପ, ୧୨।୫(ଡି.ଏନ.ଏ)

### ବିଶ୍ୱ ସେବିକା ଦିବସ



ମହାମାରୀ କରୋନା ଭଳି ବିପତ୍ତି ସମୟରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ କରୋନା ଯୋଦ୍ଧା ବୋଲି ସରକାର ଘୋଷଣା କରିଛନ୍ତି। ଏଭଳି ସମୟରେ ଏହି ସ୍ୱାସ୍ଥ୍ୟକର୍ମୀମାନେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କ ସେବାରେ ନିୟୋଜିତ ରୁହନ୍ତି। ଏଭଳି ଜଣେ ସ୍ୱାସ୍ଥ୍ୟକର୍ମୀ ଦୀର୍ଘ ୨୯ବର୍ଷ ହେବ ଗରିବଙ୍କ ସେବା କରି ଆସୁଥିବାବେଳେ ଲକଡାଉନ ସମୟରେ ମଧ୍ୟ ଲୋକଙ୍କ ସେବାକୁ ପ୍ରଥମ ଗୁରୁତ୍ୱ ଦେଇଛନ୍ତି। ସେ ହେଲେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ କୋଣାର୍କର ଉଷାରାଣୀ ମହାନ୍ତି। ସେ ଗରିବ ଲୋକଙ୍କ ଲାଗି ଉଷା ଦିଦି ସେବିକା ଭାବେ ଖୁବ ପରିଚିତ। ମଙ୍ଗଳବାର ବିଶ୍ୱ ସେବିକା ଦିବସ ହୋଇଥିବାରୁ ତାଙ୍କ କାର୍ଯ୍ୟକୁ ଦେଖି ଲୋକେ ପ୍ରଶଂସା ସହ କୃତଜ୍ଞତା ଜଣାଇଛନ୍ତି। ସକାଳଠାରୁ ରାତି ପର୍ଯ୍ୟନ୍ତ ସମସ୍ତେ ପ୍ରତିଟି ରୋଗ କ୍ଷେତ୍ରରେ ଉଷା ଦିଦିଙ୍କୁ ଖୋଜିଥାନ୍ତି। ଗରିବଙ୍କ ପ୍ରତି ପ୍ରଥମ ପ୍ରାଥମିକତା ଦେଉଥିବାରୁ ସେ ଯଦି କୌଣସି କାର୍ଯ୍ୟରେ ବାହାରକୁଯାଇଥାନ୍ତି, ତାଙ୍କ ଫେରିବା ବାଟକୁ ଲୋକେ ଚାହିଁରହିଥାନ୍ତି। ସେହିପରି ଦିଦି ରୋଗୀମାନଙ୍କ ଘରେ ପହଞ୍ଚି ରୋଗୀର ସମସ୍ୟା ବୁଝିବା ସହ ଔଷଧ, ଇଞ୍ଜେକ୍ସନ ଦେଇଥାନ୍ତି। ଉଷାରାଣୀ ପାଠପଢ଼ା ସମୟରେ ଜଣେ ଶିକ୍ଷକଙ୍କ ସେବା କରିବାର ଦେଖି ସେବେଠାରୁ ସାଧାରଣ ଲୋକଙ୍କ ସେବା କରିବାର ସ୍ୱପ୍ନ ଦେଖିଥିଲେ। ବିଏ ପାସ କରିବା ପରେ ସ୍ୱାସ୍ଥ୍ୟ ବିଭାଗରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ ଚାକିରି କରିଥିଲେ। ପ୍ରଥମେ ୧୯୯୧ ଫେବୃୟାରୀ ୫ ରେ ଗଞ୍ଜାମ ଜିଲାର ହୁମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚାକିରି ଆରମ୍ଭ କରିବା ପରେ ଦୀର୍ଘ ୨୯ବର୍ଷ ଧରି ଆଉ ପଛକୁ ଫେରି ଚାହିଁ ନାହାନ୍ତି।

# କେନ୍ଦ୍ର, ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

### ମଦ ଦୋକାନ ଖୋଲିବା, ପ୍ରବାସୀଙ୍କ ଫେରିବା ଉପରେ କଟକଣା ପାଇଁ ମାମଲା

**କଟକ ଅଫିସ୍, ୧୨।୫:** କଟକ ସହରରେ ମଦ ଦୋକାନ ଖୋଲିବା ଏବଂ ବାହାର ରାଜ୍ୟରୁ ଫେରିଥିବା ପ୍ରବାସୀଙ୍କ ଉପରେ କଟକଣା ଜାରି କରିବା ପାଇଁ ମଙ୍ଗଳବାର ହାଇକୋର୍ଟରେ ଏକ ମାମଲା ଦାଏର କରାଯାଇଛି। ମାମଲାର ଶୁଣାଣି କରି କେନ୍ଦ୍ର ଗୃହ ମନ୍ତ୍ରଣାଳୟ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ରାଜ୍ୟ ରାଜସ୍ୱ ବିଭାଗ ପ୍ରମୁଖ ଶାସନସଚିବ, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନସଚିବ, ଅବକାରୀ ବିଭାଗ ପ୍ରମୁଖ ଶାସନସଚିବ, କମିଶନର, କଟକ ଜିଲାପାଳ ଏବଂ ସିଏମ୍‌ସି କମିଶନରଙ୍କୁ ଜବାବ ଦାଖଲ ଲାଗି ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ପ୍ରଦୋଷ କୁମାର ରାଉତରାୟ ଏବଂ ଅନ୍ୟ ୪ଜଣଙ୍କ ପକ୍ଷରୁ ଏହି ମାମଲା ଦାଏର କରାଯାଇଛି। ଆସନ୍ତା ୨୧ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ହାଇକୋର୍ଟ ଏଥିରେ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିପ୍ଳବ ବାହାଲୀ ଏବଂ କଳିଙ୍ଗ କେଶରୀ ମହାପାତ୍ର ମାମଲା ପରିଚାଳନା କରିଥିଲେ।

# ଭୁଶୁଡ଼ିଲା ନିର୍ମାଣାଧୀନ ଡ୍ରେନ୍

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

- ଯାଞ୍ଚ ପାଇଁ ଗଲା ନିର୍ମାଣ ସାମଗ୍ରୀ
- କାର୍ଯ୍ୟର ଗୁଣବତ୍ତା ନେଇ ପ୍ରଶ୍ନବାଚୀ



ଭୁବନେଶ୍ୱର ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ଓ ଜଳବନ୍ଦୀ ସମସ୍ୟା ଏବେ ଲୋକଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତେଣୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ପକ୍ଷରୁ ବିଭିନ୍ନ ୱାର୍ଡରେ ନୂତନ ଡ୍ରେନ୍‌ର ନିର୍ମାଣ କରାଯିବା ସହ ଡ୍ରେନେଜ୍ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ନୟାପଲ୍ଲୀସ୍ଥିତ ୱାର୍ଡ ନଂ ୩୭ରେ ନିର୍ମାଣାଧୀନ ଥିବା ମୁଖ୍ୟଡ୍ରେନ୍ ଭୁଶୁଡ଼ି ପଡ଼ିଛି। ନୟାପଲ୍ଲୀ ଗ୍ରାମବାସୀ ବହୁ ଦିନ ଧରି ଡ୍ରେନ କାର୍ଯ୍ୟ ନିମ୍ନମାନର ହେଉଥିବା ଦାବି କରିଆସୁଥିବାବେଳେ ମଙ୍ଗଳବାର ଏହାର ଦୁଇଟି ସ୍ଥାନରେ ୩ମିଟର ଓ ୬ମିଟର ଦୁଇଟି କାନ୍ଥ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ବିଏମ୍‌ସି ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିର୍ମାଣରେ ବ୍ୟବହୃତ ସାମଗ୍ରୀକୁ ଜବତ କରି ଯାଞ୍ଚ ପାଇଁ ପଠାଇଛନ୍ତି। କୌଣସି ଖରାପ ସାମଗ୍ରୀ ବ୍ୟବହାର କରାଯାଉଥିବା ଜଣାପଡ଼ିଲେ ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ମୁଖ୍ୟଯନ୍ତ୍ରୀ ଦେବସୁନ୍ଦର ମହାପାତ୍ର କହିଛନ୍ତି। ସେହିପରି ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀର ଗୁଣବତ୍ତା ପରୀକ୍ଷା କରାଯିବା ସହ ଏକ ଟିମ୍ ନିର୍ମାଣର ଭିତ୍ତିଭୂମି ଓ ରୂପରେଖ ବିଷୟରେ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିସାରିବାପରେ ଆଇନ ଅନୁଯାୟୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସିର ଅଧିକାରୀ ଇଂ ଦିଲ୍ଲୀପ ସାହୁ କହିଛନ୍ତି।

# ଆର୍ଥିକ କ୍ଷତି ଭରଣା କରିବା ଲକ୍ଷ୍ୟ

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଦେଶରେ ଲକ୍‌ଡାଉନ ସ୍ଥିତି ଜାରି ରହିଛି। ଏହାଦ୍ୱାରା ଦେଶର ପ୍ରଭୁତ ଆର୍ଥିକ କ୍ଷତି ମଧ୍ୟ ଘଟିଛି। ଏହି ଆର୍ଥିକ କ୍ଷତିକୁ ଭରଣା କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ଲକ୍ଷ କୋଟିର ପ୍ୟାକେଜ୍ ଘୋଷଣା କରିଛନ୍ତି। କୃଷକ, ଶ୍ରମିକ, ମଧ୍ୟମ ବର୍ଗ, ଉଦ୍ୟୋଗ ଜଗତ ପାଇଁ ଉଦ୍ଦିଷ୍ଟ ଏହି ପ୍ୟାକେଜ୍ ଆତ୍ମନିର୍ଭର ଭାରତକୁ ଏକ ନୂଆ ଦିଶା ଦେବ। ଏହାସହ 'ଆତ୍ମନିର୍ଭର ଭାରତ ଅଭିଯାନ'କୁ ଆଗେଇ ନେଇ ମେକ୍ ଇନ୍ ଇଣ୍ଡିଆକୁ ସଶକ୍ତ କରିବ ବୋଲି ମୋଦି ମଙ୍ଗଳବାର ରାତିରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିଜ ଅଭିଭାଷଣରେ କହିଛନ୍ତି। ତେବେ ଏନେଇ ସାଧାରଣ ଜନତା କ'ଣ କହୁଛନ୍ତି ଆସନ୍ତୁ ଜାଣିବା।

### ଏମ୍‌ଏସ୍‌ଏମ୍‌ଇର ଗୁରୁତ୍ୱ ଅନୁଭବ କଲେ



ପ୍ୟାକେଜ୍ ଘୋଷଣା ସ୍ୱାଗତଯୋଗ୍ୟ। କେନ୍ଦ୍ର ସରକାର ଶେଷରେ ଏମ୍‌ଏସ୍‌ଏମ୍‌ଇର ଗୁରୁତ୍ୱକୁ ଅନୁଭବ କରିଛନ୍ତି। କୋଭିଡ୍-୧୯ ପାଇଁ ବାହାରୁ ଆମଦାନୀ ହେଉଥିବା ବହୁ ସାମଗ୍ରୀ ଏବେ ଦେଶ ମଧ୍ୟକୁ ଆସିପାରୁନି। ଏଭଳିସ୍ଥିତିରେ ସରକାର ଅନୁଭବ କରିଛନ୍ତି ଯେ, ଆମକୁ ନିଜକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏଥିପାଇଁ ଡୋମେଷ୍ଟିକ୍ ମ୍ୟାନୁଫ୍ୟାକ୍‌ଚରିଂ ବା ଏମ୍‌ଏସ୍‌ଏମ୍‌ଇକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ରାଜ୍ୟ ସରକାର ମଧ୍ୟ ହୃଦୟଙ୍ଗମ କରିବା ଦରକାର। ରାଜ୍ୟର ଅର୍ଥନୀତିକୁ ଆଗକୁ ନେବାକୁ ହେଲେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ପ୍ରାଥମିକତା ଦେବା ଆବଶ୍ୟକ।

**– ସାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଂଘ**

### ଆଗରୁ ଗାନ୍ଧୀ କହିଥିଲେ, ଆଜି ମୋଦି କହିଲେ



ଗ୍ରାମୀଣ ଅର୍ଥନୀତି ସ୍ୱାବଲମ୍ବନଶୀଳ ହେଲେ ପ୍ରକୃତରେ ଭାରତବର୍ଷର ଆର୍ଥିକ ବିକାଶ ହେବ। ଗ୍ରାମୀଣ ଉଦ୍ୟୋଗ ଏବଂ କୃଷି ଦ୍ୱାରା ହିଁ ଦେଶ ଅର୍ଥନୀତି ସୁଦୃଢ଼ କରାଯାଇପାରିବ। ସେତେବେଳ ଆଉ ବିଶ୍ୱ ଅର୍ଥନୀତି ଆମକୁ ଆଘାତ କରିପାରିବ ନାହିଁ ଏବଂ ଦାଦନ ଶ୍ରମିକ ସମସ୍ୟାକୁ ମଧ୍ୟ ରୋକାଯାଇପାରିବ। ମହାତ୍ମା ଗାନ୍ଧୀ ଯେଉଁକଥା ବହୁ ଆଗରୁ କହିଥିଲେ ଆଜି ମୋଦିଜୀ ପୂରା ବିଶ୍ୱ ବୁଲିସାରିବା ପରେ ତାହା ଅନୁଭବ କଲେ। ଆମ ସାମଗ୍ରୀ ଉପରେ ଆମେ ନିର୍ଭର କଲେ ଦେଶର ଅର୍ଥନୀତି ବଦଳିଯିବ। ଆଗାମୀଦିନରେ ଆମେ ଭିଲେଜ ଇଣ୍ଡଷ୍ଟ୍ରି ଏବଂ ବୁଣାକାରଙ୍କ ଉପରେ ଅଧିକ ଗୁରୁତ୍ୱ ଦେବୁ। ଖଦି ଆନ୍ଦୋଳନକୁ ଆହୁରି ଯୋରଦାର କରିବୁ।

**– ସଂଗ୍ରାମ କେଶରୀ ପାଇକରାୟ, ସଭାପତି, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ**

### 'ମେକ୍ ଇନ୍ ଇଣ୍ଡିଆ' ଭଳି ଫ୍ଲପ୍ ହେବ 'ଆତ୍ମନିର୍ଭର ଭାରତ ଅଭିଯାନ'



ମୋଦିଙ୍କ ଅଭିଭାଷଣ ପାହାଡ଼ ଖୋଳିଲାରୁ ମୂଷା ବାହାରିବା ଭଳି ଲାଗିଲା। ବହୁତ କିଛି ଆଶା ଥିଲା ହେଲେ ଅଭିଭାଷଣ ଇତିହାସରୁ ଆରମ୍ଭ ହେଲା ଓ ଶେଷରେ ଅର୍ଥନୀତି ରହିଲା। ଇକୋନୋମି ବୁଷ୍ଟ୍ ପାଇଁ ଯେଭଳି ପ୍ୟାକେଜ୍ ଓ ଘୋଷଣାର ଆଶା ଥିଲା ତାହା ହେଲାନି। ଲକ୍‌ଡାଉନ୍ ୪କୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ଦୂରକଲେନି। ପୂର୍ବରୁ 'ମେକ୍ ଇନ୍ ଇଣ୍ଡିଆ' ହୋଇଥିଲା। ହେଲେ ତା'ର ଲାଭ କିଛି ହେଲାନି। ଏବେ 'ଆତ୍ମନିର୍ଭର ଭାରତ ଅଭିଯାନ' ମଧ୍ୟ 'ମେକ୍ ଇନ୍ ଇଣ୍ଡିଆ' ଭଳି ଫ୍ଲପ୍ ହେବ ତାହା ସୁନିଶ୍ଚିତ।

**– ଦୀପ୍ତିମୟୀ ଜେନା, ଟାକ୍ସ ଆନାଲିଷ୍ଟ୍**

### ମଧ୍ୟମ ବର୍ଗଙ୍କୁ ଗୁରୁତ୍ୱ ଦେବା ଆବଶ୍ୟକ



ପ୍ୟାକେଜ୍‌ର ଉପଯୋଗ କିଭଳି କରାଯାଉଛି ତାହା ଗୁରୁତ୍ୱପୂର୍ଣ୍ଣ। ସବୁବେଳେ ସରକାର ନିମ୍ନ ଓ ଉଚ୍ଚବର୍ଗଙ୍କ ପାଇଁ ପ୍ୟାକେଜ୍ କରୁଛନ୍ତି। ହେଲେ ମଧ୍ୟବିତ୍ତଙ୍କ ପାଇଁ କେବେ କିଛି ରହୁନି। କରୋନା ପ୍ୟାକେଜ୍‌ରେ ମଧ୍ୟମ ବର୍ଗଙ୍କ ପାଇଁ ଅନେକ ସୁବିଧା ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ହେଲେ ଏହାର ଲାଭ ଆମେ ପାଇବା ସାତ ସପନ ସଦୃଶ। ପ୍ରତିଥର ଭଳି ଏଥର ମଧ୍ୟ ମଧ୍ୟବିତ୍ତଙ୍କୁ ଅଧିକ କଷ୍ଟ ଭୋଗିବାକୁ ପଡ଼ିଛି। ଅନେକଙ୍କ ଚାକିରି ଚାଲିଯାଇଛି, ବ୍ୟବସାୟ ବନ୍ଦ ହୋଇଯାଇଛି। ଆତ୍ମନିର୍ଭର ଭାରତ ଅଭିଯାନରେ ଯଦି ମଧ୍ୟବିତ୍ତଙ୍କୁ ଅଧିକ ଫୋକସ୍ କରାଯାଆନ୍ତା ତାହେଲେ ଭଲ ହୁଅନ୍ତା।

**– ଶତାବ୍ଦୀ ପରିଜା**

## ଥାନାରୁ ଅଭିଯୁକ୍ତ ଚମ୍ପଟ ଘଟଣା: ମାମଲା ରୁଜୁ

ଏୟାରପୋର୍ଟ ଥାନା ହାଜତରୁ ଅଭିଯୁକ୍ତ ଖସିଯିବା ଘଟଣାକୁ ୨ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତ ଅମିତ ସ୍ୱରୂପ ମହାପାତ୍ରଙ୍କୁ ଗିରଫ କରିନାହିଁ। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଅନ୍ୟପଟରେ ସେହିଦିନ ଡିସିଓ ଥିବା ଏଏସ୍‌ଆଇ ବୀରକିଶୋର ସାହୁଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଛି। ଏୟାରପୋର୍ଟ ଥାନାରେ ଏକ ମାମଲା(ନଂ-୯୧/୨୦) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି। ଅନ୍ୟପଟରେ ଥାନା ହାଜତରୁ କିଭଳି ଅଭିଯୁକ୍ତ ଅମିତ ଖସିଗଲେ ସେନେଇ ଡିସିପି ଅନୁପ ସାହୁ ଥାନାକୁ ରିପୋର୍ଟ ମାଗିଛନ୍ତି।

## ସଂକ୍ଷେପରେ

### ତିଗିରିଆ ସନ୍ଦିଗ୍ଧ ଲିଙ୍କ୍‌ରେ ଥିବା ୨ଜଣ ଗଲେ କ୍ୱାରାଣ୍ଟାଇନ

**ବାରଙ୍ଗ,୧୨।୫(ଡି.ଏନ.ଏ):** ତିଗିରିଆରେ ଜଣେ ୩୭ ବର୍ଷୀୟ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବା ସୋମବାର ଜଣାପଡ଼ିଥିଲା। ଏହି ବ୍ୟକ୍ତି ଜଣଙ୍କ ସୁରଟ ଫେରନ୍ତା ହୋଇଥିବାବେଳେ ଗତ ୩ ତାରିଖରେ ସୁରଟରୁ ଫେରି ପୁରୀରେ ପହଞ୍ଚିଥିଲେ। ସେଠାରୁ ଭୁବନେଶ୍ୱର ଆସିବାପରେ ସମ୍ପର୍କୀୟ ଶାଳକ ଓ ସଢ଼ୁ ଏକ ବାଇକ ଯୋଗେ ତିଗିରିଆରେ ଛାଡିଥିଲେ। ଏହି ସୁରଟ ଫେରନ୍ତାଙ୍କର ପଜିଟିଭ ଜଣାପଡିବା ପରେ ଆକ୍ରାନ୍ତଙ୍କ ବିବରଣୀ ଆଧାରରେ ଦୁଇ ସମ୍ପର୍କୀୟଙ୍କୁ ମଙ୍ଗଳବାର ପ୍ରଶାସନ ଠାବ କରିଛି। ନନ୍ଦନକାନନ ଥାନା ଅଧୀନରେ ଥିବା ଦୁଇଟି ଗ୍ରାମରୁ ସଢ଼ୁଙ୍କୁ ପୋଲିସ ଆଣି ସରକାରୀ କ୍ୱାରାଣ୍ଟାଇନକୁ ପଠାଇଥିବାବେଳେ ଶାଳକଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ପୋଲିସ କହିଛି।

### ବୋଲଗଡ଼ରୁ ନାବାଳିକା ଉଦ୍ଧାର

**ଖୋର୍ଦ୍ଧା ଅଫିସ,୧୨।୫:** ବୋଲଗଡ଼ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରୁ ୧୩ବର୍ଷର ନାବାଳିକାଙ୍କୁ ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଉଦ୍ଧାର କରିଛି। ନାବାଳିକାଙ୍କ ଘର ଆସାମ ବୋଲି ଜଣାପଡିଛି। ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲ୍ୟୁସି) ନିର୍ଦ୍ଦେଶକ୍ରମେ ନାବାଳିକାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଶିଶୁ ଯତ୍ନ ଅନୁଷ୍ଠାନକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ କହିଛନ୍ତି। ସୂଚନା ଅନୁଯାୟୀ, ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ନାବାଳିକା ଜଣକ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ରହି ରୋଷେଇ କରିବା ସହ ଘରର ଦୈନନ୍ଦିନ କାର୍ଯ୍ୟ କରୁଥିଲେ। ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଡିସିପିଓ ପଟ୍ଟନାୟକ, ପ୍ରୋବେଶନ ଅଧିକାରୀ ସୌମେନ୍ଦ୍ର ନାୟକ, ସାମାଜିକ କର୍ମୀ ରଞ୍ଜନ ଗୋଛାୟତ ଏବଂ ବୋଲଗଡ଼ ପୋଲିସର ସହାୟତାରେ ଏହି ନାବାଳିକାଙ୍କୁ ଉଦ୍ଧାର କରିଥିଲେ।

### 'ସେବା, ତ୍ୟାଗର ପ୍ରତୀକ ହେଉଛନ୍ତି ସେବିକା'

**କଟକ ଅଫିସ,୧୨।୫:** ପ୍ରତି ବର୍ଷ ମେ' ୧୨ତାରିଖକୁ ଅନ୍ତର୍ଜାତୀୟ ସେବିକା ଦିବସ ଭାବେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କଟକ ଏସ୍‌ସିବି କୋଭିଡ-୧୯ ପ୍ରଶିକ୍ଷଣ କେନ୍ଦ୍ରରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ ରାଜ୍ୟ ସରକାରଙ୍କ କୋଭିଡ-୧୯ ବୈଷୟିକ ମୁଖପାତ୍ର ଡା.ଜୟନ୍ତ ପଣ୍ଡା ଯୋଗଦେଇ କହିଥିଲେ, ସେବା ଓ ତ୍ୟାଗର ପ୍ରତୀକ ହେଉଛନ୍ତି ସେବିକା। ମୁଖ୍ୟ ଅତିଥିଭାବେ ଏସ୍‌ସିବି ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍ସିପାଲ ଡା. ଜୟଶ୍ରୀ ମହାନ୍ତି, ମୁଖ୍ୟବକ୍ତା ନିବେଦିତା ପାଣି, ସମ୍ମାନୀୟ ଅତିଥି ରୁକ୍ମିଣୀ ବେହେରା, ନର୍ସିଂ ସମ୍ପାଦିକା ପ୍ରଭାତି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୋଭିଡ ପ୍ରଶିକ୍ଷଣ ନିମନ୍ତେ ଅଂଶଗ୍ରହଣ କରିଥିବା ସେବିକା ତଥା ଛାତ୍ରୀଛାତ୍ରମାନେ ଫ୍ଲୋରେନ୍ସ ନାଇଟ ଆଞ୍ଜେଲଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିବା ପରେ ମହମବତି ଜଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସଭା କାର୍ଯ୍ୟରେ ନର୍ସିଂ ଅଧାପିକା କମଳିନୀ ମହାନ୍ତି ଅତିଥି ପରିଚୟ ଓ ବକ୍ତବ୍ୟ ରଖିଥିଲେ। ସେହିପରି ଏସ୍‌ସିବି ସେବିକା ବିଦ୍ୟାଳୟ ଓ ବିଏସ୍‌ସି ନର୍ସିଂ କଲେଜ ପକ୍ଷରୁ ପୂର୍ବାହ୍ନରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳନ କରାଯାଇଛି ବୋଲି ପ୍ରତିଷ୍ଠାନର ଅଧକ୍ଷା ସଂଯୁକ୍ତା ମଲ୍ଲିକ, ଅଧାପିକା ବିଜୟ ଲକ୍ଷ୍ମୀ ଦାସ କହିଛନ୍ତି। ଏସ୍‌ସିବି ହସ୍ପିଟାଲରେ କାର୍ଯ୍ୟରତ ସେବିକାମାନଙ୍କ ଦ୍ୱାରା ମାଟର୍ନ କାର୍ଯ୍ୟାଳୟରେ ମଧ ଆଉ ଏକ କାର୍ଯ୍ୟକ୍ରମ ଲକ୍ଷ୍ମୀପ୍ରିୟା ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା।

# ମରାମତି ହେବ ଦୁର୍ବଳ ନଦୀବନ୍ଧ

**କଟକ ଅଫିସ,୧୨।୫**



ବୈଠକରେ ଉପସ୍ଥିତ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ମହମ୍ମଦ ମୋକିମ ଓ ଅନ୍ୟମାନେ।

- ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ
- ସଙ୍ଗରୋଧ କେନ୍ଦ୍ର ସୁପରିଚାଳନା ଉପରେ ଗୁରୁତ୍ୱ

ଆଗକୁ ବର୍ଷାଋତୁ ଆସୁଛି। ତେଣୁ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ବର୍ଷାଋତୁ ପୂର୍ବରୁ କଟକ ଜିଲାର ସମସ୍ତ ଦୁର୍ବଳ ନଦୀବନ୍ଧ ମରାମତି ସାରିବା ପାଇଁ ମଙ୍ଗଳବାର ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ଏଥିରେ କରୋନା ମୁକାବିଲା ପାଇଁ ପ୍ରସ୍ତୁତ ହୋଇଥିବା ସଙ୍ଗରୋଧ କେନ୍ଦ୍ରଗୁଡ଼ିକ କିଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁପରିଚାଳନା କରିହେବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା।

ଚଳିତବର୍ଷ ମୌସୁମୀ ବର୍ଷା ଓ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତଦନୁଯାୟୀ ପ୍ରସ୍ତୁତି ରହିବାକୁ ଅଧିକାରୀମାନଙ୍କୁ ଜିଲାପାଳ ଚୟନୀ ପରାମର୍ଶ ଦେଇଥିଲେ। ବିଭିନ୍ନ ଡିଭିଜନ ଅଧୀନରେ ଥିବା ନଦୀବନ୍ଧରେ ଦୁର୍ବଳ ଓ କ୍ଷତି ସମ୍ଭାବ୍ୟ ସ୍ଥାନଗୁଡ଼ିକୁ ନିର୍ବାହୀ ଯନ୍ତ୍ରୀମାନେ ପରିଦର୍ଶନ କରି ମରାମତି ଲାଗି ଶୀଘ୍ର ପଦକ୍ଷେପ ନେବାକୁ ସେ କହିଥିଲେ। ନଦୀବନ୍ଧଗୁଡ଼ିକର ମରାମତି ଏବଂ ସୁଦୃଢ଼ୀକରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏ ସମ୍ପର୍କରେ ପ୍ରସ୍ତାବ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ପ୍ରଦାନ କରାଯିବ। ମହାନଦୀ ଉତ୍ତର ଡିଭିଜନ ଅଧୀନରେ ଥିବା ମହାନଦୀ, ବିରୁପା, ଚିତ୍ରୋତ୍ପଳା ଓ ପ୍ରାଚୀ ଜଳସେଚନ ଡିଭିଜନର ଦୁର୍ବଳ ଓ କ୍ଷତି ସମ୍ଭାବ୍ୟ ଆଡ଼ିବନ୍ଧ ଚିହ୍ନଟ କରାଯାଇ ଏ ସବୁର ମରାମତି ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ନିର୍ବାହୀଯନ୍ତ୍ରୀମାନେ ସ୍ଥାନୀୟ ବିଧାୟକଙ୍କ ସହ ପରାମର୍ଶ କରି ଆବଶ୍ୟକ ମରାମତି କାର୍ଯ୍ୟ କରିବାକୁ ବୈଠକରେ ଉପସ୍ଥିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ। ବୈଠକରେ ନିଆଳି ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ମଲ୍ଲିକ, କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ପ୍ରଫୁଲ୍ଲ ସିଂ ଉପସ୍ଥିତ ଥିଲେ। ନଦୀବନ୍ଧ ସୁଦୃଢ଼ୀକରଣ, ଜଳ ନିଷ୍କାସନ, ସ୍ଲୁଇସ ଗେଟକୁ କାର୍ଯ୍ୟକ୍ଷମ କରିବା ଏବଂ ବିପର୍ଯ୍ୟୟ ସମୟରେ ଆବଶ୍ୟକ ଖାଦ୍ୟ, ପାନୀୟ, ଚିକିତ୍ସା ସେବା ସହିତ ଔଷଧ, ଜରୁରୀକାଳୀନ ସାମଗ୍ରୀ, ପାୱାର ବୋଟ ଯୋଗାଣ ଓ ଅନ୍ୟାନ୍ୟ ସେବା ଉପରେ ଏହି ଲୋକପ୍ରତିନିଧିମାନେ ଗୁରୁତ୍ୱ ଦେଇଥିଲେ। ବାରବାଟୀ ବିଧାୟକ ମହମ୍ମଦ ମୋକିମ ମହାନଗର ନିଗମ ଅଞ୍ଚଳରେ ମୁଖ୍ୟ ନାଳ ସଫେଇ ଓ ମରାମତି ସହିତ ବର୍ଷାଋତୁ ପୂର୍ବରୁ ରାସ୍ତାଘାଟ ମରାମତି ଉପରେ ସିଏମ୍‌ସି କମିଶନରଙ୍କ ଦୃଷ୍ଟିକୁ ଆଣିଥିଲେ। କୃଷିକ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ୧ଲକ୍ଷ ୮୨ ହଜାର ହେକ୍ଟର ଜମି ପାଇଁ ୧୨ ହଜାର କୁଇଣ୍ଟାଲ ବିହନ ଯୋଗାଇ ଦିଆଯିବ ବୋଲି କୃଷି ଅଧିକାରୀ କହିଥିଲେ। ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଡିଆର୍‌ଡିଏ ପିଡି ଅବଦଲ ଅଖତର, ସିଡିଏମ୍‌ଓ ଡା. ସତ୍ୟବ୍ରତ ଛୋଟରାୟଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୁମ୍ବାଇରେ ଫସିଛନ୍ତି ୬୮ ସଂସ୍କୃତ ଛାତ୍ରୀଛାତ୍ର

**ଖୋର୍ଦ୍ଧା ଅଫିସ,୧୨।୫**

- ଫେରିବା ଲାଗି କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର ଲେଖିଲେ
- ନାମ ପଞ୍ଜୀକରଣ ସତ୍ତ୍ୱେ ମିଳୁନି ସହାୟତା
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

କରୋନା ଲାଗି ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ଫଳରେ ମୁମ୍ବାଇ ସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ(ଆରଏସଏସ) ବିଦ୍ୟା ବିହାରରେ ଫସି ରହିଥିବା ଓଡ଼ିଶାର ୬୮ଜଣ ସଂସ୍କୃତ ଛାତ୍ରୀଛାତ୍ର ଫେରିବା ଲାଗି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ଏକ ପତ୍ର ଲେଖିବା ସହ ସେମାନଙ୍କ ଫେରିବା ବ୍ୟବସ୍ଥା ଲାଗି ନିବେଦନ କରିଛନ୍ତି। ଅନ୍ୟପକ୍ଷେ ଏ ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି। ପତ୍ରରେ ଦର୍ଶାଯାଇଛି ଯେ, ଓଡ଼ିଶାର ବିଭିନ୍ନ ଜିଲାର ୬୮ଜଣ ଛାତ୍ରୀଛାତ୍ର ମୁମ୍ବାଇସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ,ବିଦ୍ୟା ବିହାର କ୍ୟାମ୍ପସରେ ବିଏଡ୍ ବିଭାଗରେ ଅଧ୍ୟୟନ କରୁଛନ୍ତି। ଦ୍ୱିତୀୟ ବର୍ଷ ଅନ୍ତିମ ପରୀକ୍ଷା ଲାଗି ଅପେକ୍ଷା କରିଥିଲେ। କିନ୍ତୁ ଏହି ସମୟରେ କରୋନା ଲାଗି ଦେଶରେ ଲକ୍‌ଡାନ୍ ଜାରି କରାଯାଇଥିଲା। ଫଳରେ ଛାତ୍ରୀଛାତ୍ରମାନେ ଫେରିପାରି ନ ଥିଲେ। ରାଜ୍ୟକୁ ଫେରିବା ଲାଗି ସ୍ଥାନୀୟ ପୋଲିସ ଓ ପ୍ରଶାସନକୁ ଅନୁରୋଧ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଅନ୍ୟପଟେ ସମସ୍ତ ଛାତ୍ରୀଛାତ୍ର ଓଡ଼ିଶା ଏବଂ ମହାରାଷ୍ଟ୍ର ସରକାରଙ୍କ ୱେବ ପୋର୍ଟାଲ ଜରିଆରେ ନାମ ପଞ୍ଜୀକରଣ କରିଛନ୍ତି। ଓଡ଼ିଶା ସରକାରଙ୍କ ହେଲ୍ପ ଲାଇନ ନମ୍ବରରେ ଯୋଗାଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା ଛାତ୍ରୀଛାତ୍ରମାନେ ମନ୍ତ୍ରୀଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

# ପୁରୀ ଜିଲାର ସଂଖ୍ୟା ଛୁଇଁଲା ୪

- ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ
- ଜିଲାକୁ ଫେରିଲେଣି ୨,୨୨୦ ପ୍ରବାସୀ

**ପୁରୀ ଅଫିସ/ ଗୋପ,(ଡି.ଏନ.ଏ) ୧୨।୫:** ପୁରୀ ଜିଲାରେ ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାର ସଂଖ୍ୟା ୪କୁ ଛୁଇଁଛି। ଏମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଥିବା ବେଳେ ଏବେ ୩ଜଣ ଆକ୍ରାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ଚିହ୍ନଟ ୩୫ ବର୍ଷୀୟ ଯୁବକ ଗତ ୫ତାରିଖରେ ସୁରଟରୁ ଫେରି ଗୋପ ପଞ୍ଚାୟତର ଗୋପ ବାଳିକା ବିଦ୍ୟାଳୟରେ ହୋଇଥିବା ଅସ୍ଥାୟୀ କ୍ୱାରାଣ୍ଟାଇନରେ ରହିଥିଲେ। ତାଙ୍କ ରିପୋର୍ଟ ପଜିଟିଭ ଜଣାପଡ଼ିବା ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ସମ୍ପୃକ୍ତ ଯୁବକ ରହୁଥିବା କେନ୍ଦ୍ରକୁ ବିଶୋଧନ କରାଯିବା ସହ ଉକ୍ତ କେନ୍ଦ୍ରରେ ଥିବା ଅନ୍ୟ ୧୬ଜଣଙ୍କର ନମୁନା ମଧ୍ୟ ସଂଗ୍ରହ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ୫୮୦ ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ୨୬୦ ଜଣଙ୍କର ରିପୋର୍ଟ ନେଗେଟିଭ ଥିବା ହସ୍ତଗତ ହୋଇଛି। ଏ ପର୍ଯ୍ୟନ୍ତ ୨୨୨୦ ପ୍ରବାସୀ ଜିଲାକୁ ଫେରିଥିବାବେଳେ ସମସ୍ତଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ ୩୫ଜଣ ବିଭିନ୍ନ ହୋଟେଲରେ ଟଙ୍କା ପୈଠ କରି ସଙ୍ଗରୋଧ ଭାବେ ରହୁଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଜିଲାର ବିଭିନ୍ନ ସ୍ଥାନରେ ପ୍ରାୟ ୭୦୦ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇ ଫେରୁଥିବା ପ୍ରବାସୀଙ୍କୁ ସଙ୍ଗରୋଧରେ ରଖାଯାଇଛି। ସେମାନଙ୍କୁ ବିଭିନ୍ନ ପ୍ରକାର ସେବା ପ୍ରଦାନ କରାଯାଉଛି। ସଙ୍ଗରୋଧ ନିୟମ ଖିଲାପକାରୀ କିମ୍ବା ଗୁଜବକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

# ରବି ଋତୁରେ କିଣାହେବ ୧୩,୨୩୫ କୁଇଣ୍ଟାଲ ଧାନ

- ୧୭ ସମିତିରେ ୨୩୩୬ ଚାଷୀଙ୍କ ପଞ୍ଜୀକରଣ
- ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ବଜାୟ ରଖିବେ
- ମେ'୨୦ରୁ ଧାନ କ୍ରୟ ଆରମ୍ଭ

**ଖୋର୍ଦ୍ଧା ଅଫିସ,୧୨।୫ :** ଚଳିତ ରବି ଋତୁରେ ୧୩ହଜାର ୨୩୫କୁଇଣ୍ଟାଲ ଧାନ କିଣାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏ ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ମେ' ୨୦ ତାରିଖରୁ ଏହି ଧାନ କିଣା ହେବ। ଏହା ଜୁନ୍ ଶେଷ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଜିଲାର ୨ହଜାର ୩୩୬ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୩୩ ନୂତନ ଏବଂ ୧୯୦୩ ଚାଷୀଙ୍କ ନାମ ନବୀକରଣ କରାଯାଇଛି। ୧୭ଟି ସେବା ସମବାୟ ସମିତି ଜରିଆରେ ଏହି ଧାନ କିଣାହେବ। ବାଲିଅନ୍ତା ବ୍ଲକର ୫ଟି ସେବା ସମବାୟ ସମିତିରେ ୬୬୮ ଚାଷୀ, ବାଲିପାଟଣା ବ୍ଲକର ୧୩୭୨, ଭୁବନେଶ୍ୱର ବ୍ଲକର ୬୧, ଜଟଣୀ ବ୍ଲକର ୭୦ ଏବଂ ଖୋର୍ଦ୍ଧା ବ୍ଲକର ୧୬୫ଜଣ ଚାଷୀ ପଞ୍ଜୀକରଣ କରିଥିବା ଜିଲା ଯୋଗାଣ ଅଧିକାରୀ ରବୀନ୍ଦ୍ର କୁମାର ବେହେରା କହିଛନ୍ତି। କରୋନା ଲାଗି ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି। ଚାଷୀ ମଣ୍ଡିକୁ ଧାନ ଆଣିବା ସମୟରେ ସରକାରଙ୍କ ଗାଇଡ୍‌ଲାଇନ ପାଳନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ବଜାୟ ରଖି ଧାନ କିଣାଯିବ ବେହେରା କହିଛନ୍ତି।

ସୂଚନାଥାଉ କି, ଖରିଫ ଋତୁରେ ୩୯ହଜାର ୧୬୬ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ୧୩ଲକ୍ଷ, ୮୫ହଜାର ୨୯୪ କୁଇଣ୍ଟାଲ ଧାନ କିଣାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ୧୫୧ଟି ସେବା ସମବାୟ ସମିତି ଜରିଆରେ ୧୩ଲକ୍ଷ, ୭୦ହଜାର ୭୭୭ ଚାଷୀଙ୍କ ଠାରୁ ଧାନ କିଣାଯାଇଥିଲା। ୧୪ହଜାର ୪୧୭ଚାଷୀଙ୍କ ଠାରୁ ଧାନ କିଣାଯାଇପାରିନାହିଁ। ଖରିଫ ଋତୁରେ ବୋଲଗଡ ବ୍ଲକର ୨ଟି ସମବାୟ ସମିତିର ୭୦ଚାଷୀ ଅଭାବୀ ଧାନ ବିକ୍ରି କରିପାରି ନ ଥିଲେ। ଧାନ ବିକ୍ରି ଲାଗି ସମିତି ପକ୍ଷରୁ ଠିକ୍ ସମୟରେ ଟୋକନ ଦିଆଯାଇ ନ ଥିଲା। ଫଳରେ ସେମାନେ ଧାନ ବିକ୍ରି କରିପାରି ନ ଥିଲେ। ଏ ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିବା କହିଛନ୍ତି। ଖରିଫ ଧାନ ସଂଗ୍ରହ ମାର୍ଚ୍ଚ ୩୧ ରେ ଶେଷ ହୋଇଥିବାରୁ କୌଣସି ଚାଷୀଙ୍କ ଧାନ କିଣାଯାଇ ନ ଥିବା ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କହିଛନ୍ତି।

## ଚମଡ଼ା ବୋଝେଇ ଗାଡ଼ି ଧରିଲେ ବଜରଙ୍ଗ କର୍ମୀ

**ମାହାଙ୍ଗା,୧୨।୫(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଗୋପାଳପୁର ବନ୍ତଳା କେନାଲ ପୋଲ ନିକଟରେ ଏକ ଗୋରୁଚମଡା ବୋଝେଇ ପିକ୍‌ଅପ୍ ଭ୍ୟାନକୁ ବଜରଙ୍ଗ ଦଳର କର୍ମୀମାନେ ମଙ୍ଗଳବାର ସନ୍ଧ୍ୟାରେ ଧରି ପୋଲିସରେ ଜିମା ଦେଇଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ଗାଡି ଚାଳକ ଓ ଅନ୍ୟ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ନିଶ୍ଚିନ୍ତକୋଇଲି ମଧୁବନ ଅଞ୍ଚଳରୁ ଚମଡା ବୋଝେଇ କରି ପିକ୍‌ଅପ୍‌ଭ୍ୟାନଟି ପଞ୍ଚୁପାଣ୍ଡବ ରାସ୍ତାରେ ଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ବଜରଙ୍ଗ ଦଳର କର୍ମୀ ଗାଡିକୁ ଧରିଥିଲେ। ଥାନାରେ ଲିଖିତ ଅଭିଯୋଗ ହେବା ପରେ ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ତପନ ନାୟକ ସଦଳବଳେ ସେଠାରେ ପହଞ୍ଚି ଉକ୍ତ ଗାଡିକୁ ଜବତ କରିଛନ୍ତି।

## ୫ ଘଣ୍ଟା ତଳେ ବସିଲେ ପ୍ରବାସୀ

**ମାହାଙ୍ଗା,୧୨।୫(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ମଧୁପୁର ପଞ୍ଚାୟତ ଅନ୍ତର୍ଗତ ଦୋବନ୍ଧିଆ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ମଙ୍ଗଳବାର ୧୦ ଜଣ ପ୍ରବାସୀ ଓଡ଼ିଆ କୋଲକତା ଓ ହାଇଦ୍ରାବାଦରୁ ପହଞ୍ଚିଛନ୍ତି। ମାତ୍ର ସେଠାରେ ବ୍ୟାପକ ଅବ୍ୟବସ୍ଥା ଥିବାରୁ ୫ ଘଣ୍ଟା ପର୍ଯ୍ୟନ୍ତ କୌଣସି ଖଟିଆ ମିଳି ପାରି ନ ଥିଲା । ଏଥିଯୋଗୁ ସେମାନେ ତଳେ ବସିବାକୁ ବାଧ ହୋଇଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ ଅତି ତରବରିଆ ଭାବେ ସେମାନଙ୍କୁ କେବଳ ଗଦି ଯୋଗାଇ ଦିଆଯାଇଛି। ଅପରପକ୍ଷେ କେନ୍ଦ୍ରରେ ଇନଭର୍ଟର ଓ ଆକ୍ୱାଗାର୍ଡ ଆଦିର ବ୍ୟବସ୍ଥା ହୋଇନାହିଁ। ସେହିପରି ପାଚେରି କାମ ଅଧାପନ୍ତାରିଆ ହୋଇରହିଛି। କେନ୍ଦ୍ରରେ ଜଗୁଆଳି ଓ ଝାଡୁଦାରଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଏହାର ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହ କେନ୍ଦ୍ରରେ ସୂଚନାଫଳକ ମଧ୍ୟ ଲଗାଯାଇ ନାହିଁ। ବିଭିନ୍ନ ଅବ୍ୟବସ୍ଥା ଯୋଗୁ ପ୍ରବାସୀ ଓଡ଼ିଆମାନେ ଏଠାକୁ ଆସିବା ପରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ମଧୁପୁର ସରପଞ୍ଚ ସନ୍ଧ୍ୟାରାଣୀ ମହାନ୍ତିଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିବା ବେଳେ ବିଡିଓ ନିହାର ରଞ୍ଜନ ମଲିକ କହିଛନ୍ତି, ଦୋବନ୍ଧିଆ କେନ୍ଦ୍ରଟି ଏକ ଅତିରିକ୍ତ ସଙ୍ଗରୋଧ କେନ୍ଦ୍ର। ସବୁ ସଙ୍ଗରୋଧ କେନ୍ଦ୍ରକୁ ଖଟିଆ ଓ ଇନଭର୍ଟର ଯୋଗାଇ ଦେବାଲାଗି ବ୍ୟବସ୍ଥା ହୋଇନାହିଁ।



ସରକାରୀ ସହାୟତା ଦାବିରେ ମଙ୍ଗଳବାର ଉଠାଦୋକାନୀ ସଂଘ ପକ୍ଷରୁ କଟକ ମ୍ୟୁନିସିପାଲ କର୍ପୋରେଶନ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି।

## ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ

**କଟକ ଅଫିସ,୧୨।୫:** ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରଗୁଡ଼ିକରେ ପ୍ରବାସୀଙ୍କ ସମ୍ପର୍କୀୟମାନେ ଯିବାଆସିବା କରୁଛନ୍ତି। ଏହାଦ୍ୱାରା ସାମାଜିକ ଦୂରତ୍ୱ ରହୁ ନ ଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ ଗୁରୁତ୍ୱ ଦେଇଛନ୍ତି। ମଙ୍ଗଳବାର ରାଜ୍ୟର ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଏବଂ କୋଭିଡ-୧୯ ଦ୍ୱାରା ପ୍ରଭାବିତ ଜିଲାର ଆରକ୍ଷୀ ଅଧୀକ୍ଷକଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନା ବେଳେ ସେ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଚାଲିକି ଆସୁଥିବା ପ୍ରବାସୀଙ୍କ ପାଇଁ ବସ ବ୍ୟବସ୍ଥା କରାଯାଇଛି। ଯାଜପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ବ୍ରହ୍ମପୁର, ଗଞ୍ଜାମ, କୋରାପୁଟ, ମାଲକାନଗିରି, ନୂଆପଡ଼ା, ରାୟଗଡ଼ା ଜିଲାର ଆରକ୍ଷୀ ଅଧୀକ୍ଷକ ଓ କେନ୍ଦ୍ରାଞ୍ଚଳ, ପୂର୍ବାଞ୍ଚଳ ପ୍ରମୁଖ ଭିଡିଓ କନଫରେନ୍ସରେ ଅଂଶଗ୍ରହଣ କରିଥିଲେ।

# ଚାଲିଛି ଚନ୍ଦନଯାତ୍ରା, ମଉଳିଛି କାନ୍ତି

**କଟକ ଅଫିସ,୧୨।୫**

**କଟକଚଣ୍ଡୀ ମନ୍ଦିର**

କଟକ ନଗରୀର ଆରାଧ୍ୟା ଦେବୀ ମା' କଟକ ଚଣ୍ଡୀ। ବର୍ଷ ତମାମ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହେ। କରୋନା ଲାଗି ମନ୍ଦିରର ମୁଖ୍ୟ ଫାଟକରେ ତାଲା ପକାଇଛି ଜିଲା ପ୍ରଶାସନ। ମନ୍ଦିର ଭିତରକୁ ସାଧାରଣ ପ୍ରବେଶ ନିଷେଧ। ତଥାପି ମା'ଙ୍କ ପୂଜାର୍ଚ୍ଚନାରେ ଅବହେଳା କରାଯାଉନି। ମା'ଙ୍କ ମୁହଁରେ ପ୍ରସ୍ଫୁଟିତ ହେଉଥିବା କାନ୍ତି ଏବେ ମଉଳି ଯାଇଛି ବୋଲି ମନ୍ଦିରର ପୂଜାରୀମାନେ କହିଛନ୍ତି। ଗତ ଅକ୍ଷୟ ତୃତୀୟାଠାରୁ ମା'ଙ୍କର ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଏହି ସମୟରେ ମା'ଙ୍କୁ ପ୍ରତ୍ୟେକ ଦିନ ୨ଥର ସ୍ନାନ କରାଯାଏ। ଦଶହରା ସମୟରେ ଯେପରି ମା' ଷୋଳଟି ବେଶରେ ଦର୍ଶନ ଦିଅନ୍ତି, ସେହିପରି ଏବେ ୩ଟି ବେଶରେ ମା'ଙ୍କ ଦର୍ଶନ ମିଳେ। ଏହା ହେଲା ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ବେଶ। ପ୍ରତ୍ୟେକ ଶନିବାର ଓ ମଙ୍ଗଳବାର ମାଛଭୋଗ ହେଉଛି। ଚମ୍ପା ଫୁଲ ହାରରେ ମା'ଙ୍କୁ ସୁସଜ୍ଜିତ କରାଯାଏ। ସ୍ଥାନୀୟ ଥାନା ପକ୍ଷରୁ ମନ୍ଦିରକୁ ଫୁଲ ଏବଂ ଭୋଗ ଦାନ କରିବା ଉପରେ କଟକଣା ଲଗାଯାଇଥିଲା। ପରେ ଆଲୋଚନା କରାଯାଇ ଏହି କଟକଣାକୁ କୋହଳ କରାଯାଇଛି। ଫୁଲ ଏବଂ ଭୋଗ ଦିଆଯିବା ପରେ ଏହାକୁ ବିଶୁଦ୍ଧିକରଣ କରାଯାଇ ମନ୍ଦିର ଭିତରକୁ ନିଆଯାଉଛି। ବାରିପଦାର ଜଣେ ଶ୍ରଦ୍ଧାଳୁ ମା'ଙ୍କ ଚନ୍ଦନଯାତ୍ରା ସମୟରେ ପଦ୍ମଫୁଲ ପଠାନ୍ତି। ହେଲେ ଏବେ ଏହା ପହଞ୍ଚି ପାରୁ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱରୂପ ନନ୍ଦନ ବେହେରା କୁହନ୍ତି, ଏହି ପରିସ୍ଥିତିକୁ ଅତିକ୍ରମ କରିବାକୁ ଅପେକ୍ଷା କରିଛୁ। ତଥାପି ମନ୍ଦିରର ରୀତିନୀତି କିପରି ସୁଚାରୁରୂପେ କରାଯିବ ସେଥି ପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି ବୋଲି ସେ କହିଥିଲେ।

### ଏମାନେ କ'ଣ କୁହନ୍ତି...



► ନିଜର ସନ୍ତାନମାନଙ୍କୁ ନ ଦେଖିଲେ କେଉଁ ମା' କେବେ ଖୁସି ହୁଏନି। ଏଣୁ ମା'ଙ୍କ ମୁହଁରେ କାନ୍ତି ନ ରହିବା ନୂଆକଥା ନୁହେଁ। ସମଗ୍ର ମାନବ ସମାଜ ପାଇଁ ଏବେ ଯେଉଁ ମୁହୂର୍ତ୍ତ ଆସିଛି, ତାହାକୁ ଅତିକ୍ରମ କରିବାକୁ ଅପେକ୍ଷା କରିଛୁ। ପୂଜାର୍ଚ୍ଚନାରେ କୌଣସି ହେଳା କରାଯାଉନାହିଁ। – ମନୋଜ ପଣ୍ଡା, ପୂଜକ



► ପ୍ରତ୍ୟେକ ଦିନ ମା'ଙ୍କ ଦର୍ଶନ କରୁ। ସନ୍ଧ୍ୟାରେ ମନ୍ଦିରରେ ଘଣ୍ଟାଏ ସମୟ ଅତିବାହିତ ନ କଲେ ଦିନଟି ସମ୍ପୂର୍ଣ୍ଣ ହୁଏନି। ହେଲେ ଏବେ ମନ୍ଦିର ଭିତରକୁ ପ୍ରବେଶ କରିବା କଷ୍ଟକର ହୋଇଛି। ମନ୍ଦିରରେ କେବେ ସାଧାରଣ ଲୋକଙ୍କୁ ପ୍ରବେଶର ସୁଯୋଗ ମିଳିବ, ତାହା ଉତ୍କଣ୍ଠାର ସହ ଅପେକ୍ଷା କରିଛୁ। – କିରଣ କୁମାର ସାହୁ, ସ୍ଥାନୀୟ ଯୁବକ



► ପିଲାଟି ବେଳୁ କଟକ ଚଣ୍ଡୀ ମନ୍ଦିରରେ ଏଭଳି ଶୂନ୍ୟତା କେବେ ଅନୁଭବ କରି ନ ଥିଲୁ। କୌଣସି ବାର କମ୍ବା ତିଥି ନାହିଁ ଯେବେ ମନ୍ଦିରରେ ଭିଡ଼ ହୋଇନି। ପ୍ରତ୍ୟେକ ଦିନ ଶହଶହ ଶ୍ରଦ୍ଧାଳୁ ଏଠାରେ ଧାଡ଼ି ଲଗାଇଥାନ୍ତି। ଏଭଳି ପରିବେଶ ଦୁଃଖ ଦେଉଛି। – କାଳନ୍ଦୀ ବେହେରା, ସ୍ଥାନୀୟ ଯୁବକ



► ସନ୍ଧ୍ୟାରେ ମନ୍ଦିର ଆଖପାଖ ଅଞ୍ଚଳ ଘଣ୍ଟ ଧ୍ୱନିରେ କମ୍ପି ଉଠେ। ଗୁରୁବାର ସନ୍ଧ୍ୟା ଆଳତି ସମୟରେ ଲୋମଟାଙ୍କୁରି ଯାଏ। ମନ୍ଦିର ଭିତରେ ପାଦ ପକାଇବାକୁ ଜାଗା ନ ଥାଏ। ହେଲେ ସବୁକିଛି ହଠାତ୍ ବଦଳିଯିବା ଗ୍ରହଣ କରି ହେଉନି। – ବସନ୍ତ ବେହେରା, ସ୍ଥାନୀୟ ଯୁବକ

# ସିଙ୍ଗଡ଼ା ବାଡ଼ିଆ ଅନୁକୂଳ ହେଲା

**ପୁରୀ ଅଫିସ,୧୨।୫:** ରଥ ଖଳାରେ ମଙ୍ଗଳବାର ତୁମ୍ବରେ ଅର ସଂଯୋଗ କରାଯାଇଛି। ତୁମ୍ବରେ ଅର ସଂଯୋଗକୁ ପାରମ୍ପରିକ ଭାଷାରେ ସିଙ୍ଗଡ଼ା ବାଡ଼ିଆ କୁହାଯାଏ। ଭୋଇ ସେବକମାନେ ମା' ଚର୍ଚ୍ଚିକାଙ୍କ ପାଖରେ ମାର୍ଜଣା କରି ଶ୍ରୀଫଳ, ବିରିପିଠା, ସୁଆର ପିଠା ମା'ଙ୍କୁ ସମର୍ପଣ କରିଥିଲେ। ଏହାପରେ ଭୋଇ ସର୍ଦ୍ଦାର ରବି ଭୋଇ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରି ତିନିରଥର ତିନିଟି ତୁମ୍ବରେ ଅର ଯୋଡ଼ି ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଅନୁକୂଳ କରିଛନ୍ତି। ମଙ୍ଗଳବାର ତିନିରଥର ସମସ୍ତ ୪୨ଟି ତୁମ୍ବ ବୋଳା ସରିବା ସହ ସୂତା ବାଡ଼ିଆ ଶେଷ ହୋଇଛି। ଏଥିମଧ୍ୟରୁ ୧୨ଟିର ବିନ୍ଧ କାର୍ଯ୍ୟ ସରିଛି। ତିନିରଥର ଗୋଟିଏ ଲେଖାଏ ୩ଟି ଅଖ ପ୍ରସ୍ତୁତ ହୋଇଯାଇଛି। ଆସନ୍ତା ୧୫ ତାରିଖ ଭଉଁରିରେ ଚକ ଡେରା ନୀତି ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ୬ଟି ଚକ କାର୍ଯ୍ୟ ଶେଷ କରିବାକୁ ଲାଗିପଡ଼ିଛନ୍ତି ମହାରଣା ସେବକ। ଅନ୍ୟପକ୍ଷରେ କଣଗୁଜ କାଠ ହଣା ଚାଲିଛି। ରୂପକାରମାନେ କଣଗୁଜରେ ନୃସିଂହ ଚିତ୍ର ଖୋଦେଇ କାମ ଜାରି ରଖିଛନ୍ତି।

ମଙ୍ଗଳବାର ଭୋଇ ସେବକମାନେ ଯନ୍ତାଗାଡ଼ରେ ତୁମ୍ବ ଆଣି ରଖିଥିଲେ। ତୁମ୍ବ, ଅର, କୋରାମୁଣ୍ଡା (କାଠ ତିଆରି ହାତୁଡ଼ି)କୁ ଚନ୍ଦନ, ସିନ୍ଦୁର ଦେଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଅର ସଂଯୋଗ କରି କୋରାମୁଣ୍ଡାରେ ଭୋଇ ସେବକମାନେ ପ୍ରହାର କରିଥିଲେ। ଏହାସହିତ ତୁମ୍ବ ଏବଂ ଅରକୁ ସଂଲଗ୍ନ କରି ଅରକଣ୍ଟା ବାଡ଼ିଆ ଯାଇଥିଲା। ସେହିପରି ଦୋଳବନ୍ଦୀ କୋଣ କମାରଚାଳିରେ କମାର ସେବକମାନେ ରଥ ପାଇଁ ଆବଶ୍ୟକ ଲୁହା ସାମଗ୍ରୀ ନିର୍ମାଣ କରୁଛନ୍ତି। ବର୍ତ୍ତମାନ ଅର କଣ୍ଟା, ପଦ୍ମାରୀ, ତୁମ୍ବର ବଳା ତିଆରି ଚାଲିଛି।

## ୧୭୩ କରୋନା ଯୋଦ୍ଧାଙ୍କ ସ୍ୱାବ୍ ସଂଗ୍ରହ

ରତ୍ନଗିରି, ୧୨।୫ (ଡି.ଏନ.ଏ): ବରୀ ବ୍ଲକରେ କାର୍ଯ୍ୟରତ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଓ ଅନ୍ୟମାନଙ୍କ ସ୍ୱାବ୍ ନମୁନା ମଙ୍ଗଳବାର ସଂଗ୍ରହ କରାଯାଇଛି। ସ୍ୱାସ୍ଥ୍ୟକର୍ମୀ ମନୋରଞ୍ଜନ ପୋଥାଳଙ୍କ ସହଯୋଗରେ ଜିଲା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ବ୍ଲକ ଅଞ୍ଚଳର ୯୩ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସମେତ ପୋଲିସ, ଅଗ୍ନିଶମ, ପଞ୍ଚାୟତ ସମିତି ଓ ତହସିଲ କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ କରିଛନ୍ତି। ବରୀରେ ମୋଟ ୧୭୩ କରୋନା ଯୋଦ୍ଧାଙ୍କ ସ୍ୱାବ ସଂଗ୍ରହ ହୋଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କୌଶିକ ପାତ୍ର ସୂଚନା ଦେଇଛନ୍ତି। ଏଥିରେ ଡା. ପାତ୍ର, ମୁକୁନ୍ଦ ନାୟକ, ମାନଗୋବିନ୍ଦ ସାମଲ, ପ୍ରିୟରଞ୍ଜନ ସାହୁ ଓ ସାଗର ଦାଶ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ସଙ୍ଗରୋଧ କେନ୍ଦ୍ରରେ ୧୪୪ ଧାରା ଜାରି

**କେନ୍ଦ୍ରାପଡ଼ା ଅଫିସ, ୧୨।୫:** କରୋନା ଭୂତାଣୁ ସଂକ୍ରମଣକୁ ନିୟନ୍ତ୍ରଣ ପାଇଁ କେନ୍ଦ୍ରାପଡା ଜିଲା ପ୍ରଶାସନ ପକ୍ଷରୁ ୨୪୯ ପଞ୍ଚାୟତରେ ୧୧୧୯ ଓ ଦୁଇଟି ପୌରାଞ୍ଚଳରେ ୩୦ଟି ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରର ୫୦୦ ମିଟର ପରିସରରେ ୧୪୪ ଧାରା ମଙ୍ଗଳବାର ଲାଗୁ କରାଯାଇଛି। ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ସଙ୍ଗରୋଧ କେନ୍ଦ୍ରର ସୁପରିଚାଳନା ପାଇଁ ଏହି ବ୍ୟବସ୍ଥା ହୋଇଛି। କେନ୍ଦ୍ର ନିକଟରେ ଅଯଥାରେ ଭିଡ ଜମୁଥିବା ଲକ୍ଷ୍ୟ କରାଯାଉଛି। ଏପରି କି କେତେକ କେନ୍ଦ୍ରରେ ନିକଟ ସମ୍ପର୍କୀୟମାନେ ପ୍ରବାସୀଙ୍କ ସହିତ ସମ୍ପର୍କ ରଖିବା ପାଇଁ ଚେଷ୍ଟା କରୁଛନ୍ତି। ଫଳରେ ସଙ୍ଗରୋଧ କେନ୍ଦ୍ର ପରିଚାଳନାରେ ଅସୁବିଧା ସୃଷ୍ଟି ହେଉଛି।

## ବଜାରରେ ବୁଲିଲେ ପଶ୍ଚିମବଙ୍ଗ ଫେରନ୍ତା

**ନୟାଗଡ଼ ଅଫିସ, ୧୨।୫:** ନୟାଗଡ଼ ଜିଲା ସଦର ମହକୁମା ପୋଷ୍ଟ ଅଫିସ ନିକଟରେ ମଙ୍ଗଳବାର କେତେଜଣ ପଶ୍ଚିମବଙ୍ଗ ଫେରନ୍ତା ବୁଲୁଥିବା ଦେଖିବାକୁ ମିଳିଥିଲା। ଏହି ପ୍ରବାସୀମାନଙ୍କୁ ଏକ ବସ୍ ଆଣି ଛାଡିଦେଇ ଚାଲିଯାଇଥିଲା। ଏମାନଙ୍କ ମଧ୍ୟରୁ କେତେଜଣ ନୟାଗଡ଼ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବାବେଳେ ଆଉ କିଛି ବଜାରରେ ବୁଲୁଥିଲେ। ଏ ସମ୍ପର୍କରେ ଅବଗତ ହେବା ପରେ ନୟାଗଡ ବିଡିଓ ପ୍ରବାସୀମାନଙ୍କୁ ଖୁଣ୍ଟୁବନ୍ଧର କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିବା ବ୍ୟବସ୍ଥା କରିଥିଲେ। ଏ ନେଇ ନୟାଗଡ ବିଡିଓ ମନୋଜ ପାତ୍ର କୁହନ୍ତି, ଓଡଗାଁର ୧୬, ନୟାଗଡର ୬ ଓ ଭାପୁରର ଜଣେ ପ୍ରବାସୀ ମଙ୍ଗଳବାର ନୟାଗଡ଼ ଫେରିଛନ୍ତି।

## ବିଞ୍ଝାରପୁରକୁ ଫେରିଲେଣି ୧୩୦ ପ୍ରବାସୀ

**ବିଞ୍ଝାରପୁର, ୧୨।୫ (ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକକୁ ଫେରିବା ପାଇଁ ପ୍ରାୟ ୮ହଜାର ପ୍ରବାସୀ ଓଡ଼ିଆ ନାକ ପଞ୍ଜୀକୃତ କରିଥିବା ବେଳେ ମଙ୍ଗଳବାର ସୁଦ୍ଧା ମାତ୍ର ୧୩୦ଜଣ ଫେରିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରେ ଗୁଜରାଟରୁ ୨୪ଜଣ ଥିବା ବେଳେ ତେଲେଙ୍ଗାନାରୁ ୪୭, ପଶ୍ଚିମବଙ୍ଗରୁ ୩୪, କର୍ଣ୍ଣାଟକରୁ ୧୧, ଆନ୍ଧ୍ରପ୍ରଦେଶରୁ ଜଣେ, କେରଳରୁ ୭, ତାମିଲନାଡୁରୁ ଜଣେ, ମହାରାଷ୍ଟ୍ରରୁ ୪ ଓ ଛତିଶଗଡରୁ ଜଣେ ଆସିଛନ୍ତି। ସେମାନଙ୍କୁ ବ୍ଲକ ଅଧୀନ ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିବା ବେଳେ ସ୍ୱାମୀ ବିବେକାନନ୍ଦ ୟୁଥ୍ ଆସୋସିଏଶନ ଦ୍ୱାରା ପ୍ରତି ସେଣ୍ଟରରେ ୩ଜଣ ଲାଖାଏ ସହାୟକଙ୍କୁ ଦାୟିତ୍ୱରେ ରଖାଯାଇଛି। ସେମାନଙ୍କୁ ବ୍ଲକ ଓ ପଞ୍ଚାୟତ ପକ୍ଷରୁ ଖାଦ୍ୟ ଓ ପାନୀୟଜଳ ଯୋଗାଇ ଦିଆଯାଉଥିବା ବେଳେ ବିଞ୍ଝାରପୁର ତହସିଲଦାର ଅସ୍ମିତା ଦାଶ, ବିଡିଓ ମିନତି ଜଗଦେବ ପ୍ରମୁଖ ବିଭିନ୍ନ କେନ୍ଦ୍ର ବୁଲି ତଦାରଖ କରୁଛନ୍ତି।

## ୬ ବଖରା ଭସ୍ମୀଭୂତ

**କୋରେଇ, ୧୨।୫ (ସ୍ୱ.ପ୍ର.):** କୋରେଇ ବ୍ଲକ ଅଧୀନ ହଳଦିଗଡିଆ ପଞ୍ଚାୟତ ହଳଦୀ ଛକଠାରେ ଥିବା ମୃତ୍ୟୁଞ୍ଜୟ ନାଥ ଓ ସହସ୍ରାଂଶୁ ନାଥଙ୍କ ୬ ବଖରା ମଙ୍ଗଳବାର ମଧ୍ୟାହ୍ନରେ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଘରର ଟିଭି, ଫ୍ରିଜ, ଖଟ, ସୋଫା ଆଦି ଜଳି ଯାଇଥିବା ବେଳେ ବର୍ଷକର ଖାଦ୍ୟସାମଗ୍ରୀ ଜଳିଯାଇଛି। ଖବରପାଇ ବରୁଣ୍ଡେଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୋରେଇ ଥାନା ଆଇଆଇସି, ତୁଳତୀ ପଞ୍ଚାୟତ ସରପଞ୍ଚ ଦୀପ୍ତିମୟୀ କୁଅଁର, ହଳଦିଗଡିଆ ସରପଞ୍ଚ ସବିତା ମଲ୍ଲିକ, ଆରଆଇ, ସାମାଜିକ କର୍ମୀ ଭୁବନମୋହନ ମହାନ୍ତି ପ୍ରମୁଖ ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ନୟାଗଡ଼ ଅଫିସ/ଦଶପଲ୍ଲା, ୧୨।୫ (ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକ ଘୋଲାହାଣ୍ଡି ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲିଙ୍ଗରାଜ ସାହୁ (୪୮)। ଲିଙ୍ଗରାଜ ନିଜର ଷ୍ଟାର କନେକ୍ସନକୁ ସୋମବାର ରାତିରେ ସଜାଡୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ଦଶପଲ୍ଲା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୦) ରୁଜୁ ହୋଇଛି।

# ଯାଜପୁରରେ ବେକାବୁ ହେଉଛି କରୋନା

**ଯାଜପୁର ଅଫିସ/ଯାଜପୁର ଟାଉନ/ରତ୍ନଗିରି/ରସୁଲପୁର/ବିଞ୍ଝାରପୁର (ଡି.ଏନ.ଏ.)/ବରୀ (ସ୍ୱ.ପ୍ର.), ୧୨।୫**



ହାବେଳି ବଜାର କଣ୍ଟେନମେଣ୍ଟ ଜୋନ୍‌ରେ ପୋଲିସର ପହରା।

- ସହରକୁ ବ୍ୟାପିଲା କରୋନା ସଂକ୍ରମଣ
- ସ୍ୱାସ୍ଥ୍ୟକର୍ମୀ ସଂକ୍ରମିତ ହେବା ପରେ ଲୋକେ ଆତଙ୍କିତ
- ୨ ଦିନରେ ଜିଲାର ୧୨ ସଂକ୍ରମିତ
- ମୋଟ ସଂକ୍ରମିତ ସଂଖ୍ୟା ୭୨କୁ ବୃଦ୍ଧି

ପ୍ରବାସୀ ଓଡ଼ିଆ ଫେରିବା ପରେ ଯାଜପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ଦୁଇ ଦିନ ମଧ୍ୟରେ ଜିଲାରୁ ୧୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଯାଜପୁର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭୨ରେ ପହଞ୍ଚିଛି। ପୂର୍ବରୁ ଗ୍ରାମାଞ୍ଚଳରେ କରୋନା କାୟା ବିସ୍ତାର କରିଥିବା ବେଳେ ମଙ୍ଗଳବାର ସହରାଞ୍ଚଳରେ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଯାଜପୁର ପୌରପରିଷଦ ଅଧୀନ ୮ ନଂ.ୱାର୍ଡ ହାଭେଲିବଜାରର ୫୨ ବର୍ଷ ବୟସ୍କ ସ୍ୱାସ୍ଥ୍ୟକର୍ମୀ କରୋନା ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ସେ ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଅନୁମାନ କରାଯାଉଛି। ଏହାପରେ ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଜିଲା ପ୍ରଶାସନ ପକ୍ଷରୁ ହାବେଳି ବଜାରର ୧୪୦ ଘରର ୯୦୦ ଜନସଂଖ୍ୟା, ୱାର୍ଡ ନମ୍ବର-୧ ବଡବଜାରଠାରୁ ମାର୍କେଟଛକ(ଆଂଶିକ) ୩୦୦ ଘରର ୧୪୦୦ ଜନସଂଖ୍ୟା ଓ ୱାର୍ଡ ନମ୍ବର-୨ ମାର୍କେଟଛକଠାରୁ ଥାନାଛକ (ଆଂଶିକ) ୫୪୦ ଘରର ୨୮୦୦ ଜନସଂଖ୍ୟା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ମେ ୧୨ ତାରିଖ ସକାଳ ୭ଟାରୁ ଜୁନ୍ ୯ ତାରିଖ ସକାଳ ୭ଟା ପର୍ଯ୍ୟନ୍ତ ଉପରୋକ୍ତ ଅଞ୍ଚଳରେ କଟକଣା ବଳବତ୍ତର ରହିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି।

ଏହାବାଦ ଦଶରଥପୁର ବ୍ଲକ ଅଧୀନ ମଲ୍ଲିକାପୁର ପଞ୍ଚାୟତ ଆଦର୍ଶ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରୁ ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ଅକରପଡା ପଞ୍ଚାୟତର ଓ କୋଲକାତା ଫେରନ୍ତା ବୋଲି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉମାକାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି। ସେମାନଙ୍କ ବୟସ ଯଥାକ୍ରମେ ୫୫, ୪୨ ଓ ୨୮। ସେହିପରି ବରୀ ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତ ମିର୍ଜାପୁର ଗ୍ରାମରୁ ୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମିର୍ଜାପୁର ଗ୍ରାମର ବାପ, ମା' ଓ ଝିଅ କୋଲକାତାରୁ ଫେରି ନିକଟସ୍ଥ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିଲେ। ସ୍ୱାବ ପରୀକ୍ଷା ପରେ ବାପା(୪୫) ଓ ଝିଅ (୧୨) କରୋନା ସଂକ୍ରମିତ ଥିବା ସୂଚନା ମିଳିଛି। ଏହାପରେ ମିର୍ଜାପୁର ଓ ଜଗନ୍ନାଥପୁର ଗ୍ରାମକୁ ସ୍ଥାନୀୟ ସରପଞ୍ଚ ମଙ୍ଗଳବାର ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟା ପାଇଁ ସଟ୍‌ଡାଉନ୍ କରିଦେଇଛନ୍ତି। ବିଞ୍ଝାରପୁର ବ୍ଲକରେ ମଙ୍ଗଳବାର ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଉଭୟ ଉତ୍ତ୍ରଙ୍ଗ ପଞ୍ଚାୟତର ବୋଲି ଜଣାପଡ଼ିଛି। ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ୫୪ ବର୍ଷୀୟ ବ୍ୟକ୍ତି ଥିବା ବେଳେ ଅନ୍ୟଜଣେ ୩୨ ବର୍ଷୀୟ ଯୁବକ। ସେମାନେ ନିକଟରେ କୋଲକାତାରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସେହିପରି ରସୁଲପୁର ବ୍ଲକ ଅଞ୍ଚଳରୁ ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଣେ କୁଆଖିଆ ଥାନା ସଦାନନ୍ଦପୁର ଗ୍ରାମର ହୋଇଥିବା ବେଳେ ଅନ୍ୟ ୨ଜଣ ଯାଜପୁର ସଦର ଥାନା ଅଧୀନ ମଙ୍ଗରାଜପୁର ପଞ୍ଚାୟତର ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ମଙ୍ଗଳବାର ପୂର୍ବାହ୍ନ ୧୧ଟା ସୁଦ୍ଧା ଯାଜପୁର ଜିଲାକୁ ବିଭିନ୍ନ ରାଜ୍ୟରୁ ୧୮୩୫ ଜଣ ପ୍ରବାସୀ ଓଡିଆ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ତେଲଙ୍ଗାନାରୁ ସର୍ବାଧିକ ୪୫୯ ଜଣ ଫେରିଥିବା ବେଳେ ସୁରଟରୁ ୪୩୧ ଜଣ ଫେରିଛନ୍ତି। ଏମାନଙ୍କ ମଧ୍ୟରୁ ସର୍ବାଧିକ ୩୧୫ ଜଣ ଦଶରଥପୁର ବ୍ଲକର ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ହଟହଟା ହେଲେ ପ୍ରବାସୀ

**ଜଗତ୍‌ସିଂହପୁର ଅଫିସ, ୧୨।୫**

### ଗୋଟିଏ ଦିନରେ ଫେରିଛନ୍ତି ୬୯୧

ଲକ୍‌ଡାଉନ ଯୋଗୁ ପ୍ରବାସୀ ଶ୍ରମିକ ଓ ସାଧାରଣ ଜନତା ଏବେ ଘରକୁ ଫେରୁଛନ୍ତି। ଏହିକ୍ରମରେ ଜଗତ୍‌ସିଂହପୁର ଜିଲାକୁ ପ୍ରତ୍ୟହ ପ୍ରବାସୀଙ୍କ ଆଗମନ ହେଉଛି। ସୋମବାର ରାତି ୮ଟା ସୁଦ୍ଧା ୬୯୧ ପ୍ରବାସୀ ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଲା ପରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସାମାଜିକ ଦୂରତା ତ ଦୂରର କଥା ଯିଏ ଯୁଆଡେ ପାରିଥିଲେ ବୁଲିଥିଲେ। ସେମାନଙ୍କୁ ପିଇବା ପାଣି ଟୋପେ ମିଳିବା କଷ୍ଟକର ହୋଇ ପଡିଥିଲା। ଏତେ ସଂଖ୍ୟକ ଲୋକ ଆସିବା ଜାଣି ମଧ୍ୟ ଜିଲା ପ୍ରଶାସନ ଓ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଯିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ମଙ୍ଗଳବାର ମଧ୍ୟ ସମାନ ପରିସ୍ଥିତ ସୃଷ୍ଟି ହୋଇଛି।

ଏତେ ସଂଖ୍ୟକ ଲୋକ ପହଞ୍ଚିଲା ପରେ ଆରମ୍ଭ ହୋଇ ଯାଇଥିଲା ହୋହଲ୍ଲା। ଧାଡିକରି ନାମ ପଞ୍ଜୀକରଣ କରିବାକୁ କୁହାଯିବା ପାଇଁ ମଧ୍ୟ ସମୟ ଲାଗି ଯାଇଥିଲା। କେତେଜଣ ମଧ୍ୟ ଅସୁସ୍ଥ ଅନୁଭବ କରି ଥକାମାରି ବସି ପଡୁଥିଲେ। କୋଠରିଗୁଡିକ ସାନିଟାଇଜ୍ ପାଇଁ ଆସିଥିବା ଏକ ଗାଡି ଦେଖି ଜଣେ ଯୁବକ ତାଙ୍କ ଶରୀରକୁ ସ୍ପ୍ରେ କରିବାକୁ ଅନୁରୋଧ କରିଥିଲେ। ଏହି ଯୁବକ ବାଇକ୍ ଯୋଗେ ମହାରାଷ୍ଟ୍ରରୁ ଆସିଥିବା କହିବା ସହ ପୋଷାକ ଓ ହେଲମେଟ୍ ପିନ୍ଧା ଅବସ୍ଥାରେ ସାନିଟାଇଜ୍ ହୋଇଥିଲେ। ଖରାବେଳେ ଖାଇବାକୁ ଦିଆଯିବାରେ ବିଳମ୍ବ ସହ ନିମ୍ନମାନର ଏବଂ କମ ପରିମାଣର ଭାତ, ଡାଲମା ଦିଆଯିବାରୁ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏହାବାଦ୍ ସେମାନଙ୍କ ବ୍ଲକ ଅଞ୍ଚଳକୁ ଯିବା ପାଇଁ ଗାଡି ବ୍ୟବସ୍ଥାରେ ମଧ୍ୟ ବିଳମ୍ବ ହୋଇଥିଲା। ମାତ୍ର ୧୦୪ ସ୍ୱାବ ସଂଗ୍ରହ ସମ୍ଭବ ହୋଇଥିବା ବେଳେ ଅବଶିଷ୍ଟଙ୍କୁ ପରେ ନିଆଯିବ ବୋଲି କୁହାଯାଇଥିଲା। ଏହି ୧୦୪ ସ୍ୱାବ୍ ମଧ୍ୟରୁ ତିର୍ତ୍ତୋଲ ବ୍ଲକର ୯୦, ଜଗତ୍‌ସିଂହପୁର ବ୍ଲକ ୧୨ ଓ ରଘୁନାଥପୁର ବ୍ଲକର ୨ଜଣ ରହିଛନ୍ତି। ଅବଶିଷ୍ଟ ୫୮୮ ମଧ୍ୟରୁ ୩୩୯ ଜଣ ଅର୍ଥାତ୍ ବାଲିକୁଦା ବ୍ଲକର ୯୪, କୁଜଙ୍ଗ ବ୍ଲକ ଓ ପାରାଦୀପ ପୌରାଞ୍ଚଳ ୫୧, ନାଉଗାଁ ୯୦, ଏରସମା ୩୯, ବିରିଡ଼ି ୩୮ ଓ ରଘୁନାଥପୁର ବ୍ଲକର ୨୭ ଜଣଙ୍କ ସ୍ୱାବ୍ ସଂଗ୍ରହ କରା ନ ଯାଇ ସମ୍ପୃକ୍ତ ବ୍ଲକ ଓ ପୌରାଞ୍ଚଳର ସଙ୍ଗରୋଧ କେନ୍ଦ୍ରକୁ ପଠାଇ ଦିଆଯାଇଛି। ବଳକା ୧୪୯ ଜଣଙ୍କୁ ଏସ୍‌ଭିଏମ୍ ମହାବିଦ୍ୟାଳୟରେ ରଖାଯାଇଛି। ମହାବିଦ୍ୟାଳୟ ସଙ୍ଗରୋଧ କୋଠରିରେ ସମସ୍ୟା ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରପରିଷଦ ନିର୍ବାହୀ ଅଧିକାରୀ ବିମଳ ଲେଙ୍କାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ମତାମତ ଦେଇ ନ ଥିଲେ।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲିକୁଦା, ୧୨।୫(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ବନ୍ଦର ସାମୁଦ୍ରିକ ଥାନା ଅଧୀନ ନହରଣା ପଞ୍ଚାୟତ ସୁନାଧାର ଗାଁରେ ମଙ୍ଗଳବାର ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏନେଇ ନବବଧୂଙ୍କ ଭାଇ ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଏରସମା ଥାନା ଅଧୀନ ଗଡ଼ବିସନପୁର ପଞ୍ଚାୟତ ଆନନ୍ଦପୁର ଗାଁର ବୈରାଗୀ ସେନାପତିଙ୍କ ଝିଅ ମନୋରମାଙ୍କ ସହିତ ନହରଣା ପଞ୍ଚାୟତ ସୁନାଧାର ଗାଁର ବୁଲା ଶୁକ୍ଲାଙ୍କ ପୁଅ ଲିପୁଙ୍କ ଜୁଲାଇ ମାସରେ ବିବାହ ହୋଇଥିଲା। ବିବାହ ସମୟରେ ଶାଶୁ ଘର ଲୋକଙ୍କ ଦାବି ମୁତାବକ ଯୌତୁକ ବାବଦକୁ ୬୦ ହଜାର ଟଙ୍କାରୁ ୫୦ ହଜାର ଟଙ୍କା ଦିଆଯାଇଥିଲା। ବାକି ୧୦ ହଜାର ଟଙ୍କା ପରେ ଦେବାକୁ ମନୋରମାଙ୍କ ବାପଘର ଲୋକେ କହିଥିଲେ। ତେଣୁ ସେହି ୧୦ ହଜାର ଟଙ୍କା ଓ ଏକ ଫ୍ରିଜ୍ ଆଣିବା ପାଇଁ ଲିପୁ ସବୁବେଳେ ମନୋରମାଙ୍କୁ କହିବା ସହ ଗାଳିଗୁଲଜ କରୁଥିଲେ। ସୋମବାର ସକାଳ ୧୦ ଟାରେ ମନୋରମା ବାପ ଘର ଲୋକଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ରାତିରେ ରୋଷେଇ ସାରି ସମସ୍ତଙ୍କୁ ଖାଇବାକୁ ଦେବା ସହ ନିଜେ ଖାଇ ଶୋଇବାକୁ ଯାଇଥିଲେ। ହେଲେ ସକାଳେ ଆଉ ଉଠି ନ ଥିଲେ। ଶାଶୁଘର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ମଙ୍ଗଳବାର ମନୋରମାଙ୍କ ବାପଘର ଲୋକଙ୍କୁ ଶାଶୁଘର ଲୋକେ ଜଣାଇଥିଲେ। ଫଳରେ ମନୋରମାଙ୍କ ଘର ଲୋକଙ୍କ ସନ୍ଦେହ ବଢ଼ିଥିଲା। ତେଣୁ ସେମାନେ ଟଙ୍କା ପାଇଁ ମନୋରମାଙ୍କୁ ହତ୍ୟା କରିଥିବା ନେଇ ମନୋରମାଙ୍କ ଭାଇ ସୁବାସ ଅଭିଯୋଗ କରିଛନ୍ତି।

## ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀଙ୍କୁ ଭେଟୁଛନ୍ତି ସମ୍ପର୍କୀୟ

**ନାଉଗାଁ, ୧୨।୫(ସ୍ୱ.ପ୍ର.)**

ନାଉଗାଁ ବ୍ଲକରେ ୫ କରୋନା ପଜିଟିଭ ଚିହ୍ନଟ ହେବାପରେ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିର୍ଦ୍ଦେଶାନୁସାରେ ଯେଉଁମାନେ ବାହାର ରାଜ୍ୟରୁ ଫେରୁଛନ୍ତି ସେମାନଙ୍କୁ ପଞ୍ଚାୟତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଉଛି। ବ୍ଲକର ଘୋଡାଂଶ ପଞ୍ଚାୟତରେ ୨ସ୍ପେଶାଲ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଛି। ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ରରେ ୯୮ଜଣ ପ୍ରବାସୀ ରହିଛନ୍ତି। ମହାବିଦ୍ୟାଳୟର ଗୋଟିଏ ପାର୍ଶ୍ୱରେ ପାଚେରି ନ ଥିବାରୁ ପ୍ରବାସୀଙ୍କ ନିକଟକୁ ସମ୍ପର୍କୀୟମାନେ ଭେଟିବାକୁ ଯାଉଛନ୍ତି। ଏହା ଦ୍ୱାରା ଗୋଷ୍ଠୀ ସଂକ୍ରମଣ ବ୍ୟାପିବା ଆଶଙ୍କା କରାଯାଉଛି। ଏଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି। ଏନେଇ ବିଡିଓ ରଶ୍ମିରେଖା ମଲ୍ଲିକ କହିଛନ୍ତି, ସଙ୍ଗରୋଧ କେନ୍ଦ୍ର ଉପରେ ନଜର ରଖିବା ପାଇଁ ଷ୍ଟାଫ୍ ନିୟୋଜିତ ଅଛନ୍ତି। ବାହାର ଲୋକ ଆସିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବେଙ୍ଗାଲୁରୁରୁ ଆସି ଗଞ୍ଜାମରେ ଅଟକିଛନ୍ତି ୭ ପ୍ରବାସୀ

**କେନ୍ଦ୍ରାପଡ଼ା ଅଫିସ, ୧୨।୫**

ବେଙ୍ଗାଲୁରୁରୁ କେନ୍ଦ୍ରପଡା ୧୭୦୦ କିଲୋମିଟର। ଏହି ଦୂରତା ଅତିକ୍ରମ ପାଇଁ ସାଇକେଲକୁ ଭରସା କରିଥିବା ଓଡିଶାର ୭ ଶ୍ରମିକ ମଙ୍ଗଳବାର ଗଞ୍ଜାମ ନିକଟରେ ଅଟକି ରହିଛନ୍ତି। ପାଖରେ ଥିବା ସମସ୍ତ ଅର୍ଥ ଖାଇବାରେ ସରିଛି। ଘରକୁ ଫେରିବା ବ୍ୟବସ୍ଥା କରିବାକୁ ଗଞ୍ଜାମ ସବ୍‌କଲେକ୍ଟରଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସକାରାତ୍ମକ ପ୍ରତିଶ୍ରୁତି ମିଳି ନ ଥିବା ପ୍ରବାସୀମାନେ ଧରିତ୍ରୀକୁ କହିଛନ୍ତି। ଏହି ପ୍ରବାସୀମାନେ ହେଲେ କେନ୍ଦ୍ରାପଡା ଜିଲା ଆଳିର ଚିନ୍ମୟ ସ୍ୱାଇଁ, ରାଜକନିକାର ସୂର୍ଯ୍ୟକାନ୍ତ ମଲ୍ଲିକ, ବାବୁଲି ମଲ୍ଲିକ, ହିମାଂଶୁ ବଳ, ପ୍ରଶାନ୍ତ ବଳ ଓ ଭଦ୍ରକ ଜିଲା ଚାନ୍ଦବାଲିର ସନ୍ତୋଷ କୁମାର ନାଥ, ଶୈଳେନ୍ଦ୍ର ସେଠୀ। ଫୋନ ଯୋଗେ ଚିନ୍ମୟ କହିଛନ୍ତି, ସମସ୍ତେ ବେଙ୍ଗାଲୁରୁସ୍ଥିତ ଭିଟେକ ବୟଲର ସିଷ୍ଟମରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଗତ ୧ ତାରିଖରେ ଟ୍ରେନ ଯୋଗେ ଘରକୁ ଫେରିବା ପାଇଁ ବେଙ୍ଗାଲୁରୁ ରେଳ ଷ୍ଟେଶନକୁ ଆସିଥିଲେ। ଦୁଇଦିନ ପର୍ଯ୍ୟନ୍ତ ଟିକେଟ ହୋଇ ନ ପାରିବାରୁ କମ୍ପାନୀ ନିକଟରେ ଥିବା ଭଡାଘରକୁ ଫେରିଥିଲେ। ତେବେ ଭଡାଘର ମାଲିକ ଘରେ ପୂରାଇ ନ ଦେବାରୁ ସଞ୍ଚିତ ଅର୍ଥରେ ସାଇକେଲ କିଣି ଘରକୁ ଫେରୁଛନ୍ତି। ବାଟରେ ଅର୍ଥ ସରିଯିବାରୁ ଆଳିର ସାମାଜିକ କର୍ମୀ ଶୁବାଶିଷ ଷଡଙ୍ଗୀଙ୍କ ସାହାଯ୍ୟ ଲୋଡିଥିଲୁ। ସେ ପଠାଇଥିବା ୨ହଜାର ଟଙ୍କା ମଧ୍ୟ ସରିଯାଇଛି। ଘରର ଆର୍ଥିକ ପରିସ୍ଥିତି ଦୃଷ୍ଟିରୁ ସହଯୋଗର ଆଶା ନାହିଁ। ଜିଲା ପ୍ରଶାସନ ସହଯୋଗ କଲେ ସେମାନେ ଫେରି ପାରନ୍ତେ ବୋଲି ଚିନ୍ମୟ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ ରାଉତ କହିଛନ୍ତି, ଏ ନେଇ କୌଣସି ଆବେଦନ ହୋଇ ନ ଥିଲା। ତଥାପି ଗଞ୍ଜାମ ଜିଲା ପ୍ରଶାସନ ସହ ଯୋଗାଯୋଗ କରାଯାଇ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ଗଞ୍ଜାମରେ ଅଟକିଥିବା ଶ୍ରମିକ।

## ସରପଞ୍ଚଙ୍କୁ ଅଶାଳୀନ ବ୍ୟବହାର ଅଭିଯୋଗ

**ଯାଜପୁର ଅଫିସ, ୧୨।୫**

ଯାଜପୁର ଜିଲା କୋରେଇ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ୨୮ଟି ପଞ୍ଚାୟତରେ ଥିବା ସ୍କୁଲଗୁଡିକରେ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲାଯାଇଛି। ସେଥିମଧ୍ୟରୁ ସାଦକପୁର ପଞ୍ଚାୟତ କୋରେଇ ହାଇସ୍କୁଲ କ୍ୱାରେଣ୍ଟାଇନ କେନ୍ଦ୍ରରେ ଫାଜଲପୁର ଗ୍ରାମର ସେଖ ମୋଜିବୁର ରହେମାନ ନାମକ ବ୍ୟକ୍ତି କେତେଜଣ ଲୋକଙ୍କୁ ମତାଇ କୋରେଇ ହାଇସ୍କୁଲକୁ ଅସ୍ଥାୟୀ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଥିବା ନେଇ ପ୍ରଶ୍ନ କରିବା ସହିତ ସରପଞ୍ଚଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ସାଦକପୁର ସରପଞ୍ଚ ରଶ୍ମିରେଖା ଗାହାଣ କୋରେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର ପୂର୍ବାହ୍ନ ୧୦ଟା ୧୫ ମିନିଟ ସମୟରେ ଫାଜଲପୁର ଗ୍ରାମର ସେଖ ମୋଜିବୁର ରହେମାନ (ଗୋରା) କେତେଜଣ ଲୋକଙ୍କୁ ମତାଇ ଗୁଜବ ସୃଷ୍ଟି କରିବା ସହିତ ଅସ୍ଥାୟୀ କ୍ୱାରେଣ୍ଟାଇନ କେନ୍ଦ୍ରକୁ ପ୍ରବେଶ କରିବା ପାଇଁ ଉଦ୍ୟମ କରିଥିଲେ। ଖବରପାଇ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ବିଶୃଙ୍ଖଳା ନ କରିବାକୁ ଅନୁରୋଧ କରିଥିଲେ। ଏହାପରେ ଗୋରା ତାଙ୍କୁ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

## କାଳବୈଶାଖୀରେ ଆଜବେଷ୍ଟସ୍ ଉଡ଼ିଗଲା

**ଖଣ୍ଡପଡ଼ା, ୧୨।୫(ସ୍ୱ.ପ୍ର.)**

ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ଖଣ୍ଡପଡା ବ୍ଲକ ଖଳିସାହି ଦୁର୍ଗାବଜାର ବାସିନ୍ଦା ଅଯୋଧ୍ୟା ମହାପାତ୍ରଙ୍କ ଘରର ଆଜବେଷ୍ଟସ୍ ଉଡିଯାଇଥିବାବେଳେ ଗଛ ଡ଼ାଳ ପଡି ଦୁର୍ଗାବଜାର ଅଞ୍ଚଳର ଶଙ୍କର ବାରିକଙ୍କ ଘର ଭାଙ୍ଗିଯାଇଛି। ଖଣ୍ଡପଡା-କଣ୍ଟିଲୋ ରାସ୍ତାରେ ଗଛ ପଡି ୩ଟି ବିଦ୍ୟୁତ୍ ଖୁଣ୍ଟ ଉପୁଡିପଡିଛି। ସେହିପରି କଣ୍ଟିଲୋ ହରିସୁବୁଦ୍ଧି ପାଟଣାରେ ଦୁଇଟି ବିଦ୍ୟୁତ୍ ଖୁଣ୍ଟ ଉପୁଡିପଡିଛି। ଫଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି।

## ବେଆଇନ ମାଟି ଉଠାଣ ଅଭିଯୋଗ

**ରସୁଲପୁର, ୧୨।୫ (ଡି.ଏନ୍.ଏ.)**

ରସୁଲପୁର ବ୍ଲକର ବାରବାଟୀ ଦୈନିକ ପରିବା ହାଟର ଖାଲୁଆ ସ୍ଥାନରେ ମାଟି ଭର୍ତ୍ତି କରାଯାଇ ହାଟକୁ ସମ୍ପ୍ରସାରଣ କରାଯିବାକୁ ପ୍ରଶାସନ ଓ ହାଟ ପରିଚାଳନା କମିଟି ମିଳିତ ଭାବରେ ନିଷ୍ପତ୍ତି ନେଇଛନ୍ତି। କମିଟି ନିଜସ୍ୱ ଖର୍ଚ୍ଚରେ ଏହି ମାଟି ଭର୍ତ୍ତି କରିବା ଦାୟିତ୍ୱ ନେଇଛି। ମାଟି ପରିବହନ ଦାୟିତ୍ୱରେ ଥିବା ଠିକାଦାର ଜଣକ ଧର୍ମଶାଳା ତହସିଲ ଅଧୀନ ପାଖର ପଞ୍ଚାୟତ ବାଜବାଟି ଅଞ୍ଚଳରୁ ହାଇୱା (ନଂ.ଓଡି-୦୪ଏନ-୨୪୩୩) ଯୋଗେ ମାଟି ଆଣି ହାଟରେ ପକାଉଛନ୍ତି। ହେଲେ ଠିକାଦାର ଜଣକ ସେଠାରୁ ବେଆଇନ ଭାବେ ମାଟି ଉଠାଉଥିବା ନେଇ ସେଠାକାର ଲୋକେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, କ୍ୱାରୀରୁ ଲଘୁ ଖଣିଜ ପଦାର୍ଥ ବାହାର କରାଯିବା ପରେ କ୍ୱାରୀ ନିଲାମଧାରୀ ଉକ୍ତ ମାଟିକୁ ଖାଲ ପୋତିବାରେ ବ୍ୟବହାର କରିବା କଥା। ମାତ୍ର ସେ ଏହି ନିୟମ ନ ମାନି ମାଟି ବିକ୍ରି କରୁଛନ୍ତି। ଏ ଦିଗରେ ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୋଗ ପାଇଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାକୁ ଜଣାଯାଇଥିବା ବେଳେ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତେବେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ନାକପୋଲ ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ କ୍ଷେତ୍ର ପରିଦର୍ଶନ କରି ଉକ୍ତ ଅଞ୍ଚଳରୁ ବେଆଇନ ଭାବେ ୫୦ ସି.ଏମ୍ ମାଟି ଉତ୍ତୋଳନ ହୋଇଥିବା ତଦନ୍ତ ରିପୋର୍ଟରେ ଦର୍ଶାଇଛନ୍ତି। ଅନ୍ୟପଟେ କରୋନା ଯୋଗୁ କାମ ବନ୍ଦ ଥିବାରୁ ଶ୍ରମିକମାନେ ଘରେ ବସିଥିବା ବେଳେ ଠିକାଦାର ଜେସିବି ଓ ହାଇୱା ଲଗାଇ ମାଟି ଉଠାଉଥିବାରୁ ଅଞ୍ଚଳାବସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ମଣ୍ଡି ସ୍ଥାନାନ୍ତର ନେଇ ଚାଷୀ ଅସନ୍ତୋଷ

**ବରୀ, ୧୨।୫ (ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ଧାରପୁର ସମବାୟ ସମିତିର ମଣ୍ଡି ନହଣ କୃଷି ସମବାୟ ସମିତିକୁ ସ୍ଥାନାନ୍ତର ହୋଇଛି। ବିଧିବଦ୍ଧ ଭାବେ ବିଭାଗ ନୋଟିସ୍ ଜାରି କରିବା ପରେ ଧାରପୁର କୃଷି ସମବାୟ ସମିତି ଅଧୀନରେ ଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ଚାଷୀମାନେ ତୀବ୍ର ବିରୋଧ କରିବା ସହ ମଣ୍ଡି ସ୍ଥାନାନ୍ତର ବନ୍ଦ କରା ନ ଗଲେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ବରୀ ବ୍ଲକର ଚାଷୀଙ୍କ ଉତ୍ପାଦିତ ଫସଲ ବିକ୍ରି ଓ ଋଣ ପ୍ରଦାନ ନିମନ୍ତେ ୧୩ଟି ସମବାୟ ସମିତି ରହିଛି। ସେଗୁଡ଼ିକରୁ ଧାରପୁର ସମବାୟ ସମିତି ପ୍ରତିବର୍ଷ ଖରିଫ ଓ ରବି ଋତୁରେ ଚାଷୀଙ୍କଠାରୁ ସର୍ବାଧିକ ଫସଲ କ୍ରୟ କରେ। ଏହି ସମିତିର ଭିତ୍ତିଭୂମି ଥିବାରୁ ଖରା ଓ ବର୍ଷାର ଭୟ ଚାଷୀମାନଙ୍କର ନଥାଏ। ତେବେ ଉକ୍ତ ମଣ୍ଡିର ସ୍ଥାୟୀ ସମ୍ପାଦକ ନ ଥିବା ଓ ତୈଳବୀଜ ମଣ୍ଡି ପାଇଁ ଚାଷୀଙ୍କ ପଞ୍ଜୀକରଣ ହୋଇ ନଥିବା କାରଣ ଦର୍ଶାଇ ଚଳିତ ବର୍ଷ ଜିଲାର ସହକାରୀ ନିବନ୍ଧକ ଚିଠି ନମ୍ବର-୭୦୭ ତା-୬।୫।୨୦୨୦ରେ ଏହାକୁ ନହଣ ସମବାୟ ସମିତିକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନହଣ କୃଷି ସମବାୟ ସମିତି ଗଠନ ହେବା ଦିନଠାରୁ ଆଦୌ ତୈଳବୀଜ ମଣ୍ଡି ଖୋଲି ନ ଥିବା ବେଳେ ୨ ସମିତିର ଚାଷୀ କିପରି ସୁଚାରୁ ରୂପେ ଉତ୍ପାଦିତ ଫସଲ ବିକ୍ରି କରି ଠିକ୍ ସମୟରେ ପାଉଣା ପାଇବେ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ନହଣ ସମିତିରେ ଉତ୍ପାଦିତ ଫସଲ ବିକ୍ରି ପାଇଁ ଚାଷୀମାନଙ୍କୁ ୧୦-୧୨ କିମି ରାସ୍ତା ଯିବାକୁ ପଡ଼ିବ। ପ୍ରଶାସନର ଏଭଳି ନିଷ୍ପତ୍ତିକୁ ଚାଷୀ ମୁକୁନ୍ଦ ସାମଲ, ଷ୍ଟାଲିନ୍ ଜେନା, ଗନ୍ଧର୍ବ ମଲ୍ଲିକ, ନକୁଳ ଦାସ, ବ୍ରଜକିଶୋର ଜେନା, ହର୍ଷବର୍ଦ୍ଧନ ଜେନା, ବ୍ରଜ ପାଣି, ପ୍ରଫୁଲ୍ଲ ଜେନା, ମହେନ୍ଦ୍ର ଜେନା, ଲୋକନାଥ ଦାସ, ନୃସିଂହ ଚରଣ ଦାସ ପ୍ରମୁଖ ବିରୋଧ କରିଛନ୍ତି।

## ମୃତକଙ୍କ ନାମରେ ଚାଉଳ, ରିଲିଫ୍ ଟଙ୍କା ହଡ଼ପ

**ଯାଜପୁର ଅଫିସ, ୧୨।୫**

- ଟିପ ଚିହ୍ନରେ ଉଠାଯାଇଛି ପରିବାରର ୯ ସଦସ୍ୟଙ୍କ ରାଶନ ସାମଗ୍ରୀ
- ତଦନ୍ତ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି

ଦୀର୍ଘ ୪ ମାସ ହେବ ମୃତା ମହିଳାଙ୍କ ନାମରେ ଟିପ ଚିହ୍ନ ଦେଇ ଚାଉଳ ଓ କରୋନା ସହାୟତା ଟଙ୍କା ଉଠାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲା ଧର୍ମଶାଳା ବ୍ଲକ କୋହ୍ଲାସାହି ଗ୍ରାମରେ ଏଭଳି ଘଟଣା ଘଟିଥିବା ନଜରକୁ ଆସିଛି। କୋହ୍ଲାସାହି ଗ୍ରାମର ମାୟାଧର ସାହାଣୀଙ୍କ ପୁଅ ଧ୍ରୁବ ସାହାଣୀ ଏ ନେଇ ଧର୍ମଶାଳା ଥାନା ଅଧିକାରୀଙ୍କ ସମେତ ଯାଜପୁର ଜିଲାପାଳ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ଅନୁସାରେ, ତାଙ୍କ ପରିବାରର ରାଶନ କାର୍ଡ କରିବା ପାଇଁ ସେ ସ୍ଥାନୀୟ ସରପଞ୍ଚଙ୍କୁ ଅନୁରୋଧ କରିଥିଲେ। ଏହାପରେ ସରପଞ୍ଚ ତାଙ୍କୁ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ଯୋଗାଣ ବିଭାଗରେ ଜଣାପଡ଼ିଲା ଯେ, ତାଙ୍କ ମା'ପାର୍ବତୀ ସାହାଣୀଙ୍କ ନାମରେ ଏକ ରାଶନ କାର୍ଡ (ନଂ.-୧୩୦୬୦୪୧୦୨୦୫) ରହିଛି। ଏଥିରେ ତାଙ୍କ ପରିବାରର ୯ ସଦସ୍ୟଙ୍କ ନାମ ରହିଛି। ଡିଲର ପ୍ରସନ୍ନ କୁମାର ସାହାଣୀ ତାଙ୍କ କାର୍ଡରେ ଦୀର୍ଘ ୩ବର୍ଷ ହେବ ରାଶନ ସାମଗ୍ରୀ ଉଠାଉଛନ୍ତି। ଏହାଛଡ଼ା କରୋନା ପାଇଁ ୩ ମାସର ଅଗ୍ରିମ ଚାଉଳ ଓ ରିଲିଫ ବାବଦକୁ ଆସିଥିବା ୧୦୦୦ ଟଙ୍କା ମଧ୍ୟ ଉଠାଯାଇଛି। ଗତ ଜାନୁୟାରୀ ୧୩ ତାରିଖରେ ପାର୍ବତୀଙ୍କର ମୃତ୍ୟୁ ହୋଇଥିବା ବେଳେ ଟିପ ଚିହ୍ନ ଦିଆଯାଇ ଚାଉଳ ଓ ରିଲିଫ ଟଙ୍କା ଉଠାଯାଇଛି। ଏହିଭଳି ଗ୍ରାମର ଅନ୍ୟମାନଙ୍କ ନାମରେ ମଧ୍ୟ ଚାଉଳ ଓ ଟଙ୍କା ଉଠାଯାଇଛି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧ୍ରୁବ ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଧର୍ମଶାଳା ବ୍ଲକରେ ପିଡିଏସ୍ ଚାଉଳ ହେରଫେର ହେଉଥିବା ଏହାପୂର୍ବରୁ ଏଭଳି ଅନେକ ଅଭିଯୋଗ ହୋଇଛି। ଏ ନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ଡବ୍ଲ୍ୟୁପି(ସି) ୦୦୧୧୬୬୭/୨୦୨୦/୪।୫।୨୦୨୦ରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ହାଇକୋର୍ଟ ଏହି ଅଭିଯୋଗକୁ ଗୁରୁତ୍ୱର ଭାବେ ଗ୍ରହଣ କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ଆଡଭୋକେଟ ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅଭିଯୋଗକାରୀଙ୍କ ପକ୍ଷରୁ ମିହିରଶେଖର ସାହୁ ମାମଲା ପରିଚାଳନା କରୁଛନ୍ତି।

**ସଂକ୍ଷେପରେ**

## କେନ୍ଦୁଝରରେ କାଳବୈଶାଖୀ ବର୍ଷା ସହ ବଜ୍ରପାତ

କେନ୍ଦୁଝର, ୧୨।୫(ଡି.ଏନ୍.ଏ.): କେନ୍ଦୁଝର ସଦର ବ୍ଲକର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସାଙ୍ଗକୁ କୁଆପଥର ବର୍ଷା ହୋଇଥିଲା। ବଜ୍ରପାତ ଯୋଗୁ ରାଇସୁଆଁଠାରେ ଏକ ବିରାଟ ତେନ୍ତୁଳି ଗଛରେ ଫାଟ ସୃଷ୍ଟି ହୋଇଛି। ଗଛ ମୂଳରେ ଆଶ୍ରୟ ନେଇଥିବା ଏକ ଛେଳିର ମୃତ୍ୟୁ ହୋଇଛି। କୁଆପଥର ବର୍ଷା ଯୋଗୁ ଖରାଟିଆ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ମଙ୍ଗଳବାର ଅପରାହ୍ନରେ ହଠାତ୍ ସଦର ବ୍ଲକର ରାଇସୁଆଁ, ଗୋପିନାଥପୁର ଏବଂ ଆଖପାଖ ଅଞ୍ଚଳରେ ଖୁବ୍ ଜୋରରେ ପବନ ଏବଂ ଘଡଘଡି ହୋଇଥିଲା। ପବନରେ କେତେକ ଜାଗାରେ ଗଛ ଡାଳ ଭାଙ୍ଗି ପଡିଥିବାବେଳେ ଚାଳଛପର ଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଗତ କିଛିଦିନ ହେବ ଜିଲାର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ବର୍ଷା ପବନ ପ୍ରତ୍ୟହ ହେବା ଯୋଗୁ ପରିବା ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। କେବଳ ପରିବା ଚାଷ ନୁହେଁ କଲମୀ ଆମ୍ବ ବଗିଚାଗୁଡିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

- ସୁରଟରୁ ସ୍ୱତନ୍ତ୍ର ଟ୍ରେନ୍‌ରେ ଆସିବେ ପ୍ରବାସୀ

## ବାଲେଶ୍ୱର ଷ୍ଟେଶନ ଅଞ୍ଚଳରେ ୨୪ଘଣ୍ଟିଆ କର୍ଫ୍ୟୁ

ବାଲେଶ୍ୱର ଅଫିସ,୧୨।୫: ଗୁଜରାଟ ସୁରଟ ଅଞ୍ଚଳରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଆସୁଥିବା ଦୁଇଟି ସ୍ୱତନ୍ତ୍ର ଟ୍ରେନ୍ ବୁଧବାର ପୂର୍ବାହ୍ନରେ ବାଲେଶ୍ୱର ରେଳଷ୍ଟେଶନରେ ପହଞ୍ଚିବାର ଯୋଜନା ରହିଛି। ଜିଲା ପ୍ରଶାସନ ଓ ରେଳମନ୍ତ୍ରାଳୟ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି। ସେମାନେ ଓହ୍ଲାଇବା ପରେ ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସ୍ୱତନ୍ତ୍ର ବସ୍ ଯୋଗେ ନିଜ ବ୍ଲକ ଓ ପଞ୍ଚାୟତ ଅଞ୍ଚଳକୁ ପଠାଯିବାର ବ୍ୟବସ୍ଥା କରାଯାଇଛି। ସହରରେ ସଂକ୍ରମଣକୁ ରୋକିବା ପାଇଁ ରେଳଷ୍ଟେଶନ ଅଞ୍ଚଳରେ ୨୪ ଘଣ୍ଟିଆ କର୍ଫ୍ୟୁ ଜାରି କରାଯାଇଛି। ମଙ୍ଗଳବାର ରାତି ୧୨ଟାରୁ ବୁଧବାର ରାତି ୧୨ଟା ପର୍ଯ୍ୟନ୍ତ ଏହି କର୍ଫ୍ୟୁ ବଳବତ୍ତର ରହିବ। ସହରର ଲକ୍ଷ୍ମୀନାରାୟଣ ମନ୍ଦିର, ପୋଲିସ ଲାଇନ୍ ଛକ, ଷ୍ଟେଶନ ଛକ, ଫକୀରମୋହନ ଗୋଲେଇ, ସହଦେବଖୁଣ୍ଟା, ବସ୍‌ଷ୍ଟାଣ୍ଡ ଏବଂ ନୂଆସାହି ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ୱାର୍ଡଗୁଡ଼ିକରେ ଏହି କର୍ଫ୍ୟୁ ବଳବତ୍ତର ରହିବାର ସୂଚନା ମିଳିଛି।

ଏହି ଟ୍ରେନ୍‌ରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ୧୩୩୨ ଜଣ ପ୍ରବାସୀ ଆସିବେ। ଗୋଟିଏ ଟ୍ରେନ୍‌ରେ ବାଲେଶ୍ୱର ଜିଲାର ୪୦୨ ଜଣ ଆସୁଥିବା ବେଳେ ମୟୂରଭଞ୍ଜ ଜିଲାର ୫୦ଜଣ ଆସିବେ। ସେହିପରି ଅନ୍ୟ ଏକ ଟ୍ରେନ୍‌ରେ ବାଲେଶ୍ୱର ଜିଲାର ୭୧୨ ଜଣ ଆସୁଥିବାବେଳେ ମୟୂରଭଞ୍ଜ ଜିଲାର ୧୬୮ ଜଣ ପ୍ରବାସୀ ଆସିବେ। ଏମାନଙ୍କ ଦ୍ୱାରା ଅନ୍ୟ କେହି ଯେପରି ସଂକ୍ରମିତ ନ ହୁଅନ୍ତି ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି କରାଯିବା ସହ ସହରକୁ ସାନିଟାଇଜ କରାଯିବାର ଯୋଜନା କରାଯାଇଛି।

# ବଢ଼ିଚାଲିଛି ସଂକ୍ରମିତଙ୍କ ସଂଖ୍ୟା



- ଉତ୍ତର ଓଡ଼ିଶାରେ ୧୭ ପଜିଟିଭ୍
- ବାଲେଶ୍ୱରରେ ୧୫, କେନ୍ଦୁଝର ୨
- ବାଲେଶ୍ୱର ସଂକ୍ରମିତଙ୍କ ମଧ୍ୟରେ ଜଣେ ବ୍ଲକ କର୍ମଚାରୀ, କ୍ୱାରାଣ୍ଟାଇନ୍ ସେଣ୍ଟର ରୋଷେୟା

ବାଲେଶ୍ୱର ଅଫିସ/ ଖଇରା/ ସୋର/ ଔପଦା/ ସଜନାଗଡ଼/ କେନ୍ଦୁଝର/ହାଟଡିହୀ, ୧୨।୫ (ଡି.ଏନ.ଏ./ସ୍ୱ.ପ୍ର.)

ଉତ୍ତରଓଡ଼ିଶାରେ ମଙ୍ଗଳବାର ୧୭ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର ଜିଲାରେ ୧୫ ଓ କେନ୍ଦୁଝର ଜିଲାରେ ୨ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର ଜିଲା ଖଇରା ବ୍ଲକରେ ୮, ସୋର ୩, ଔପଦା ୩ ଓ ନୀଳଗିରି ବ୍ଲକରେ ଜଣେ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ବ୍ଲକ କର୍ମଚାରୀ ଓ ଜଣେ କ୍ୱାରାଣ୍ଟାଇନ ସେଣ୍ଟର ରୋଷେୟା ଥିବା ଜଣାପଡିଛି। ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୭ରେ ପହଞ୍ଚିଛି। ସେହିପରି କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ୨ଜଣ ସଂକ୍ରମିତ ହୋଇଛନ୍ତି। ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ବାଲେଶ୍ୱର ଜିଲାକୁ ହଟ୍‌ସ୍ପଟ୍ ଘୋଷଣା କରାଯାଇଛି। ଖଇରା। ବ୍ଲକରେ ଚିହ୍ନଟ ସଂକ୍ରମିତଙ୍କ ଘର ସାରୁଗାଁ, ଦିଘିତେନ୍ତୁଳି, ଅସୁରିଆ, ବାରିଙ୍ଗିଆ, ସୁଣ୍ଡିରା, ରାମକୃଷ୍ଣପୁର, କୋଇଥଗଡ଼ିଆ ଗ୍ରାମରେ। ୫ଦିନ ତଳେ ସାରୁଗାଁ, କୋଇଥଗଡ଼ିଆ, ସୁଣ୍ଡିରାଠାରେ ଥିବା ଅସ୍ଥାୟୀ ଶିବିରରୁ ସ୍ୱାବ ନମୁନା ସଂଗ୍ରହ କରାଯାଇଥିଲା। ଏହି ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଖଇରା ବ୍ଲକ କର୍ମଚାରୀ ଓ ଅନ୍ୟ ଜଣେ ସୁଣ୍ଡିରା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଖାଦ୍ୟ ପ୍ରସ୍ତୁତ କରି ଦେଉଥିଲେ। ଅନ୍ୟ ୬ଜଣ ସୁରଟ ଫେରନ୍ତା ବୋଲି ଜଣାପଡ଼ିଛି। ସୋର ବ୍ଲକ ତଳନଗର ପଞ୍ଚାୟତର ୨ଜଣ ଏବଂ ଟେଣ୍ଟେଇ ପଞ୍ଚାୟତର ଜଣେ ସୁରଟରୁ ଫେରି କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଔପଦା ବ୍ଲକର ୩ଜଣ ସୁରଟ ଫେରନ୍ତା ଗଡ଼ସାହି ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିଲେ। ସେହିପରି ନୀଳଗିରି ବ୍ଲକ ବରହମ୍ପୁର ପଞ୍ଚାୟତର ଜଣେ ସୁରଟ ଫେରନ୍ତା କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ସୂଚନା ମିଳିବା ପରେ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲକୁ ଅଣାଯାଇ ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଖଇରା ବ୍ଲକ କର୍ମଚାରୀ ଜଣକ ସଂକ୍ରମିତ ଚିହ୍ନଟ ହେବା ପୂର୍ବରୁ ସେ ବିଭିନ୍ନ ଅଞ୍ଚଳ ଯିବାଆସିବା କରିବା ସହ ଔପଦା ବ୍ଲକ ଫତେପୁର ପଞ୍ଚାୟତସ୍ଥିତ ନିଜ ଘରକୁ ଯା'ଆସ କରୁଥିଲେ। ଉକ୍ତ କର୍ମଚାରୀଙ୍କ ମାଧ୍ୟମରେ ସଂକ୍ରମଣ ବ୍ୟାପିବା ଆଶଙ୍କା ଥିବାରୁ ଫତେପୁର ଅଞ୍ଚଳକୁ ଆବଦ୍ଧାଞ୍ଚଳ ଘୋଷଣା କରାଯିବା ନେଇ ସ୍ଥାନୀୟ ପ୍ରଶାସନ ବିଚାର କରୁଥିବା ଜଣାପଡ଼ିଛି। ବାଲେଶ୍ୱର ଜିଲା କୁରୁଡ଼ାସ୍ଥିତ ଜ୍ୟୋତି ହସ୍‌ପିଟାଲକୁ କୋଭିଡ୍ ହସ୍ପିଟାଲ କରାଯାଇଛି। ଏଥିରେ ୧୨୦ଟି ଶଯ୍ୟା ରହିଛି। ସେଥିମଧ୍ୟରେ ୩୦ଜଣଙ୍କୁ ଚିକିତ୍ସା କରାଯାଉଛି। ଆଗାମୀ ଦିନରେ ଜିଲାର କରୋନା ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଥିବାବେଳେ କୋଭିଡ୍ ହସ୍ପିଟାଲରେ ଅଧିକ ବେଡ୍‌ର ଆବଶ୍ୟକତା ରହିଛି। ଏହାକୁ ଆଖି ଆଗରେ ରଖି ବାମପଦାସ୍ଥିତ ସିପେଟ୍ ହଷ୍ଟେଲ ଓ କଲେଜକୁ କୋଭିଡ୍ ହସ୍ପିଟାଲ କରିବା ପାଇଁ ଆଲୋଚନା କରାଯାଉଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିପରି କେନ୍ଦୁଝର ଜିଲା ହାଟଡିହୀର ସଂକ୍ରମିତଙ୍କ ସୁରଟ ଲିଙ୍କ୍ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ରୋଗୀସେବା କରୁଛନ୍ତି ଗର୍ଭବତୀ ନର୍ସ



ଶିବାମୁଗ୍ଗା

ମେ' ୧୨ରେ ପାଳିତ ହୋଇଛି ଇଣ୍ଟରନ୍ୟାଶନାଲ ନର୍ସ ଡେ'। ଏବେ ସାରା ବିଶ୍ୱ ଏହି କରୋନା ଯୋଦ୍ଧାଙ୍କୁ ସାଲ୍ୟୁଟ୍ କରୁଛନ୍ତି। ସାରା ବିଶ୍ୱରେ କରୋନା ମହାମାରୀ ଏବେ ତାଣ୍ଡବ ରଚି ଚାଲିଥିବା ବେଳେ ନର୍ସମାନେ ସାଜିଛନ୍ତି ଆଗ ଧାଡିର ଯୋଦ୍ଧା। ଏହାରି ଭିତରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି କର୍ନାଟକ ଶିବାମୁଗ୍ଗାର ଜୟଚାମାରାଜେନ୍ଦ୍ର ସରକାରୀ ଡାକ୍ତରଖାନାରେ ନର୍ସ ଥିବା ରୂପା ପ୍ରବୀଣ ରାଓ। ଏବେ ସେ ୯ ମାସର ଗର୍ଭବତୀ। ଏପଟେ କରୋନା ସଂକ୍ରମଣ ପାଇଁ ଗର୍ଭବତୀଙ୍କୁ ସ୍ୱତନ୍ତ୍ର ସୁରକ୍ଷା ଦେବାକୁ କୁହାଯାଇଛି। ହେଲେ ସେବା ମନୋବୃତ୍ତି ନେଇ ନର୍ସିଂରେ ଯୋଗ ଦେଇଥିବା ରୂପା କରୋନା ମହାମାରୀକୁ ଭୟ ନ କରି ରୋଗୀଙ୍କ ସେବା କରିବାରେ ଆନନ୍ଦ ପାଉଛନ୍ତି ବୋଲି କହିଛନ୍ତି। ୯ ମାସର ଗର୍ଭବତୀ ଥିବାରୁ ସେ ଯେ କୌଣସି ସମୟରେ ମାତୃତ୍ୱ ଲାଭ କରିପାରନ୍ତି। ଏଥିପାଇଁ ତାଙ୍କ ସିନିୟରମାନେ ମଧ୍ୟ ତାଙ୍କୁ ଛୁଟି ନେଇ ବିଶ୍ରାମ କରିବାକୁ କହିଥିଲେ। ହେଲେ ସେ ବିଶ୍ରାମ ନେଲେ ରୋଗୀସେବାରେ ଅସୁବିଧା ହେବ ଭାବି ପ୍ରତିଦିନ ହସ୍ପିଟାଲ ଆସୁଛନ୍ତି। ଏମିତିକି ମୁଖ୍ୟମନ୍ତ୍ରୀ ବି. ଏସ୍. ୟେଦୁରପ୍ପା ମଧ୍ୟ ରୂପାଙ୍କ କାମକୁ ପ୍ରଶଂସା କରିବା ସହ ତାଙ୍କୁ ଛୁଟି ନେବାକୁ ପରାମର୍ଶ ଦେଇଥିବା ସେ ପ୍ରକାଶ କରିଛନ୍ତି।

## ଭୋଗରାଇରେ ୮ ପଞ୍ଚାୟତ ଶଟଡାଉନ୍

ଭୋଗରାଇ,୧୨।୫ (ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ୮ ପଞ୍ଚାୟତ ବାରବାଟିଆ, କୁମ୍ଭାରମୂଳୀ, ଭୋଗରାଇ, ସୁଲତାନପୁର, ନିମାତପୁର, ସୁନାଧରବସାଣ, ଜୟୀରାମପୁର, ଜଳେଶ୍ୱରପୁରକୁ ସ୍ଥାନୀୟ ସରପଞ୍ଚ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଗତ ରବିବାର ଭୋଗରାଇରୁ ଏକାବେଳେ ୧୫ ଜଣ ସଂକ୍ରମିତ ଚିହ୍ନଟ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ଏହି ସମୟରେ ବିଭିନ୍ନ ଜନଗହଳି ସ୍ଥାନରେ ସାମାଜିକ ଦୂରତ୍ୱ କଡାକଡି କରାଯିବା କଥା। ହେଲେ ବିଭିନ୍ନ ହାଟବଜାର ଭିଡ଼ ଜମିବା ସହ ସାମାଜିକ ଦୂରତ୍ୱ ରହୁ ନ ଥିବାରୁ ଲୋକଙ୍କ ସୁରକ୍ଷା ନିମନ୍ତେ ୮ ପଞ୍ଚାୟତର ସରପଞ୍ଚମାନେ ଜିଲାପାଳ କ୍ଷମତା ପ୍ରୟୋଗ କରି ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ୬ ପଞ୍ଚାୟତରେ ସରପଞ୍ଚମାନେ ସୋମବାରଠାରୁ ସଟ୍‌ଡାଉନ୍ ଘୋଷଣା କରିଥିବା ବେଳେ ମଙ୍ଗଳବାର କୁମ୍ଭାରମୂଳୀ ଓ ଜଳେଶ୍ୱରପୁର ପଞ୍ଚାୟତର ସରପଞ୍ଚ ମଙ୍ଗଳବାର ରାତି ୮ରୁ ଶୁକ୍ରବାର ରାତି ୮ଟା ପର୍ଯ୍ୟନ୍ତ ୭୨ଘଣ୍ଟା ସଟ୍‌ଡାଉନ ଘୋଷଣା କରିଛନ୍ତି। ତେବେ କୁମ୍ଭାରମୂଳୀ ପଞ୍ଚାୟତ କରୋନା ସଂକ୍ରମଣମୁକ୍ତ ରହିଛି। ସରପଞ୍ଚ ସଟ୍‌ଡାଉନ ଘୋଷଣା ପରେ ଚୌକିହାଟ ଓ ଦୈନନ୍ଦିତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ବନ୍ଦ ହୋଇଯାଇଥିବାରୁ ଆଖପାଖ ଗାଁର ହଜାର ହଜାର ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଏତଦ୍‌ଭିନ୍ନ ଭୋଗରାଇରେ ୯ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଗ୍ନିଶମ ବିଭାଗ ସାନିଟାଇଜେଶନ୍ କରିଛି।

## ଖରାଦିନେ ଘନକୁହୁଡ଼ି



କେନ୍ଦୁଝର, ୧୨।୫(ସ୍ୱ.ପ୍ର.)

ପ୍ରବଳ ଖରାରେଁ ଦିନବେଳା ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଥିବା ବେଳେ ଅପରାହ୍ନ ଓ ରାତିରେ କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷତି ହେଉଛି। ଏପରି ଜଳବାୟୁ ପରିବର୍ତ୍ତନକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ମଙ୍ଗଳବାର ସକାଳେ ହଠାତ୍ ଘନକୁହୁଡି ଦେଖାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଖରାଦିନରେ ଏଭଳି କୁହୁଡିଆ ପରିବେଶ ଜଳବାୟୁ ପରିବର୍ତ୍ତନର ଦୃଷ୍ଟାନ୍ତ ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି। କୁହୁଡି ଯୋଗୁ ଗାଡି ଚାଳକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରାତଃ ଭ୍ରମଣରେ ବାହାରିଥିବା ଲୋକଙ୍କୁ ସତର୍କତାର ସହ ଚାଲିବାକୁ ପଡିଥିଲା। ପ୍ରବଳ ଗରମ ପରେ ହଠାତ କାଳବୈଶାଖୀ ଓ କୁଆପଥର ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଉଥିବାରୁ ଏହାର କୁପ୍ରଭାବ ଶରୀର ଓ ଜୀବଜଗତ ଉପରେ ପଡୁଛି ବୋଲି ପରିବେଶବିତ୍ ରମେଶ ଚନ୍ଦ୍ର ମିଶ୍ର କହିଛନ୍ତି।

## ଶିଶୁ ବଦଳ ନେଇ ପିଆରଏମ୍ ମେଡ଼ିକାଲ୍‌ରେ ଉତ୍ତେଜନା

- ଟିକା ଦେବାକୁ ନେଇ ଫେରାଇଲେ ମୃତଦେହ
- କମିଟି ଗଠନ କରାଯାଇ ତଦନ୍ତ ହେବ- ମେଡ଼ିକାଲ୍ ଅଧୀକ୍ଷକ
- ଡିଏନ୍‌ଏ ଟେଷ୍ଟ ପରେ ଜଣାପଡ଼ିବ ଅସଲ ରହସ୍ୟ



ମେଡ଼ିକାଲ୍ ପରିସରରେ ଉତ୍ତ୍ୟକ୍ତ ଲୋକେ ହୋ ହଲ୍ଲା କରୁଛନ୍ତି।

ବାରିପଦା ଅଫିସ, ୧୨।୫

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ୍) ମେଡ଼ିକାଲ ଆଣ୍ଡ ହସ୍ପିଟାଲରେ ଶିଶୁ ବଦଳ ନେଇ ଅଭିଯୋଗ ହୋଇଛି। ଏକ ଶିଶୁ ପୁତ୍ରକୁ ଟିକା ଦେବାକୁ ନେଇ କିଛି ସମୟ ପରେ ମେଡ଼ିକାଲ୍ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ମୃତ ଶିଶୁ ପ୍ରଦାନ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ମଙ୍ଗଳବାର ମେଡିକାଲ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ଉତ୍ତ୍ୟକ୍ତ ଜନସାଧାରଣ ହୋହଲ୍ଲା କରିବା ସହ ଧାରଣାରେ ବସିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବାରିପଦା ସଦର ଥାନା ଅଧୀନ ଜାମବଣି ଗ୍ରାମର କାର୍ତ୍ତିକ ସିଂଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ତ୍ରୀ ରଇବାରୀ ଗତ ୨୬ତାରିଖ ସକାଳେ ବାରିପଦା ପିଆରଏମ୍ ମେଡ଼ିକାଲ୍‌ରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଶିଶୁଟି ନ କାନ୍ଦିବାରୁ ମେଡ଼ିକାଲ କର୍ତ୍ତୃପକ୍ଷ ତାକୁ ଏସ୍‌ଏନସିୟୁରେ ଭର୍ତ୍ତି କରାଇଥିଲେ। ଚିକିତ୍ସା ପରେ ଶିଶୁପୁତ୍ର ଭଲ ହେବାରୁ ମେଡ଼ିକାଲ୍ କର୍ତ୍ତୃପକ୍ଷ ଶିଶୁ ଓ ମା'ଙ୍କୁ ୫ ତାରିଖରେ ଡିସଚାର୍ଜ କରିଥିଲେ। ଏହାପରେ ପରିବାର ଲୋକ ଶିଶୁକୁ ଧରି ଘରକୁ ଫେରିଥିଲେ। ସୋମବାର ଅପରାହ୍ନ ୪ଟା ବେଳେ ଏସ୍‌ଏନସିୟୁ ବିଭାଗ କର୍ମଚାରୀମାନେ ଆଶା କର୍ମୀ ଓ ପରିବାର ଲୋକଙ୍କୁ ପିଲାଙ୍କୁ ଆଉ ଗୋଟିଏ ଟିକା ଦେବାର ଅଛି କହି ଫୋନ୍ ଯୋଗେ ଜଣାଇଥିଲେ। ତୁରନ୍ତ ଶିଶୁକୁ ମେଡ଼ିକାଲ୍ ଆଣିବା ପାଇଁ କହିଥିଲେ। ପରିବାର ଲୋକେ ଶିଶୁକୁ ସନ୍ଧ୍ୟାରେ ମେଡ଼ିକାଲ୍‌କୁ ଆଣିବା ପରେ ଏସଏନସିୟୁ କର୍ତ୍ତୃପକ୍ଷ ଶିଶୁକୁ ଟିକା ଦିଆଯିବ କହି ତାର ପୋଷାକ ଓହ୍ଲାଇ ଭିତରକୁ ନେଇଯାଇଥିଲେ। ଏହାସହିତ କର୍ତ୍ତୃପକ୍ଷ ଶିଶୁଙ୍କ ଅଭିଭାବକଙ୍କଠାରୁ ଏକ କାଗଜରେ ଦସ୍ତଖତ କରାଇ ନେଇଥିଲେ। ଏହାର କିଛି ସମୟ ପରେ ମେଡ଼ିକାଲ୍ କର୍ତ୍ତୃପକ୍ଷ ଏକ ମୃତ ଶିଶୁପୁତ୍ରଙ୍କୁ ଧରାଇ ଦେଇ ତୁମ ପୁଅର ମୃତ୍ୟୁ ହୋଇଯାଇଥିବା କହିଥିଲେ। ପରିବାର ଲୋକେ ତାଙ୍କ ଶିଶୁ ପୁତ୍ର ବଦଳ ହୋଇଥିବା ଅଭିଯୋଗ କରି ଡାକ୍ତରଖାନା ପରିସରରେ ହୋହଲ୍ଲା କରିଥିଲେ। ସୋମବାର ରାତିରେ କାର୍ତ୍ତିକ ସିଂ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳେ ଏହି ଘଟଣାକୁ ନେଇ ମେଡ଼ିକାଲ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ମେଡ଼ିକାଲ୍ କର୍ତ୍ତୃପକ୍ଷ ତାଙ୍କ ଶିଶୁପୁତ୍ରଙ୍କୁ ବଦଳ କରିଥିବା ଅଭିଯୋଗ କରି ପରିବାର ଲୋକେ ସମ୍ପର୍କୀୟଙ୍କ ସହ ଧାରଣାରେ ବସିଥିଲେ। ଟାଉନଥାନା ପୋଲିସ ପହଞ୍ଚି ଏହାର ତଦନ୍ତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି। ଅନ୍ୟପଟେ ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିବା ପିଆରଏମ୍ ମେଡ଼ିକାଲ୍ ଅଧୀକ୍ଷକ ବି.ଏନ୍.ମହାପାତ୍ର କହିଛନ୍ତି। ରିପୋର୍ଟ ମିଳିବା ପରେ ମେଡ଼ିକାଲ୍‌ର ଯେଉଁ କର୍ମଚାରୀ ଏଥିରେ ସମ୍ପୃକ୍ତ ଥିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୨୬ ତାରିଖରେ ଅନ୍ୟ ଜଣେ ମହିଳା ଶିଶୁ ପୁତ୍ର ଜନ୍ମ ଦେଇଥିବା ବେଳେ ତାଙ୍କ ପୁତ୍ରଙ୍କୁ ବଦଳାଇ ମୃତ ଶିଶୁ ପ୍ରଦାନ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ମୃତ ଶିଶୁ ପୁତ୍ର ଏବଂ ଉଭୟ ଅଭିଭାବକଙ୍କ ଡିଏନ୍‌ଏ ଟେଷ୍ଟ କରାଯିବ ବୋଲି ଅଧୀକ୍ଷକ ସୂଚନା ଦେଇଛନ୍ତି।

## ରାଇରଙ୍ଗପୁରକୁ ଫେରିଲେ ୪୩ ପ୍ରବାସୀ

ରାଇରଙ୍ଗପୁର,୧୨।୫(ଡି.ଏନ୍.ଏ.)

ଲକ୍‌ଡାଉନ ଯୋଗୁ ମହାରାଷ୍ଟ୍ର, ଗୁଜରାଟ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଝାଡ଼ଖଣ୍ଡରେ ଅଟକି ରହିଥିବା ୪୩ ପ୍ରବାସୀ ଓଡ଼ିଆ ସୋମବାର ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଅଞ୍ଚଳକୁ ଫେରିଛନ୍ତି। ଶ୍ରମିକ ଟ୍ରେନ୍‌ରେ ମହାରାଷ୍ଟ୍ରରୁ ୨୨ ଜଣ, ଗୁଜରାଟରୁ ୧୫, ପଶ୍ଚିମବଙ୍ଗରୁ ୪, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶରୁ ଜଣେ ଲେଖାଏ ଫେରିଥିବା ସୂଚନା ମିଳିଛି।

## ଭଦ୍ରକ ଷ୍ଟେଶନରେ ପହଞ୍ଚିଲା ସ୍ୱତନ୍ତ୍ର ଟ୍ରେନ୍




ଭଦ୍ରକ ଷ୍ଟେଶନରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ପହଞ୍ଚିଥିବା ପ୍ରବାସୀ।

ଭଦ୍ରକ ଅଫିସ, ୧୨।୫

ପ୍ରବାସୀ ଓଡ଼ିଆଙ୍କୁ ନେଇ ଗୋଟିଏ ସ୍ୱତନ୍ତ୍ର ଟ୍ରେନ ଭଦ୍ରକ ଷ୍ଟେଶନରେ ମଙ୍ଗଳବାର ରାତିରେ ପହଞ୍ଚିଛି। ଏଥିପାଇଁ ପ୍ରଶାସନ ଓ ରେଲୱେ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେମାନେ ଭଦ୍ରକ ଷ୍ଟେଶନରେ ଓହ୍ଲାଇବା ପରେ ପ୍ରଶାସନ ପକ୍ଷରୁ ପୂର୍ବରୁ କରାଯାଇଥିବା ରେଜିଷ୍ଟ୍ରେଶନ ଯାଞ୍ଚ କରାଯାଇ ସ୍କ୍ରିନିଂ କରାଯାଇଥିଲା। ଅନ୍ୟାନ୍ୟ ପରୀକ୍ଷା ଓ ଯାଞ୍ଚ ପରେ ସ୍ୱତନ୍ତ୍ର ବସ୍ ଯୋଗେ ସେମାନଙ୍କୁ ନିଜ ନିଜ ଜିଲାକୁ ପଠାଇ ଦିଆଯାଇଥିଲା। ଏଥିପାଇଁ ଚରମ୍ପା ଷ୍ଟେଶନ ଅଞ୍ଚଳର ୫୦୦ ମିଟର ପରିସୀମା ମଧ୍ୟରେ ୨୪ ଘଣ୍ଟିଆ କର୍ଫ୍ୟୁ କଟକଣା ଜାରି କରାଯାଇଛି।

ମଙ୍ଗଳବାର ଅପରାହ୍ନ ୨ଟାରୁ ବୁଧବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି କୁହାଯାଇଛି। ଡଗରାସାହି ଛକ ଠାରୁ ଗୁଣ୍ଡୁଣିଆ ବଜାର ମାଲ ଗୋଦାମ ଛକ, ତେଲେଙ୍ଗା ସାହି ଗଳି ଛକ ଠାରୁ ଫିଲ୍ମ ହଲ ଛକ, ବେଲମଳା ଠାରୁ ଷ୍ଟେଶନ ଓ ଚରମ୍ପା ଓଭରବ୍ରିଜ ଠାରୁ ଜାଭିୟର ସ୍କୁଲ ପର୍ଯ୍ୟନ୍ତ ଏହି କର୍ଫ୍ୟୁ କଟକଣା ବଳବତର ରହିବ ବୋଲି କୁହାଯାଇଛି। ଭଦ୍ରକ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପୋଲିସ ଆଇନ ଶୃଙ୍ଖଳା ବ୍ୟବସ୍ଥାର ତଦାରଖ କରୁଥିବା ଜଣାପଡ଼ିଛି। ନିଜେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଓ ଏସ୍‌ପି ରାଜେଶ ପଣ୍ଡିତ ଏହି ବ୍ୟବସ୍ଥାର ତଦାରଖ କରୁଥିବା ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରୁ ବାହାରିଥିବା ଏହି ଶ୍ରମିକ ସ୍ପେଶାଲ ଟ୍ରେନ ସମୁଦାୟ ୧୨୪୬ ଜଣ ଯାତ୍ରୀଙ୍କୁ ନେଇ ବାହାରିଥିଲା। ଗଞ୍ଜାମ ଜିଲାର ଜଗନ୍ନାଥପୁର ଷ୍ଟେଶନରେ ଗଞ୍ଜାମର ୮୫୮ ଜଣ ପ୍ରବାସୀ ଓଡ଼ିଆଙ୍କୁ ଓହ୍ଲାଇ ଏହି ଟ୍ରେନ ବାଲେଶ୍ୱର ଅଭିମୁଖେ ବାହାରିଥିଲା। ଭଦ୍ରକ ଷ୍ଟେଶନ ନିକଟରେ ମଙ୍ଗଳବାର ରାତିରେ ପହଞ୍ଚି ଭଦ୍ରକ ଜିଲାର ୧୫୭ ଜଣ, କେନ୍ଦ୍ରାପଡ଼ା ଜିଲାର ୨୧୭ ଜଣ, ଯାଜପୁରର ଜଣେ, ଜଗତ୍‌ସିଂହପୁରର ଜଣେ ଏହିଭଳି ଆଖପାଖ ଜିଲାର ପ୍ରବାସୀ ଓଡ଼ିଆଙ୍କୁ ଓହ୍ଲାଇ ବାଲେଶ୍ୱର ଅଭିମୁଖେ ଗସ୍ତ କରିଥିବା ଜଣାପଡ଼ିଛି।

# ୨ ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରିକୁ ନେଇ ଲୋକେ ଛାନିଆ



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଦାବିପତ୍ର**

କପ୍ତିପଦା,୧୨।୫(ଡି.ଏନ.ଏ)

ସୁରତ ଫେରନ୍ତା ଲିଙ୍କ୍‌ରେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରୁ ୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏନେଇ ଭୟର ବାତାବରଣ ସୃଷ୍ଟି ହେବା ସହ ୨ ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରିକୁ ନେଇ ଅଞ୍ଚଳବାସୀ ଛାନିଆ ହୋଇ ପଡ଼ିଛନ୍ତି। ଏସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କପ୍ତିପଦା ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଚିହ୍ନଟ ହୋଇଥିବା ୯ ଆକ୍ରାନ୍ତଙ୍କ ମଧ୍ୟରୁ ୭ ଜଣ ପିଙ୍ଗୁ ଗ୍ରାମର, ଜଣେ ଜେଏସଜାମୁଡିହା ପଞ୍ଚାୟତ ଅନ୍ତର୍ଗତ ଭଣ୍ଡାରିପାଳ ବାଲିପୋଷି ଗ୍ରାମର ଓ ଅନ୍ୟ ଜଣେ କପ୍ତିପଦା ତେନ୍ତୁଳିସାହିର। ସମସ୍ତଙ୍କୁ କଟକସ୍ଥିତ ଅଶ୍ୱିନୀ କୋଭିଡ୍-୧୯ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଛି । ସେଥି ମଧ୍ୟରୁ ୨ ନମ୍ବର ଆକ୍ରାନ୍ତ ପିଙ୍ଗୁ ଓ ୮ ନମ୍ବର ତେନ୍ତୁଳିସାହିର। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଜଣେ ଘରୋଇ କାର ଡ୍ରାଇଭର ଓ କପ୍ତିପଦା କଲେଜ କ୍ୱାରାଣ୍ଟାଇନ୍ ସେଣ୍ଟରର ଜଣେ ସଫେଇ କର୍ମଚାରୀ ଆସି ଥିବାରୁ ସେମାନଙ୍କ ଟ୍ରାଭେଲ ହିଷ୍ଟ୍ରିକୁ ନେଇ ଅଞ୍ଚଳବାସୀ ନାନା ଆଶଙ୍କାରେ ଦିନ କାଟୁଛନ୍ତି । ୨ ନମ୍ବର ଆକ୍ରାନ୍ତ ଜଣକ ପିଙ୍ଗୁ ପଞ୍ଚାୟତର । ସେ ୪ ତାରିଖରେ କପ୍ତିପଦା କ୍ୱାରାଣ୍ଟାଇନ୍ ସେଣ୍ଟରଠାରେ ଓହ୍ଲାଇବା ପରେ ପ୍ରଶାସନର ଗାଡ଼ିରେ ନଆସି ନିଜ କାରରେ ପରିବାର ଲୋକଙ୍କ ସହିତ ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଆସିଥିଲେ। ସେହି ସମୟରେ ସେ କପ୍ତିପଦା, ଉଦଳା ଓ ପିଙ୍ଗୁର ବିଭିନ୍ନ ଜାଗା ବୁଲିବା ସହିତ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିବା ଅଞ୍ଚଳବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ସେହିପରି ଅନ୍ୟ ଜଣେ ଆକ୍ରାନ୍ତ ସୁରଟରୁ ବସ୍‌ରେ ଆସି ବାଲେଶ୍ୱର ଜିଲା ସୋରରେ ଓହ୍ଲାଇଥିଲେ। ସେଠାରୁ ଏକ ଘରୋଇ କାରରେ କପ୍ତିପଦା ଆସିଥିଲେ। ସେ କ୍ୱାରାଣ୍ଟାଇନ୍ ନିୟମ ନ ମାନି ପରିବାର ଲୋକଙ୍କ ସହ ମିଳାମିଶା କରିବା ସହ କପ୍ତିପଦା ବଜାରରେ ବୁଲାବୁଲି କରିଥିଲେ। ତେଣୁ ତାଙ୍କ ଟ୍ରାଭେଲ ହିଷ୍ଟ୍ରିକୁ ପ୍ରଶାସନ ଭଲ ଭାବେ ଯାଞ୍ଚ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ତହସିଲଦାର ରାଧାରଞ୍ଜନ ଦାସଙ୍କୁ ପଚାରିବାରୁ କାର ଡ୍ରାଇଭରଙ୍କୁ କ୍ୱାରାଣ୍ଟାଇନ୍‌କୁ ନେଇ ରବିବାର ତାଙ୍କ ସ୍ୱାବ ସଂଗ୍ରହ ପରେ ପରୀକ୍ଷା ପାଇଁ ପଠାଯାଇଥିବା ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଖାଦ୍ୟର ମାନକୁ ନେଇ ଉପ ଜିଲାପାଳଙ୍କ ଅସନ୍ତୋଷ

**ଭଞ୍ଜନଗର,୧୨।୫(ଡି.ଏନ୍.ଏ.):** ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ମଙ୍ଗଳବାର ସୋରଡ଼ା ବ୍ଲକ ଲାଠିପଡ଼ା ପଞ୍ଚାୟତ ଭାଲିଆପଲ୍ଲୀ ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରିଥିଲେ। ଅନ୍ତେବାସୀଙ୍କୁ ଦିଆଯାଉଥିବା ଖାଦ୍ୟର ମାନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ତାଲିକା ଅନୁଯାୟୀ ଉତ୍ତମ ଖାଦ୍ୟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଙ୍ଗରୋଧ କେନ୍ଦ୍ରର ୧୦୦ ମିଟର ପରିସୀମା ମଧ୍ୟରେ ୧୪୪ ଧାରା ଜାରି ହୋଇଥିବାରୁ ସାଧାରଣ ଲୋକେ ଯେପରି ପ୍ରବେଶ ନ କରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ସୋରଡ଼ା ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର, ଅତିରିକ୍ତ ତହସିଲଦାର କୁରେଶ ଚନ୍ଦ୍ର ଜାନି, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ସଙ୍ଗରୋଧ ଗୃହରେ ୬ ଅସୁସ୍ଥ, ଏମ୍‌କେସିଜି ସ୍ଥାନାନ୍ତର

**ବୁଗୁଡ଼ା,୧୨।୫(ଡି.ଏନ.ଏ.):** ବୁଗୁଡ଼ା ବ୍ଲକର ୨ଟି ସଙ୍ଗରୋଧ କେନ୍ଦ୍ରରୁ ସୋମବାର ରାତିରେ ଜଣେ ଗର୍ଭବତୀଙ୍କ ସମେତ ୬ ଜଣଙ୍କୁ ସ୍ଥାନୀୟ ପ୍ରଶାସନ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି। ଗୋଟିଏ କେନ୍ଦ୍ରର ଜଣେ ଗର୍ଭବତୀଙ୍କ ସମେତ ଅନ୍ୟ ଏକ କେନ୍ଦ୍ରର ୫ ପ୍ରବାସୀ ଓଡ଼ିଆ ସୋମବାର ବିଳମ୍ବିତ ରାତିରେ ଅସୁସ୍ଥ ହୋଇପଡ଼ିଥିଲେ। ବୁଗୁଡ଼ା ବିଡିଓ ତଥା ନୋଡାଲ ଅଧିକାରୀ ତନ୍ମୟ ପାତ୍ରୀ, ତହସିଲଦାର ସଂଗ୍ରାମ କେଶରୀ ଜେନା ଖବର ପାଇ ପହଞ୍ଚିଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ଡକାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ୬ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି।

### ଚୋରି ଟଙ୍କା, ସୁନା ଜବତ: ୨ ଗିରଫ

**ଦିଗପହଣ୍ଡି,୧୨।୫(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ମଙ୍ଗଳବାର ପାଟପୁର ଥାନା ସାହସପୁର ଉତ୍ତୁରାସି ବସ୍ତିର ବୁଦ୍ଧିଆ ପ୍ରଧାନ ଏବଂ ଟି. ସନ୍ତୋଷଙ୍କୁ ଏକ ଚୋରି ମାମଲାରେ ଗିରଫ କରିଛି। ମାମଲା ନଂ.୭୦/୨୦ରେ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଚୋରି ହୋଇଥିବା ସୁନା ଲକେଟ, ରୁପା ପାଉଁଜି ଓ ୨୬୨୦ ଟଙ୍କା ଅଭିଯୁକ୍ତ ଦ୍ୱୟଙ୍କ ନିକଟରୁ ଜବତ କରାଯାଇଥିବା ଏସ୍‌ଆଇ ମାଧବ ଚନ୍ଦ୍ର ଟାକରୀ କହିଛନ୍ତି। ଏପ୍ରିଲ ୧ ରାତିରେ ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଗ୍ରାମର ଏନ୍.ଦେବରାଜଙ୍କ ଘରୁ ୧୦ ହଜାର ଟଙ୍କା ସହ ସୁନାଗହଣା, ଏନ୍. ଲାଛମେୟା ରେଡ୍ଡୀଙ୍କ ଘରୁ ୬ ହଜାର ଟଙ୍କା ଓ ହଳେ କାନଫୁଲ ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଏନେଇ ଦେବରାଜଙ୍କ ସ୍ତ୍ରୀ ଥାନାରେ ଏତଲା ଦେଇଥିଲେ।

### କରୋନା ମୁକାବିଲା ପାଇଁ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ

**ଶେରଗଡ,୧୨।୫(ଡି.ଏନ୍.ଏ.):** ଶେରଗଡ଼ ବ୍ଲକରେ କରୋନା ମୁକାବିଲା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେ ହେଲେ ଓଡ଼ିଶା ପ୍ରଶାସନିକ ସେବାର ଭୂବନ କୁମାର ଶତପଥୀ। ଶେରଗଡ ବିଡିଓ ସୁରଞ୍ଜନ କୁମାର ସାହୁ ଓ ତହସିଲଦାର ଦୟାସିନ୍ଧୁ ପରିଡାଙ୍କୁ ବ୍ଲକରେ କରୋନା ମୁକାବିଲାରେ ସହଯୋଗ କରିବେ।

### ପିପୁଲ୍ସ କଲେଜ ହେବ କୋଭିଡ୍ କେୟାର ସେଣ୍ଟର

**ବୁଗୁଡା,୧୨।୫(ଡି.ଏନ୍.ଏ.):** ଭଞ୍ଜନଗର ଉପଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ମଙ୍ଗଳବାର ବୁଗୁଡା ଗସ୍ତରେ ଆସିଥିଲେ। ବିଡିଓ ତନ୍ମୟ ପାତ୍ରଙ୍କ ସହ ବିଭିନ୍ନ ସଙ୍ଗରୋଧ ଗୃହ ପରିଦର୍ଶନ ପରେ ବୁଗୁଡା ପିପୁଲ୍ସ କଲେଜରେ ପହଞ୍ଚିଥିଲେ। ଭାରପ୍ରାପ୍ତ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ସହ ଆଲୋଚନା କରିବା ସହ ବିଭିନ୍ନ ପ୍ରକୋଷ୍ଠ ବୁଲି ଦେଖିଥିଲେ। ସେଠାରେ କୋଭିଡ୍ କେୟାର ସେଣ୍ଟର କରାଯିବ ବୋଲି କହିବା ସହ ଏନେଇ ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ କରିବାକୁ ବିଡିଓ ପାତ୍ରଙ୍କୁ କହିଥିଲେ। ସେଠାରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ହେବା ସହ ଡାକ୍ତର ରହିବେ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

# ୬ ଘଣ୍ଟା ଖୋଲିବ ମାର୍କେଟ, ମଲ୍

**ବ୍ରହ୍ମପୁର ଅଫିସ,୧୨।୫**

**ବ୍ରହ୍ମପୁର ମହାନଗର ନିଗମର ନିର୍ଦ୍ଦେଶନାମା ଜାରି**
- ସମୟ ଅପରାହ୍ନ ୧ ଟାରୁ ସନ୍ଧ୍ୟା ୭ ଟା
- ୫ ଜଣଙ୍କୁ ପ୍ରବେଶ ଅନୁମତି
- ଖିଲାପ କଲେ ସିଲ୍ ହେବ ଦୋକାନ

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁରରେ ମାର୍କେଟ ତଥା ଦୋକାନ ଖୋଲିବା ନେଇ ରହିଥିବା ପୂର୍ବ ନିର୍ଦ୍ଧାରିତ ସମୟସୀମାରେ ପରିବର୍ତ୍ତନ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ପକ୍ଷରୁ ଏନେଇ ମଙ୍ଗଳବାର ନୋଟିସ୍ ଜାରି କରାଯାଇଛି। ନିର୍ଦ୍ଦେଶନାମା ପ୍ରକାରେ ଏଣିକି ସହରରେ ଗିପ୍ଟ ଶପ୍, ଲୁଗା ଦୋକାନ, ସୁନା ଗହଣା ଦୋକାନ, ଲେଡିଜ୍ କର୍ନର, ଇଣ୍ଟରନେଟ୍ କାଫେ, ମୋବାଇଲ ଓ ଜେରକ୍ସ ଦୋକାନ, ବୁକ୍ ଷ୍ଟୋର, ଷ୍ଟେଶ୍‌ନେରି, ଷ୍ଟୁଡିଓ, ଟେଲର ଦୋକାନ, ଇଲେକ୍ଟ୍ରୋନିକ୍ସ ଶପ୍, ମୋବାଇଲ୍ ଫୋନ୍, ଗ୍ୟାରେଜ୍, ଇଲେକ୍ଟ୍ରୋନିକ୍ସ ଓ ଘରୋଇ ଉପକରଣ ଦୋକାନ ଅପରାହ୍ନ ୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିସହ ଇଲେକ୍ଟ୍ରୋନିକ୍ସ ଓ ଘରୋଇ ଉପକରଣ ଦୋକାନଗୁଡିକରେ ଏକ ସମୟରେ ସର୍ବାଧିକ ୫ ଗ୍ରାହକ ଯିବା ସହ ସିଙ୍ଗଲ ବ୍ରାଣ୍ଡ ଓ ମଲ୍‌ଟି ବ୍ରାଣ୍ଡ ଶୋରୁମ୍, ମାର୍କେଟ କମ୍ପ୍ଲେକ୍ସ ଓ ମଲଗୁଡିକରେ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ଇଲେକ୍ଟ୍ରୋନିକ୍ସ ରିପ୍ୟାରିଂ ଶପ୍, କୃଷି ଯନ୍ତ୍ରପାତି ବିକ୍ରି ଶପ୍, ହୋଟେଲ, ରେଷ୍ଟୁରାଣ୍ଟ, ଔଷଧ ଦୋକାନ, କ୍ଲିନିକ୍, ହସ୍ପିଟାଲଗୁଡିକ ଖୋଲିବା ନେଇ ରହିଥିବା ସମୟସୀମା ଅପରିବର୍ତ୍ତିତ ଥିବା ବିଏମ୍‌ସି ପକ୍ଷରୁ ଜାରି କରାଯାଇଥିବା ନୋଟିସ୍‌ରେ ଦର୍ଶାଯାଇଛି। ଏହାକୁ ଖିଲାପକଲେ ଦୋକାନ ମାଲିକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆବଶ୍ୟକସ୍ଥଳେ ଦୋକାନ ତଥା ମଲକୁ ସମ୍ପୂର୍ଣ୍ଣ ସିଲ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ଚେତାବନୀ ଦିଆଯାଇଛି।

# ମହଙ୍ଗା ପଡ଼ିଲା ସିଙ୍ଘମ୍ ଷ୍ଟଣ୍ଟ



**ଭୋପାଳ:** ବଲିଉଡ୍ ସିନେମା 'ସିଂଘମ୍'ରେ ଅଜୟ ଦେବଗନ୍ ଦେଖାଇଥିବା ଲୋକପ୍ରିୟ ଷ୍ଟଣ୍ଟ ତଥା ସିନ୍ ଯୁବ ସିନେପ୍ରେମୀଙ୍କୁ ବେଶ୍ ଆକର୍ଷିତ କରିଥିଲା। ହେଲେ ରିଅଲ ଲାଇଫ୍‌ରେ ଏଭଳି ଷ୍ଟଣ୍ଟ ଦେଖାଇ ଜଣେ ପୋଲିସ ଏସ୍‌ଆଇ ଏବେ ଅଡୁଆରେ ପଡ଼ିଛନ୍ତି। ମଧ୍ୟପ୍ରଦେଶ ଦାମୋହ ଜିଲା ଅଧୀନ ନରସିଂହଗଡ଼ ଥାନାରେ କାର୍ଯ୍ୟରତ ଏସ୍‌ଆଇ ମନୋଜ କୁମାର ଖାକି ୟୁନିଫର୍ମରେ ଫିଲ୍ମ ଷ୍ଟାଇଲରେ ସମାନ ବେଗରେ ଚାଲୁଥିବା ୨ କାର୍ ଉପରେ ଦୁଇ ଗୋଡ଼ ରଖି ଷ୍ଟଣ୍ଟ ଦେଖାଉଥିବା ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଅଜୟ ଦେବଗନ୍‌ଙ୍କ ଭଳି ସେ ବ୍ଲାକ୍ ଶେଡ୍‌ଶ(ସନ୍‌ଗ୍ଲାସ୍) ମଧ୍ୟ ପିନ୍ଧିଥିବା ଏଥିରେ ଦେଖିବାକୁ ମିଳିଥିଲା। ଏହା ଅତି କମ୍ ସମୟରେ ମୋବାଇଲରେ ଘୂରି ବୁଲିଥିଲା। ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ନଜରକୁ ଏହା ଆସିବା ପରେ ସାଗର ରେଞ୍ଜ୍‌ର ଆଇଜି ଅନିଲ ଶର୍ମା ଘଟଣାର ତଦନ୍ତ କରିବା ପାଇଁ ଦାମୋହ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ଜଣେ ପୋଲିସ ଅଫିସରଙ୍କ ଏଭଳି ଦୁଃସାହସିକ ଆଚରଣ ଯୁବଗୋଷ୍ଠୀଙ୍କ ଉପରେ କୁପ୍ରଭାବ ପକାଇବା ଅନୁଭବକରି ତାଙ୍କୁ ୫ହଜାର ଟଙ୍କା ଜରିମାନା କରାଯାଇଛି। ଏହାସହ ଭବିଷ୍ୟତରେ ଏପରି କାର୍ଯ୍ୟରୁ ଦୂରେଇ ରହିବା ପାଇଁ ଚେତାବନୀ ଦିଆଯାଇଥିବା ଜଣାପଡ଼ିଛି।



ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଟିମ୍ ଆଲୋଚନା କରୁଛନ୍ତି ।

# କ୍ୱାରାଣ୍ଟାଇନ୍ ସେଣ୍ଟରରେ ସ୍ୱାସ୍ଥ୍ୟସେବା ଯୋଗାଅ

**ଛତ୍ରପୁର,୧୨।୫(ଡି.ଏନ୍.ଏ.)**

**ଆଲୋଚନା ବୈଠକ କଲେ ରାଜ୍ୟ ସ୍ୱାସ୍ଥ୍ୟ ଟିମ୍**

କରୋନା ପଜିଟିଭଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ଦେଖି ରାଜ୍ୟ ସରକାର ୭ ଜଣିଆ ସ୍ୱାସ୍ଥ୍ୟଟିମ୍‌କୁ ଗତ ୧୦ ତାରିଖରେ ଗଞ୍ଜାମ ଜିଲାକୁ ପଠାଇଥିଲେ। ୩ ଦିନ ଏହି ଟିମ୍ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ କରିଥିଲେ। ମଙ୍ଗଳବାର ଏହି ଟିମ୍ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହ ଆଲୋଚନା ବୈଠକ କରି କେତେକ ପରାମର୍ଶ ଦେଇଛନ୍ତି। ଜିଲାରେ କ୍ୱାରାଣ୍ଟାଇନ୍ ନିୟମକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା, ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା, ଅନ୍ତେବାସୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କହିଥିଲେ। ସେବା ଯୋଗାଉଥିବା ଲୋକେ ମାସ୍କ, ଗ୍ଲୋବ୍ସ ବ୍ୟବହାର କରିବା ଓ ସମଦୂରତା ରକ୍ଷା କରିବାକୁ ସ୍ୱାସ୍ଥ୍ୟ ଟିମର ସଦସ୍ୟମାନେ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ଟିମ୍ ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟର ବୁଲିବା ବେଳେ କ୍ୱାରାଣ୍ଟାଇନ୍ କେନ୍ଦ୍ର ଅଧିକାରୀ, ଏଏନ୍‌ଏମ୍ ଓ ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। କ୍ୱାରାଣ୍ଟାଇନ୍ ସେଣ୍ଟର ସୁରକ୍ଷା ବ୍ୟବସ୍ଥା, କର୍ମଚାରୀ ଠିକ ସମୟରେ ଆସୁଛନ୍ତି କି ନାହିଁ, ଅନ୍ତେବାସୀଙ୍କ ଖାଦ୍ୟ, କୌଣସି ବ୍ୟକ୍ତିଙ୍କଠାରେ କରୋନା ଲକ୍ଷଣ ଦେଖାଗଲେ ଠିକ ଚିକିତ୍ସା ହେଉଛି କି ନାହିଁ ତଦାରଖ କରିଥିଲେ। ଏଥିସହ କ୍ୱାରାଣ୍ଟାଇନ୍‌ରେ କେହି ପଜିଟିଭ ଚିହ୍ନଟ ହେବା ପରେ ସେ କାହା ସଂସ୍ପର୍ଶରେ ଆସିଛନ୍ତି ତାହାର ତଥ୍ୟ ରଖାଯାଉଛି କି ନାହିଁ ତାହା ମଧ୍ୟ ଟିମ୍ ଅନୁଧ୍ୟାନ କରିଥିଲେ। ଆଇସିଏମ୍‌ଆର୍ ବୈଜ୍ଞାନିକ ଡ. ଜୟପ୍ରକାଶ କ୍ଷତ୍ରୀ, ଡବ୍ଲ୍ୟୁଏଚଓ ଷ୍ଟେଟ ପ୍ରୋଗ୍ରାମର ଅଫିସର ଡ. ନିହାର ରାୟ, ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ଆଲୋଚନା କରିଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉମାଶଙ୍କର ମିଶ୍ର, ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଛତ୍ରପୁର ହସ୍ପିଟାଲ ସୁପରିଡେଣ୍ଟ କାହ୍ନୁଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଖବରଦାତାଙ୍କ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶନାମା ଜାରି

**ଛତ୍ରପୁର,୧୨।୫(ଡି.ଏନ.ଏ.):** କେତେକ ନ୍ୟୁଜ୍ ଏଜେନ୍ସି, ସମ୍ବାଦପତ୍ର ଓ ସାମାଜିକ ଗଣମାଧ୍ୟମରେ କରେନା ସମ୍ବନ୍ଧୀୟ ଖବରକୁ ଅଧିକ ସମାଲୋଚନାମୂଳକ ଭାବେ ପ୍ରସାର କରାଯାଉଛି। କରୋନା ଅନ୍ୟ ରୋଗଠାରୁ ସମ୍ପୂର୍ଣ୍ଣ ଅଲଗା। କରୋନା ସମ୍ବନ୍ଧୀୟ ଖବର ସଂଗ୍ରହ ଏବଂ ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ବେଳେ ଯଥେଷ୍ଟ ଧ୍ୟାନ ଦେବାକୁ ପଡିବ ବୋଲି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଜିଲାର ସମସ୍ତ ଖବରଦାତାମାନଙ୍କ ପାଇଁ ଜିଲାପାଳ ମଙ୍ଗଳବାର ସନ୍ଧ୍ୟାରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କରେନା ଖବର ସମାଜ ଉପରେ ପ୍ରଭାବ ପକାଇଥାଏ। ସୋସିଆଲ ମିଡିଆ ବ୍ୟବହାର କରି କରେନା ସମ୍ବନ୍ଧୀୟ ସମ୍ବେଦନଶୀଳ ଖବର ପ୍ରକାଶ ନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। କୌଣସି କରୋନା ପଜିଟିଭଙ୍କ ନାଁ ଖବରରେ ଉଲ୍ଲେଖ ନ କରିବାକୁ ଜିଲାପାଳ ନିର୍ଦ୍ଦେଶନାମାରେ କହିଛନ୍ତି। ଏଥିରୁ ବିଚ୍ୟୁତି ହେଲେ ସୋସିଆଲ ମିଡିଆ ପରିଚାଳନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କୋଭିଡ ପରିଚାଳନା ଆକ୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି।

# ମୁମ୍ବାଇରେ ଓଡ଼ିଆ ଶ୍ରମିକଙ୍କ ହୃଦ୍‌ଘାତରେ ମୃତ୍ୟୁ

**ଗଞ୍ଜାମ,୧୨।୫(ଡି.ଏନ.ଏ.)**

ମୁମ୍ବାଇର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଖଟୁଆକୁଦା ଗ୍ରାମର ଦୀନବନ୍ଧୁ ସାହଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ୧୪ ମାସ ହେବ ସେଠାରେ ରହି ସେ କାମ କରୁଥିଲେ। ଘରକୁ ଆସିବାର ଥିଲେ ମଧ୍ୟ ଲକ୍‌ଡାଉନ୍ ଯୋଗୁ ଆସିପାରି ନ ଥିବା ପରିବାର ଲୋକେ କହିଛନ୍ତି।

# ସୁରଟ, ଗୁଣ୍ଟୁରରୁ ଟ୍ରେନ୍‌ରେ ଆସିଲେ ପ୍ରବାସୀ

**ଛତ୍ରପୁର,୧୨।୫(ଡି.ଏନ.ଏ.)**

ପ୍ରବାସୀ ଓଡ଼ିଆଙ୍କୁ ନେଇ ସୁରଟରୁ ୨ଟି ଓ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରୁ ଆସିଥିବା ଗୋଟିଏ ଟ୍ରେନ ମଙ୍ଗଳବାର ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ସୁରଟରୁ ଆସିଥିବା ଗୋଟିଏ ଟ୍ରେନ ପୂର୍ବାହ୍ନ ୧୦ଟା୩୦ରେ ଲାଗିଥିଲା। ଏଥିରେ ୧୨୫୫ ଜଣ ଆସିଥିଲେ। ସେମାନଙ୍କ ମଧ୍ୟରେ ୧୨୧୧ ଜଣ କେବଳ ଗଞ୍ଜାମ ଜିଲାର ହୋଇଥିବା ବେଳେ ଖୋର୍ଦ୍ଧା ଜିଲାର ୩, ନୟାଗଡ ଜିଲାର ୬, ବାଲେଶ୍ୱର ଜିଲାର ୬, ଯାଜପୁର ଜିଲାର ୧୫ ଓ ଭଦ୍ରକ ଜିଲାର ୯ ଜଣ ଥିଲେ। ସେହିପରି ଗୁଣ୍ଟୁରରୁ ଆସିଥିବା ମଙ୍ଗଳଗିରି-ଭଦ୍ରକ ଟ୍ରେନ୍‌ରେ ଗଞ୍ଜାମ ସମେତ ୧୦ ଜିଲାର ୭୪୬ ଜଣ ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୪୮୨ ଜଣ ଥିଲେ। ସେହିପରି ଗଜପତି ଜିଲାର ୬୩, ଖୋର୍ଦ୍ଧାର ଜଣେ, କଳାହାଣ୍ଡିର ୭୩, କନ୍ଧମାଳର ୫, କୋରାପୁଟର ୩, ମାଲକାନଗିରିର ୧୦, ନବରଙ୍ଗପୁରର ୩୩, ନୂଆପଡାର ୩୩ ଓ ରାୟଗଡା ଜିଲାର ୪୩ ଏପରି ମୋଟ ୨୬୪ ଜଣ ଓହ୍ଲାଇଥିଲେ। ସୁରଟରୁ ଆସିଥିବା ଦ୍ୱିତୀୟ ଟ୍ରେନଟି ରାତି ୯ଟା ୪୫ ମିନିଟରେ ପହଞ୍ଚିଥିଲା। ଏଥିରେ ଗଞ୍ଜାମ ସମେତ ଅନ୍ୟାନ୍ୟ ଜିଲାର ୧୨୦୦ରୁ ଉର୍ଦ୍ଧ୍ୱ ପ୍ରବାସୀ ଫେରିଛନ୍ତି।

# ଅଳସୁ ଗ୍ରାମରେ ଅଗ୍ନିକାଣ୍ଡ



ଜଳିଯାଉଥିବା ଘର।

**ଜଗନ୍ନାଥପ୍ରସାଦ,୧୨।୫(ଡି.ଏନ୍.ଏ.)**

ଜଗନ୍ନାଥପ୍ରସାଦ ବ୍ଲକ ଅଳସୁ ଗ୍ରାମ ଖଇରଖୋଳରେ ମଙ୍ଗଳବାର ନିଆଁ ଲାଗି ୧୪ ବଖରା ପୋଡି ପାଉଁଶ ହୋଇଛି। ଅପରାହ୍ନ ପ୍ରାୟ ୪ଟାବେଳେ ଜଣେ ବ୍ୟକ୍ତିଙ୍କ ରୋଷେଇ ଘର ଚାଳ ଛପରରେ ନିଆଁ ଲାଗିଥିବା ସାହିଲୋକେ ଦେଖିଥିଲେ। ଚାହୁଁ ଚାହୁଁ ନିଆଁ ବ୍ୟାପିଯାଇ ୧୪ ବଖରା ଜଳି ଯାଇଥିଲା। ଜଗନ୍ନାଥପ୍ରସାଦ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ଅତିରିକ୍ତ ତହସିଲଦଙ୍ଗର ବାରିଆଲ ମୁର୍ମୁ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି। ସରପଞ୍ଚ ହୃଷିକେଶ ନାୟକ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେଇଛନ୍ତି।

# ହତ୍ୟା ଘଟଣା, ଅଭିଯୁକ୍ତ ଅଟକ

**ବ୍ରହ୍ମପୁର ଅଫିସ,୧୨।୫**

ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତଙ୍କୁ ବୈଦ୍ୟନାଥପୁର ପୋଲିସ ମାମଲା ନଂ.୧୦୮/୨୦ରେ ଅଟକ ରଖିଛି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ଜଣକ ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ମହିଳାଙ୍କ ତଣ୍ଟି ଚିପି ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲୋଚାପଡା ପଞ୍ଚାନନନଗରରେ ରହୁଥିବା ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ମୃତଦେହ ସୋମବାର ପୋଲିସ ଘର ଭିତରୁ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତଦନ୍ତରେ ବାଧା ସୃଷ୍ଟି ହେବା ଦୃଷ୍ଟିରୁ ତାଙ୍କ ନାମ ଗୋପନ ରଖାଯାଇଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି।

# ସ୍କୁଲ ବାଟରେ ବାଉଁଶ ବାନ୍ଧିଲେ ଗ୍ରାମବାସୀ

**ପାଟପୁର,୧୨।୫**

**ପ୍ରବାସୀଙ୍କୁ ପୂରାଇ ଦେବେନି**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକକୁ ଆଗକୁ ବହୁ ପ୍ରବାସୀ ଫେରିବାକୁ ଥିବା ବେଳେ ପ୍ରଶାସନ ପକ୍ଷରୁ ୧୦୦ଟି ସ୍କୁଲ, କଲେଜରେ କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲାଯାଇଛି। ହେଲେ କେତେକ ଗ୍ରାମରେ ସୁରଟ ଓ ଅନ୍ୟ ରାଜ୍ୟ ଫେରନ୍ତାଙ୍କୁ ସ୍କୁଲରେ ରଖିବାକୁ ଗ୍ରାମବାସୀ ବିରୋଧ କରୁଛନ୍ତି। ବ୍ଲକ ଅନ୍ତର୍ଗତ ସିଙ୍ଗିପୁର ପଞ୍ଚାୟତରେ ଥିବା ବିଦ୍ୟାଳୟଗୁଡିକରେ ପ୍ରବାସୀଙ୍କୁ ରଖିବା ପାଇଁ ବିରୋଧ ହେଉଛି। ସିଙ୍ଗିପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଲୋକେ ବାଉଁଶ ବାନ୍ଧିଛନ୍ତି। ଗଞ୍ଜାମ ପୋଲିସ ପକ୍ଷରୁ ରାସ୍ତାରେ ଦ୍ରୁତ ଗତି ନିୟନ୍ତ୍ରଣ ପାଇଁ ହୋଇଥିବା ବ୍ୟାରିକେଡ଼ ଟାଣିଆଣି ଲୋକେ ବିଦ୍ୟାଳୟ ବାଟରେ ରଖିଛନ୍ତି। ଆଗାମୀ ଦିନରେ ସିଙ୍ଗିପୁରରେ ପ୍ରବାସୀଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖିବା ନେଇ ପୁଣି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରାଯାଉଛି।

ସୂଚନାଯୋଗ୍ୟ, ପୂର୍ବରୁ ଗ୍ରାମବାସୀ ସୁରଟ ଫେରନ୍ତାଙ୍କୁ ଧରି ଆସିଥିବା ଏକ ବସ୍‌କୁ ଫେରାଇ ଦେଇଥିଲେ। ଫଳରେ ଏହି ପଞ୍ଚାୟତକୁ ଆସିଥିବା ଲୋକଙ୍କୁ ଅନ୍ୟ ବ୍ଲକରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।




ରାସ୍ତା ଅବରୋଧ କରାଯାଇଛି।

# ମହିଳାଙ୍କୁ ସରପଞ୍ଚଙ୍କ ମାଡ଼ ଅଭିଯୋଗ

**ଗୋପାଳପୁର,୧୨।୫:** ଗୋଳନ୍ଥରା ଥାନା ଅନ୍ତର୍ଗତ ଚିକିଟି ବ୍ଲକର ଏକ ପଞ୍ଚାୟତର ସରପଞ୍ଚ ଜଣେ ଅନୁସୂଚିତ ଜାତିର ବିଧବା ମହିଳାଙ୍କୁ ମାଡ଼ ମାରିବା ଓ ଅସଦାଚରଣ ନେଇ ମଙ୍ଗଳବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି।

ସମ୍ପୃକ୍ତ ମହିଳା ସୋମବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ତାଙ୍କୁ କାହିଁକି ରାଶନକାର୍ଡ ମିଳୁନାହିଁ ବୋଲି ସରପଞ୍ଚଙ୍କୁ ପଚାରିଥିଲେ। କାର୍ଡ ହୋଇଯାଇଛି ଆସିଲେ ରାଶନ ମିଳିବ ବୋଲି ସରପଞ୍ଚ କହିଥିଲେ। ପରେ ସମ୍ପୃକ୍ତ ମହିଳା ଓ ସରପଞ୍ଚଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସଠାରେ ଭିଆର୍‌ଏସ (ଗ୍ରାମ ରୋଜଗାର ସେବକ) ଓ ସରପଞ୍ଚ ମହିଳାଙ୍କୁ ଠେଲାପେଲା କରିବା ସହ ଅସଦାଚରଣ କରିଥିବା ମହିଳା ଜଣକ ଏତଲାରେ ଦର୍ଶାଇଛନ୍ତି। ମଙ୍ଗଳବାର ମହିଳା ଜଣକ ଗୋଳନ୍ଥରା ଥାନାରେ ପହଞ୍ଚି ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

# ୫ ବସ୍‌ରେ କୋଲକାତା, ଆନ୍ଧ୍ର ଗଲେ ୧୨୭ ଶ୍ରମିକ

**ବ୍ରହ୍ମପୁର ଅଫିସ,୧୨।୫:** ଲକ୍‌ଡାଉନ୍ ସମୟରେ ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଶ୍ରମିକ ଓ ଛାତ୍ରୀଛାତ୍ରଙ୍କୁ ନିଜ ରାଜ୍ୟକୁ ପଠାଇବା ନେଇ ପ୍ରଶାସନ ପଦକ୍ଷେପ ନେଇଛି। ମଙ୍ଗଳବାର ଆନ୍ଧ୍ରପ୍ରଦେଶ ଓ କୋଲକାତା ଅଞ୍ଚଳର ପ୍ରାୟ ୧୨୭ ଜଣଙ୍କୁ ୫ ବସ୍ ଯୋଗେ ପଠାଯାଇଛି। ସେଥିମଧ୍ୟରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଇଥିବା ୨ବସ୍‌ରେ ୫୭ଜଣଙ୍କୁ ପଠାଯାଇଛି। ସେହିପରି ଫାଷ୍ଟଗେଟ୍ ନିକଟସ୍ଥ ଏକ ଘରୋଇ ସଂସ୍ଥାରେ ତାଲିମ୍ ନେବାକୁ ଆସି ଅଟକି ରହିଥିବା ୭୦ ଛାତ୍ରୀଛାତ୍ରଙ୍କୁ ୩ ବସ୍ ଯୋଗେ ଆନ୍ଧ୍ରପ୍ରଦେଶ ପଠାଯାଇଛି। ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ ଓ ତହସିଲ ସହଯୋଗରେ ଲୋକଙ୍କୁ ପଠାଯାଇଛି।

# ସାଇକେଲରେ ଛତିଶଗଡ଼ରୁ ଗଞ୍ଜାମ ଫେରୁଛନ୍ତି ୮ ଶ୍ରମିକ

**ଦାରିଙ୍ଗବାଡ଼ି,୧୨।୫(ଡି.ଏନ୍.ଏ.):** ଦାରିଙ୍ଗବାଡ଼ି ଦେଇ ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପୋଡ଼ାମାରିକୁ ୮ ଶ୍ରମିକ ଛତିଶଗଡ଼ ରାଇପୁର ଅଞ୍ଚଳରୁ ଫେରୁଛନ୍ତି। ଲକ୍‌ଡାଉନ୍ ପରେ ସେମାନେ ସେଠାରେ ଫସି ରହିଥିଲେ। ନୂଆ ସାଇକେଲ କିଣି ୮ ତାରିଖରୁ ଗ୍ରାମ ଅଭିମୁଖେ ବାହାରିଥିଲେ। ସୋମବାର କନ୍ଧମାଳ ଜିଲାରେ ପ୍ରବେଶ କରି ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ଅଞ୍ଚଳରେ ରାତ୍ରିଯାପନ କରିବା ସହ ମଙ୍ଗଳବାର ପୁଣି ଯାତ୍ରା ଆରମ୍ଭ କରିଛନ୍ତି। ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ସେମାନଙ୍କ ଖାଇବା ବ୍ୟବସ୍ଥା କରିଥିଲେ। ସେହିପରି ମଧ୍ୟପ୍ରଦେଶରୁ ୪ ଓ ଆନ୍ଧ୍ରପ୍ରଦେଶରୁ ସ୍ୱତନ୍ତ୍ର ଟ୍ୟାକ୍ସି ଭଡ଼ା କରି କେତେଜଣ ଶିକ୍ଷକ ଦାରିଙ୍ଗବାଡିରେ ପହଞ୍ଚିବା ପରେ ସେମାନଙ୍କୁ ସଙ୍ଗରୋଧ ଗୃହରେ ରଖାଯାଇଥିବା ସ୍ଥାନୀୟ ପୋଲିସ କହିଛି।



ଶ୍ରମିକମାନେ ସାଇକେଲ ଯୋଗେ ଫେରୁଛନ୍ତି।

### ଆନ୍ଧ୍ରପ୍ରଦେଶରୁ ଫେରିଲେ ୧୭ ଶ୍ରମିକ

**ଆର.ଉଦୟଗିରି,୧୨।୫(ଡି.ଏନ.ଏ.):** ଆର.ଉଦୟଗିରି ବ୍ଲକର ରାମଗିରି ପଞ୍ଚାୟତ ଥାଟରାଜ କଲୋନୀ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଆନ୍ଧ୍ରପ୍ରଦେଶରୁ ଆସିଥିବା ୧୭ ପ୍ରବାସୀ ଓଡିଆଙ୍କୁ ରଖାଯାଇଛି। ରବିବାର ରାତିରେ ଆନ୍ଧ୍ରରୁ ଏକ ବସ୍ ଯୋଗେ ଏମାନେ ଆସି ପହଞ୍ଚିଥିଲେ। ପୂର୍ବରୁ ସୂଚନା ପାଇ ଅପେକ୍ଷା କରିଥିବା ରାମଗିରି, ସୁବଲଡା ସରପଞ୍ଚ, ସ୍ୱେଚ୍ଛାସେବୀ, ରାମଗିରି ଓଆଇ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିଥିଲେ। ସୋମବାର ସକାଳେ ବିଡିଓ ପ୍ରଦୀପ କୁମାର ନାୟକ, ତହସିଲିଦାର ସ୍ମୃତି ରଞ୍ଜନ ଶତପଥୀ, ବ୍ଲକ ଏଇ ସାନୁଜ କୁମାର ପ୍ରମୁଖ ପହଞ୍ଚି ସେମାନଙ୍କ ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରେ ଆର.ଉଦୟଗିରି ବ୍ଲକର ୩ଜଣ ଏବଂ ରାୟଗଡା ବ୍ଲକର ୧୪ ଜଣ ରହିଛନ୍ତି। ଆନ୍ଧ୍ର ରାଜମହେନ୍ଦ୍ରି ଠାରେ ଏକ ବ୍ରିଜ୍ ନିର୍ମାଣରେ ନିୟୋଜିତ ଥିବାବେଳେ ଲକ୍‌ଡାଉନ୍ ପରେ ଫସି ରହିଥିଲେ।

## ସଂକ୍ଷେପରେ

### ନୂଆପଡ଼ାରେ ୧୫ରୁ ରବି ଧାନକିଣା

ନୂଆପଡା ଅଫିସ,୧୨।୫: ନୂଆପଡ଼ା ଜିଲାରେ ଆସନ୍ତା ୧୫ ତାରିଖଠାରୁ ଜିଲାରେ ଧାନକିଣା ଆରମ୍ଭ ହେବ ବୋଲି ଚୂଡାନ୍ତ ହୋଇଛି। ଜିଲାପାଳ ମଧୁସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏ ନେଇ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ନୂଆପଡା ଜିଲାରେ ଏଥର ରବି ଋତୁରେ ୮ହଜାର ୫୫୦ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି । ସେହିପରି ୨ଲକ୍ଷ ୨୦ହଜାର କ୍ୱିଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିସକାଶେ ଜିଲାର ୫ଟି ବ୍ଲକରେ ମୋଟ ୪୩ଟି ମଣ୍ଡି ଖୋଲାଯିବାର ବ୍ୟବସ୍ଥା ହୋଇଛି। ୨୬ଟି କୃଷି ସେବା ସମବାୟ ସମିତି(ପ୍ୟାକ୍ସ) ଜରିଆରେ ୨୯ଟି ମଣ୍ଡି ଏବଂ ୧୪ଟି ମହିଳା ସ୍ୱୟଂ ସହାୟକ ଦଳ ମଣ୍ଡି ଖୋଲିବେ। ମଣ୍ଡି ଗୁଡିକରେ କୋଭିଡ୍ ଗାଇଡ୍ ଲାଇନ ପାଳନକୁ ଗୁରୁତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଚାଷୀ ଏବଂ କର୍ମଚାରୀମାନେ ସାମାଜିକ ଦୂରତ୍ୱ ପାଳନ ସହ ମାସ୍କ ଓ ସାନିଟାଇଜର ବବହାର କରିବାକୁ ବାଧତାମୂଳକ କରାଯାଇଛି। ବୈଠକରେ ଜିଲାପାଳ ସାହୁ ସଭାପତିତ୍ୱ କରିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ସହ କୃଷକ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଶୋଷ ମେଣ୍ଟାଇଲା ସୋଲାର ପ୍ରକଳ୍ପ

**ସମ୍ବଲପୁର,୧୨।୫(ବ୍ୟୁରୋ)**

ଦୀର୍ଘଦିନ ପରେ ଦୁର୍ଗମ ଅଞ୍ଚଳବାସୀଙ୍କ ଜଳକଷ୍ଟ ଦୂର ହୋଇଛି । ସୋଲାର ପାନୀୟ ଜଳ ପ୍ରକଳ୍ପ ଯୋଗୁ ସମ୍ବଲପୁର ଜିଲାର ଜଙ୍ଗଲ ପରିବେଷ୍ଟିତ ପାହାଡିଆ ଅଞ୍ଚଳବାସୀଙ୍କ ଶୋଷ ମେଣ୍ଟିଛି । ନଳ ଖୋଲିଲେ ୨୪ ଘଣ୍ଟା ପାନୀୟ ଜଳ ମିଳୁଛି। ବିଜୁଳି ସଂଯୋଗ ଥାଉ କି ନ ଥାଉ ଏହି ପ୍ରକଳ୍ପ ପାଇଁ କିଛି ଭୟନାହିଁ। କମ ଖର୍ଚ୍ଚରେ ଆବଶ୍ୟକଠାରୁ ଅଧିକ ପାଣି ଯୋଗାଇ ପାରିଛି ଏହି ପ୍ରକଳ୍ପ । ଏଭଳି ପ୍ରକଳ୍ପକୁ ନେଇ ଅଞ୍ଚଳବାସୀ ସନ୍ତୋଷ ପ୍ରକାଶ କରିଛନ୍ତି। କୌଣସି ପୋଖରୀ, ଗାଡିଆ ପାଣି ସେମାନଙ୍କୁ ଆଉ ପିଇବାକୁ ପଡୁନାହିଁ। ଗରାଏ ପାଣି ପାଇଁ କୌଣସି ମହିଳାଙ୍କୁ ୧ରୁ ୨ କିଲୋମିଟର ବାଟ ଯିବାକୁ ପଡୁନାହିଁ। ବିଶୁଦ୍ଧ ଜଳ ଯୋଗୁ ସେମାନଙ୍କ ପିଲାମାନଙ୍କ ସହ ପରିବାର ସଦସ୍ୟମାନେ ସୁସ୍ଥ ରହୁଛନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଇତିମଧ୍ୟରେ ସମ୍ବଲପୁର ଜିଲାରେ ଏପରି ୩୮୮ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି । ୨୦୬ ପ୍ରକଳ୍ପ ନିର୍ମାଣ କାମ ଜାରି ରହିଥିବା ସୂଚନା ମିଳିଛି ।

### ସମ୍ବଲପୁର ଜିଲା



- ଦୂରହେଲା ଦୁର୍ଗମ ଅଞ୍ଚଳବାସୀଙ୍କ ଜଳକଷ୍ଟ
- ୩୮୮ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି
- ୨୦୬ ପ୍ରକଳ୍ପର ନିର୍ମାଣ ଚାଲିଛି
- ପ୍ରତି ପ୍ରକଳ୍ପ ଦ୍ୱାରା ୫ହଜାରରୁ ୧୦ ହଜାର ଲିଟର ପର୍ଯ୍ୟନ୍ତ ପାଣି ଟାଙ୍କି ବ୍ୟବସ୍ଥା ହୋଇଛି
- ଅପହଞ୍ଚ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ଏହି ଯୋଜନା

ଦୁର୍ଗମ ଅଞ୍ଚଳବାସୀଙ୍କ ପାଖରେ ବିଦ୍ୟୁତ୍, ପାନୀୟ ଜଳ ସହିତ ଶିକ୍ଷା, ଗମନା ଗମନ ଭଳି ମୌଳିକ ସୁବିଧା ପହଞ୍ଚି ପାରୁନାହିଁ। ଏଥିପାଇଁ ସେହି ଅଞ୍ଚଳରେ ଲୋକେ ବର୍ଷାଦିନେ ନଦୀ, ନାଳ, ବନ୍ଧ, ପୋଖରୀରୁ ପାଣି ସଂଗ୍ରହ କରି ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। କେହି କେହି ଛୋଟ କୂଅ ଖୋଳି ପାଣି ସଂଗ୍ରହ କରିଥାନ୍ତି। ହେଲେ ଖରାଦିନ ଆସିଲେ ସେମାନଙ୍କ ପାଇଁ ପାଣି ସମସ୍ୟା ମୁଣ୍ଡବ୍ୟଥାର କାରଣ ହୁଏ । ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ ଗରା ବାଲ୍ଟି ଧରି ମହିଳାମାନେ ପାଣି ପାଇଁ ଯାଇଥାନ୍ତି । ତଥାପି ବିଶୁଦ୍ଧ ପାନୀୟ ଜଳ ମିଳେ ନାହିଁ । ଏଥିପାଇଁ ଗ୍ରାମବାସୀ କିଡ଼ନୀ ଜନିତ ରୋଗ ସହିତ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥାନ୍ତି। ଏପରି ସମସ୍ୟାର ସମାଧାନ ପାଇଁ ସୋଲାର ପାନୀୟ ଜଳ ପ୍ରକଳ୍ପ ଦୁର୍ଗମ ଅଞ୍ଚଳବାସୀଙ୍କ ପାଇଁ ଆଶୀର୍ବାଦ ସଦୃଶ ହୋଇଛି।

ଏ ସଂକ୍ରାନ୍ତରେ ଯୁଯୁମୁରା ବ୍ଲକର ଡଙ୍ଗାପାଲ ଗ୍ରାମର ୱାର୍ଡ ସଭ୍ୟ ସୁଦାମ ପ୍ରଧାନ କୁହନ୍ତି, ପୂର୍ବରୁ ଗାଁରେ ପାନୀୟ ଜଳ ପାଇଁ ବହୁ ହଟହଟା ହେବାକୁ ପଡୁଥିଲା। ଗାଁରେ ଥିବା ନଳକୂପରୁ ଯେତିକି ପାଣି ବାହାରୁଥିଲା ତାହା ଗ୍ରାମବାସୀଙ୍କ ଆବଶ୍ୟକ ପୂରଣ କରିପାରୁ ନ ଥିଲା । ବହୁ ଦୂର ଯାଇ ପାଣି ଆଣିବାକୁ ପଡୁଥିଲା। ହେଲେ ଏବେ ସୋଲାର ପାନୀୟ ଜଳ ପ୍ରକଳ୍ପ ଉପରୋକ୍ତ ସମସ୍ୟା ଦୂର କରିଛି। ବୈରାଗୀପାଲି ଗ୍ରାମର ପରକ୍ଷିତ ସାହୁ କୁହନ୍ତି, ପାହାଡିଆ ଅଞ୍ଚଳବାସୀଙ୍କ ପାଇଁ ଏହି ଯୋଜନା ବରଦାନ ସଦୃଶ ହୋଇଛି। ପାନୀୟ ଜଳ ସମସ୍ୟା ଦୂର ହୋଇଯାଇଛି। ସମସ୍ତ ୱାର୍ଡରେ ଏଭଳି ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଶାସନ ଗୁରୁତ୍ୱ ଦେବାକୁ ଅନୁରୋଧ କରିଛି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବି.କେ. ରାଉତରାୟ କହିଛନ୍ତି, ଅପହଞ୍ଚ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି। ପ୍ରତ୍ୟେକ ବ୍ଲକରୁ ସେଭିଳି ଗ୍ରାମଗୁଡିକ ଚିହ୍ନଟ କରାଯାଇ ଏହି ଯୋଜନାରେ ସାମିଲ କରାଯାଉଛି। ପର୍ଯ୍ୟାୟ କ୍ରମେ କାମ ଚାଲିଛି। କମ୍ ଖର୍ଚ୍ଚରେ ଲୋକମାନଙ୍କ ପାଖରେ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଜନସଂଖ୍ୟାକୁ ଆଖି ଆଗରେ ରଖି ପ୍ରତି ପ୍ରକଳ୍ପ ଦ୍ୱାରା ୫ହଜାରରୁ ୧୦ ହଜାର ଲିଟର ପର୍ଯ୍ୟନ୍ତ ପାଣି ଟାଙ୍କି ବ୍ୟବସ୍ଥା କରାଯାଇଛି। ସେହି ପାଣିଟାଙ୍କିରେ ସେନ୍ସର ସିଷ୍ଟମ ରହିଛି । ଟାଙ୍କିରୁ ପାଣି କମିଗଲେ ଆପେ ଆପେ ମୋଟର ଚାଲୁ ହେବ ଓ ଟାଙ୍କିରେ ପାଣି ଭର୍ତ୍ତି ହେଉଛି । ଏହି ପ୍ରକଳ୍ପର ମରାମତି ଖର୍ଚ୍ଚ ମଧ କମ୍ ବୋଲି ନିର୍ବାହୀ ଯନ୍ତ୍ରୀ ରାଉତରାୟ କହିଛନ୍ତି ।

## ଅନ୍ତଃ ନଳୀରେ ଘା, ଅସ୍ତ୍ରୋପଚାର ପାଇଁ ଟଙ୍କା ନାହିଁ



ବିଛଣାରେ ପଡି ରହିଛନ୍ତି ରଘୁମଣି।

**ଜୁନାଗଡ଼,୧୨।୫(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଳଦିଆମାଳ ତଳପଡାର ରଘୁମଣି ନାଏକ(୪୨)। ବହୁଦିନ ହେବ ସେ ବିଛଣାରେ ପଡିରହିଛନ୍ତି। ଅନ୍ତଃନଳୀରେ ଘା ଯୋଗୁ ସେ ଉଠିବସି ପାରୁ ନାହାନ୍ତି। କେବଳ ଦିନରାତି ଶୋଇବା ଛଡ଼ା ତାଙ୍କ ପାଖରେ ଅନ୍ୟ କୌଣସି ଚାରା ନାହିଁ । ଅସ୍ତ୍ରୋପଚାର କଲେ ସେ ଆରୋଗ୍ୟ ହେବେ ବୋଲି ଡାକ୍ତର କହିଛନ୍ତି। ହେଲେ ଅର୍ଥାଭାବରୁ ଅସ୍ତ୍ରୋପଚାର ହୋଇ ପାରୁନାହିଁ। ଏହାକୁ ନେଇ ତାଙ୍କ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି। କୌଣସି ସହୃଦୟ ବ୍ୟକ୍ତିଙ୍କ ସାହାଯ୍ୟ କିମ୍ବା ସରକାରୀ ସହାୟତାକୁ ସେମାନେ ଅପେକ୍ଷା କରିଛନ୍ତି।

ଦିନଥିଲା ରଘୁମଣି ଜୁନାଗଡ ସହରରେ ଟ୍ୟାକ୍ସି ଡ୍ରାଇଭର ଭାବେ କାମ କରୁଥିଲେ। ଦିନେ ହଠାତ୍ ତାଙ୍କ ପେଟରେ ଯନ୍ତ୍ରଣା ହେଲା । ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ପରେ ସ୍ଥାନୀୟ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପରୀକ୍ଷା ପରେ ରଘୁମଣିଙ୍କ ଅନ୍ତଃନଳୀରେ ଘା' ହୋଇଥିବା ଜଣାପଡିଥିଲା। ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ଟଙ୍କା ନ ଥିବାରୁ ପରିବାର ଲୋକେ ରଘୁମଣିଙ୍କୁ ଧରି ଘରକୁ ଫେରି ଆସିଥିଲେ। ଏଥିପୂର୍ବରୁ ରଘୁମଣିଙ୍କ ଚିକିତ୍ସା ଓ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କ ଭାଗରେ ପଡିଥିବା ଜମିକୁ ପରିବାର ଲୋକେ ବିକ୍ରି କରିଦେଇଥିଲେ। ଏବେ ପରିବାର ଲୋକଙ୍କ ପାଖରେ କିଛି ବି ନାହିଁ, ଯାହାକୁ ବିକ୍ରିବଟା କରି ଚିକିତ୍ସା ଖର୍ଚ୍ଚ ଉଠାଇବେ। ଚିକିତ୍ସା ଅଭାବରୁ ରଘୁମଣିଙ୍କ ସ୍ୱାସ୍ଥ୍ୟବସ୍ଥା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି। ତାଙ୍କ ଚିକିତ୍ସା ପାଇଁ କୌଣସି ବଦାନ୍ୟ ବ୍ୟକ୍ତି ତଥା ପ୍ରଶାସନ ସହାୟତା ଯୋଗାଇ ଦେବାକୁ ପରିବାରବର୍ଗ ନିବେଦନ କରିଛନ୍ତି।

## ଫଟୋରେ ଖବର



ମଙ୍ଗଳବାର ସମ୍ବଲପୁର ସହର ଦେଇ ଯାଇଥିବା ୫୩ ନଂ. ଜାତୀୟ ରାଜପଥରେ ଛତିଶଗଡ଼ ରାଜ୍ୟ ରାୟପୁରରୁ ପଶ୍ଚିମବଙ୍ଗ ଅଭିମୁଖେ ଶ୍ରମିକମାନେ ଯାଉଛନ୍ତି ।

# ସଙ୍ଗରୋଧ କେନ୍ଦ୍ରକୁ ଗଲେ ୧୦ ଶ୍ରମିକ

**ସମ୍ବଲପୁର,୧୨।୫(ବ୍ୟୁରୋ)**

### ସମ୍ବଲପୁର ଜିଲା

- ଖସି ପଳାଇଥିବା ଅନ୍ୟ ୨ ଜଣଙ୍କୁ ଖୋଜୁଛି ପୋଲିସ
- ଛତିଶଗଡ଼ ଯାଉଥିବା ଶ୍ରମିକଙ୍କୁ ଛାଡିଦେଲା
- ୩ ବସ୍‌ରେ ୧୧୦ ଜଣଙ୍କୁ ପଶ୍ଚିମବଙ୍ଗ ପଠାଗଲା

ସମ୍ବଲପୁର ଜିଲା ଦେଇ ରାଜ୍ୟ ବାହାରର ଲୋକେ ପ୍ରତିଦିନ ଚାଲି ଚାଲି ନିଜ ରାଜ୍ୟ ତଥା ଘରକୁ ଯାଉଛନ୍ତି। ମଙ୍ଗଳବାର ପଶ୍ଚିମବଙ୍ଗ ଯାଉଥିବା ୧୨ ଜଣ ଶ୍ରମିକଙ୍କୁ ଗେଙ୍ଗୁଟିପାଲିରେ ସ୍ଥାନୀୟ କେତେକ ଲୋକେ ଦେଖି ଧନୁପାଲି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଏମାନଙ୍କୁ ପଚରାଉଚରା କରିଥିଲା। ସେମାନେ ରାୟପୁରରୁ ପଶ୍ଚିମବଙ୍ଗ ଯାଉଛନ୍ତି। ଲକ୍‌ଡାଉନ ଯୋଗୁ କାମ ବନ୍ଦ ହୋଇଯିବାରୁ ଏବେ ଘରକୁ ଫେରୁଛନ୍ତି। ସୁନାପାଲି ଅଞ୍ଚଳରେ ଜଣେ ସମ୍ପର୍କୀୟ ରହୁଥିବାରୁ ସେମାନେ ସେଠାକୁ ଆସିଥିଲେ। ଖାଇପିଇ ପୁଣି ନିଜ ରାଜ୍ୟ ଅଭିମୁଖେ ବାହାରିଥିବା ପୋଲିସକୁ କହିଥିଲେ। ହେଲେ ପୋଲିସ ସେମାନଙ୍କୁ ଏକ ବସ୍ ଯୋଗେ ଅଇଁଠାପାଲି ସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଇଛି। ଏହି ସମୟରେ କିନ୍ତୁ ୨ ଜଣ ଶ୍ରମିକ ଫେରାର ହୋଇଯାଇଛନ୍ତି। ଖସି ପଳାଇଥିବା ୨ ଶ୍ରମିକଙ୍କୁ ଧରିବାକୁ ପୋଲିସ ତନାଘନା ଚଳାଇଛି। ସେହିପରି ଯାଯପୁର ଜିଲା ଚଣ୍ଡିଖୋଲରୁ ଆସୁଥିବା କିଛି ଶ୍ରମିକଙ୍କୁ ଧନୁପାଲି ଛକରେ ଲୋକେ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପଚରାଉଚୁରା କରିଥିଲା। ସେମାନେ ଛତିଶଗଡ ଯାଉଥିବା କହିବା ପରେ ପୋଲିସ କିନ୍ତୁ ଛାଡି ଦେଇଛି। ଅନ୍ୟପକ୍ଷେ ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ କାମ କରୁଥିବା ପଶ୍ଚିମବଙ୍ଗ ମୁର୍ଶିଦାବାଦର ୧୧୦ ଜଣ ଶ୍ରମିକ ୩ଟି ବସ୍‌ରେ ନିଜ ଘରକୁ ଫେରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ପାସ୍ ଦିଆଯାଇଛି।

# ଚିକିତ୍ସା ପାଇଁ ଅର୍ଥ ବାଧକ

**ବରଗଡ଼ ଅଫିସ୍,୧୨।୫**

ବରଗଡ଼ ଜିଲା ପାଇକମାଳ ଥାନା ଯୋଗୀନ୍ଦ୍ରନାଥପୁର ଗ୍ରାମର ଭାନୁମତୀ ଓ ଉଦ୍ଧବ ଗୁଣ୍ଡିଙ୍କ କନ୍ୟା ନିକିତା (୧ବର୍ଷ)ଙ୍କ ବୟସ ଯେଭଳି ବଢ଼ି ଚାଲିଛି, ତାଙ୍କ ଶରୀର ସେହି ଅନୁସାରେ ବଙ୍କେଇ ଯାଉଛି। ସେ ସଳଖ ରହିପାରୁ ନାହାନ୍ତି। ତାଙ୍କ ଚିକିତ୍ସା ପାଇଁ ଏହି ଦମ୍ପତିଙ୍କ ପାଖରେ ଆବଶ୍ୟକ ଅର୍ଥ ନାହିଁ। ଏହି ପରିବାରର ଜମିବାଡ଼ି କିଛି ନାହିଁ । ଦାଦନ ଖଟି ସେମାନେ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି । ଗତ ପ୍ରାୟ ତିନିମାସ ତଳେ ତେଲଙ୍ଗାନାରୁ ଦାଦନ ଖଟି ସେମାନେ ଘରକୁ ଫେରିଛନ୍ତି। ବର୍ତ୍ତମାନ ଦୁଇଓଳା ଖାଇବାକୁ ମିଳୁ ନ ଥିବାବେଳେ ଝିଅର ଏଭଳି ଅବସ୍ଥା ସେମାନଙ୍କୁ ଚିନ୍ତାରେ ପକାଇଛି ।

### ବଙ୍କେଇଯାଉଛି ଶିଶୁକନ୍ୟାର ଶରୀର



ମା କୋଳରେ ଶିଶୁକନ୍ୟା ନିକିତା ।

ଶିଶୁକନ୍ୟାର ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ ମଧ୍ୟ ସେମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଫଳରେ ଆବଶ୍ୟକ ଚିକିତ୍ସା ଅଭାବରୁ ନିକିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି । ଶିଶୁର ଏଭଳି ଅବସ୍ଥା ଦେଖି ଜଣେ ସାମାଜିକ କର୍ମୀ ଦୀପା ବାରିକ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ଗତ ମାର୍ଚ୍ଚ ମାସରେ ମୁଖ୍ୟମନ୍ତ୍ରୀ, ବରଗଡ଼ ଜିଲାପାଳଙ୍କୁ ଟୁଇଟ୍ କରି ନିବେଦନ କରିଥିଲେ। ଏହାପରେ ଚିରାଚରିତ ଢ଼ଙ୍ଗରେ ବିଭାଗୀୟ ଅଧିକାରୀମାନେ ନିକିତାଙ୍କ ପାଖକୁ ପହଞ୍ଚିଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ବିଭିନ୍ନ ଫର୍ମ ମଧ୍ୟ ପୂରଣ କରି ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସମ୍ପୃକ୍ତ ଅଧିକାରୀଙ୍କ ଗସ୍ତକୁ ପ୍ରାୟ ଦୁଇମାସ ବିତି ଯାଇଛି, ହେଲେ ଏପର୍ଯ୍ୟନ୍ତ ଶିଶୁକନ୍ୟାଙ୍କୁ କୌଣସି ଚିକିତ୍ସା ସୁବିଧା ମିଳିପାରିନାହିଁ। ଅପରପକ୍ଷେ ଶିଶୁକନ୍ୟା ନିକିତା ଜୀବନ ସଂଘର୍ଷରେ ଥିବାବେଳେ ତାଙ୍କ ପାଇଁ ଚିନ୍ତିତ ଏହି ପରିବାରର ରୋଜଗାର ବନ୍ଦ ହୋଇଛି। ଏଭଳି ସ୍ଥଳେ ତାଙ୍କ ଚିକିତ୍ସା ପାଇଁ ପରିବାର ଲୋକେ ସରକାରୀ ସହାୟତା କିମ୍ବା କୌଣସି ସହୃଦୟ ଲୋକଙ୍କ ସହଯୋଗକୁ ଚାହିଁ ବସିଛନ୍ତି। ତାହା ହୋଇ ପାରିଲେ ନିକିତାଙ୍କ ଆବଶ୍ୟକ ଚିକିତ୍ସା ହୋଇପାରିବ ବୋଲି ପରିବାର ଲୋକେ ଆଶା ରଖିଛନ୍ତି ।

## ବଳାତ୍କାର ଅଭିଯୋଗରେ ଜେଲ୍‌ଗଲେ ଯୁବକ

**କୁଚିଣ୍ଡା,୧୨।୫(ଡି.ଏନ.ଏ.)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳର ଜଣେ ୧୫ ବର୍ଷିୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସମୀର କାଲୋ (୨୦)। ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ମଞ୍ଜୁର ନ ହେବାରୁ ତାଙ୍କୁ ଜେଲ୍ ଯିବାକୁ ପଡ଼ିଛି। ପୋଲିସ କହିଛି ଯେ, ନାବାଳିକାଙ୍କ ପରିବାର ପକ୍ଷରୁ ଗତ ୧୦ ତାରିଖ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ. ୬୦/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ଶେଷରେ ମଙ୍ଗଳବାର ସେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ।

## ବିଦ୍ୟୁତ୍ ନେଲା ଯୁବକଙ୍କ ଜୀବନ

**ବରଗଡ଼ ଅଫିସ୍,୧୨।୫**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଳପୁର ଥାନା ଅନ୍ତର୍ଗତ ଘେଁସରା ଗ୍ରାମରେ ମଙ୍ଗଳବାର ବିଦ୍ୟୁତ ସଂସ୍ପର୍ଶରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଉକ୍ତ ଗ୍ରାମର ବିକାଶ ବରିହା(୨୨)। ଏଥିରେ ଅନ୍ୟ ଜଣେ ଯୁବକ ଝସକେତନ ବରିହା(୨୧) ଗୁରୁତର ଆହତ ହୋଇଛନ୍ତି ।

ବିକାଶ ଓ ଝସକେତନ ବିଦ୍ୟୁତ୍ ଖୁଣ୍ଟ ଉପରକୁ ଚଢ଼ି ବିଦ୍ୟୁତ ସଂଯୋଗ କରୁଥିଲେ। ଏହି ସମୟରେ ସେଠାରେ ଯାଇଥିବା ୧୧କେ.ଭି କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେମାନେ ତଳେ ପଡ଼ି ଯାଇଥିଲେ। ସେମାନଙ୍କୁ ଉଦ୍ଧାର କରି ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ବିକାଶଙ୍କୁ ମୃତ ଘୋଷଣା କରିଥିଲେ । ଝସକେତନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

# ଗେଲ୍ ଇଣ୍ଡିଆ କର୍ମଚାରୀଙ୍କୁ ଆକ୍ରମଣ, ହତ୍ୟା ଧମକ

**ଦେବଗଡ଼,୧୨।୫(ଡି.ଏନ.ଏ.)**

ଦେବଗଡ ଜିଲା କୁଣ୍ଢେଇଗୋଳା ଥାନା ଅଧୀନ ଝରାବେରିଣୀ ଗ୍ରାମରେ ଗେଲ୍ ଇଣ୍ଡିଆ ପକ୍ଷରୁ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନାରେ ପାଇପ ଲାଇନ ବିଛା କାମ ଚାଲିଛି । ଏଥିରେ ନିୟୋଜିତ କର୍ମଚାରୀଙ୍କୁ ଦାଦାବଟି ଦାବିରେ ଆକ୍ରମଣ ହୋଇଥିବା ମଙ୍ଗଳବାର କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ ହୋଇଛି।

ସଂପୃକ୍ତ ଗ୍ରାମର କେତେଜଣ ବ୍ୟକ୍ତି ଉକ୍ତ ଠିକା ସଂସ୍ଥାରୁ ୧୦ ଲକ୍ଷ ଟଙ୍କା ବଟି ଦାବି କରିଥିଲେ । କର୍ମଚାରୀମାନେ ବଟି ଦେବାପାଇଁ ଅକ୍ଷମତା ପ୍ରକାଶ କରିବାରୁ ସେମାନେ ଟଙ୍କା ନ ଦେଲେ ପ୍ରକଳ୍ପ କାମ ହୋଇପାରିବ ନାହିଁ ବୋଲି ଧମକ ଦେଇଥିଲେ । ଏହାପରେ ବି ଠିକା ସଂସ୍ଥା ପକ୍ଷରୁ ପ୍ରକଳ୍ପ କାମ ଆରମ୍ଭ କରାଯାଇଥିଲା । ଫଳରେ ସେହି ଗ୍ରାମର କେତେଜଣ ଯୁବକ ସେଠାରେ ପହଞ୍ଚି ଠିକା ସଂସ୍ଥା ସୁପରଭାଇଜର ବିବେକାନନ୍ଦ ସାହୁ ଓ ତାଙ୍କ ସହକର୍ମୀମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ । ଉକ୍ତ କାମରେ ବ୍ୟବହୃତ ଏସ୍କାଭେଟର ଓ ହାଇଡ୍ରା ମେଶିନକୁ ନିଜ କବ୍‌ଜାକୁ ନେଇ ଯାଇଥିଲେ। ଏପରିକି ସେମାନଙ୍କୁ ଜୀବନରୁ ମାରିବାକୁ ଉଦ୍ୟମ କରିଥିବା ମଧ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଉକ୍ତ ଠିକା ସଂସ୍ଥାର ୨ସୁପରଭାଇଜରଙ୍କୁ ଉପରୋକ୍ତ ବ୍ୟକ୍ତିମାନେ ବନ୍ଦୀ କରି ରଖିବା ସହ ଏ ସମ୍ପର୍କରେ ଥାନାରେ ଅଭିଯୋଗ କଲେ ସେମାନଙ୍କୁ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଅଭିଯୋଗ ପାଇ କୁଣ୍ଢେଇଗୋଳା ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି । ଏ ସମ୍ପର୍କରେ ଭାରପ୍ରାପ୍ତ ଥାନା ଅଧିକାରୀ ହେମନ୍ତ ବେହେରାଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି ।



ଜଣେ ବ୍ୟକ୍ତି ଗେଲ୍ ଇଣ୍ଡିଆ କର୍ମଚାରୀଙ୍କୁ ଠେଙ୍ଗାରେ ଆକ୍ରମଣ କରିବାକୁ ଉଦ୍ୟମ କରୁଛନ୍ତି ।

# ପ୍ରଥମେ କଡ଼ାକଡ଼ି, ଘଡ଼ିସନ୍ଧି ବେଳେ କୋହଳ

**ସୋନପୁର,୧୨।୫(ନି.ପ୍ର.)**

ପ୍ରଥମେ କଡ଼ାକଡ଼ି, ଏବେ ଘଡ଼ିସନ୍ଧି ମୁହୂର୍ତ୍ତରେ ସବୁ କୋହଳ। ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ପରେ ସମସ୍ତ ରିପୋର୍ଟ ନେଗେଟିଭ୍ ଆସିଥିବାରୁ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍‌ରେ ସୁବର୍ଣ୍ଣପୁର ଜିଲାକୁ ସରକାର ଗ୍ରୀନ୍ ଜୋନ୍ ତାଲିକାଭୁକ୍ତ କରିଛନ୍ତି। ଫଳରେ ଜିଲା ପ୍ରଶାସନ ପକ୍ଷରୁ କଟକଣାରେ କୋହଳ କରାଯାଇଛି। କେବଳ ସେଲୁନ୍, ଫାଷ୍ଟଫୁଡ୍, ହୋଟେଲ, ମଦ ଦୋକାନ ଓ ଚା ଦୋକାନ ବନ୍ଦ ଥିବା ବେଳେ ବାକି ସବୁ ଖୋଲା । ବଜାରରେ ଅସମ୍ଭବ ଭିଡ ପରିଲକ୍ଷିତ ହେଉଛି । ହେଲେ ପଡ଼ୋଶୀ ଜିଲା ବଲାଙ୍ଗୀର ଓ ବୌଦ୍ଧରେ କରୋନା ଭାଇରସ୍ ସଂକ୍ରମିତ ଚିହ୍ନଟ ହେବା ପରେ ସୁବର୍ଣ୍ଣପୁର ଜିଲାବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବାହାର ରାଜ୍ୟ ଓ ପଡ଼ୋଶୀ ଜିଲାରୁ ଏଠାକୁ ଆସୁଥିବା ବ୍ୟକ୍ତିଙ୍କ ଦ୍ୱାରା ସଂକ୍ରମଣ ବଢିବା ଆଶଙ୍କା କରାଯାଉଛି।



ସୁବର୍ଣ୍ଣପୁର ସହରରେ ଲୋକଙ୍କ ଭିଡ଼।

ଜିଲାର ଗ୍ରାମାଞ୍ଚଳ ଓ ସହରରେ ଲୋକେ ସମସ୍ତ କଟକଣାକୁ ଫୁ କରି ବିନା ମାସ୍କରେ ଅନାୟାସରେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଏତେ ସଂଖ୍ୟାରେ ଲୋକ ଗାଡି ଧରି ବାହାରୁଛନ୍ତି ଯେ, ସହରରେ ଟ୍ରାଫିକ୍ ଜାମ୍ ହୋଇଯାଉଛି। ବିଶେଷ କରି ବିଜୁ ପଟ୍ଟନାୟକ ଛକ, ବଡବଜାର, ନଳିନୀ ଛକ, ବସ୍‌ଷ୍ଟାଣ୍ଡ, ଜୟଗୁରୁ ମାର୍କେଟ ଓ ବ୍ଲକ ଛକରେ ଗହଳି ଦେଖିବାକୁ ମିଳୁଛି। ଲକ୍‌ଡାଉନ୍ ଆରମ୍ଭରୁ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ସରିବା ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇ କଟକଣାକୁ କଡାକଡି କରାଯାଇଥିଲା। ଗ୍ରୀନ୍ ଜୋନ୍‌ରେ ମଧ ମାସ୍କ ଚେକିଂ ଓ ବାଇକ ଚଳାଇବା ଆଦି ଉପରେ କଟକଣା ରହିଥିଲା। ହେଲେ ପଡ଼ୋଶୀ ଜିଲାରେ କରୋନା ରୋଗୀ ଚିହ୍ନଟ ହେବା ପରେ କଟକଣା ନ ବଢି କୋହଳ ହୋଇଯାଇଛି। ଅନ୍ୟପକ୍ଷରେ କୌଣସି ଛକରେ ଚେକିଂ ହେଉ ନ ଥିବାରୁ ଲୋକେ ଅତି ଜରୁରୀ କାମ ନ ଥାଇ ମଧ ବିନା ମାସ୍କ, ବାଇକ୍, ଚାରିଚକିଆ ଯାନ ଧରି ଯାତାୟାତ କରୁଛନ୍ତି। ବର୍ତ୍ତମାନ ସଂକ୍ରମଣର ଭୟ ରହୁଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନିୟମ କଡାକଡି କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ସଙ୍ଗରୋଧରେ ରହିଲେ ପ୍ରବାସୀ

**ବଇଣ୍ଡା,୧୨ା୫(ଡି.ଏନ.ଏ.):** ସୋହେଲାରୁ କୋଲକାତା ଅଭିମୁଖେ ଏକ ଟ୍ରକ୍‌ରେ ଯାଉଥିବା ୩୩ ପ୍ରବାସୀଙ୍କୁ ମଙ୍ଗଳବାର କିଶୋରନଗର ପୋଲିସ ଅଟକାଇ ବାମୁର ପଞ୍ଚାୟତ ଡାକୁଆମୁଣ୍ଡା(ଖ) ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିଛି। ଟ୍ରକ୍‌ଟି ବେଆଇନ ଭାବେ ପ୍ରବାସୀଙ୍କୁ ନେଇ ଯାଉଥିବା ଖବରପାଇ କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରାସଦ ସାହୁ, ତହସିଲ ସୁପରଭାଇଜର ମାଧୁରୀ ନାୟକ, କିଶୋରନଗର ଆଇଆଇସି ପ୍ରତିଭା ମାଝି ପ୍ରମୁଖ ଚଢାଉ କରିଥିଲେ। ସେହିପରି ମହାରାଷ୍ଟ୍ରରୁ ଆସିଥିବା ୯ ଜଣ ପ୍ରବାସୀଙ୍କୁ ଡଙ୍ଗାପାଳ ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି।

### ସଂକ୍ରମିତଙ୍କ ପରିଚୟ ଭାଇରାଲର ତଦନ୍ତ ଆରମ୍ଭ

**ଅନୁଗୋଳ ଅଫିସ, ୧୨ା୫:** ଅନୁଗୋଳ ଜିଲାରୁ ଗତ ରବିବାର ଚିହ୍ନଟ ହୋଇଥିବା ୧୫ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧୩ ଜଣଙ୍କ ପରିଚୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ନେଇ ଉପଜିଲାପାଳ ବାସୁଦେବ ଶତପଥୀ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରୀ ଦପ୍ତରରୁ ଏଭଳି ସମ୍ବେଦନଶୀଳ ତଥ୍ୟ କିପରି ବାହାରକୁ ଗଲା ତାହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଜିଲାପାଳ ଶତପଥୀ ଏତଲାରେ ଉଲ୍ଲେଖ କରିଥିଲେ। ଏ ନେଇ ଅନୁଗୋଳ ଥାନାରେ ଏକ ମାମଲା ରୁଜୁ ହେବା ସହ ଘଟଣାର ଖୋଳତାଡ଼ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଭାଇରାଲ କରିଥିବା ବ୍ୟକ୍ତିଙ୍କୁ ଧରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ଅଭିଯୋଗ

**ବନ୍ତଳା,୧୨ା୫(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଳା ଥାନା ଶଙ୍ଖପୁର ଗ୍ରାମର ଶ୍ୟାମ ସୁନ୍ଦର ପ୍ରଧାନଙ୍କ ସାଢ଼େ ତିନିବର୍ଷର ପୁଅ ଶୁଭ୍ରଜିତଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଶ୍ୟାମସୁନ୍ଦର ସୋମବାର ଜିଲାପାଳ ଓ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ (ସିଡିଏମଓ)ଙ୍କୁ ଅଭିଯୋଗ କରିଛନ୍ତି ଯେ, ଏପ୍ରିଲ ୪ ତାରିଖରେ ଶୁଭ୍ରଜିତଙ୍କୁ କୁକୁର କାମୁଡ଼ିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପ୍ରେସ୍କ୍ରିପସନ ଲେଖିଥିଲେ ହେଁ ଦାୟିତ୍ୱରେ ଥିବା ଜଣେ ନର୍ସ ତଦନୁଯାୟୀ ଇଞ୍ଜେକଶନ ଦେଇ ନ ଥିଲେ। ଗତ ୫ ତାରିଖରେ ଶୁଭ୍ରଜିତ୍‌ଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର କଟକ ଶିଶୁଭବନ ସ୍ଥାନାନ୍ତର କରିଦେଇଥିଲେ। ସେଠାରେ ଶୁଭ୍ରଜିତ୍‌ଙ୍କ ମୃତ୍ୟୁ ହୋଇଯାଇଥିଲା। ଅନୁଗୋଳରେ ଉପଯୁକ୍ତ ଚିକିତ୍ସା କରାଯାଇ ନ ଥିବା କଟକ ଡାକ୍ତର କହିଥିବା ଶ୍ୟାମସୁନ୍ଦର ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରତାପ ବେହେରା କହିଛନ୍ତି, ଅଭିଯୋଗ ମିଳିଛି। ଦୁଇଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯିବ।

### ଘରେ ନ ରହିଲେ ଜିଲା ବାହାରେ କ୍ୱାରାଣ୍ଟାଇନ

**ଅନୁଗୋଳ ଅଫିସ, ୧୨ା୫:** ଅନୁଗୋଳ ସହରର ଜଣେ ଯୁବକ କରୋନା ପଜିଟିଭି ଚିହ୍ନଟ ହୋଇଥିବା ବେଳେ ତାଙ୍କ ପରିବାରକୁ କ୍ୱାରାଣ୍ଟାଇନରେ ରହିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ସମ୍ପୃକ୍ତ ପରିବାର ଲୋକେ ବାହାରେ ବୁଲାବୁଲି କରୁଥିବା ଅଭିଯୋଗ ହେଉଛି। ଏ ନେଇ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ବିଭିନ୍ନ ଆଡୁ ଅଭିଯୋଗ ପ୍ରଶାସନକୁ ମିଳୁଛି। ଯଦି ସମ୍ପୃକ୍ତ ପରିବାର ଲୋକେ ଏପରି ଭୁଲ ଦୋହରାନ୍ତି ତାହେଲେ ସେମାନଙ୍କୁ ଜିଲା ବାହାରେ କ୍ୱାରାଣ୍ଟାଇନରେ ରଖାଯିବ। ଅପରପକ୍ଷରେ ଏ ସମ୍ପର୍କରେ ଅନୁଧାନ ପାଇଁ ଅନୁଗୋଳ ପୌର ନିର୍ବାହୀ ଅଧିକାରୀଙ୍କୁ କୁହାଯାଇଥିବା ସୂଚନା ମିଳିଛି।

## କରୋନା ଭାଙ୍ଗିନି ଦମ୍ଭ

# ଛାଇରେ ଚାଲିଛି ଛତୁଚାଷ

ସୁଧୀର କୁମାର ପରିଡ଼ା

**କାମାକ୍ଷାନଗର, ୧୨ା୫**

କରୋନା ପାଇଁ ବୃତ୍ତି ହରାଇଲେଣି ଅନେକେ। ଜୀବନ ବଞ୍ଚାଇବା ଲାଗି କାମଧନ୍ଦା ଛାଡ଼ି ଗଣପଳାୟନ କରୁଛନ୍ତି ପ୍ରବାସୀ। ହେଲେ ଭିଟାମାଟିରେ ନିଜ ଉଦ୍ୟମରେ ଚାଷକୁ ଆଦରି ସ୍ୱାବଲମ୍ବୀ ହୋଇଥିବା ମଣିଷମାନଙ୍କ ଦମ୍ଭ ଭାଙ୍ଗିପାରିନି କୋଭିଡ୍। ଯଦିଓ ଆଗଭଳି ଲାଭ ହେଉନାହିଁ, ତଥାପି ପରିବାର ଚଳାଇବାରେ କୌଣସି ସମସ୍ୟା ନାହିଁ। କରୋନା ସଙ୍କଟ ସମୟରେ ଖୋଲା ଆକାଶ ତଳେ ଛାଇ ଜାଗାରେ ପାଳ ଛତୁ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି କାମାକ୍ଷାନଗର ଏବଂ ପରଜଙ୍ଗ ଅଞ୍ଚଳର ବହୁ ଛତୁ ଚାଷୀ।

ଛତୁ ଉତ୍ପାଦନ ପାଇଁ ସୁନାମ ଅର୍ଜନ କରିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ଚୁଳିଆ ମୁଣ୍ଡାସାହି, ସିବୁଳାପଶି, ଆଲୁଅଝରଣ, ମହୁଲି, ପରଜଙ୍ଗ ବ୍ଲକର ପଥରଖମ୍ବ, ସିଆରିମାଳିଆ। ଅଳ୍ପ ପୁଞ୍ଜି ଖଟାଇ ଅଧିକ ଲାଭ ମିଳୁଥିବାର ଗ୍ରାମାଞ୍ଚଳରେ ଛତୁ ଚାଷ ପ୍ରତି ଆଗ୍ରହ ବଢୁଛି। ହେଲେ ସମ୍ପୃକ୍ତ ଅଞ୍ଚଳ ଛତୁ ଚାଷର ପଦ୍ଧତି ନିଆରା। ଏଥିଲାଗି ସ୍ୱତନ୍ତ୍ର ଘର କି ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତିର ଆବଶ୍ୟକ ପଡୁନି। ଖୋଲା ଆକାଶ ତଳେ ଛାଇ ଜାଗାରେ ହେଉଛି ଛତୁ ଚାଷ। ଏଥିଲାଗି ସବୁଠୁ ବଡ଼ ଆବଶ୍ୟକତା ନଡ଼ା ଆଉ ଛତୁ ମଞ୍ଜି। ସାଧାରଣତଃ ଫେବୃୟାରୀରୁ ଅକ୍ଟୋବର ଯାଏ ଛତୁ ଉତ୍ପାଦନ କରାଯାଏ। ଶୀତ ଦିନେ ଅନୁକୂଳ ପାଣିପାଗ ନ ଥିବାରୁ ଛତୁ ଚାଷ ବନ୍ଦ ଥାଏ। ଛତୁ ଚାଷ ଲାଗି ଅଞ୍ଚଳର ଆଗ୍ରହୀ ଚାଷୀ ଉଦ୍ୟାନ ବିଭାଗ ତରଫରୁ ପ୍ରଶିକ୍ଷଣ ନେଇଛନ୍ତି। ପ୍ରଶିକ୍ଷିତ ଚାଷୀମାନେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସବୁଠାରୁ ବଡ଼ କଥା ହେଲା, କୋଭିଡ୍-୧୯ ଭୟ ସମୟରେ ମଧ୍ୟ ଛତୁ ଉତ୍ପାଦନ ଜାରି ରହିଛି। ଏହାଦ୍ୱାରା କେବଳ ମାଲିକ ଲାଭବାନ ହେଉନାହାନ୍ତି, ବରଂ ଫାର୍ମରେ ନିୟୋଜିତ ଶ୍ରମିକମାନେ ମଧ୍ୟ ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି। ପାଳ ଛତୁ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ପୂରଣ କରିବା ସହ ପଡ଼ୋଶୀ ଜିଲାକୁ ମଧ୍ୟ ରପ୍ତାନୀ ହେଉଛି।



ଛତୁ ଚାଷୀ ଆର୍ତ୍ତତ୍ରାଣ ବିଶ୍ୱାଳ

ଏ ନେଇ ଚୁଳିଆ ମୁଣ୍ଡାସାହିର ଅଗ୍ରଣୀ ଚାଷୀ ଆର୍ତ୍ତତ୍ରାଣ ବିଶ୍ୱାଳ (୫୫) କୁହନ୍ତି, ସେ ଦୀର୍ଘ ୧୦ ବର୍ଷ ହେଲା ପାଳ ଛତୁ ଚାଷ କରି ଆସୁଛନ୍ତି। ଏଥିଲାଗି ଆବଶ୍ୟକ ନଡ଼ା ସଂଗ୍ରହ ଲାଗି ସଜାଗ ରହିବାକୁ ପଡ଼େ। ଧାନ ଅମଳ ସମୟରେ ୪ ଲକ୍ଷ ଟଙ୍କା ଯାଏ ନଡ଼ା ସଂଗ୍ରହ କରାଯାଇଥାଏ। ତାଙ୍କ ଫାର୍ମରେ ଆଗରୁ ୨୦ରୁ ୩୦ ଜଣ ଶ୍ରମିକ କାମ କରୁଥିଲେ। ଏବେ କରୋନା ଲାଗି ଯାନବାହନ ଚଳାଚଳ ବାଧାପ୍ରାପ୍ତ କାରଣରୁ ଉତ୍ପାଦନ କମାଇବାକୁ ପଡିଛି। ଫାର୍ମରେ ଏବେ ୪ ଜଣ ଶ୍ରମିକ କାମ କରୁଥିବାବେଳେ ଦୈନିକ ୧୫୦ କେଜି ଛତୁ ବିକ୍ରି ହେଉଛି। ବ୍ୟବସାୟୀମାନେ ଆସି ସିଧାସଳଖ ଛତୁ କିଣି ନେଉଛନ୍ତି। ପୂର୍ବରୁ ଢେଙ୍କାନାଳ, ତାଳଚେର ଅଞ୍ଚଳରୁ ଛତୁ ମଞ୍ଜି ଆଣୁଥିଲୁ। ଏବେ କଟକଣା ଯୋଗୁ ଲୋକାଲ ମଞ୍ଜିରେ କାମ ଚଳାଇବାକୁ ପଡୁଛି। ବିଦେଶରେ ଯାଇ ଖଟିବା ଅପେକ୍ଷା ଏପରି ଚାଷ ଦ୍ୱାରା ନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହେବ। ବେକାର ଯୁବତୀଯୁବକ ରୋଜଗାରକ୍ଷମ ହୋଇପାରିବେ ବୋଲି ସେ କହିଛନ୍ତି।

#### କଟକଣା ପାଇଁ ବେପାର ଟିକେ ମାନ୍ଦା



ଅଞ୍ଚଳର ଫାର୍ମ ମାଲିକଙ୍କ ସହ ଯୋଗାଯୋଗ କରି ଛତୁ କିଣିବାକୁ ପଡ଼େ। ଏହାକୁ ଯାଜପୁର, ଢେଙ୍କାନାଳ, ତାଳଚେର ଅଞ୍ଚଳର ବଜାରରେ ବିକ୍ରି କରାଯାଇଥାଏ। ଏବେ ଲକ୍‌ଡାଉନ ଯୋଗୁ କେବଳ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଛତୁ ପହଞ୍ଚାଇବା ସମ୍ଭବ ହେଉଛି। କରୋନା ଯୋଗୁ ବେପାର ଟିକେ ମାନ୍ଦା ଧରିଛି। ତଥାପି ସବୁ ବର୍ଗ ମଧ୍ୟରେ ଛତୁର ଆଦର ରହିଛି।

- ଶେଷଦେବ ସାହୁ , ବ୍ୟବସାୟୀ

#### ଅନେକ ପରିବାର ରୋଜଗାର ପାଇଛନ୍ତି



୩ବର୍ଷ ହେଲା ଛତୁ ଫାର୍ମରେ କାମ କରୁଛି। ସୁଖଦୁଃଖରେ ମାଲିକ ପାଖରେ ଛିଡ଼ା ହେଉଛନ୍ତି। ଅଗ୍ରୀମ ଆକାରରେ ଟଙ୍କା ମଧ୍ୟ ଦେଉଛନ୍ତି। କରୋନା ଆତଙ୍କରେ ଏବେ ବାହାରେ କାମ କରୁଥିବା ଲୋକେ ଗାଁକୁ ଆସିବାରେ ଲାଗିଛନ୍ତି। ଅନେକ ରୋଜଗାର ହରାଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ହେଲେ ଆମ ଅଞ୍ଚଳର ଛତୁ ଚାଷ ଯୋଗୁ ଅନେକ ପରିବାର ରୋଜଗାର ପାଇଛନ୍ତି।

- ରମେଶ ହାଁସଦା, ଶ୍ରମିକ

## ଜାପାନ କେନ୍ଦ୍ରୀୟ ବ୍ୟାଙ୍କ

# ୧୩୮ ବର୍ଷରେ ପ୍ରଥମ ମହିଳା ଅଧିକାରୀ

**ନୂଆଦିଲ୍ଲୀ, ୧୨ା୫**



ଟୋକିକୋ ସିମିଜୁ

ବଦଳିଛି ଜାପାନ ଇତିହାସ। ୧୩୮ବର୍ଷ ପରେ ଜାପାନ କେନ୍ଦ୍ରୀୟ ବ୍ୟାଙ୍କ (ବ୍ୟାଙ୍କ ଅଫ୍ ଜାପାନ୍)ର କାର୍ଯ୍ୟକାରୀ ନିର୍ଦ୍ଦେଶକ ପଦବୀରେ ବସିଛନ୍ତି ଜଣେ ମହିଳା। ୫୫ ବର୍ଷୀୟା ଟୋକିକୋ ସିମିଜୁଙ୍କୁ ପ୍ରଥମ ମହିଳା ଭାବେ ଏହି ସୌଭାଗ୍ୟ ମିଳିଛି। ଦୁନିଆର ପ୍ରତି କ୍ଷେତ୍ରରେ ମହିଳା ପାଦ ରଖିସାରିଥିବାବେଳେ ଜାପାନ ଭଳି ବିକଶିତ ଦେଶରେ ଏହି ପଦବୀ ଦୀର୍ଘଦିନ ଧରି ପୁରୁଷଙ୍କ କବ୍‌ଜାରେ ଥିଲା। କେନ୍ଦ୍ରୀୟ ବ୍ୟାଙ୍କ ଭଳି ପ୍ରମୁଖ ଅର୍ଥନୈତିକ ଅନୁଷ୍ଠାନରେ ମହିଳାଙ୍କୁ ଅଧିକାରୀ ପଦବୀରେ ନିଯୁକ୍ତ କରି ନାରୀ ସଶକ୍ତୀକରଣର ନିଆରା ଉଦାହରଣ ସୃଷ୍ଟି କରିଛି।

୧୮୮୨ ଅକ୍ଟୋବରରେ ସ୍ଥାପନ ହୋଇଥିଲା ବ୍ୟାଙ୍କ ଅଫ୍ ଜାପାନ। ୧୩୮ ବର୍ଷର ବ୍ୟାଙ୍କ ଇତିହାସରେ କେବେ ବି ଜଣେ ମହିଳାଙ୍କୁ କାର୍ଯ୍ୟକାରୀ ନିର୍ଦ୍ଦେଶକ ପଦବୀରେ ନିଯୁକ୍ତି ମିଳି ନ ଥିଲା। ବ୍ୟାଙ୍କର ସର୍ବୋଚ୍ଚ ୬ ପଦବୀଧାରୀଙ୍କ ମଧ୍ୟରେ ଜଣେ ହେଉଛନ୍ତି ଟୋକିକୋ। ସମ୍ପୃକ୍ତ ୬ ଜଣ ଅଧିକାରୀ ବ୍ୟାଙ୍କର ଭିତ୍ତିଭୂମି ବିକାଶ, ଦୈନିକ ପରିଚାଳନା ସମ୍ପର୍କିତ କାର୍ଯ୍ୟ ତଦାରଖ କରିଥାନ୍ତି। କରୋନା ସଙ୍କଟ ସମୟରେ ବିଶ୍ୱବ୍ୟାପୀ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଥିବାବେଳେ ଏଥିରେ ସୁଧାର ଆଣିବା ଲାଗି ବ୍ୟାଙ୍କ ଅଫ୍ ଜାପାନର ଅଧିକାରୀ ପଦବୀଗୁଡ଼ିକରେ ବ୍ୟାପକ ଅଦଳବଦଳ କରାଯାଇଛି। ସିମୁଜୁ ୧୯୮୭ରୁ ବ୍ୟାଙ୍କରେ କାର୍ଯ୍ୟ କରି ଆସୁଛନ୍ତି। ୨୦୧୬ରୁ ୨୦୧୮ ମଧ୍ୟରେ ସେ ୟୁରୋପରେ ମହାପ୍ରବନ୍ଧକ ଏବଂ ଲଣ୍ଡନରେ ମୁଖ୍ୟ ପ୍ରତିନିଧି ଭାବେ କାର୍ଯ୍ୟ କରି ନିଜ ଦକ୍ଷତା ଦେଖାଇଥିଲେ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ଜି-୭ ରାଷ୍ଟ୍ର ସମୂହ ମଧ୍ୟରେ ଲିଙ୍ଗଗତ ଅନୁପାତରେ ଜାପାନ ସବାଶେଷରେ ରହିଛି। ବ୍ୟାଙ୍କ ଅଫ୍ ଜାପାନରେ ୪୭%ରୁ ଅଧିକ ଲୋକ ପେରୋଲରେ ଅଛନ୍ତି। ତେବେ ପ୍ରବନ୍ଧକ ପଦବୀରେ କେବଳ ୧୩% ମହିଳା ଅଛନ୍ତି। ସେହିପରି ପେମେଣ୍ଟ ଏବଂ ପୁଞ୍ଜି କାରବାର ବିଶେଷଜ୍ଞ ପଦବୀରେ ଏହା ୨୦%। ଅଦ୍ୟାବଧି ମହିଳାଙ୍କୁ ନୀତିବୋର୍ଡରେ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିଲା। ସେଥିରେ ୯ ସଦସ୍ୟଙ୍କ ମଧ୍ୟରୁ କେବଳ ଜଣେ ହିଁ ମହିଳା ଥିଲେ। କେବଳ ଏତିକି ନୁହେଁ, ଜାପାନର କେନ୍ଦ୍ରୀୟ ବ୍ୟାଙ୍କରେ ଅଦ୍ୟାବଧି କୌଣସି ମହିଳାଙ୍କୁ ଗଭର୍ନର ପଦବୀ ମିଳିନାହିଁ। ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ 'ନାରୀବାଦ' ନାମକ ଏକ ନୀତି ପ୍ରଚଳନ କରିବା ସହ ମହିଳାଙ୍କୁ ସଶକ୍ତ କରିବାକୁ ସଂକଳ୍ପ ନେଇଥିଲେ। ଦୀର୍ଘଦିନ ଧରି ଜାପାନର ଆର୍ଥିକ କାରବାରର ମଙ୍ଗ ପୁରୁଷଙ୍କ ହାତରେ ରହି ଆସିଥିଲା। ହେଲେ ଗତ ଦଶନ୍ଧିରେ ଏଥିରେ ଦ୍ରୁତ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଦେଶର ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀ ପରିଚାଳନା ଦାୟିତ୍ୱ ମହିଳାଙ୍କ ହାତକୁ ଆସିଛି।



ବୈଠକରେ ଉପସ୍ଥିତ ରଥଯାତ୍ରା କମିଟି ସଦସ୍ୟମାନେ।

# ଅନୁମତି ମିଳିଲେ ହେବ ତାଳଚେର ରଥଯାତ୍ରା

**ତାଳଚେର,୧୨ା୫(ନି.ପ୍ର.)**

ତାଳଚେରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଧାୟକ ବ୍ରଜକିଶୋର ପ୍ରଧାନ, ପୌରନିର୍ବାହୀ ଅଧିକାରୀ ଅତସୀ ପରିଡା, ଦେବୋତ୍ତର ମ୍ୟାନେଜର ପଙ୍କଜ ଲୋଚନ ପତି ଓ ମୁଖ୍ୟ ମହାରଣା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ସରକାର ଯଦି ଅନୁମତି ପ୍ରଦାନ କରନ୍ତି ତାହେଲେ ତାଳଚେରରେ ରଥଯାତ୍ରା ଅନୁଷ୍ଠିତ ହେବ ବୋଲି ରଥଯାତ୍ରା କମିଟି ସଭାପତି ତଥା ଉପଜିଲାପାଳ ସ୍ୱାଇଁ ସୂଚନା ଦେଇଥିଲେ। ବିଧାୟକ ପ୍ରଧାନ ବଡଯୋରଡା, କଂସମୁଣ୍ଡା ଓ ଜରଡା ଗ୍ରାମରେ ଥିବା ରଥ ମରାମତି କରି ଚଳିତ ବର୍ଷ ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଥିଲେ। ସଦସ୍ୟମାନେ ଏହାର ସମୀକ୍ଷା କରି ୫ ଦିନ ମଧ୍ୟରେ ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଯଦି ଏପରି କରାଯାଏ ତାହେଲେ ମୁଖ୍ୟ ମହାରଣା ରଥଗୁଡିକର ଯାଞ୍ଚ ଓ ପୂର୍ତ୍ତ ବିଭାଗ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କଲା ପରେ ରଥ ଚାଲିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଜୟନ୍ତ କୁମାର ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଦ୍ୟୁତ୍ ଫାଶରେ ପଡ଼ି କେନ୍ଦୁପତ୍ର ତୋଳାଳି ମୃତ

**ପବିତ୍ରନଗର,୧୨ା୫(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ କୁଲେଇ ଗ୍ରାମ୍ୟ ଜଙ୍ଗଲରେ ବାରହା ଶିକାର ପାଇଁ ବିଛାଯାଇଥିବା ଇଲେଭେନ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର କେନ୍ଦୁପତ୍ର ତୋଳାଳି ଚନ୍ଦ୍ରୀ ବେହେରାଙ୍କ ମୃତ୍ୟୁ ହୋଇଛି। କୁଲେଇ ଗ୍ରାମର ଚନ୍ଦ୍ରୀ ସକାଳୁ କେନ୍ଦୁପତ୍ର ସଂଗ୍ରହ ନିମନ୍ତେ ଗ୍ରାମ୍ୟ ଜଙ୍ଗଲର ମୋହନ ଡଇଲାକୁ ଯାଇଥିବା ବେଳେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଛନ୍ଦି ହୋଇଯାଇଥିଲେ। ଖବରପାଇ ସମଲ ଥାନା ପାଲିସ, ଜଙ୍ଗଲ ବିଭାଗ କର୍ମଚାରୀ ଓ କଣିହାଁ ତହସିଲଦାର ପତିତପାବନ ଦେବତା ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରିବା ପରେ ତହସିଲଦାର ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏ ନେଇ ସମଲ ଥାନାରେ ନଂ. ୯୦/୨୦ରେ ଏକ ମାମଲା ରୁଜୁକରାଯାଇ ତଦନ୍ତ ଜାରିରହିଛି।

### ଯୁବକଙ୍କୁ ଦଳିଦେଲା ହାତୀ

**ରାସୋଳ, ୧୨ା୫ (ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ଜାମୁଚକଡ଼ା ଗ୍ରାମର ଦୁର୍ଯ୍ୟୋଧନ ନାଏକଙ୍କ ସୋମବାର ରାତି ୧୦ଟାରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ଦୁର୍ଯ୍ୟୋଧନ ଏବଂ ତାଙ୍କ ବନ୍ଧୁ ସନ୍ତୋଷ ନାଏକ ଏକ ବାଇକ୍‌ରେ ଭୂଇଁପୁରରୁ ଗ୍ରସେରି ସାମଗ୍ରୀ ଧରି ଆସୁଥିବାବେଳେ କଇଁଆନାଳ ବ୍ରିଜ୍ ପାଖରେ ହାତୀ ସହ ମୁହାଁମୁହିଁ ହୋଇଯାଇଥିଲେ। ଦୁହେଁ ବାଇକ୍ ବୁଲାଇ ପଳାଇଯାଉଥିବା ବେଳେ ପଛରେ ବସିଥିବା ଦୁର୍ଯ୍ୟୋଧନଙ୍କୁ ହାତୀ ଶୁଣ୍ଢରେ ଟେକିନେଇ ଦଳି ଦେଇଥିଲା। ରାସୋଳ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ବାପା ହଟ୍ଟକିଶୋର ନାଏକଙ୍କୁ ୪୦,୦୦୦ ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଥିବା ରେଞ୍ଜର ହରମୋହନ ନାଏକ କହିଛନ୍ତି।

### ଧୈର୍ଯ୍ୟପୂର୍ଣ୍ଣ ସହଯୋଗ ଲୋଡ଼ା: ଜିଲାପାଳ

**ଢେଙ୍କାନାଳ ଅଫିସ, ୧୨ା୫:** ଜନସାଧାରଣ, ବ୍ୟବସାୟିକ ପ୍ରତିଷ୍ଠାନ ଲକ୍‌ଡାଉନ ନିୟମକୁ କଡ଼ାକଡ଼ି ଭାବେ ପାଳନ କରୁଥିବାରୁ ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ପ୍ରବାସୀ ଓଡ଼ିଆ ଜିଲାକୁ ଆସିବେ। ସଂକ୍ରମଣ ରୋକିବା ଲାଗି ଏହା ଗୁରୁତ୍ୱପୂର୍ଣ୍ଣ ସମୟ। ଏହାର ଧୈର୍ଯ୍ୟପୂର୍ଣ୍ଣ ମୁକାବିଲା ଲୋଡ଼ା ବୋଲି ଜିଲାପାଳ ଆହ୍ୱାନ ଦେଇଛନ୍ତି।

# ଆଖୁଆପାଳରେ ମଦ ବିକ୍ରି ବନ୍ଦ

**ପରଜଙ୍ଗ, ୧୨ା୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ଜିଲାପାଳ କ୍ଷମତାର ପ୍ରୟୋଗ କରିଛନ୍ତି ସରପଞ୍ଚ ପ୍ରଦୀପ ବେହେରା।

## ଜିଲାପାଳ କ୍ଷମତା ଦେଖାଇଲେ ସରପଞ୍ଚ

ଏପରି ବେନିୟମ କାର୍ଯ୍ୟରୁ ବିରତ ରହିବାକୁ ସରପଞ୍ଚ ନୋଟିସ୍ ମାଧ୍ୟମରେ ଚେତାବନୀ ଦେଇଛନ୍ତି।

୧୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଆଖୁଆପାଳ ପଞ୍ଚାୟତ ଚୋରା ମଦର ହବ୍ ପାଲଟିଛି। ରାସ୍ତାରେ ଖୁଲମ୍‌ଖୁଲା ମଦ ବିକ୍ରି କରାଯାଉଛି। କରୋନା ସଙ୍କଟ ସମୟରେ ଏପରି ମଦ ବ୍ୟବସାୟ ସଂକ୍ରମଣକୁ ନିମନ୍ତ୍ରଣ କରୁଥିବାବେଳେ ଏହାକୁ ନେଇ ଅଞ୍ଚଳବାସୀ ଚିନ୍ତାରେ ଥିଲେ। ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସରପଞ୍ଚ ମଦବିକ୍ରି ବନ୍ଦ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏ ସଂକ୍ରାନ୍ତ ନୋଟିସ ପଞ୍ଚାୟତ କାର୍ଯ୍ୟାଳୟ ସହ ସର୍ବସାଧାରଣ ସ୍ଥାନରେ ଲାଗିଛି। ପଞ୍ଚାୟତରେ କେହି ମଦ ରାନ୍ଧିପାରିବେ ନାହିଁ। ବିଦେଶୀ ମଦ ବିକ୍ରି ବନ୍ଦ ରହିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ଏହାକୁ ତଦାରଖ କରିବା ଲାଗି କମିଟି ଗଢ଼ାଯାଇଛି। କମିଟି ସଦସ୍ୟମାନେ ମଦ ବିକ୍ରି ସମ୍ପର୍କରେ ପୋଲିସକୁ ଅବଗତ କରାଇବାକୁ ନିଷ୍ପତ୍ତି ହୋଇଛି। ଏହାକୁ ବାଦ୍ ଦେଲେ ଅଯଥା ଗହଳି ଏଡ଼ାଇବା, ଜୁଆ ନ ଖେଳିବା, ସାମାଜିକ ଦୂରତ୍ୱ ରକ୍ଷା, ବିନା ଅନୁମତିରେ ବନ୍ଧୁବାନ୍ଧବଙ୍କୁ ଆଣି ଘରେ ନ ରଖିବାକୁ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ସରପଞ୍ଚଙ୍କ ଏପରି ନିଷ୍ପତ୍ତିକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।



ସରପଞ୍ଚ ଜାରି କରିଥିବା ନୋଟିସ୍।

# ସାନିଟାଇଜ୍ ହେଲା ବଇଣ୍ଡା

**ବଇଣ୍ଡା,୧୨ା୫(ଡି.ଏନ.ଏ.):** ବସ୍‌ରେ ମହାରାଷ୍ଟ୍ରରୁ ଓଡ଼ିଶା ଫେରୁଥିବା ପ୍ରବାସୀଙ୍କ ମଧ୍ୟରୁ କେତେଜଣ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ବଜାର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱର ଏକ ହୋଟେଲରେ ଖାଇଥିବା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଆଶଙ୍କା ମଧ୍ୟରେ ଥିଲେ। ଖବରପାଇ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ ମଙ୍ଗଳବାର ବଇଣ୍ଡାକୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯାଇଛି। ଏଠାରେ ଥିବା ରେଲ୍‌ୱେ ଷ୍ଟେଶନ, ମାର୍କେଟ କମ୍ପ୍ଲେକ୍ସ, ଏଟିଏମ୍ କାଉଣ୍ଟର, ଷ୍ଟେଟବ୍ୟାଙ୍କ ଶାଖା, ଫାଣ୍ଡି, ଡାକ୍ତରଖାନା, ସେସୁ କାର୍ଯ୍ୟାଳୟ, ପ୍ରବାସୀମାନେ ଖାଇଥିବା ହୋଟେଲ ସହ ବଇଣ୍ଡା ରାମଦେଓ ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରକୁ ସାନିଟାଇଜ୍ କରାଯାଇଛି। ବାମୁର ଅଗ୍ନିଶମ ବିଭାଗ ଇନ୍‌ଚାର୍ଜ ପ୍ରକାଶ କୁମାର ବେହେରା, ରଞ୍ଜନ ନାୟକ, ପ୍ରଶାନ୍ତ ନାୟକ, ଗଣେଶ କୁମାର ଭଞ୍ଜ ପ୍ରମୁଖ ସାନିଟାଇଜ କରିଥିଲେ।



ବଇଣ୍ଡା ଅଞ୍ଚଳରେ ସାନିଟାଇଜ୍ କରାଯାଉଛି।

### ଆଶାକର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**ଛେଣ୍ଡିପଦା,୧୨ା୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାହାଲସାହି ପଞ୍ଚାୟତ ଲଙ୍ଗୁଳି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆଶାକର୍ମୀ ସସ୍ମିତା ସାସମଲଙ୍କୁ ଆକ୍ରମଣ କରାଯାଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ସସ୍ମିତା ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରୁଥିବାବେଳେ ଗ୍ରାମର ଶ୍ରୀମନ୍ତ ବେହେରା ତାଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଏ ନେଇ ଉଭୟପକ୍ଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅବକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଅନୁଗୋଳ ଅଫିସ, ୧୨ା୫**

ଅନୁଗୋଳର କରଡ଼ାଗାଡ଼ିଆ ଠାରେ ଥିବା ଦେଶୀ ମଦ ଭାଟିକୁ ଲକ୍‌ଡାଉନ୍ ପୂର୍ବରୁ ସିଲ୍ କରାଯିବା ପରେ ବି ସେଠାରେ ଚୋରା ମଦ କାରବାର ହେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦାୟିତ୍ୱରେ ଅବହେଳା ପାଇଁ ସଦର ଅବକାରୀ ଅଧିକାରୀ ଅରବିନ୍ଦ ରାଉତରାୟଙ୍କୁ ବଇଣ୍ଡାକୁ ବଦଳି କରାଯାଇଛି। ଏଥିସହ ତାଙ୍କ ବିରୋଧରେ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସରକାର ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିବା ଅବକାରୀ ଏସ୍‌ପି କ୍ରିଷ୍ଣା ନାୟକ ସୂଚନା ଦେଇଛନ୍ତି।

ବିଭାଗ ପକ୍ଷରୁ କୁହାଯାଇଛି ଯେ, ସିଲ୍ କରାଯାଇଥିବା ଭାଟିଗୁଡ଼ିକର ନିୟମିତ ଯାଞ୍ଚ କରାଯିବା ନିୟମ ରହିଛି। କିନ୍ତୁ କରଡ଼ାଗାଡ଼ିଆ ଭାଟି କ୍ଷେତ୍ରରେ ତାହା ପାଳନ କରାଯାଇ ନ ଥିଲା। ଏପରିକି ସିଲ୍ ସମୟରେ କେତେ ପରିମାଣର ମଦ ସେଠାରେ ଗଚ୍ଛିତ ଥିଲା ତାହା ମଧ୍ୟ ରାଉତରାୟ ବିଭାଗକୁ ଅବଗତ କରି ନ ଥିଲେ। ପୋଲିସ ରିପୋର୍ଟ ମୁତାବକ ଭାଟିର ଗୋଟିଏ ଗୃହରେ ତାଲା ପକାଯାଇ ସିଲ୍ କରାଯାଇଥିବାବେଳେ ଅନ୍ୟ ୪ଟି କୋଠରିରେ ଚୋରା ମଦ ରନ୍ଧା ଚାଲିଥିଲା। ଏହି ଘଟଣାରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଅବକାରୀ ଏସ୍‌ପିଙ୍କୁ ରିପୋର୍ଟ ମାଗିବା ସହ ସଦର ଅଧିକାରୀ ଦାୟିତ୍ୱରେ ଥିବା ରାଉତରାୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ତେବେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବକାରୀ ଅଧିକାରୀ ରାଉତରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କିଛି କହିବାର ନାହିଁ ବୋଲି ସେ ପ୍ରକାଶ କରିଥିଲେ।

## ଚୋରା ମଦ କାରବାର ଘଟଣା




### ବିକ୍ରମଙ୍କ ବେଲ୍ ଆବେଦନ ଖାରଜ

**ଅନୁଗୋଳ ଅଫିସ, ୧୨ା୫:** ଚୋରା ମଦ କାରବାର ଅଭିଯୋଗରେ ଗିରଫ ହୋଇଥିବା ଅନୁଗୋଳର ଜଣାଶୁଣା ମଦ ବ୍ୟବସାୟୀ ବିକ୍ରମ କିଶୋର ସାହୁଙ୍କ ବେଲ୍ ଆବେଦନ ମଙ୍ଗଳବାର ଖାରଜ ହୋଇଯାଇଛି। ଅତିରିକ୍ତ ଜିଲା ଓ ଦୌରାଜଜ୍ (ଲିଭ୍ ରିଜର୍ଭ) ସୌମ୍ୟକ ପାତ୍ର ବିକ୍ରମଙ୍କ ସହ ଗିରଫ ହୋଇଥିବା ୧୧ ଜଣଙ୍କ ଆବେଦନ ଖାରଜ କରିଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ତାପସ ରଞ୍ଜନ ମିଶ୍ର ମାମଲା ପରିଚାଳନା କରିଥିଲେ।

**ସଙ୍ଗରୋଧ କେନ୍ଦ୍ରରେ ଯୋଗାଭ୍ୟାସ**

ନବରଙ୍ଗପୁର,୧୨।୫(ବି.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରଠାରେ ରହୁଥିବା ଶ୍ରମିକମାନଙ୍କୁ ଯୋଗ ଓ ବ୍ୟାୟାମ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନ କରାଯାଉଛି। ଶ୍ରମଜୀବୀଙ୍କ ମାନସିକ ଭାରସାମ୍ୟ ରକ୍ଷା କରିବା ନିମନ୍ତେ ବ୍ଲକ ପ୍ରଶାସନ ଓ ହର୍ଷା ଟ୍ରଷ୍ଟ ପକ୍ଷରୁ ଯୋଗାଭ୍ୟାସ ଓ ବ୍ୟାୟାମ କରାଯାଉଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସଙ୍ଗରୋଧ ଗୃହକୁ ଗଲେ ୫୩ ପ୍ରବାସୀ ଓଡ଼ିଆ

**ନବରଙ୍ଗପୁର,୧୨।୫(ବି.ପ୍ର.):** ତେଲଙ୍ଗାନାରୁ ସୋମବାର ରାତିରେ ଫେରିଥିବା ୫୩ ଜଣ ପ୍ରବାସୀ ଓଡିଆଙ୍କୁ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦଲେଇଗୁଡାସ୍ଥିତି ସଙ୍ଗରୋଧ ଗୃହରେ ରଖାଯାଇଛି। ସୋମବାର ରାତି ସାଢେ ଗୋଟାଏରେ ୨ଟି ବସରେ ସେମାନେ ପହଞ୍ଚିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଦଲେଇଗୁଡା ସ୍ଥିତ ସଙ୍ଗରୋଧ କେନ୍ଦ୍ରକୁ ନିଆଯାଇଥଲା । ସେମାନଙ୍କ ମଧ୍ୟରେ ପାପଡାହାଣ୍ଡି ବ୍ଲକର ୧୪, ଡାବୁଗାଁ ୮,କୋଷାଗୁମୁଡା ୧୮, ତେନ୍ତୁଲିଖୁଣ୍ଟି ୭, ନନ୍ଦାହାଣ୍ଡିର ୪, ଉମରକୋଟର ୨ ଜଣ ଶ୍ରମିକ ରହିଛନ୍ତି । ବୁଧବାର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଜଣାପଡିଛି । ସମସ୍ତେ ତେଲଙ୍ଗାନାରେ କାମ କରୁଥିଲେ । ମାଲକାନଗିରି ଜିଲା ମୋଟୁରେ ସେମାନେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ନବରଙ୍ଗପୁର ଅଣାଯାଇଥିଲା। ନବରଙ୍ଗପୁର ପ୍ରବେଶ ପଥରେ ପୋଲିସର ଚେକପୋଷ୍ଟ ନିକଟରୁ ଜିଲାପ୍ରଶାସନ ସେମାନଙ୍କୁ ପାପଡାହାଣ୍ଡି ପଠାଇଥିଲା ।

### କ୍ୱାରାଣ୍ଟାଇନ ସେଣ୍ଟରରୁ ମୋବାଇଲ ଚୋରି କରି ଯୁବକ ଗିରଫ

**କୋରୁକୋଣ୍ଡା, ୧୨।୫(ଡି.ଏନ.ଏ.):** ମାଲକାନଗିରି ଜିଲା କୋରୁକୋଣ୍ଡା ସଦରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ମଙ୍ଗଳବାର ମୋବାଇଲ ଫୋନ ଚୋରି କରିବାକୁ ଉଦ୍ୟମ କରି ଗିରଫ ହୋଇଛନ୍ତି। କ୍ୱାରାଣ୍ଟାଇନରେ ଥିବା ଜଣେ ବ୍ୟକ୍ତି ଝରକା ନିକଟରେ ନିଜ ମୋବାଇଲଟିକୁ ରଖିଥିଲେ। ବିଦ୍ୟାଳୟର ପାଚେରୀ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ସେହି ରାସ୍ତାରେ ଯାଉଥିବା ବେଳେ ମୋବାଇଲଟି ଚୋରି କରି ଦୌଡି ପଳାଉଥିଲେ। ତେବେ କ୍ୱାରାଣ୍ଟାଇନରେ ରହୁଥିବା ୨ ଜଣ ବ୍ୟକ୍ତି ତାଙ୍କୁ ଗୋଡାଇ ଧରିଥିଲେ। କ୍ୱାରାଣ୍ଟାଇନରେ ଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ ବ୍ଲକ ପ୍ରଶାସନ ସମ୍ପୃକ୍ତ ଯୁବକଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏନେଇ ପୋଲିସକୁ ଖବର ଦେବା ପରେ ମାଲକାନଗିରି ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି।

### ମଧ୍ୟବର୍ତ୍ତିକାଳୀନ କମିଟି ଗଠନ କଲା ଜିଲା ଆଇନଜୀବୀ ସଂଘ

**ଜୟପୁର,୧୨।୫(ଡି.ଏନ୍.ଏ. ):** କୋରାପୁଟ ଜିଲା ଆଇନଜୀବୀ ସଂଘର ମଧ୍ୟବର୍ତ୍ତିକାଳୀନ କମିଟି ଗଠିତ ହୋଇଛି। ରାଜ୍ୟ ବାର୍ ସଂଘ ନିର୍ଦ୍ଦେଶକ୍ରମେ ଏହି କମିଟି ଗଠନ କରାଯାଇଛି। ଜୟପୁର ଜିଲା କୋର୍ଟ ପରିସରରେ ଜିଲା ଆଇନଜୀବୀ ସଂଘର କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ଅଧକ୍ଷ ଭାବେ ସରୋଜ ଦାଶ ଏବଂ ସଦସ୍ୟ ଭାବେ ବିଜୟ ରାୟ ଜେନାଦେଓ, ରବୀନ୍ଦ୍ର ପାତ୍ର, ରବି ପଣ୍ଡା ଏବଂ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ମନୋନୀତ କରାଯାଇଛି । ରାଜ୍ୟ ବାର୍ ସଂଘର ନିୟମକୁ ନେଇ କେତେକ ଆଇନଜୀବୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ନିର୍ବାଚନ ଅଧିକାରୀ ଶଶାନନ୍ଦ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ ଯେ, ରାଜ୍ୟ ଆଇନଜୀବୀ ସଂଘ ୫ଜଣିଆ ସଦସ୍ୟ ମନୋନୀତ ନେଇ କେତେକ ନିୟମ ପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁଯାୟୀ ମଧ୍ୟବର୍ତ୍ତିକାଳୀନ କମିଟି ଗଠନ କରାଯାଇଛି।

# କ୍ୱାରାଣ୍ଟାଇନରେ ରହିଲେ ସରପଞ୍ଚ, ଯନ୍ତ୍ରୀଙ୍କ ସହ ଏସ୍ଆଇ

**ପାରଳାଖେମୁଣ୍ଡି,୧୨।୫ (ସ୍ୱ.ପ୍ର.)**

**ଲକ୍ଡାଉନ ଉଲ୍ଲଂଘନ**

ଗଜପତି ଜିଲାରେ ଲକ୍ଡାଉନ ନିୟମ ଉଲ୍ଲଂଘନ କରି ଜିଲାପାଳ କ୍ଷମତାପ୍ରାପ୍ତ ଜଣେ ସରପଞ୍ଚ ନିଜ ପରିବାରଙ୍କ ସହ କ୍ୱାରାଣ୍ଟାଇନରେ ରହିଛନ୍ତି। ସେହିପରି କରୋନା ସଂକ୍ରମିତ ରେଡ୍ ଜୋନ୍‌ରୁ ଗଜପତି ଜିଲାକୁ ଆସିଥିବାରୁ ଜଣେ ପୋଲିସ ଏସ୍ଆଇ ଏବଂ ଜଣେ କନିଷ୍ଠଯନ୍ତ୍ରୀଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଥିବା ଖବର ମିଳିଛି। ଖବରରୁ ଜଣାପଡିଛି ଗଜପତି ଜିଲାର ମଙ୍ଗରାଜପୁର ପଞ୍ଚାୟତର ସରପଞ୍ଚ ରୁବି ରଇତ ଆର.ଉଦୟଗିରି ତହସିଲଦାର ସ୍ମୃତିରଞ୍ଜନ ଶତପଥୀଙ୍କଠାରୁ ଅନୁମତି ନେଇ କୋରାପୁଟ ଜିଲାରେ ରହୁଥିବା ତାଙ୍କ ବାପାଙ୍କୁ ଭେଟିବା ପାଇଁ ଯାଇଥିଲେ । ହେଲେ ବିନା ଅନୁମତିରେ କୋରାପୁଟରୁ ନିଜ ବାପାଙ୍କୁ ଧରି ଗ୍ରାମକୁ ଫେରିଥିଲେ । କୋରାପୁଟରେ କରୋନା ସଂକ୍ରମଣ ଥିବାରୁ ସରପଞ୍ଚ କୋରାପୁଟରୁ ବାପାଙ୍କୁ ଧରି ଫେରିବା ନେଇ ଗ୍ରାମବାସୀ ଭୟଭୀତ ହୋଇପଡିଥିଲେ। ଏଘଟଣା ସମ୍ପର୍କରେ ଆର.ଉଦୟଗିରି ତହସିଲଦାର ଶତପଥୀ ଜାଣିବା ପରେ ସମ୍ପୃକ୍ତ ସରପଞ୍ଚଙ୍କୁ ସପରିବାର କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସମ୍ପୃକ୍ତ ସରପଞ୍ଚ ପରିବାର ସଦସ୍ୟଙ୍କ ସହ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି । ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସରପଞ୍ଚ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତ୍ୟହ ତଦାରଖ କରୁଛନ୍ତି । ସେହିପରି ଗଜପତିର ଆର୍.ଉଦୟଗିରି ଥାନାରେ କାର୍ଯ୍ୟରତ ଜଣେ ଏସ୍ଆଇ କରୋନା ସଂକ୍ରମିତ ଖୋର୍ଦ୍ଧାରେ କିଛିଦିନ ଅବସ୍ଥାନ କରି ଆର୍.ଉଦୟଗିରି ଫେରିଥିଲେ। ସୁରକ୍ଷା ଦୃଷ୍ଟିରୁ ସମ୍ପୃକ୍ତ ଏସ୍ଆଇଙ୍କୁ ତାଙ୍କ କ୍ୱାର୍ଟର୍ସରେ ହୋମ୍ କ୍ୱାରାଣ୍ଟାଇନରେ ରଖାଯାଇଛି । ଆର୍.ଉଦୟଗିରିର ଜଣେ କନିଷ୍ଠ ଯନ୍ତ୍ରୀ କରୋନା ସଂକ୍ରମିତ ବ୍ରହ୍ମପୁରରୁ ଆର୍.ଉଦୟଗିରି ଫେରିବା ପରେ ତାଙ୍କୁ ମଧ୍ୟ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି । ଏମାନଙ୍କ ଗତିବିଧି ଓ ସ୍ୱାସ୍ଥ୍ୟାବସ୍ଥା ନେଇ ମଧ୍ୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଟିମ୍ ନଜର ରଖିଛନ୍ତି।

# ୩ବର୍ଷର ପିଲାକୁ ଧରି ଗ୍ରାମରେ ଲୋକଙ୍କୁ କରୁଛନ୍ତି ସଚେତନ

**ଜୟପୁର, ୧୨।୫ (ନି.ପ୍ର.)**

**ଉପାନ୍ତ ଅଞ୍ଚଳରେ କରୋନା ଯୋଦ୍ଧା**


ମହିଳାଙ୍କୁ ହାତଧୁଆ କୌଶଳ ଶିଖାଉଛନ୍ତି ମାମି।

କରୋନା ପାଇଁ ଏବେ ସାରା ଦେଶ ଲକ୍ଡାଉନରେ ରହିଛି। ତେବେ ଏନେଇ ରହିଥିବା ସଚେତନତା ବାର୍ତ୍ତା ଉପାନ୍ତ ଅଞ୍ଚଳରେ ପହଞ୍ଚି ପାରୁନାହିଁ। ଏଭଳି ସ୍ଥିତିରେ କାଖରେ ନିଜର ୩ବର୍ଷର ଛୁଆକୁ ଧରି କରୋନା ସଚେତନତା କରୁଛନ୍ତି କୋରାପୁଟ ଜିଲା ଜୟପୁର ବ୍ଲକ ବାରିଣିପୁଟ ଗାଦଲାବାଡ଼ି ଗ୍ରାମର ମାମି ଖିଲ। କୋରାପୁଟ ଜିଲା ଜୟପୁର ଘାଟି ପାହାଡ଼ ଘେରା ଉପାନ୍ତ ଆଦିବାସୀ ଅଞ୍ଚଳରେ ସଚେତନ କରାଇବା ଭୁଲିଯାଇଛି ପ୍ରଶାସନ। ଏପରିକି ଜୟପୁର ସହରଠାରୁ ମାତ୍ର ୧୦ କି.ମି. ଦୂର ପାହାଡ଼ ଉପରେ ରହୁଥିବା ଆଦିବାସୀ ଲୋକଙ୍କୁ ସରପଞ୍ଚ କିମ୍ବା ବିଡିଓ ସଚେତନତା କରିନାହାନ୍ତି। ଏଭଳି ପରିସ୍ଥିତିରେ ନିଜ ଗାଁକୁ ଯେପରି କରୋନା ଛୁଇଁ ନ ପାରିବ ଏହି ଚିନ୍ତାଧାରା ନେଇ ମାମି ସଚେତନତା ଜାରି ରଖିଛନ୍ତି। ସେ ଗ୍ରାମର ପ୍ରତି ଘରକୁ ଯାଇ ଲୋକଙ୍କୁ ସଚେତନ କରୁଛନ୍ତି। ସାବୁନରେ ବାରମ୍ବାର ହାତ ଧୋଇବା, ମାସ୍କ ବ୍ୟବହାର କରିବା ଓ ସାମାଜିକ ଦୂରତା ରକ୍ଷା କରିବା ଲାଗି ଗ୍ରାମବାସୀଙ୍କୁ ଶପଥପାଠ କରାଉଛନ୍ତି। ମାମିଙ୍କ ଏପରି ପ୍ରୟାସ ଯୋଗୁ ଗ୍ରାମରେ କରୋନା ପଶିପାରିବ ନାହିଁ ବୋଲି ବିଶ୍ୱାସ ରହିଛି ସମସ୍ତଙ୍କର।

## ଆପ୍ ମାଧ୍ୟମରେ ୫୪,୯୯୮ ଟଙ୍କା ଠକେଇ

**ନବରଙ୍ଗପୁର,୧୨।୫(ବି.ପ୍ର.)**

ଏକ ଆପ୍ ମାଧ୍ୟମରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ଗାଁର ମୁରଲୀ ନାୟକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୪,୯୯୮ ଟଙ୍କା ଗାଏବ ହୋଇଯାଇଛି। ଏଟିଏମ୍ କାର୍ଡର ସିରିଏଲ ନମ୍ବର ଓ ୯ଟି ଡିଜିଟ ଦେବା ପରେ ୪ଥରରେ ତାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଛି। ଏ ସମ୍ପର୍କରେ ମୁରଲୀ ପାପଡ଼ାହାଣ୍ଡି ଥାନାରେ ମଙ୍ଗଳବାର ଏତଲା ଦେଇଛନ୍ତି। ମୁରଲୀଙ୍କ କହିବା ଅନୁଯାୟୀ ସେ ଏକ ଆପ୍ ମାଧ୍ୟମରେ ଅନ୍‌ଲାଇନ ଟଙ୍କା ଉଠାଣ ଓ ଜମା କରୁଥିଲେ । ମା' ଜୟନ୍ତୀ ନାୟକଙ୍କ ଏସ୍‌ବିଆଇ ଆକାଉଣ୍ଟରୁ ୧ଶହ ଟଙ୍କା ଲେଖାଏଁ ୨ଥର ମୁରଲୀ ତାଙ୍କ ଆନ୍ଧ୍ର ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ । ପରେ ୨ଟି ପର୍ଯ୍ୟାୟରେ ୪ ହଜାର ୮ଶହ ଓ ୪ ହଜାର ୯ଶହ ଟଙ୍କା ମା'ଙ୍କ ଆକାଉଣ୍ଟରୁ ତାଙ୍କ ଆକାଉଣ୍ଟକୁ ପଠାଇଥିଲେ । ତେବେ ଆକାଉଣ୍ଟକୁ ୨ଶହ ଟଙ୍କା ବ୍ୟତୀତ ଅନ୍ୟ କିଛି ଟଙ୍କା ଆସି ନ ଥିଲା। ୧୦ହଜାର ଟଙ୍କା କଟିଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ମୁରଲୀ ଉକ୍ତ ଆପ୍‌ର ଟୋଲ୍ ଫ୍ରି ନମ୍ବର ମାଧ୍ୟମରେ ଯୋଗାଯୋଗକରି ସମସ୍ୟା ଜଣାଇଥିଲେ । ସେଠାରୁ କଲ୍ ଆସିଲା ଯେ ଟଙ୍କା ଆକାଉଣ୍ଟରେ ଜମା ହୋଇଯିବ । ଏନି ଡିସ୍କ ଏକ ଆପ୍ ଡାଉନଲୋଡ୍ କରିବାକୁ କହିଥିଲେ । ସେମାନେ ଅନ୍‌ଲାଇନରେ ରହିଥିଲେ। ୯ଟି ଡିଜିଟର ଏକ ସିରିଏଲ ନମ୍ବର ଆସିଥିଲା ତାହାକୁ ଅପ୍‌ଲୋଡ୍ କରିବାକୁ କହିଥିଲେ । ଏଟିଏମ୍ କାର୍ଡର ସିରିଏଲ ନମ୍ବର ଦିଅନ୍ତୁ ତୁରନ୍ତ ଟଙ୍କା ତୁମ ଆକାଉଣ୍ଟକୁ ଚାଲିଯିବ ବୋଲି କହିଥିଲେ। ପରେ ରାତି ୮ଟାରେ ସେ ତାଙ୍କ ଆନ୍ଧ୍ର ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା ଅଛି ଜାଣିବା ପାଇଁ ଏସ୍‌ଏମ୍‌ଏସ୍ କରିବା ପରେ ଜାଣିବାକୁ ପାଇଥିଲେ ଯେ ୪ଥରରେ ୫୪ ହଜାର ୯୯୮ ଟଙ୍କା ଠକେଇ ହୋଇଯାଇଛି।

# ଲୁଣ ଅଭାବୀ ବିକ୍ରି ଗୁଜବ କରି ଜଣେ ଅଟକ

**ନବରଙ୍ଗପୁର,୧୨।୫ (ବି.ପ୍ର./ଡି.ଏନ୍.ଏ.)**

- **ଉମରକୋଟ୍‌ରେ ଗୋଟିଏ ଦୋକାନ ସିଲ୍**
- **ଯଥେଷ୍ଟ ପରିମାଣର ଲୁଣ ମହଜୁଦ ରହିଛି : ପ୍ରଶାସନ**

ରାଇଘର ଓ ଉମରକୋଟ୍ ଅଞ୍ଚଳରେ ଲୁଣର ଅଭାବୀ ବିକ୍ରିର ଗୁଜବ ସୃଷ୍ଟି କରାଯାଇଥିଲା। ଫଳରେ ଏହିସବୁ ଅଞ୍ଚଳରେ ଲୁଣର କଳାବଜାର ହୋଇଥିଲା। ଏଭଳି ଗୁଜବ ସୃଷ୍ଟି କରିବା ଅଭିଯୋଗରେ ରାଇଘର ବ୍ଲକର କୁନ୍ଦେଇ ଗାଁର ରାଜେନ୍ଦ୍ର ଶର୍ମା (ପପୁ)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି ବୋଲି କୁନ୍ଦେଇ ଥାନା ଅଧିକାରୀ ଟଙ୍କଧର ଭୋଇ ସୂଚନା ଦେଇଛନ୍ତି। ରାଇଘର ଓ ଉମରକୋଟ ବ୍ଲକ ଅଞ୍ଚଳରେ ଲୁଣର ଅଭାବୀ ବିକ୍ରି ସୃଷ୍ଟି କରାଯାଇଥିଲା । ଏନେଇ ବ୍ୟବସାୟୀଙ୍କ ନିକଟରେ ଖାଉଟିଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ୧୦ ଟଙ୍କାର ଲୁଣ ପ୍ୟାକେଟ ୩୦ରୁ ୪୦ ଟଙ୍କାରେ ବିକ୍ରି ହୋଇଥିଲା। ଏନେଇ ଉମରକୋଟ ପୋଲିସ, ତହସିଲଦାର, ପୌର ପ୍ରଶାସନ ପକ୍ଷରୁ ମିଳିତ ଭାବେ କିଛି ଦୋକାନରେ ଲୁଣ ଦର ନେଇ ଯାଞ୍ଚ କରିଥିଲେ। ମେଡିକାଲ ରାସ୍ତାରେ ଜଣେ ବ୍ୟବସାୟୀ ଗୋଟିଏ ପ୍ୟାକେଟ ଲୁଣକୁ ୩୦ ଟଙ୍କାରେ ବିକ୍ରି କରିଥିବା ଜାଣିବା ପରେ ଉକ୍ତ ଦୋକାନକୁ ପୋଲିସ ସିଲ୍ କରିଛି । ଏନେଇ ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି ଯେ ଜିଲାରେ ୧୦ ହଜାର ବସ୍ତା ତଥା ୨ ଲକ୍ଷ ପ୍ୟାକେଟ ଲୁଣ ବର୍ତ୍ତମାନ ମହଜୁଦ ରହିଛି । ଲୁଣର ଅଭାବ ନାହିଁ । କୌଣସି ବ୍ୟବସାୟୀ ଚଡ଼ାଦରରେ ଲୁଣ ବିକ୍ରିକଲେ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏନେଇ ଏସ୍‌ପି ନୀତିନ କୁଶଲକର କହିଛନ୍ତି, କଳାବଜାରକାରୀଙ୍କ ଉପରେ ନଜର ରଖାଯାଇଛି । ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ । ଅତ୍ୟାବଶ୍ୟକ ସାମଗ୍ରୀ ଆସିବାରେ କୌଣସି ସମସ୍ୟା ନାହିଁ। ଲୁଣ ଜିଲାରେ ଯଥେଷ୍ଟ ପରିମାଣରେ ରହିଛି।

# ଠିକା ଡାକ୍ତର, କର୍ମଚାରୀଙ୍କୁ ଅବହେଳା କରୁଛନ୍ତି ସରକାର

**କାଶୀନଗର,୧୨।୫(ଡି.ଏନ.ଏ.)**

**ଦାୟିତ୍ୱ ମିଳୁଛି, ପ୍ରୋତ୍ସାହନ ମିଳୁନି**

କରୋନା ମୁକାବିଲା ପାଇଁ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସରକାର ଯୋଦ୍ଧା ନାମରେ ପରିଚିତ କରାଇଛନ୍ତି। ସେମାନଙ୍କ ସୁବିଧା ପାଇଁ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଠିକା ଡାକ୍ତର, କର୍ମଚାରୀଙ୍କ ସେବାକୁ ସରକାର ଭୁଲି ଯାଉଛନ୍ତି। ସେମାନଙ୍କୁ ନିୟମିତ ଡାକ୍ତର, କର୍ମଚାରୀଙ୍କ ପରି ସୁବିଧା ଦେଉନାହାନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାଶୀନଗରରେ ୨ଟି ଟିମ୍ କାର୍ଯ୍ୟ କରୁଛି। ଗୋଟିଏ ମୋବାଇଲ ହେଲ୍‌ଥ ୟୁନିଟ୍ ଅନ୍ୟଟି ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ କାର୍ଯ୍ୟ କରୁଛି। ଟିମ୍‌ରେ ୧୨ଜଣ ନିୟୋଜିତ ହୋଇଛନ୍ତି। ବାହାର ରାଜ୍ୟରୁ ଆସିଥିବା ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନରେ ରଖିବା, ପ୍ରତିଦିନ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା, ସ୍ୱାବ୍ ସଂଗ୍ରହ କରିବା, ରିପୋର୍ଟ ପ୍ରସ୍ତୁତ କରିବା ଭଳି ଗୁରୁଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ ରହିଛି। ଏହି ଯୋଦ୍ଧାମାନଙ୍କ ପ୍ରତି ସରକାର ଅବହେଳା କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟରତ କର୍ମଚାରୀଙ୍କୁ ୪ ମାସର ଅଗ୍ରିମ ଦରମା ମିଳିଥିବା ବେଳେ ଏମାନଙ୍କୁ ତାହା ମିଳିନାହିଁ। ଏ ସମ୍ପର୍କରେ ଡାକ୍ତର ସଚ୍ଚିକାନ୍ତ ମହାପାତ୍ର କହନ୍ତି, କେରଳ ସରକାର ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଡାକ୍ତର କର୍ମଚାରୀଙ୍କୁ ଦରମା ସହ ପ୍ରୋତ୍ସାହନ ଭତ୍ତା ଦେଉଥିବା ବେଳେ ତାହା ଓଡ଼ିଶାରେ ନାହିଁ। ସରକାର ଆମ ଉପରେ ଦାୟିତ୍ୱ ଲଦି ଦେଉଛନ୍ତି ମାତ୍ର ସୁବିଧା ସୁଯୋଗ ଦେବାରେ ପାତରଅନ୍ତର କରୁଛନ୍ତି ବୋଲି ସେ କହିଛନ୍ତି।

# ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର: ୩ ଗିରଫ

**ଡାବୁଗାଁ,୧୨।୫(ଡି.ଏନ୍.ଏ.)**

**ଗ୍ରାହକ ସାଜି ଚଢ଼ାଉକଲା ବନ ବିଭାଗ ଟିମ୍**


ଜବତ ବଜ୍ରକାପ୍ତା ।

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧୀନ ବିଜାପୁର ଗ୍ରାମରେ ଚଢ଼ାଉକରି ବନ ବିଭାଗ ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋଡ଼ିଗାଁ ଥାନା ଅଧୀନ ବରଗାଁ ଗ୍ରାମର କପିଳାସ ହରିଜନ(୨୬),ସିଂସାରି ଫାଣ୍ଡି ଅଧୀନ ମାଝିଗୁଡ଼ା ଗ୍ରାମର ଲକ୍ଷ୍ମଣ ଭତ୍ରା(୪୧) ଏବଂ କର୍ଲାବେଡ଼ା ଗ୍ରାମର ବୁଦୁରାମ ଭତ୍ରା(୩୦)। ବଜ୍ରକାପ୍ତା ବେପାର ଚାଲିଥିବା ନେଇ ବନ ବିଭାଗ ସୂଚନା ପାଇଥିଲା । ପରେ ନବରଙ୍ଗପୁର ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋଙ୍କ ନିର୍ଦ୍ଦେଶକ୍ରମେ ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗ ଏବଂ ନବରଙ୍ଗପୁର ବନାଞ୍ଚଳ ଅଧିକାରୀ ମନୋଜ କୁମାର ପାତ୍ରଙ୍କୁ ନେଇ ଗଠିତ ଟିମ୍ ଯୋଜନା ମୁତାବକ ଗ୍ରାହକ ସାଜି କଥାବାର୍ତ୍ତା କରି ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ । ସେଠାରୁ ୬.୫ କେଜିର ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯିବା ସହ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୨ ବାଇକ୍ ଏବଂ ୨ ମୋବାଇଲ ମଧ୍ୟ ଜବତ କରାଯାଇଛି। ମଙ୍ଗଳବାର ଅପରାହ୍ଣରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଥିବାବେଳେ ସହକାରୀ ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ର ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

# କରୋନା ଯୋଦ୍ଧାଙ୍କୁ ଦୁର୍ବ୍ୟବହାର: ଯୁବକ ଗିରଫ

**ଗୁମ୍ମା,୧୨।୫**

ସଙ୍ଗରୋଧ କେନ୍ଦ୍ରରେ ନିରନ୍ତର ସେବା ଯୋଗାଇ ଆସୁଥିବା ଜଣେ କରୋନା ଯୋଦ୍ଧାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। କର୍ତ୍ତବ୍ୟରତ ଜଣେ ଡାକ୍ତରଙ୍କୁ ଧକ୍କା ମାରି ଜଣେ ଯୁବକ ଗିରଫ ହୋଇଛନ୍ତି। ଏପରି ଅଭିଯୋଗ ଆସିଛି ଗଜପତି ଜିଲା ଗୁମ୍ମା ପଞ୍ଚାୟତ ଅନ୍ତର୍ଗତ କେସିପୁର ସଙ୍ଗରୋଧ କେନ୍ଦ୍ରରୁ। ସୂଚନା ଅନୁଯାୟୀ ସଙ୍ଗରୋଧ କେନ୍ଦ୍ରରେ କର୍ତ୍ତବ୍ୟରତ ଡାକ୍ତର ସ୍ମୃତିରଞ୍ଜନ ସ୍ୱାଇଁ ଏପ୍ରିଲ୍ ୨୭ରେ ସଙ୍ଗରୋଧରେ ଥିବା ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିଲେ। ଏହି ସମୟରେ ସଙ୍ଗରୋଧରେ ଥିବା ସୁବହ୍ନୁ ପାଣି ଡାକ୍ତରଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେ ଉତ୍ତ୍ୟକ୍ତ ହୋଇ ଡାକ୍ତର ଏବଂ ତାଙ୍କ ସହଯୋଗୀଙ୍କୁ ଧକ୍କା ମାରିବା ସହ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଡାକ୍ତର ସେରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୁକ୍ତଙ୍କ ସଙ୍ଗରୋଧ ଅବଧି ସରି ନ ଥିବାରୁ ତାଙ୍କୁ ଗିରଫ କରାଯାଇ ନ ଥିଲା। ଅବଧି ସରିବା ପରେ ମଙ୍ଗଳବାର ତାଙ୍କୁ ଗିରଫ କରାଯାଇଥିବା ଆଇଆଇସି ପି. ସ୍ୱରୂପ କିଶନ ସୂଚନା ଦେଇଛନ୍ତି।

# ଚେକ୍ ପଏଣ୍ଟରେ ସୁରକ୍ଷା ଯାଞ୍ଚ କଲେ ଡିଆଇଜି


ଡିଆଇଜି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି।

**ରାୟଗଡ଼ା ଅଫିସ,୧୨।୫**

ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ ଅହମ୍ମଦ ମଙ୍ଗଳବାର ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାନ୍ତ କେରେଡ଼ାଠାରେ ରହିଥିବା ଚେକ୍ ପଏଣ୍ଟ ପରିଦର୍ଶନ କରିଛନ୍ତି। ପ୍ରବାସୀ ଶ୍ରମିକଙ୍କୁ ନିଜ ଅଞ୍ଚଳକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଛି। ତେଣୁ ଏହି ଚେକ୍ ପଏଣ୍ଟ ଦେଇ ପ୍ରତିଦିନ ପ୍ରବାସୀ ଶ୍ରମିକ ଆନ୍ଧ୍ରପ୍ରଦେଶରୁ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ରାଜ୍ୟକୁ ଏହି ଚେକ୍ ପଏଣ୍ଟ ଦେଇ ଯାତାୟାତ କରୁଛନ୍ତି। ଏହି ପଏଣ୍ଟ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଠାରେ ସୁରକ୍ଷା ବ୍ୟବସ୍ଥା କିପରି ରହିଛି, ତାହାର ସେ ଅନୁଧ୍ୟାନ କରିଛନ୍ତି। ଏଥିସହ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବା ପାଇଁ ସେ ଏହି ଅବସରରେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାୟଗଡ଼ା ପୋଲିସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ମଧ୍ୟ ଆଲୋଚନା ଓ ସମୀକ୍ଷା କରିଥିଲେ। ରେଳଧାରଣା ଦେଇ ଅନେକ ପ୍ରବାସୀ ଶ୍ରମିକ ବିପଦସଙ୍କୁଳଭାବେ ଚାଲି ଚାଲି ଆସୁଛନ୍ତି। ତେଣୁ ଆର୍‌ପିଏଫ୍ ଏବଂ ପୋଲିସ ପକ୍ଷରୁ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ଉପରେ ଡିଆଇଜି ଗୁରୁତ୍ୱାରୋପ କରିଛନ୍ତି।

ସେହିପରି ଚେକ୍ ପଏଣ୍ଟରେ ବାହାର ରାଜ୍ୟର ଲୋକଙ୍କୁ କେବଳ ନାମ ପଞ୍ଜୀକରଣ ଓ ଥର୍ମାଲ ସ୍କ୍ରିନିଂ କରାଯାଇ ଛାଡ଼ିଦିଆଯିବ। ଏବେକା ପରିସ୍ଥିତିରେ ଓଡ଼ିଶାର ଶ୍ରମିକଙ୍କ ନାମ ପଞ୍ଜୀକରଣ କରି ସେମାନଙ୍କୁ ସଙ୍ଗରୋଧରେ ରଖିବାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ଏହାସହ ରାୟଗଡ଼ାର ସ୍ଥିତି ଅନୁଧ୍ୟାନ କରିବା ପରେ ବ୍ୟବସ୍ଥା ନେଇ ସେ ସନ୍ତୋଷ ପ୍ରକାଶ କରିଛନ୍ତି।

# ଡକାୟତ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ, ଧରାପଡ଼ିଲେ ୬

**ଜୟପୁର,୧୨।୫ (ନି.ପ୍ର./ଡି.ଏନ୍.ଏ.)**

**ମାଉଜର, ୨୧ ମୋବାଇଲ, ଟଙ୍କା, ମାରଣାସ୍ତ୍ର ଜବତ**


ଜବତ ମୋବାଇଲ ଓ ମାରଣାସ୍ତ୍ର।

କୋରାପୁଟ ସହରର ବିଭିନ୍ନ ସ୍ଥାନରେ ଚୋରି ମାମଲାରେ ସମ୍ପୃକ୍ତ ଥିବା ଏକ ଗ୍ୟାଙ୍ଗର କୋରାପୁଟ ଟାଉନ ପୋଲିସ ମଙ୍ଗଳବାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ମୋଟ ୬ ଜଣ ଧରାପଡିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛି। ଗିରିଫ ଅଭିଯୁକ୍ତମାନେ ହେଲେ କାର୍ତ୍ତିକ ଖିଲ, କାଳୁଚରଣ ରାଉତ, ରାଜା କୁଲଦିପ, ଅଜିତ ରାଉଳ, ଲାଲ ମୋହନ ସାହୁ । ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ଆଗରେ ହାଜର କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ମାଉଜର, ୨ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ଖଣ୍ଡା, ୨୧ଟି ମୋବାଇଲ ଫୋନ, ୩ଟି ବାଇକ, ସୁନାଗହଣା, ୭୯,୭୦୦ ଟଙ୍କା ସହ ଚୋରିରେ ବ୍ୟବହୃତ ହେଉଥିବା ଅନ୍ୟ ସାମଗ୍ରୀଗୁଡ଼ିକ ଜବତ କରାଯାଇଥିବା କୋରାପୁଟ ଟାଉନ ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି । ଏହି ଡକାୟତ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ଲାଲମୋହନ ଏବଂ ଅଜିତ ରହିଥିଲେ। ସହରର କେଉଁ ଗୃହରେ ତାଲା ପଡିଥିବା ନେଇ ସେମାନେ ସୂଚନା ଦେବା ପରେ ଅନ୍ୟ ୪ଜଣ ଉକ୍ତ ଗୃହର ତାଲା ଭାଙ୍ଗି ଲୁଟ କରୁଥିଲେ। ସେହିପରି ଲୁଟ ପରେ ଟଙ୍କା ଗୁଡିକ ସମସ୍ତଙ୍କ ମଧ୍ୟରେ ସମାନ ବଣ୍ଟନ କରାଯାଉଥିବା ବେଳେ ସୁନା ଅଳଙ୍କାରକୁ ତରଳାଇ ଦିଆଯାଉଥିଲା। ଅଭିଯୁକ୍ତମାନେ ମୋଟ ୧୨ଟି କେସ୍‌ରେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ସେମାନେ ୨୦୧୯ରେ ୪ଟି ଓ ୨୦୨୦ ରେ ୮ ଟି ଚୋରି ମାମଲାରେ ଲିପ୍ତଥିବା ଜଣାପଡ଼ିଛି।

# ରହୁନି ସାମାଜିକ ଦୂରତା, ପିନ୍ଧୁନାହାନ୍ତି ମାସ୍କ

**ମାଲକାନଗିରି, ୧୨।୫ (ଡି.ଏନ.ଏ.)**


ମହିଳାମାନେ ସାମାଜିକ ଦୂରତା ନ ମାନି କାର୍ଯ୍ୟ କରୁଛନ୍ତି।

**ନିୟମ ଭାଙ୍ଗୁଛନ୍ତି ଠିକାଦାର**

କରୋନା ସଂକ୍ରମଣ ରୋକିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେହ ଉଦ୍ୟମ ଜାରି ରଖିଛନ୍ତି। ଆବଶ୍ୟକ ସ୍ଥଳେ ନୂଆ ନିୟମ ଜାରି କରୁଛନ୍ତି। କାର୍ଯ୍ୟ କ୍ଷେତ୍ରରେ କାର୍ଯ୍ୟ କରିବା ବେଳେ ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତା ରକ୍ଷା କରିବା,ହାତ ସଫା ରଖିବା ନେଇ ପରାମର୍ଶ ଦେଉଛନ୍ତି। ମାତ୍ର ମାଲକାନଗିରି ଜିଲାରେ ଶ୍ରମିକଙ୍କୁ ନେଇ କାର୍ଯ୍ୟ କରୁଥିବା ଜଣେ ଠିକାଦାର ଏସବୁ ନିୟମ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଶ୍ରମିକମାନେ ସୋମବାର ଡ୍ରେନ କାମ କରୁଥିବା ବେଳେ ଏପରି ଦୃଶ୍ୟ ନଜରକୁ ଆସିଛି। ଠିକାଦାର ଜଣକ ପ୍ରଚଣ୍ଡ ଖରାରେ ମହିଳା ଶ୍ରମିକଙ୍କୁ ନେଇ କାର୍ଯ୍ୟ କରୁଥିଲେ। କାର୍ଯ୍ୟ ସମୟରେ ଏହି ଶ୍ରମିକମାନେ ମୁହଁରେ ମାସ୍କ ପିନ୍ଧି ନଥିଲେ କି ସାମାଜିକ ଦୂରତା ରକ୍ଷା କରି ନ ଥିଲେ। ଏହା ଶ୍ରମ ଆଇନ୍‌ର ଖୋଲା ଉଲ୍ଲଂଘନ ବୋଲି ମତ ପ୍ରକାଶ ପାଉଛି। ଯଦି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏପରି କାର୍ଯ୍ୟ ଦେଖିବାକୁ ମିଳୁଛି ତେବେ ଅନ୍ୟ ସ୍ଥାନରେ କାହାକୁ ଜଗିବ ବୋଲି ଆଲୋଚନା ହେଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ମେ ୧୩/୨୦୨୦ Wednesday, May 13/2020

**ସଂକ୍ଷେପରେ**

## ୧୬.୭% କମିଲା ଶିଳ୍ପ ଉତ୍ପାଦନ

**ନୂଆଦିଲ୍ଲୀ,୧୨।୫:** ଦେଶର ଶିଳ୍ପ କ୍ଷେତ୍ର ଉତ୍ପାଦନ ମାର୍ଚ୍ଚ ମାସରେ ୧୬.୭% କମିଛି। ଲକ୍‌ଡାଉନ ଯୋଗୁ ଖଣି,ମାନୁଫାକ୍ଚରିଂ ଏବଂ ଇଲେକ୍ଟ୍ରିସିଟି କ୍ଷେତ୍ରର ଉତ୍ପାଦନ କମିଥିବାରୁ ଏଭଳି ସ୍ଥିତି ଉପୁଜିଥିବା ସରକାର ଜାରି କରିଥିବା ରିପୋର୍ଟରୁ ଏହା ଜଣାପଡିଛି। ଔଦ୍ୟୋଗିକ ଉତ୍ପାଦନ ସୂଚୀ(ଆଇଆଇପି) ଗତ ବର୍ଷ ମାର୍ଚ୍ଚରେ ୨.୭% ବଢିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ) ଡାଟା ମୁତାବକ ମାନୁଫାକ୍ଚରିଂ କ୍ଷେତ୍ର ଉତ୍ପାଦନ ୨୦.୬% ଖସିଛି। ଏହା ଗୋଟିଏ ବର୍ଷ ତଳେ ୩.୧% ଅଭିବୃଦ୍ଧି ହାସଲ କରିଥିଲା। ସେହିଭଳି ବିଦ୍ୟୁତ୍ ଉତ୍ପାଦନ ୬.୮% ହ୍ରାସ ଘଟିଥିବା ବେଳେ ଖଣି କ୍ଷେତ୍ରରେ ଉତ୍ପାଦନ ଫ୍ଲାଟ୍ ରହିଛି।

## ଡିଲରଶିପ ଖୋଲିଲା ରେନୋ

**ନୂଆଦିଲ୍ଲୀ,୧୨।୫:** ପ୍ରମୁଖ ଯାନ ନିର୍ମାତା କମ୍ପାନୀ ରେନୋ ପକ୍ଷରୁ କୋଭିଡ୍ କଟକଣା ପାଇଁ ବନ୍ଦ ହୋଇ ପଡିଥିବା ଏହାର ଡିଲରଶିପ ମଧ୍ୟରୁ କିଛି ନିର୍ଦ୍ଦିଷ୍ଟ ଡିଲରଶିପ ଏବଂ ୱାର୍କଗୁଡିକୁ ଖୋଲିବା ସମ୍ପର୍କରେ ଘୋଷଣା କରିଛି। ଏହି ଡିଲରଶିପରେ ଗ୍ରାହକମାନେ ପୂର୍ବ ଭଳି ସେବା ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଟଚ୍ ପଏଣ୍ଟଗୁଡିକରେ ସୁରକ୍ଷା ଏବଂ କଟକଣାକୁ କଡାକଡ଼ା ଭାବେ ପାଳନ କରାଯାଉଛି। ଏଭଳି ଭାବେ ମୋଟ ୧୯୪ ଡିଲରଶିପ ଖୋଲାଯାଇଛି। ପର୍ଯ୍ୟାୟ ଭିତ୍ତିରେ ଭାରତରେ ବାଣିଜ୍ୟକୁ ପୁଣି ଥରେ ଆରମ୍ଭ କରିବା ନେଇ ପଦକ୍ଷେପ ନିଆଯାଇଛି ବୋଲି ରେନୋ ଇଣ୍ଡିଆ ଅପରେଶନ୍ସର କଣ୍ଟ୍ରି ସିଇଓ ତଥା ଏମ୍‌ଡି ଭେଙ୍କଟରାମ ମାମିଲାପାଲେ ସୂଚନା ଦେଇଛନ୍ତି।

# ଅତି ଜରୁରୀରେ କିଣାକିଣି

**କୋଭିଡ୍‌-୧୯ ଯୋଗୁ କଟକଣା କୋହଳ ହେଉଥିବା ବେଳେ ବଜାର ଧୀରେ ଧୀରେ ସ୍ୱାଭାବିକ ହେଉଛି। ମନରେ ଭୟ ରହୁଥିବାରୁ ବାହାରକୁ ଆସି କ୍ରୟ କରିବାକୁ ଗ୍ରାହକ ସଙ୍କୋଚ କରୁଛନ୍ତି। ଅତି ଜରୁରୀରେ ଲୋକେ କିଣାକିଣି କରୁଛନ୍ତି। ସାରା ଦେଶରେ ଆର୍ଥିକ କାର୍ଯ୍ୟକଳାପ ବର୍ତ୍ତମାନ ସମ୍ପୂର୍ଣ୍ଣ ଠପ୍ ହୋଇ ରହିଛି। ବଜାର ସୁଧୁରିବାକୁ କିଛି ସମୟ ଲାଗିବ। ହେଲେ କାରବାରକୁ ସଜାଡ଼ିବା ଲାଗି ବ୍ୟବସାୟୀ ପୁଣି ଥରେ ଚେଷ୍ଟା ଆରମ୍ଭ କରିଛନ୍ତି। ପରିଚାଳନାରେ ବିଭିନ୍ନ ସମସ୍ୟା ରହୁଥିଲେ ମଧ୍ୟ ସବୁ କିଛି ବିଚାରକରି ବ୍ୟବସାୟୀ କାରବାର ଆଗକୁ ବଢ଼ାଉଥିବା ଦେଖାଯାଉଛି। କଟକଣା କୋହଳ ହେଉଥିବା ସ୍ଥାନଗୁଡ଼ିକରେ ବେଳେ ବେଳେ ହଠାତ୍ ସ୍ଥାନୀୟ କର୍ତ୍ତୃପକ୍ଷ ଦୋକାନ ବଜାର ବନ୍ଦକରି ଦେଉଥିବା ଦେଖା ଯାଉଛି। ସବୁ ପ୍ରକାର ନିୟମ ମାନିଲେ ମଧ୍ୟ କର୍ତ୍ତୃପକ୍ଷ କିଛି ଶୁଣୁନାହାନ୍ତି। କଟକଣା ଲଗାଇବା ଠିକ୍ ମାତ୍ର ସବୁ କିଛି ନ ବୁଝି ମନମାନି ଭାବେ ନିୟମ ଲାଗୁ କରିବା ଦ୍ୱାରା ବ୍ୟବସାୟୀଙ୍କୁ ବହୁ କ୍ଷତି ହେଉଥିବା ଅଭିଯୋଗ ହେଉଛି। ନିୟମ ସ୍ପଷ୍ଟ ନ ରହିଲେ ଏହା କାରବାରକୁ କ୍ଷତି ପହଞ୍ଚାଉଛି। ସେହିଭଳି ଲୋକଙ୍କ କ୍ରୟ ବ୍ୟବହାରକୁ ମଧ୍ୟ ପ୍ରଭାବିତ କରୁଛି। ଏଭଳି ସ୍ଥିତିରେ ନିୟମରେ ସ୍ପଷ୍ଟତା ରହୁ ବୋଲି ବ୍ୟବସାୟୀ ସରକାରଙ୍କୁ ନିବେଦନ କରିଛନ୍ତି। କୋଭିଡ୍ ପ୍ରଭାବିତ ବଜାର ସ୍ଥିତି ନେଇ ଅଂଶୀଦାରଙ୍କ ପ୍ରତିକ୍ରିୟା...**

### ନିୟମରେ ସ୍ପଷ୍ଟତା ରହୁ



"ଦିନ ୧୦ରୁ ରାତି ୮ ଟା ଯାଏ ଷ୍ଟୋର ଖୋଲିବାକୁ ଅନୁମତି ଦେବା ଆବଶ୍ୟକ। ସନ୍ଧ୍ୟା ୬ଟାରେ ଦୋକାନ ବନ୍ଦ ହୋଇଯାଉଥିବାରୁ ବର୍ତ୍ତମାନ ଖରାଦିନ ଯୋଗୁ ଦିନ ବେଳେ ଗ୍ରାହକ କିଣାକିଣି ପାଇଁ ଆସୁନାହାନ୍ତି। ସରକାରଙ୍କ ନିୟମରେ ମଧ୍ୟ ସ୍ପଷ୍ଟତା ରହିବା ଆବଶ୍ୟକ। ବ୍ୟବସାୟୀ ଏବଂ ଗ୍ରାହକଙ୍କ ଲାଗି ଏ କ୍ଷେତ୍ରରେ କୌଣସି ନିୟମ ଦ୍ୱନ୍ଦ୍ୱ ସୃଷ୍ଟି ନ କରୁ। ଷ୍ଟୋର ଖୋଲିବା ପରେ ପୁଣି ହଠାତ୍ ଆସି ଷ୍ଟୋର ବନ୍ଦ କରିବାକୁ କୁହାଯାଉଛି। କାହାର ମୁଡ୍ ଅନୁସାରେ ନିୟମ ପରିବର୍ତ୍ତନ ନ ହେଉ। ସମସ୍ତ ପ୍ରକାର ନିୟମ ମାନି ଆମେ ଷ୍ଟୋର ଖୋଲୁଛୁ। ହେଲେ କର୍ତ୍ତୃପକ୍ଷ ବାରମ୍ବାର ନିୟମ ପରିବର୍ତ୍ତନ କଲେ ବଜାର ଉପରେ ଦୀର୍ଘମିଆଦୀ ପ୍ରଭାବ ପଡୁଛି। ଲୋକେ ବଜାରର ଏଭଳି ସ୍ଥିତି ଦେଖି ସେମାନଙ୍କ କ୍ରୟ ନିଷ୍ପତ୍ତି ବଦଳାଇ ଦେଉଛନ୍ତି। ଏମିତି ହେଲେ କାରବାର କରିବା କଷ୍ଟକର ହେଉଛି। ଯେଉଁମାନେ ନିୟମ ମାନୁନାହାନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଉ। ମାତ୍ର କେତେଜଣଙ୍କ ଲାଗି ସମସ୍ତେ ଅସୁବିଧାରେ ପଡିବେ ତାହା ନ ହେଉ। କରୋନା ଲାଗି ଭ୍ୟାକ୍ସିନ ଆସି ନ ଥିବାରୁ ଆମକୁ ସ୍ଥିତି ସହ ଲଢ଼ିବାକୁ ହେବ। ଏମିତି ଲଗାତର କାରବାର ବନ୍ଦ ରହିଲେ ଆଗକୁ ବଢ଼ିବା କଷ୍ଟକର ହେଉଛି। ଘରଭଡ଼ା କ୍ଷେତ୍ରରେ କୌଣସି କୋହଳ ନିୟମ ରହୁନାହିଁ। ପରିଚାଳନା ଲାଗି କଷ୍ଟକର ହେଉଛି। ଗୋଟିଏ ଚ୍ୟାନେଲରେ ଥିବାରୁ ସମସ୍ତେ ସ୍ଥିତିକୁ ବୁଝିବାକୁ ହେବ। ସ୍ଥିତି ନ ସୁଧୁରିଲେ ସମସ୍ତେ ସମସ୍ତଙ୍କୁ ବୁଝିବାକୁ ହେବ। ସରକାର କିଛି ପଦକ୍ଷେପ ନେଲେ ଭଲ ହୁଅନ୍ତା।

**-ଶଶାଙ୍କ ଶେଖର ଆଚାର୍ଯ୍ୟ, ଏମ୍‌ଡି, ଫର୍ନିଚର ଗୋଡାଉନ**

### ସରକାରୀ ପଦକ୍ଷେପ ଜରୁରୀ



"ଗତ ୬ଦିନ ହେବ ବଜାର ଖୋଲିଥିଲୁ। ନୀତିନିୟମ ସହ କଟକର ୩ ଷ୍ଟୋର ଖୋଲିଛି। ବର୍ତ୍ତମାନ ଯାଏ ୧୦% ମଧ୍ୟ ଗ୍ରାହକ ଆସୁନାହାନ୍ତି। ବର୍ତ୍ତମାନ ସାମାଜିକ କାର୍ଯ୍ୟାକ୍ରମ ବନ୍ଦ ରହିଛି। ଲକ୍‌ଡାଉନ ଏବଂ କରୋନା ଭୟ ଲୋକଙ୍କ ମନରେ ରହିବା ଯୋଗୁ ବଜାର ଉପରେ ଏହାର ନକାରାତ୍ମକ ପ୍ରଭାବ ରହିଛି। ଷ୍ଟୋର ଖୋଲି ବସିଲେ ମଧ୍ୟ ଲୋକ ଆସିବା ଦେଖାଯାଉ ନାହିଁ। କରୋନା ବଜାରର କାରବାରକୁ ସମ୍ପୂର୍ଣ୍ଣ ମାଡ଼ କରିଛି। ଅତି ଆବଶ୍ୟକ ନ ହେଲେ ଲୋକ ଆସୁନାହାନ୍ତି। ବଜାର ସୁଧୁରିବା ନେଇ ଆଶା ନାହିଁ। ବଜାର ଅଭିବୃଦ୍ଧି ନେଇ ଛାଡନ୍ତୁ, ଗତ ବର୍ଷ ଯାହା କାରବାର ହେଉଥିଲା ଯଦି କଷ୍ଟରେ ତାହା ହୋଇଗଲା ସେତିକି ବଡ଼ କଥା। ସେତିକି ହେଲେ ଅନ୍ତତଃ ପକ୍ଷେ ପରିଚାଳନା ଖର୍ଚ୍ଚ ଉଠିଯିବ। ବେପାର ବଞ୍ଚିଲେ ଲୋକଙ୍କ ନିଯୁକ୍ତି ବଞ୍ଚିବ। ମାତ୍ର ସାରା ଦେଶରେ ବେପାର ବିଗିଡ଼ିଗଲେ ବେରୋଜଗାରୀର ଯେଉଁ ସ୍ଥିତି ଉପୁଜିବ ତାକୁ ସମ୍ଭାଳିବା ସରକାରଙ୍କ ଲାଗି କଷ୍ଟକର ହୋଇପଡିବ। ସରକାର ଏ ଦିଗରେ କିଛି ପଦକ୍ଷେପ ନେବେ ବୋଲି ଆଶାବାଦୀ। ଆମେ ନିଜେ ରୋଜଗାର ନ କଲେ କେମିତି ସବୁ ସମ୍ଭାଳିବୁ। ଜୀବନ ଜୀବିକା ପ୍ରତି ବିପଦ ଥିବାରୁ କାରବାର ସ୍ଥିତି କ'ଣ ହେବ ବେଶି କିଛି କହି ହେଉନି।

**-ରମନ କୁମାର ବାଗାଡ଼ିଆ, ଫ୍ରାଞ୍ଚାଇଜ ଓନର, ଟାଇଟନ**

### ଜୁନ୍ ଯାଏ କିଛି କହି ହେବନି



"ଶୋ'ରୁମ୍ ଖୋଲା ରହିଥିବା ବେଳେ ଲୋକ କମ୍ ଆସୁଛନ୍ତି। ଏବେ ୨୫% ପର୍ଯ୍ୟନ୍ତ କ୍ଷମତାରେ ସବୁ ଚାଲୁଛି। ବର୍ତ୍ତମାନ ଗ୍ରାହକ ଅଧିକ ଡିସ୍‌କାଉଣ୍ଟ ଆଶା କରୁଛନ୍ତି। ଅତି ଆବଶ୍ୟକତା କ୍ଷେତ୍ରରେ ଲୋକ ଗାଡ଼ି କିଣିବାକୁ ଆସୁଛନ୍ତି। ଗାଡି ଦେଖିବା,ଟେଷ୍ଟ ଡ୍ରାଇଭ କରିବା ଗ୍ରାହକ ଆସୁନାହାନ୍ତି। ବର୍ତ୍ତମାନ ଶୋ'ରୁମ୍‌ରେ ରହିଥିବା ବିଏସ୍‌-୪ ଷ୍ଟକ୍ ଶେଷ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଗ୍ରାହକଙ୍କୁ ଫୋନ୍ କଲ୍ ତଥା ଅନ୍ୟ ମାଧ୍ୟମ ଦ୍ୱାରା ଏ ନେଇ ଅବଗତ କରାଯାଉଛି। ବିଏସ୍‌-୪ ଟୁହ୍ୱିଲର୍ସ ଦାମ ପ୍ରାୟ ୮ରୁ ୧୦ ହଜାର କମ୍ ରହୁଛି। ସେହିଭଳି ଏହି ଯାନଗୁଡିକ ଉପରେ ରିହାତି ମଧ୍ୟ ପ୍ରଦାନ କରାଯାଉଛି। ଏହି ଷ୍ଟକ୍ କିଭଳି ଶେଷ କରାଯିବ ତା' ଉପରେ ଧ୍ୟାନ ରହିଛି। ବର୍ତ୍ତମାନ ବଜାରକୁ ନେଇ କିଛି କହିହେବ ନାହିଁ। ଏବର ପରିସ୍ଥିତିରେ କିଛି ଷ୍ଟ୍ରାଟେଜି କାମ କରିବ ନାହିଁ। ସରକାରଙ୍କ ନିୟମ ଅନୁସାରେ ଯାହା କିଛି କରିବାକୁ ହେବ। ଜୁନ୍ ପର୍ଯ୍ୟନ୍ତ କିଛି ହେବ ନାହିଁ। ଜୁନ୍ ପରେ ଯାହା କିଛି ଷ୍ଟ୍ରାଟେଜି ନିଆଯାଇ ପାରିବ।

**-ରାଜୀବ ଦୁବେ, ଏମ୍‌ଡି, ରୋହନ ଅଟୋରାଇଡର୍ସ**

### ସ୍ଥିତିକୁ ଦେଖି କାର୍ଯ୍ୟପନ୍ଥା ସ୍ଥିର ହେବ



"ବଜାର ପ୍ରଭାବିତ ହୋଇ ରହିଛି। ଶୋ'ରୁମ୍ ଖୋଲିବାକୁ ଅନୁମତି ମିଳିନି। କଟକଣା ଥିବାରୁ ସବୁ ସ୍ଥାନରେ ଶୋ'ରୁମ୍ ଖାଲି ହେଉଛି। ଯଦି ଖୋଲାଯାଏ କଟକଣା ଥିବାରୁ ଗ୍ରାହକ ତ ଆସିବା କମ୍ ରହୁଛି। ବିଶେଷ ଫାଇଦା ହେବ ନାହିଁ। ବଜାରକୁ ଧ୍ୟାନରେ ରଖି ଆଗାମୀ ଯୋଜନା ହାତକୁ ନିଆଯିବ। ବିଶ୍ୱର ସବୁ ଦେଶ ଇ-ଯାନ ଚଳାଚଳକୁ ପ୍ରୋତ୍ସାହିତ କରୁଛନ୍ତି। ଭାରତରେ ଇ-ଯାନ ବ୍ୟବହାର ନେଇ ସଚେତନତା ଆସ୍ତେ ଆସ୍ତେ ବଢୁଛି। ମାତ୍ର କରୋନା ବଜାରକୁ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ କରିଥିବାରୁ ଏବେ ଚାହିଦା ନାହିଁ। ବଜାରର ଭଲ ସ୍ଥିତି ଫେରିବାକୁ ଅପେକ୍ଷା ରହିଛି।

**-ଆର୍.ଜେ. ସାନେ, ଚେୟାରମ୍ୟାନ, ଉଷା କମ୍ୟୁନିକେଶନ**

**ପ୍ରଥମ ବିବାହ ବାର୍ଷିକୀ ଶୁଭେଚ୍ଛା**



ମାନସ
ଓ
ପ୍ରିୟଦର୍ଶନୀ

ଆଜିର ବିବାହ ବାର୍ଷିକୀ ଅବସରରେ ଏତିକି କାମନା ଦୁହିଁଙ୍କର ବୈବାହିକ ଜୀବନ ସୁଖମୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଦୁହିଁଙ୍କୁ ସଦାସର୍ବଦା ଖୁସିରେ ରଖନ୍ତୁ।

-:ଶୁଭେଚ୍ଛା ସହ:-
KALYAN ENGG. TECH. PVT. LTD,
M.D. ଏବଂ କର୍ମଚାରୀବୃନ୍ଦ।

ଧ-୬୯୧୧୬

## 'ବ୍ୟାଙ୍କିଙ୍ଗ୍ ଶିଳ୍ପ ସାମ୍ନାରେ ଅନେକ ଚ୍ୟାଲେଞ୍ଜ'

Bandhan Bank

**ନୂଆଦିଲ୍ଲୀ,୧୨।୫:** ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏଭଳି ସ୍ଥିତିରେ ଦେଶର ବ୍ୟାଙ୍କିଙ୍ଗ୍ ଶିଳ୍ପ ସାମ୍ନାରେ ବିଭିନ୍ନ ଚ୍ୟାଲେଞ୍ଜ ରହିଥିବା ବନ୍ଧନ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଚନ୍ଦ୍ରଶେଖର ଘୋଷ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବିଭିନ୍ନ ଚ୍ୟାଲେଞ୍ଜ ସହ ଅଭିବୃଦ୍ଧି ଧାରା ଜାରି ରଖିବାକୁ ସକ୍ଷମ ହୋଇଛୁ। କୋଭିଡ୍ -୧୯ ଯୋଗୁ କାରବାର ଗଭୀର ଭାବେ ପ୍ରଭାବିତ ରହିଲେ ମଧ୍ୟ ଗ୍ରାହକଙ୍କୁ ନିରନ୍ତର ସେବା ଯୋଗାଣ ଧାରା ଜାରି ରହିବ। ଅଭିବୃଦ୍ଧି କ୍ଷେତ୍ରରେ ଦୃଢତା ବଜାୟ ରଖିବା ସହ ବର୍ତ୍ତମାନ ୨.୦୧ କୋଟି ଗ୍ରାହକଙ୍କୁ ସେବା ଯୋଗାଣ ହେଉଛି। ଜମା କ୍ଷେତ୍ରରେ ଅଭିବୃଦ୍ଧି ୩୨.୦୪% ରହିଥିବା ବେଳେ ଏହା ୫୭,୦୮୨ କୋଟି ଟଙ୍କା ରହିଛି। ବ୍ୟାଙ୍କର ଲୋନ୍ ବୁକ୍ ୬୦.୪୬% ୭୧.୮୪୬ କୋଟି ଟଙ୍କା ଟପିଛି। ୨୦୧୯-୨୦ରେ ବ୍ୟାଙ୍କର ମୋଟ କାରବାର ୪୬.୫୦% ବଢି ୧.୨୮ ଲକ୍ଷ କୋଟି ଟଙ୍କା ରହିଛି। କାସା ଜମା ୧୯.୩୬% ହାରରେ ବଢିଛି। ଏଫ୍‌ପିଏ ୦.୫୮% ସ୍ତରରେ ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

# ଖେଳ ଖବର

## ପୂର୍ବତନ ଟିଟି ଚାମ୍ପିୟନ ମନ୍‌ମୀତ୍‌ଙ୍କ ପରଲୋକ



**ନୂଆଦିଲ୍ଲୀ,୧୨।୫ (ପି.ଟି.):** ପୂର୍ବତନ ଜାତୀୟ ଟେବୁଲ ଟେନିସ ଚାମ୍ପିୟନ ମନ୍‌ମୀତ୍ ସିଂ ୱାଲିଆ ୫୮ ବର୍ଷ ବୟସରେ କାନାଡାର ମଣ୍ଟ୍ରିଲ୍‌ରେ ମୃତ୍ୟୁ ବରଣ କରିଛନ୍ତି। ଦୁଇବର୍ଷ ଧରି ସେ ଅସୁସ୍ଥ ଥିଲେ। ମୃତ୍ୟୁ ବେଳକୁ ତାଙ୍କ ସ୍ତ୍ରୀ ଓ ଦୁଇ ଝିଅ ଉପସ୍ଥିତ ଥିଲେ। ସୋମବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମନ୍‌ମୀତ୍ ଏଏଲ୍‌ଏସ୍ (ଆମ୍ୟୋଟ୍ରୋଫିକ ଲାଟେରାଲ ସ୍କେଲେରୋସିସ୍) ରୋଗରେ ପୀଡ଼ିତଥିଲେ। ପୂର୍ବରୁ ସେ କୋଏମ୍ବାଟୁରରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା କରାଉଥିଲେ। ୮୦ ଦଶକରେ ସେ ଶ୍ରେଷ୍ଠ ତଥା ସ୍ଥିର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୧୯୮୯ରେ ସେ ଜାତୀୟ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ସେତେବେଳେ ସେ ହାଇଦ୍ରାବାଦ୍‌ରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏସ୍. ଶ୍ରୀରାମଙ୍କୁ ପରାସ୍ତ କରିଥିଲେ।

## ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍: ନୂଆ ତାରିଖ ଘୋଷଣା

**ଭୁବନେଶ୍ୱର,୧୨।୫(କ୍ରୀଡ଼ା ପ୍ରତିନିଧି)**

କରୋନାଭାଇରସ୍ ସଂକ୍ରମଣଜନିତ ସ୍ଥିତିର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପରେ ବ୍ୟୁରୋ ଅଫ୍ ଫିଫା କାଉନ୍‌ସିଲ ପକ୍ଷରୁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ନୂଆ ତାରିଖ ଘୋଷଣା ହୋଇଛି। ଭାରତର ୫ଟି ସ୍ଥାନରେ ହେବାକୁଥିବା ଏହି ପ୍ରତିଯୋଗିତା ୨୦୨୧ ଫେବୃୟାରୀ ୧୭ରୁ ମାର୍ଚ୍ଚ ୭ ମଧ୍ୟରେ ଅନୁଷ୍ଠିତ ହେବ। ଫିଫା କନ୍‌ଫେଡେରେଶନର କୋଭିଡ-୧୯ ୱାର୍କିଂ ଗ୍ରୁପ୍ ଏହାକୁ ଅନୁମୋଦନ କରିଛି। ତେବେ ସମୟକ୍ରମେ ସ୍ଥିତିର ସମୀକ୍ଷା କରାଯିବ ବୋଲି ପ୍ରକାଶ କରାଯାଇଛି। ୨୦୦୩ ଜାନୁୟାରୀ ୧ରୁ ୨୦୦୫ ଡିସେମ୍ବର ୩୧ ମଧ୍ୟରେ ଜନ୍ମଗ୍ରହଣ କରିଥିବା ପିଲାମାନେ ଏଥିରେ ଭାଗ ନେଇପାରିବେ।

ୟୁଫା, କନକାଫ୍, କାଫ୍, ଓଏଫସି ଓ କନ୍‌ମେବୋଲ କ୍ୱାଲିଫିକେଶନ ଟୁର୍ନାମେଣ୍ଟର ଟାଇମିଂକୁ ଦୃଷ୍ଟିରେ ରଖି ଫିଫା ପକ୍ଷରୁ ଏହି ତାରିଖ ଧାର୍ଯ୍ୟ କରାଯାଇଛି। ସେ ସମୟରେ ଭାରତୀୟ ପରିବେଶକୁ ମଧ୍ୟ ଦୃଷ୍ଟିରେ ରଖା ଯାଇଛି। "ଆମେ ଭାରତରେ ଏକ ସ୍ମରଣୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ଆଶା ରଖିଛୁ। ଦେଶରେ ମହିଳା ଫୁଟବଲର ବିକାଶ ପାଇଁ ଏହା ଉପଯୁକ୍ତ ପ୍ଲାଟ୍‌ଫର୍ମ" ବୋଲି ସ୍ଥାନୀୟ ଆୟୋଜକ କମିଟି ପକ୍ଷରୁ ପ୍ରକାଶ କରାଯାଇଛି। ଆୟୋଜନ ଅଧିକାର ପାଇଥିବା ସହରଗୁଡ଼ିକ ଟୁର୍ନାମେଣ୍ଟକୁ ସଫଳ କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ନୂଆ ତାରିଖକୁ ଦୃଷ୍ଟିରେ ରଖି ସମସ୍ତେ ଆଗକୁ ବଢ଼ିବା ଆଶା ରହିଛି। ପ୍ରତି ଦଳର ସଦସ୍ୟ, ସପୋର୍ଟ ଷ୍ଟାଫ୍ ଏବଂ ଦର୍ଶକଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖା ଯାଇଛି। ସ୍ଥାନୀୟ ଆୟୋଜକ କମିଟି(ଏଲଓସି) ଫିଫା ସହିତ ମିଶି କାର୍ଯ୍ୟ ଆଗକୁ ବଢ଼ାଇବ ଏବଂ ଏକ ସ୍ମରଣୀୟ ଏବଂ ସଫଳ ଟୁର୍ନାମେଣ୍ଟ ଭେଟିଦେବା ପାଇଁ ଦୃଢ଼ ପରିକର ବୋଲି ପ୍ରକାଶ କରାଯାଇଛି। ପ୍ରକାଶ ଯୋଗ୍ୟ ଯେ, ଏହି ସମ୍ମାନଜନକ ପ୍ରତିଯୋଗିତା ପ୍ରକୃତରେ ୨୦୨୦ ନଭେମ୍ବର ୨ରୁ ୨୧ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର କୋଭିଡ୍‌-୧୯ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା। ପ୍ରତିଯୋଗିତା ଭୁବନେଶ୍ୱର ସମେତ କୋଲକାତା, ଗୁଆହାଟୀ, ଅହମ୍ମଦାବାଦ ଓ ନଭିମୁମ୍ବାଇରେ ଆୟୋଜିତ ହେବ।




### 'ଫିଫା ଷ୍ଟାଣ୍ଡାର୍ଡର ଟୁର୍ନାମେଣ୍ଟ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ'

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ନୂଆ ତାରିଖ ଧାର୍ଯ୍ୟ ହେବାପରେ ନିଜ ମତ ରଖିଛନ୍ତି ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା। "ଫିଫା, ଏଆଇଏଫଏଫ ଏବଂ ସ୍ଥାନୀୟ ଆୟୋଜକ କମିଟି ପକ୍ଷରୁ ନିଆ ଯାଇଥିବା ନିଷ୍ପତ୍ତିକୁ ମୁଁ ସ୍ୱାଗତ କରୁଛି। ଫିଫା ଷ୍ଟାଣ୍ଡାର୍ଡର ଟୁର୍ନାମେଣ୍ଟ ଆୟୋଜନ ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ନୂଆ ତାରିଖ ଘୋଷଣା ହୋଇଥିବାରୁ ଦେଶରେ ଜାରି ରହିଥିବା ଲକ୍‌ଡାଉନ୍ କଟକଣା କୋହଳହେଲେ ଆମେ ପ୍ରସ୍ତୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବୁ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ଆମେ ଠିକ୍ ସମୟରେ ପ୍ରସ୍ତୁତ ହୋଇଥିବୁ" ବୋଲି ତୁଷାରକାନ୍ତି ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଆୟୋଜନ ଅଧିକାର ପାଇଥିବା ୫ ସହର ମଧ୍ୟରୁ ଭୁବନେଶ୍ୱର ଅନ୍ୟତମ। କଳିଙ୍ଗ ଷ୍ଟାଡିୟମରେ ପ୍ରସ୍ତୁତି କାର୍ଯ୍ୟ କରୋନା ଭାଇରସ ସଂକ୍ରମଣ ଜନିତ ପ୍ରଭାବ ଯୋଗୁ ବାଧାପ୍ରାପ୍ତ ହୋଇଛି।

## ଫେରାରି ଛାଡ଼ିବେ ଭେଟେଲ



**ପ୍ୟାରିସ୍, ୧୨।୫ (ଏଏଫ୍‌ପି):** ଜର୍ମାନୀର ଫର୍ମୁଲା-୧ ଡ୍ରାଇଭର ସେବାଷ୍ଟିଆନ ଭେଟେଲ ଚଳିତ ୨୦୨୦ ସିଜନ ପରେ ଫେରାରି ଛାଡିବେ ବୋଲି କହିଛନ୍ତି। ୪ଥର ଫର୍ମୁଲା-୧ ବିଶ୍ୱ ଚାମ୍ପିୟନ ଟାଇଟଲ ଜିତିଥିବା ଏହି ଡ୍ରାଇଭର ଫେରାରି ସହିତ ମିଳିତ ଭାବେ କାର୍ଯ୍ୟ କରିବାକୁ ଆଉ ଇଚ୍ଛା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଭେଟେଲଙ୍କ ବଦଳ ଡ୍ରାଇଭରଙ୍କ ସମ୍ପର୍କରେ ଅବଶ୍ୟ କିଛି କୁହାଯାଇନାହିଁ। ଭେଟେଲ ୨୦୧୫ରେ ଫେରାରି ସହିତ ଜଡିତ ରହିଆସିଥିଲେ। ତେବେ ଏହାପୂର୍ବରୁ ସେ ରେଡବୁଲ୍ ତରଫରୁ ବିଭିନ୍ନ ପ୍ରତିଯୋଗିତାର ପ୍ରତିନିଧିତ୍ୱ କରିଆସୁଥିଲେ। ଫେରାରି ଛାଡିବା ଏକ ମିଳିତ ନିଷ୍ପତ୍ତି ବୋଲି ୩୨ ବର୍ଷୀୟ ଭେଟେଲ କହିଛନ୍ତି। ୨୦୨୦ ଶେଷ ହେବା ସହିତ ସ୍କୁଡେରିଆ ଫେରାରି ସହିତ ମୋର ସମ୍ପର୍କ ଶେଷ ହେବ। ଏ ନେଇ ଫେରାରି ତରଫରୁ ଜାରି କରାଯାଇଥିବା ପ୍ରେସ୍ ବିବୃତିରେ ଭେଟେଲ କହିଛନ୍ତି।

କ୍ରୀଡ଼ାରେ ଦୁଇ ପକ୍ଷ ମିଳିତ ଭାବେ ସାମଞ୍ଜସ୍ୟ ସହ କାର୍ଯ୍ୟ କରିବା ଆବଶ୍ୟକ ହୋଇଥାଏ। କିନ୍ତୁ ଏପରି ଆଉ ସମ୍ଭବ ହେଉ ନ ଥିବାରୁ ଫେରାରି ଛାଡିବାକୁ ନିଷ୍ପତ୍ତି ନେଇଛି ବୋଲି ଭେଟେଲ କହିଛନ୍ତି। ଭେଟେଲ ଫେରାରି ତରଫରୁ ପ୍ରତିନିଧିତ୍ୱ କରି ୧୪ଟି ରେସ୍ ଜିତିଛନ୍ତି। ତେବେ ଆର୍ଥିକ ସମସ୍ୟା କାରଣରୁ ଏହି ନିଷ୍ପତ୍ତି ନେଇନାହିଁ ବୋଲି ସେ ସଫେଇ ଦେଇଛନ୍ତି। ଭେଟେଲଙ୍କ ବଦଳ ଡ୍ରାଇଭର ଭାବେ ମର୍ସିଡିଜ୍ ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନଙ୍କୁ ଫେରାରି ସାମିଲ କରିବ ବୋଲି ଚର୍ଚ୍ଚା ହେଉଛି। ଫେରାରି ପୂର୍ବତନ ଡ୍ରାଇଭରମାନେ ମଧ୍ୟ ଏହି ଦୌଡରେ ରହିଛନ୍ତି ବୋଲି କୁହାଯାଇଛି।

## ମହିଳା ଦିନକିଆ, ପୁରୁଷ ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ୱାଲିଫାୟର୍ସ ଘୁଞ୍ଚିଲା

**ଦୁବାଇ,୧୨।୫ (ପି.ଟି.):** କୋଭିଡ-୧୯ ପାଇଁ ଆଉ ଦୁଇଟି ବଡ଼ ଇଭେଣ୍ଟକୁ ଘୁଞ୍ଚାଇବାକୁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ନିଷ୍ପତ୍ତି ନେଇଛି। ୨୦୨୧ ମହିଳା ବିଶ୍ୱକପ୍ ଓ ୨୦୨୨ ପୁରୁଷ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟକୁ ସ୍ଥଗିତ ରଖାଯାଇଛି। ଆସନ୍ତା ଜୁଲାଇରେ ଏହି ଦୁଇଟି ଟୁର୍ନାମେଣ୍ଟ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା।

ଶ୍ରୀଲଙ୍କାରେ ଜୁଲାଇ ୩- ୧୯ରେ ବିଶ୍ୱକପ୍ ମହିଳା ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ ଆୟୋଜନ ହେବ। ଏଥିରେ ୧୦ଟି ଦଳ ଯଥା ଆୟୋଜକ ଶ୍ରୀଲଙ୍କା ସମେତ ବାଂଲାଦେଶ, ଆୟର୍ଲାଣ୍ଡ, ନେଦରଲାଣ୍ଡ, ପାକିସ୍ତାନ, ପପୁଆ ନ୍ୟୁଗିନି, ଥାଇଲାଣ୍ଡ, ଆମେରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ ଅଂଶଗ୍ରହଣ କରିବେ। ସବୁ ସଭ୍ୟ, ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ପରାମର୍ଶ କରି ଏହି ନିଷ୍ପତ୍ତି ନେଉଛୁ ବୋଲି ଆଇସିସି ତରଫରୁ କୁହାଯାଇଛି। ୨୦୨୨ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ଜୁଲାଇ ୨୪ରୁ ୩୦ ମଧ୍ୟରେ ଡେନ୍‌ମାର୍କରେ ୟୁରୋପିଆନ ରିଜିଓନାଲ କ୍ୱାଲିଫାୟର ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା।

International Cricket Council

## ଝିଙ୍ଗାନ୍, ବାଲା ଦେବୀଙ୍କ ନାମ ସୁପାରିସ

**ନୂଆଦିଲ୍ଲୀ,୧୨।୫(ପି.ଟି.)**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଚଳିତ ବର୍ଷର ଅର୍ଜୁନ ପୁରସ୍କାର ପାଇଁ ଜାତୀୟ ଦଳର ସେଣ୍ଟ୍ରାଲ ଡିଫେଣ୍ଡର ସନ୍ଦେଶ ଝିଙ୍ଗାନ୍ ଏବଂ ମହିଳା ଦଳର ଷ୍ଟ୍ରାଇକର ଏନ୍. ବାଲା ଦେବୀଙ୍କ ନାମ ସୁପାରିସ କରିଛି। ଚଳିତ ବର୍ଷର କ୍ରୀଡ଼ା ପୁରସ୍କାର ପାଇଁ ପ୍ରାର୍ଥୀଙ୍କ ନାମ ଅନ୍‌ଲାଇନ୍‌ରେ ସୁପାରିସ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ନିର୍ଦ୍ଦେଶାନାମା ପ୍ରକାଶ ପାଇଥିଲା। କିଛିବର୍ଷ ହେଲା ଏହି ଖେଳାଳି ଦ୍ୱୟ ସ୍ଥିର ପ୍ରଦର୍ଶନ କରି ଆସୁଥିବାରୁ ପ୍ରାର୍ଥୀ ଚୟନରେ କୌଣସି ଅସୁବିଧା ହୋଇ ନ ଥିଲା ବୋଲି ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ ପ୍ରକାଶ କରିଛନ୍ତି। ୨୬ବର୍ଷୀୟ ଝିଙ୍ଗାନ୍ ସିକ୍କିମ ୟୁନାଇଟେଡ୍ ଦଳରେ ବାଇଚୁଙ୍ଗ୍ ଭୁଟିଆ ଏବଂ ରିନେଡୀ ସିଂଙ୍କ ଭଳି ଷ୍ଟାର ଖେଳାଳିଙ୍କ ସହ ଖେଳି ସୁନୀଲ ଛେତ୍ରୀଙ୍କ ପଛକୁ ନିଜକୁ ଭାରତୀୟ ଦଳର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଭାବେ ପ୍ରତିଷ୍ଠିତ କରିପାରିଛନ୍ତି। ୨୦୧୫ ଫିଫା ବିଶ୍ୱକପ୍ କ୍ୱାଲିଫାୟରରେ ଭାରତ ତରଫରୁ ସେ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଥିଲେ। ଇଣ୍ଡିନ୍ ସୁପର ଲିଗ୍ ଟିମ୍ କେରଳ ବ୍ଲାଷ୍ଟର୍ସର ମଧ୍ୟ ସେ ଜଣେ ପ୍ରମୁଖ ଖେଳାଳି ବିବେଚିତ ହେଉଛନ୍ତି। ଝିଙ୍ଗାନ୍‌ଙ୍କ ଦକ୍ଷତା ଓ ପରିପକ୍ୱତା ଉପରେ ପୂର୍ବତନ ଜାତୀୟ ଦଳର କୋଚ୍ ଷ୍ଟିଫେନ୍ କନଷ୍ଟାଣ୍ଟିନ ପ୍ରଗାଢ଼ ଆସ୍ଥା ରହିଥିଲା। ଫଳରେ ଛେତ୍ରୀଙ୍କ ଇଞ୍ଜୁରୀ ସମୟରେ ସେ ଝିଙ୍ଗାନ୍‌ଙ୍କୁ ଅଧିନାୟକ ଦାୟିତ୍ୱ ଦେଇଥାନ୍ତି। ଇଣ୍ଡିଆନ ସୁପର ଲିଗ୍‌ରେ ସେ ଅନେକଥର ରାଇଟ୍ ବ୍ୟାକ୍ ଦାୟିତ୍ୱ ତୁଲାଇଛନ୍ତି। ସବୁବେଳେ ସ୍ଥିର ପ୍ରଦର୍ଶନ କରିଆସୁଥିବା ଝିଙ୍ଗାନ୍‌ଙ୍କର ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ ୨୦୧୯ ଏଏଫ୍‌ସି ଏସିଆନ୍ କପ୍‌ରେ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଭାରତୀୟ ମହିଳା ଦଳର ଅନ୍ୟତମ ଶ୍ରେଷ୍ଠ ଖେଳାଳି ହେଲେ ମଣିପୁରର ୩୦ ବର୍ଷୀୟା ବାଲା ଦେବୀ। ସ୍କଟିଶ ମହିଳା ପ୍ରିମିୟର ଲିଗ୍ ଦଳ ରେଞ୍ଜର୍ସ ଏଫ୍‌ସି ସହିତ ସେ ୧୮ ମାସିଆ ଚୁକ୍ତି କରିଛନ୍ତି। ଜଣେ ପ୍ରଫେସନାଲ ଖେଳାଳି ଭାବେ ଦେଶ ବାହାରେ ଖେଳିବାରେ ସେ ପ୍ରଥମ ଭାରତୀୟ ମହିଳା।



**ଅର୍ଜୁନ ପୁରସ୍କାର**

**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ବିଦ୍ୟୁତ୍‌ଲତା ବହିଦାର
ସ୍ୱାମୀ: ସ୍ୱର୍ଗତ ଦୁର୍ଗା ପ୍ରସାଦ ବହିଦାର
ଝାଡୁଆପଡ଼ା, ସମ୍ବଲପୁର
(୧୯୧୯-୨୦୧୪)

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।

:ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ ଓ ବନ୍ଧୁ ସ୍ୱଜନ।

ଧ-୧୭୨୮୮



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ